



# ସଂଚାର
THE SANCHAR

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

Vol. 34 | ISSUE 23 | ଭାଗ ୩୪ | ସଂଖ୍ୟା ୨୩ — Bhubaneswar | Tuesday 15 April 2025 | Page 8 Rs. 4.00 — ଭୁବନେଶ୍ୱର ମଙ୍ଗଳବାର ୧୫ ଏପ୍ରିଲ୍ ୨୦୨୫ | ୮ ପୃଷ୍ଠା, ମୂଲ୍ୟ ୪ ଟଙ୍କା


# ପ୍ରଶଂସକଙ୍କୁ ଜୋତା ପିନ୍ଧାଇଦେଲେ ମୋଦି

**୧୪ ବର୍ଷ ତଳେ ନେଇଥିଲେ ଶପଥ**

**ଚଣ୍ଡିଗଡ଼,୧୪।୪:** ଜଣେ ସାଧାରଣ ବ୍ୟକ୍ତିଙ୍କୁ ଜୋତା ପିନ୍ଧାଇଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। କଥାଟା ବିଶ୍ୱାସ କରି ହେଉନଥିଲେ ବି ସତ। ଏଭଳି ଘଟଣା ଘଟିଛି ହରିଆଣାରେ ଆଉ ଏହାର ଭିଡିଓ ଏବେ ସୋସିଆଲ ମିଡିଆରେ ଗୁଳି ବେଗରେ ଭାଇରାଲ ହେଉଛି। ନିଜର ଜଣେ ପ୍ରଶଂସକଙ୍କୁ ପ୍ରଧାନମନ୍ତ୍ରୀ ନିଜ ହାତରେ ଜୋତା ପିନ୍ଧାଇଛନ୍ତି।

ଆଜିକୁ ପାଖାପାଖି ୧୪ ବର୍ଷ ତଳେ ଅର୍ଥାତ୍ ଗତ ୨୦୧୧ରେ ହରିଆଣାର କୈଥଲ ନିବାସୀ ରାମପାଲ କଶ୍ୟପ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦିଙ୍କୁ ନ ଭେଟିବା ଯାଏଁ ଜୋତା ପିନ୍ଧିବେନି ବୋଲି ଶପଥ ନେଇଥିଲେ। ଗତ ୨୦୧୪ରେ ମୋଦି ପ୍ରଧାନମନ୍ତ୍ରୀ ହେବା ପରେ ମଧ ସେ ଜୋତା ପିନ୍ଧିନଥିଲେ। ସେବେଠାରୁ ଆଜି ଯାଏଁ ସେ ଖରା, ବର୍ଷା, ଶୀତ ସବୁ ସମୟରେ ଖାଲି ପାଦରେ ଯା'ଆସ କରୁଥିଲେ। ତାଙ୍କର ଏକମାତ୍ର ଇଚ୍ଛା ଥିଲେ ଯେ ସେ ପ୍ରଧାନମନ୍ତ୍ରୀଙ୍କୁ ଦେଖା ହେବା ପରେ ହିଁ ଜୋତା ପିନ୍ଧିବେ। ୧୪ ବର୍ଷ ତଳେ ସେ ଏମିତି ଏକ ସଂକଳ୍ପ ନେଇଥିଲେ। ତେବେ ଆଜି ପ୍ରଧାନମନ୍ତ୍ରୀ ହରିଆଣା ଗସ୍ତରେ ଯାଇଥିବା ସମୟରେ ରାମପାଲଙ୍କୁ ଭେଟି ତାଙ୍କୁ ସମ୍ମାନ ଜଣାଇଛନ୍ତି। ଏପରିକି ରାମପାଲଙ୍କ ପ୍ରତିଜ୍ଞାକୁ ସମ୍ମାନ ଜଣାଇ ନିଜେ ଶ୍ରୀ ମୋଦି ତାଙ୍କ ପାଇଁ ନୂଆ ଯୋତା ମଗାଇବା ସହ ତାଙ୍କୁ ପିନ୍ଧାଇ ଦୀର୍ଘ ୧୪ ବର୍ଷର ସଂକଳ୍ପରେ ପୂର୍ଣ୍ଣଚ୍ଛେଦ ପକାଇଥିଲେ।

ହରିଆଣାର ଯମୁନାନଗରଠାରେ ଏକାଧିକ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ ଉତ୍ସବରେ ମଧ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି ଯୋଗଦେବା ଅବସରରେ ରାମପାଲଙ୍କ ସମ୍ପର୍କରେ ଉଲ୍ଲେଖ କରିଥିଲେ। ରାମପାଲଙ୍କୁ ଭେଟିବା ସମୟରେ ପ୍ରଧାନମନ୍ତ୍ରୀ ତାଙ୍କୁ ଏଭଳି ପ୍ରତିଜ୍ଞା ନେବା ବଦଳରେ ଦେଶ ଗଠନରେ ସହଯୋଗ ସାଙ୍ଗକୁ ସମାଜସେବାରେ କିଛି ସମୟ ବ୍ୟୟ କରିବାକୁ ଅପିଲ କରିଛନ୍ତି। ଏଥିସହ ସେ ତାଙ୍କର ସବୁ ପ୍ରଶଂସକ ଓ ସମର୍ଥକଙ୍କୁ ମଧ ସମାନ ପରାମର୍ଶ ଦେଇଛନ୍ତି।

ତେବେ ଦେଶର ସର୍ବୋଚ୍ଚ ପଦରେ ଥିବା ବ୍ୟକ୍ତି ଜଣେ ➩ପୃଷ୍ଠା-୬



**ମା' ତାରିଣୀଙ୍କ ଦର୍ଶନ କଲେ ମୁଖ୍ୟମନ୍ତ୍ରୀ**

# ଉନ୍ନତିକରଣ ପାଇଁ ୨୧୫ କୋଟି ଘୋଷଣା



**ଘଟଗାଁ,୧୪।୪(ସଂଚାର ବ୍ୟୁରୋ):** ଘଟଗାଁ ତାରିଣୀ ମନ୍ଦିର ପାଇଁ ୨୧୫ କୋଟି ଟଙ୍କାର ଅନୁଦାନ ଘୋଷଣା କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ପବିତ୍ର ପଣା ସଂକ୍ରାନ୍ତି ତଥା ଓଡ଼ିଆ ନୂଆବର୍ଷରେ ଆଜି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ମା'ଙ୍କ ଦର୍ଶନ ପାଇଁ ପହଞ୍ଚିବା ଅବସରରେ ଉପରୋକ୍ତ ଘୋଷଣା କରିଛନ୍ତି। ମନ୍ଦିରର ସମ୍ପୂର୍ଣ୍ଣ ବିକାଶ ସହ ଆନୁଷଙ୍ଗିକ ବିକାଶ ପାଇଁ ଡିପିଆର୍ ପ୍ରସ୍ତୁତ ହେବ। ଏହି ପ୍ରକଳ୍ପ କାମ ଖୁବଶୀଘ୍ର ଆରମ୍ଭ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଆଜି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଦିନିକିଆ କେନ୍ଦୁଝର ଜିଲ୍ଲା ଗସ୍ତରେ ଆସି ପବିତ୍ର ମହାବିଷୁବ ସଂକ୍ରାନ୍ତି ଅବସରରେ ମା' ତାରିଣୀ ମନ୍ଦିର ପରିଦର୍ଶନ କରିଥିଲେ। ମା' ତାରିଣୀଙ୍କ ସୁନାବେଶ ଦର୍ଶନ କରିବା ପରେ ମୁଖ୍ୟମନ୍ତ୍ରୀ ମନ୍ଦିରର ଉନ୍ନତିକରଣ ପାଇଁ ୨୧୫ କୋଟିର ଡିପିଆର ଘୋଷଣା କରିଛନ୍ତି। ସେ ଏଠାରେ ଏକ ହନୁମାନ ଜୟନ୍ତୀ କାର୍ଯ୍ୟକ୍ରମରେ ବି ଯୋଗ ଦେଇଛନ୍ତି। ସୂଚନାଯୋଗ୍ୟ ଯେ କେନ୍ଦୁଝର ଜିଲ୍ଲାର ଆରାଧ ଦେବୀ ମା' ତାରିଣୀଙ୍କର ଆଜି ବାର୍ଷିକ ଉତ୍ସବ ହୋଇଥିବା ବେଳେ ଏଥିରେ ଭକ୍ତମାନଙ୍କୁ ମା' ସୁନା ବେଶରେ ଦର୍ଶନ ଦେଇଛନ୍ତି। ମା'ଙ୍କ ଏହି ବେଶ ଦେଖିବା ପାଇଁ ପୀଠରେ ଜିଲ୍ଲା ତଥା ଜିଲ୍ଲା ବାହାରୁ ବହୁ ମାତ୍ରାରେ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଛି। ଗତ ୧୯୩୭ରୁ ମା'ଙ୍କ ଏହି ବାର୍ଷିକ ଉତ୍ସବ ପାଳିତ ହୋଇଆସୁଛି। ଆଜି ଭୋର୍ ୩ଟାରୁ ମା'ଙ୍କ ମାଜଣା, ମହାସ୍ନାନ, ବଡ଼ସିଂହାର ବେଶ, ଷୋଡ଼ଶ ଉପଚାର ପୂଜା ସହ ସମସ୍ତ ନୀତିକାନ୍ତି କରାଯାଇ ମା'ଙ୍କୁ ସୁନା ବେଶରେ ସଜ୍ଜିତ କରାଯାଇଛି। ଓଡ଼ିଆ ନବବର୍ଷରେ ମା' ତାରିଣୀଙ୍କ ଦର୍ଶନ ପାଇଁ ଭୋର୍‌ରୁ ଭକ୍ତଙ୍କ ଭିଡ଼ ଆରମ୍ଭ ହୋଇଯାଇଥିଲା।

# ଜୁଲାଇ-ସେପ୍ଟେମ୍ବରରେ ମହାବନ୍ୟା !

**ନୂଆ ପାଞ୍ଜି ଲାଗୁ**
- ଭୂକମ୍ପ ଓ ଯୁଦ୍ଧରେ ଥରହର ହେବ ବହୁ ରାଷ୍ଟ୍ର
- ଦେଶ ଓ ବିଶ୍ୱରେ ଜାରି ରହିବା ଆର୍ଥିକ ମାନ୍ଦାବସ୍ଥା
- ରାଜ୍ୟରେ ରାଜନୈତିକ ସ୍ଥିରତା ବଜାୟ
- ଓଡ଼ିଶା ହରାଇବ ଜଣେ ଲୋକପ୍ରିୟ ରାଜନେତା
- ଦକ୍ଷିଣ-ପଶ୍ଚିମ ରାଷ୍ଟ୍ରରେ ହେବ ଅଗ୍ନିବର୍ଷା।

**ଭୁବନେଶ୍ୱର,୧୪।୪(ସଂଚାର ବ୍ୟୁରୋ):** ପବିତ୍ର ବିଷୁବ ସଂକ୍ରାନ୍ତିରୁ ଓଡିଆ ନବବର୍ଷ ଆରମ୍ଭ ହୋଇଥିବା ବେଳେ ନୂଆ ପାଞ୍ଜିର ପ୍ରଚଳନ ହୋଇଛି। ପଞ୍ଜିକା ଅନୁସାରେ ସିଦ୍ଧାର୍ଥ ଶମ୍ବତ୍ସର ଯୋଗ ରହିଛି। ସେହି କାରଣରୁ ଏ ବର୍ଷ ଚାଷ କାମ ଭଲ ହେବ, ଅମଳ ବଢ଼ିବ। ତେବେ ଜୁଲାଇରୁ ସେପ୍ଟେମ୍ବର ମାସ ମଧରେ ରାଜ୍ୟରେ ମହାବନ୍ୟା ଭଳି ସ୍ଥିତି ଉପୁଜିପାରେ। ସେହିପରି ରାଜ୍ୟର ଦକ୍ଷିଣ-ପଶ୍ଚିମ ରାଷ୍ଟ୍ରରେ ଅଗ୍ନିର ପ୍ରକୋପ ବି ଦେଖିବାକୁ ମିଳିବ ।

ଜ୍ୟୋତିର୍ବିଦଙ୍କ କହିବା କଥା ଶାସକ ଦଳ ଏବେ ଏବେ କ୍ଷମତାରେ ଥିବାରୁ ବିଶେଷ କିଛି ବଦଳିବାର ନାହିଁ । ତେବେ ବିରୋଧୀ ଦଳଙ୍କ ପାଇଁ ସ୍ଥିତି ସେତେଟା ଅନୁକୂଳ ନାହିଁ । ବିରୋଧୀଦଳର ବହୁ ନେତା ଦଳ ବଦଳେଇବେ । ସେହିପରି ଜଣେ ଲୋକପ୍ରିୟ ରାଜନେତାଙ୍କ ବିୟୋଗ ରାଜ୍ୟବାସୀଙ୍କୁ ମର୍ମାହତ କରିପାରେ। ସ୍ୱାସ୍ଥ୍ୟ କ୍ଷେତ୍ରରେ ଚଳିତ ବର୍ଷ ଶେଷାର୍ଦ୍ଧରେ ଅର୍ଥାତ୍ ନଭେମ୍ବର ଶେଷ ଆଡ଼କୁ ସଂକ୍ରାମକ ରୋଗ ସ୍ଥିତି ବଢ଼ିପାରେ। ଭୟାବହ ସ୍ଥିତି ନହେଲେ ବି ସରକାରଙ୍କ ମୁଣ୍ଡବ୍ୟଥାର କାରଣ ହେବ, ଲୋକେ ହନ୍ତସନ୍ତ ହେବେ ।

ପଞ୍ଜିକା କହୁଛି, ବିଶ୍ୱର ମୁସଲିମ୍ ରାଷ୍ଟ୍ରଗୁଡ଼ିକ ମଧରେ ଯୁଦ୍ଧ ସ୍ଥିତି ଅଧିକ ତୀବ୍ର ହେବ। ଏହାଯୋଗୁଁ ବିଶ୍ୱର ଆର୍ଥିକ ସ୍ଥିତି ବିଗିଡ଼ିବ । ଭାରତ ସମେତ ବିଶ୍ୱର ବିଭିନ୍ନ ରାଷ୍ଟ୍ରରେ ଭୂମିକମ୍ପ ଥରହର କରାଇବ। ପାଞ୍ଜି ଅନୁସାରେ, ଏଥର ହନୁମାନଙ୍କ ଲାଙ୍ଗୁଡ଼ରେ ଅଗ୍ନି ରହିବା କାରଣରୁ ଦକ୍ଷିଣପଶ୍ଚିମ ରାଷ୍ଟ୍ରଗୁଡ଼ିକରେ ଅଗ୍ନିର ପ୍ରକୋପ ଦେଖିବାକୁ ମିଳିବ। ଫଳରେ ବହୁ ଜୀବଜନ୍ତୁ ଓ ➩ପୃଷ୍ଠା-୬




# ତୁଟୁନି ବିଜେଡି ଅଡୁଆ

- ଦଳକୁ ହାଇଜ୍ୟାକ କରିବାକୁ ଦିଆନଯାଉ
- ନବୀନଙ୍କୁ ୩ ପୃଷ୍ଠାର ଚିଠି ଲେଖିଲେ ରାଜା
- ଦଳରେ ସବୁ ବର୍ଗକୁ ସମାନୁପାତିକ ପ୍ରତିନିଧିତ୍ୱ ମିଳୁ
- ସାମାଜିକ ବନ୍ଧନ କ୍ଷୁଣ୍ଣ ନହେଉ, ଆଞ୍ଚଳିକ ବୈଷମ୍ୟ ନବଢୁ
- ସୁତଲାଙ୍କୁ ଜବାବ ଦେଲେ ଦେବାଶିଷ

**ଭୁବନେଶ୍ୱର,୧୪।୪(ସଂଚାର ବ୍ୟୁରୋ):** ନବୀନଙ୍କ ତାଗିଦ ପରେ ବି ଥମୁନି ବିଜେଡି କନ୍ଦଳ। ସାଙ୍ଗଠନିକ ନିର୍ବାଚନକୁ ନେଇ ଅଡୁଆ ତୁଟୁନଥିବା ବେଳେ ନବୀନ ପଟ୍ଟନାୟକଙ୍କୁ ଚିଠି ଲେଖିଛନ୍ତି ବରିଷ୍ଠ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଓରଫ୍ ରାଜା ସ୍ୱାଇଁ। ଏହି ଚିଠି ଏବେ ବିଜେଡରେ ସୃଷ୍ଟି କରିଛି ଝଡ଼। ସଂଗଠନରେ ସବୁ ଅଞ୍ଚଳ, ବର୍ଗ ଓ ମହିଳାଙ୍କୁ ସମାନୁପାତିକ ପ୍ରତିନିଧିତ୍ୱ ମିଳୁ ବୋଲି ଦଳ ସଭାପତିଙ୍କୁ ପ୍ରସ୍ତାବ ଦେଇଛନ୍ତି ରଣେନ୍ଦ୍ର। ସାମାଜିକ ନ୍ୟାୟ ପାଇଁ ସଂରକ୍ଷଣ ଜରୁରୀ ବୋଲି ସେ କହିଛନ୍ତି । କେବଳ ରାଜ୍ୟ ସ୍ତରରେ ନୁହେଁ, ଜିଲ୍ଲା ଓ ବ୍ଲକ ସ୍ତରରେ ମଧ ଏହା କାର୍ଯ୍ୟକାରୀ କରାଯାଉ ବୋଲି ଚିଠି ଜରିଆରେ ସଭାପତିଙ୍କୁ ଜଣାଇଛନ୍ତି ରଣେନ୍ଦ୍ର । ଅର୍ଥାତ ଏସ୍‌ସି, ଏସ୍‌ଟି, ଓବିସି, ସଂଖ୍ୟାଲଘୁ ଓ ମହିଳାଙ୍କୁ ସେମାନଙ୍କ ସଂଖ୍ୟା ଅନୁପାତରେ ବିଜେଡିର ରାଜ୍ୟ, ଜିଲ୍ଲା ଓ ବ୍ଲକ୍ କମିଟିରେ ସ୍ଥାନ ମିଳୁ। ରାଜାଙ୍କ ଏଭଳି ଚିଠି ଦଳୀୟ ନିର୍ବାଚନରେ କେଉଁଠି ନାଁ କେଉଁଠି ସବୁ ବର୍ଗର ନେତାଙ୍କୁ ଉଚିତ ସ୍ଥାନ ଦିଆଯାଉନଥିବା ➩ପୃଷ୍ଠା-୬

**ଅଭିଶାପ ଦେଲେ ହୃଷୀକେଶ**

**ଭୁବନେଶ୍ୱର:** ପୁଣି ଜଣେ ବିଜେଡି ନେତା ତଥା ପୂର୍ବତନ ବିଧାୟକ ହୃଷୀକେଶ ନାଏକ ଦେଇଛନ୍ତି ବିସ୍ଫୋରକ ବୟାନ। ଶଙ୍ଖ ଭବନ ବାହାରେ ବରିଷ୍ଠ ନେତାଙ୍କ ମେଳିକୁ ନେଇ ବିବାଦ ଥମୁ ନ ଥିବା ବେଳେ ବିଧାୟକ ଶ୍ରୀ ନାଏକ କହିଛନ୍ତି, ମୋ ବିଶ୍ୱାସରେ ବିଷ ଦେଇଥିବା ବିଜେଡି ଧ୍ୱଂସ ହୋଇଯିବ। ୨୦୧୯ରେ ଦଳ ଲୋକସଭାକୁ ପଠାଇବା ପାଇଁ ପ୍ରତିଶ୍ରୁତି ଦେଇଥିଲା, ହେଲେ ପଠାଇଲା ନାହିଁ। ଟିକେଟ୍ ଲୋଭରେ ମୁହଁ ଖୋଲି ନ ଥିଲେ, ହେଲେ ଦଳ ତାଙ୍କୁ ଲୋକସଭା ଟିକେଟ୍ ନ ଦେଇ ସନାତନ ମହାକୁଡ଼ଙ୍କ କଥାରେ ଚନ୍ଦ୍ରାଣୀ ମୁର୍ମୁଙ୍କୁ ପ୍ରାର୍ଥୀ କରିଥିଲା। ଏହି ସମୟରେ ଦଳ ତାଙ୍କୁ ରାଜ୍ୟସଭାକୁ ପଠାଇବ ବୋଲି ମଧ ପ୍ରତିଶ୍ରୁତି ଦେଇଥିଲା। ଦଳ କଥା ରଖିଲା ନାହିଁ। ଦଳ ଯେଉଁଭଳି ନିରାଶ କରିଛି ନିଶ୍ଚୟ ନିଶ୍ୱାସ ପଡ଼ିବ ଓ ଦଳ ଧ୍ୱଂସ ହୋଇଯିବ। ପାଣ୍ଡିଆନଙ୍କୁ ବିଦା କର ବୋଲି ସେ କହିଛନ୍ତି।

**କୃଷକ ଭବନ ପାଇଁ ଭୂମିପୂଜନ, 'ପୁଷ୍ପକୃଷି ପଲୀହାଉସ' ଲୋକାର୍ପିତ**

# ସାକାର ହେବ 'ବିକଶିତ ସମ୍ବଲପୁର' ସ୍ୱପ୍ନ

- ସଶକ୍ତ ହେବେ ସମ୍ବଲପୁର ଜିଲ୍ଲା ଚାଷୀ
- କୃଷକ ଭବନ, ଗୋଦାମ ଗୃହ, କଭରସେଡ୍ ଭିତ୍ତିପ୍ରସ୍ତର ସ୍ଥାପିତ
- ସ୍ଥାନୀୟ ଚାଷୀଙ୍କ ସହ କଲେ ଆଲୋଚନା
- ଚାଷୀଙ୍କ ଆୟ ଦୁଇଗୁଣା ହେବ



**ସନାତନପାଲି/ସମ୍ବଲପୁର,୧୪।୪ (ସଂଚାର ବ୍ୟୁରୋ):** ସମ୍ବଲପୁର ଜିଲ୍ଲାରେ କୃଷିଜାତ ଦ୍ରବ୍ୟ, ଉଦ୍ୟାନ ଜାତ କୃଷି ଦ୍ରବ୍ୟ, ପଶୁପାଳନ ଓ ମତ୍ସ୍ୟଚାଷ କ୍ଷେତ୍ରରେ ଉତ୍ପାଦନ ବୃଦ୍ଧି କରାଯିବ। ବିଶେଷ କରି ଏହି ୪ଟି କୃଷି କ୍ଷେତ୍ରକୁ ପ୍ରାଧାନ୍ୟ ଦେଇ ଚାଷୀମାନଙ୍କ ଜୀବନଜୀବିକାରେ ସୁଧାର ଅଣାଯିବ। ଏହାଦ୍ୱାରା 'ବିକଶିତ ସମ୍ବଲପୁର'ର ସ୍ୱପ୍ନ ସାକାର ହୋଇପାରିବ ବୋଲି ସୋମବାର ସମ୍ବଲପୁର ଜୁଜୁମୁରା ବ୍ଲକ ସନାତନପାଲିଠାରେ 'ପୁଷ୍ପ କୃଷିମେଳା'ରେ ଯୋଗଦେବା ଅବସରରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ଓଡ଼ିଆ ନୂଆବର୍ଷ, ମହାବିଷୁବ ସଂକ୍ରାନ୍ତି ଓ ହନୁମାନ ଜୟନ୍ତୀର ଶୁଭ ଅବସରରେ ଶ୍ରୀ ପ୍ରଧାନ ସନାତନପାଲି ନୂତନ ଉପବଜାର ପ୍ରାଙ୍ଗଣରେ କୃଷକ ଭବନ, ଗୋଦାମ ଗୃହ, କଭରସେଡ୍ ଆଦି ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। କେନ୍ଦ୍ର ସରକାରଙ୍କ ସିଏସଆଇଆର୍-ଏନବିଆରଆଇ, ଲକ୍ଷ୍ନୌ ଓ ରାଜ୍ୟ ସରକାରଙ୍କ ମିଳିତ ➩ପୃଷ୍ଠା-୬



**କାନ ଡେରିଥା**

ମେରୁ ଯାତରାରେ ଭିଡ଼କୁ ଦେଖିଲେ<br>
ଧର୍ମ ଧର୍ମ ପରା ଲାଗୁଛି<br>
ନଡ଼ିଆ ଭୋଗ ଟା ହଜିଗଲା ବୋଲି<br>
ପାଟି ତୁଣ୍ଡ ଏଠି ଚାଲିଛି<br>
କୋଉ ଭାବ ତାଙ୍କୁ ଘାରିଛି...<br>
ଭଗବାନ ଯଦି ନଡ଼ିଆ ଖାଆନ୍ତେ<br>
ଭକତର ଚିନ୍ତା ବଢ଼ିଛି<br>
ଯାତରା ଯିବନି ଭାବୁଛି।

■ ଦେବାଶିଷ

**୩ ଦଳ ପାଇଁ ଚ୍ୟାଲେଞ୍ଜ ପଞ୍ଚାୟତ ଉପନିର୍ବାଚନ**

# ଗ୍ରହଣୀୟତାର ହେବ ପରୀକ୍ଷା

- ଦଳ ବଞ୍ଚାଇବାକୁ ନବୀନ ଦେବେ ପଞ୍ଚାୟତ ପରୀକ୍ଷା
- ଲୋକପ୍ରିୟତା ବଜାୟ ରଖିବାକୁ ବିଜେପିର ସଂଘର୍ଷ
- ସହାନୁଭୂତି ସାଉଁଟିବାକୁ କଂଗ୍ରେସର ପ୍ରସ୍ତୁତି



**ଭୁବନେଶ୍ୱର,୧୪।୪(ସଂଚାର ବ୍ୟୁରୋ):** ଆଉ ମାସ କେଇଟା ପରେ ରାଜ୍ୟରେ ହେବାକୁ ଯାଉଛି ପଞ୍ଚାୟତ ଉପନିର୍ବାଚନ । ମୋଟ ୧୧୩୪ଟି ପଦ ପୂରଣ ପାଇଁ ପଞ୍ଚାୟତ ଉପନିର୍ବାଚନ ହେବ । ସେଥିମଧରେ ରହିଛି ୫ଟି ଜିଲ୍ଲା ପରିଷଦ ସଭ୍ୟ ପଦ, ୪୧ଟି ପଞ୍ଚାୟତ ସମିତି ସଦସ୍ୟ, ୪୫ ସରପଞ୍ଚ, ୨୭୨ ୱାର୍ଡମେମ୍ବର। ଉପନିର୍ବାଚନ ପାଇଁ ରାଜ୍ୟ ନିର୍ବାଚନ କମିଶନ ପ୍ରକ୍ରିୟା ଆରମ୍ଭ କରିବା ପରେ ୩ ଦଳରେ ଏବେ ଦେଖାଦେଇଛି ହଲଚଲ। କାରଣ ସାଧାରଣ ନିର୍ବାଚନର ବର୍ଷକ ମଧରେ ପଞ୍ଚାୟତ ଉପନିର୍ବାଚନ ହେଉଥିବାରୁ ଉଭୟ ଶାସକ ଓ ବିରୋଧୀ ଦଳଗୁଡିକ ପାଇଁ ଏହା ନିଶ୍ଚିତ ଭାବେ ଅଗ୍ନି ପରୀକ୍ଷା ହେବାକୁ ଯାଉଛି।

ପ୍ରଥମ ଥର ପାଇଁ ରାଜ୍ୟରେ ଏକାକୀ ସରକାର ଗଠନ କରିଥିବା ବିଜେପି କ୍ଷମତାରେ ରହି ନିର୍ବାଚନକୁ ସାମନା କରିବ। ଆଉ ଭୋଟରଙ୍କୁ ପ୍ରଭାବିତ କରିବାକୁ ନିଜର ୧୦ ମାସର ସଫଳତା ନେଇ ଲୋକଙ୍କ ପାଖକୁ ଯିବ। ସେହିଭଳି ଗୋଷ୍ଠୀ କନ୍ଦଳ ଭିତରେ ➩ପୃଷ୍ଠା-୬


SIKSHA 'O' ANUSANDHAN

SAAT-2025

Empowering students for a brighter future

EMERGING B.TECH PROGRAMMES IN COMPUTING
- Computer Science and Engineering (AI and ML)
- Computer Science and Engineering (Cyber Security)
- Computer Science and Engineering (Data Science)
- Computer Science and Engineering (Internet of Things)

APPROVAL & RECOGNITIONS
- Approved by UGC and AICTE
- Re-accredited by NAAC with A++ Grade
- Granted with Category-1 Graded Autonomy by UGC
- NBA Accredited Programmes

NIRF INDIA RANKINGS 2024
- 14th Best in University Category
- 26th Best in Engineering Category

INTERNATIONAL RANKINGS 2025
- Ranked in QS World Rankings 2025
- Ranked in Times World Rankings 2025

To apply for admission through SAAT,
Please visit: www.soa.ac.in


# ବିଦାହେଲେ ଅସଦାଚରଣ ଅଭିଯୁକ୍ତ ଅଧାପକ

**ଉଚ୍ଚଶିକ୍ଷା ବିଭାଗକୁ ବଦଳି ଦଣ୍ଡ ନା ପୁରସ୍କାର?**

**ଭୁବନେଶ୍ୱର,୧୪।୪(ସଂଚାର ବ୍ୟୁରୋ):** ବିଜେବି କଲେଜରେ ଛାତ୍ରୀଙ୍କୁ ଅସଦାଚରଣ ଘଟଣାରେ ବିବାଦୀୟ ସହକାରୀ ପ୍ରଫେସର ଡକ୍ଟର ପାଣ୍ଡବ ପ୍ରଧାନଙ୍କୁ ରାଜ୍ୟ ସରକାର ଶେଷରେ କଲେଜରୁ ହଟାଇଛନ୍ତି। ତାଙ୍କୁ ଉଚ୍ଚଶିକ୍ଷା ବିଭାଗକୁ ବଦଳି କରାଯାଇଥିବା ବେଳେ ଏଭଳି ଜଘନ୍ୟ କାଣ୍ଡ କରିଥିବା ଅଧାପକଙ୍କ ପାଇଁ ଏହା ଦଣ୍ଡ ନା ପୁରସ୍କାର, ତାହାକୁ ନେଇ ଚର୍ଚ୍ଚା ଜୋର ଧରିଛି ।



ଉଲ୍ଲେଖଯୋଗ୍ୟ ଯେ ବିଜେବି କଲେଜରେ ଏମବିଏ ପରୀକ୍ଷା ଦେଉଥିବା ଜଣୈକା ଛାତ୍ରୀଙ୍କୁ ସେହି କଲେଜର କମ୍ପ୍ୟୁଟର ବିଜ୍ଞାନ ବିଭାଗର ଆସିଷ୍ଟାଣ୍ଟ ପ୍ରଫେସର ଡକ୍ଟର ପ୍ରଧାନ ଅସଦାଚରଣ କରିଥିବା ନେଇ ଅଭିଯୋଗ ଆସିଥିଲା। ଛାତ୍ରୀଙ୍କ ପିତା ଏ ନେଇ କଲେଜ ଅଧକ୍ଷାଙ୍କୁ ଜଣାଇଥିବା ବେଳେ ବିଭିନ୍ନ ଗଣମାଧମରେ ମଧ ଏ ସଂକ୍ରାନ୍ତରେ ରିପୋର୍ଟ ପ୍ରକାଶ ପାଇଥିଲା। ଏହାପରେ ଏହାକୁ ଗୁରୁତ୍ୱର ସହ ନେଇ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ରିପୋର୍ଟ ତଲବ କରାଯାଇଥିଲା। ତେବେ ରିପୋର୍ଟ ଦେବାରେ ବିଜେବି କଲେଜ କର୍ତ୍ତୃପକ୍ଷ ସମୟ ଗଡ଼ାଇବାରୁ ବିଭାଗ ତାଗିଦା କରିବା ସହ ଘଟଣାର ତଦନ୍ତ କରି କାହିଁକି ରିପୋର୍ଟ ଦେଇନାହଁ ବୋଲି ପ୍ରଶ୍ନ କରି ପୁନର୍ବାର ପତ୍ର ଲେଖିଥିଲେ ।

ଉଚ୍ଚଶିକ୍ଷା ବିଭାଗର ଦ୍ୱିତୀୟ ପତ୍ରରେ ସ୍ପଷ୍ଟ ଭାବେ ଉଲ୍ଲେଖ କରାଯାଇଥିଲା ଯେ କମ୍ପ୍ୟୁଟର ବିଜ୍ଞାନ ବିଭାଗର ଆସିଷ୍ଟାଣ୍ଟ ପ୍ରଫେସର ପାଣ୍ଡବ ପ୍ରଧାନ ଇଗ୍‌ନୋ ଅଧୀନରେ ଏମବିଏ ପରୀକ୍ଷା ଦେଉଥିବା ଜଣେ ଛାତ୍ରୀଙ୍କୁ ଅସଦାଚରଣ କରିଛନ୍ତି। ଛାତ୍ରୀ ଜଣଙ୍କ କଲେଜର ➩ପୃଷ୍ଠା-୬

### ମା' ମାଟିଆ ମଙ୍ଗଳା ପୀଠରେ ମହାବିଷୁବ ସଂକ୍ରାନ୍ତି

## ମା'ଙ୍କୁ ଦର୍ଶନ କଲେ ୩୦ ହଜାର ଶ୍ରଦ୍ଧାଳୁ



**ରାଜନଗର,୧୪।୪ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ଜିଲ୍ଲା ରାଜନଗର ବ୍ଲକର ସର୍ବ ପୁରାତନ ବାରଗାଁର ମା' ମାଟିଆମଙ୍ଗଳା ଶକ୍ତି ପୀଠରେ ଆଜି ମହାବିଷୁବ ସଂକ୍ରାନ୍ତି ପାଳିତ ହୋଇଯାଇଛି। ରାଜନଗର ସମେତ ପଟ୍ଟାମୁଣ୍ଡାଇ, ମହାକାଳପଡା, ଆଳି, ରାଜକନିକା ପ୍ରଭୃତି ଅଞ୍ଚଳରୁ ପ୍ରାୟ ୩୦ ହଜାର ଶ୍ରଦ୍ଧାଳୁ ମା'ଙ୍କୁ ଦର୍ଶନ କରିଥିଲେ। ଆଜି ଭୋର ୩ଟାରେ ମା'ଙ୍କ ବସଁହାର ବେଶ କରାଯାଇଥିଲା। ଏହା ପରେ ମା'ଙ୍କର ଷୋଡଶ ଉପଚାର, ବାଲ୍ୟଭୋଗ, ଆଳତି, ପଣାଭୋଗ କରାଯାଇଥିଲା। ମଧ୍ୟାହ୍ନ ଧୂପ ପରେ ୧୨ଟାରେ ୧୫ ମିନିଟ ପାଇଁ ମା'ଙ୍କ ଦର୍ଶନ ବନ୍ଦ ରହିଥିଲା। ଅପରାହ୍ନରେ ପୁଣି ଶ୍ରଦ୍ଧାଳୁଙ୍କ ଦର୍ଶନ ନିମିତ ମା'ଙ୍କ ମନ୍ଦିର ଖୋଲାଯାଇଥିଲା। ସଂଧ୍ୟା ଆଳତି ଓ ବାଲ୍ୟଭୋଗ ପରେ ଅନ୍ୟାନ୍ୟ ପୂଜାନୀତି ପରମ୍ପରା ଅନୁଯାୟୀ ଅନୁଷ୍ଠିତ ହୋଇଥିଲା। ମା' ମାଟିଆମଙ୍ଗଳା ଉନ୍ନୟନ କମିଟିର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ମହାବିଷୁବ ସଂକ୍ରାନ୍ତି ପାଳନ କରାଯାଇଥିଲା।

### ମହାବୀର ଜୟନ୍ତୀରେ ହିନ୍ଦୁ ଏକତା ଶୋଭାଯାତ୍ରା

## ରାଜନଗର ବିଧାୟକ ଧ୍ରୁବ ସାହୁ ସାମିଲ



**ରାଜନଗର,୧୪।୪ (ସଂଚାର ବ୍ୟୁରୋ):** ଆଜି ଓଡିଆ ନୂଆ ବର୍ଷ ଓ ପବିତ୍ର ମହାବିଷୁଭ ସଙ୍କ୍ରାନ୍ତି ଅବସରରେ ଅନ୍ତରାଷ୍ଟ୍ରୀୟ ହିନ୍ଦୁ ପରିଷଦ ପକ୍ଷରୁ ହିନ୍ଦୁ ଏକତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ରାଜନଗର ବ୍ଲକର ଗୋସିଗାଁ ନିକଟରୁ ଏହି ବିରାଟ ଶୋଭାଯାତ୍ରା ବାହାରି ବରଗାଁର ଆରାଧ ଦେବୀ ମା ମାଟିଆ ମଙ୍ଗଳା ପୀଠ ଯାଏଁ ଯାଇଥିଲା। ଯୁବନେତା ଅମରେଶ ପଣ୍ଡା, ସରୋଜ କୁମାର ଦାସଙ୍କ ନେତୃତ୍ୱରେ ଏହି ଶୋଭାଯାତ୍ରାରେ ରାଜନଗର ବିଧାୟକ ଧ୍ରୁବ ସାହୁ ସାମିଲ ହୋଇଥିଲେ। ଡିଜେ ସାଙ୍ଗକୁ ମାଦଳ, ପାରମ୍ପରିକ ବାଦ୍ୟର ତାଳେ ତାଳେ ଓ ଜୟ ଶ୍ରୀରାମ, ଜୟ ହନୁମାନ ନାରା ମଧ୍ୟରେ ଯୁବକ ମାନେ ଶୋଭାଯାତ୍ରାରେ ସାମିଲ ହୋଇଥିଲେ।। ବିଧାୟକଙ୍କ ସହିତ ତାଙ୍କର ସମର୍ଥକ ଓ ବ୍ଲକ ସ୍ତରୀୟ ନେତାମାନେ ଗେରୁଆ ରଙ୍ଗର ଉତ୍ତରୀ ପକାଇ ଗେରୁଆମୟ ଶୋଭାଯାତ୍ରାରେ ସାମିଲ ହୋଇଛନ୍ତି। ଏ ସମ୍ପର୍କରେ ବିଧାୟକ ଶ୍ରୀସାହୁଙ୍କ କହିବା କଥା ହେଲା ଆଜି ଓଡିଆ ନୂଆବର୍ଷ, ମହାବିଷୁଭ ସଙ୍କ୍ରାନ୍ତି ଓ ସଙ୍କଟମୋଚନ ହନୁମାନଙ୍କ ଜନ୍ମଦିନ। ଆମ ଅଞ୍ଚଳର ଆରାଧ ଦେବୀ ମା ମାଟିଆ ମଙ୍ଗଳାଙ୍କ ପୀଠରେ ପ୍ରତିବର୍ଷ ପାର୍ବଣ ହୁଏ। ରାଜନଗର ଓ ପଟ୍ଟାମୁଣ୍ଡାଇବାସୀଙ୍କ କଲ୍ୟାଣ ପାଇଁ ମାଙ୍କ ଦର୍ଶନ ନିମନ୍ତେ ଓ ଓଡିଆ ନୂଆ ବର୍ଷକୁ ଧୁମଧାମରେ ପାଳନ ପାଇଁ ଶୋଭାଯାତ୍ରାରେ ଯାଉଛୁ, ବୋଲି କହିଛନ୍ତି।

## ମହାବିଷୁବ ପଣା ସଂକ୍ରାନ୍ତି ଉପଲକ୍ଷେ ବିଶାଳ ଶୋଭାଯାତ୍ରା



**କେନ୍ଦ୍ରାପଡା,୧୪।୪ (ସଂଚାର ବ୍ୟୁରୋ):** ପବିତ୍ର ମହାବିଷୁବ ପଣା ସଂକ୍ରାନ୍ତି ବା ହିନ୍ଦୁ ଓଡ଼ିଆ ନବବର୍ଷ ପାଳନ ଅବସରରେ ଜିଲ୍ଲା ହିନ୍ଦୁ ଏକତା ମଞ୍ଚ ଓ ଧର୍ମରକ୍ଷକ ସେନା, ବିଶ୍ୱହିନ୍ଦୁ ପରିଷଦ, ବଜରଙ୍ଗ ଦଳ ସମେତ ଜିଲ୍ଲାର ବିଭିନ୍ନ ପ୍ରମୁଖ ଛୋଟ ବଡ଼ ହିନ୍ଦୁ ସନାତନି ଏକତା ଦଳ ଓ ମଞ୍ଚ ପକ୍ଷରୁ ପ୍ରାୟ ୨୦ ହଜାରରୁ ଅଧିକ ବଜରଙ୍ଗ ବନ୍ଧୁ ବା ଭାଇମାନେ ଏହି ବିଶାଳ ଶୋଭା ଯାତ୍ରାରେ ଯୋଗ ଦେଇଥିଲେ । ଏହି ରାଲିଟି ପ୍ରଥମେ ଇଛାପୁର ସ୍ଥିତ ମାଉସୀ ମା' ମନ୍ଦିର ପ୍ରାଙ୍ଗଣରୁ ବାହାରି ଶାନ୍ତସାହି ପୋଲ, ଫର୍ଜନ ଛକ, ମଢିଆଳ ବଜାର, ପୁରୁଣା ବସଷ୍ଟାଣ୍ଡ, ବଡ଼ହାଟ,କାକଟ ଛକ, ନୂଅ ବସଷ୍ଟାଣ୍ଡ, ମହିପାଳ ବଜାର ଦେଇ ତିନିମୁହାଣି ସ୍ଥିତ ରାମ ମନ୍ଦିର ପରିସରରେ ପହଁଚି ଥିଲା। ବାଟରେ ବିଭିନ୍ନ ସ୍ଥାନରେ ବହୁ ଛକ ବଜାରରେ ଦହି ସରବତ ସହିତ ପାନୀୟ ଜଳ ପ୍ରଭୃତି ହିନ୍ଦୁ ମାନଙ୍କ ସହିତ କିଛି ସଂଖ୍ୟା ଲଘୁ ସମ୍ପ୍ରଦାୟର ଲୋକେ ମିଶି ରାଲି ବା ଶୋଭଯାତ୍ରାରେ ଯାଉଥିବା ବଜାରସଙ୍ଗୀ ମାନଙ୍କୁ ପ୍ରଦାନ କରିଥିବା ଦେଖିବାକୁ ମିଳିଥିଲା। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ କେନ୍ଦ୍ରାପଡା ପୁଲିସ ପ୍ରଶାସନ ପକ୍ଷରୁ କେନ୍ଦ୍ରାଂଚଳ ଆଇଜିଙ୍କ ନେତୃତ୍ୱରେ କେନ୍ଦ୍ରାପଡା ଏସପି ସିଦ୍ଧାର୍ଥ କଟାରିଆଙ୍କ ସହ ଦୁଇ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ, ୬ଜଣ ଡିଏସପି, ୧୫ଜଣ ଇନିସପେକ୍ଟର ଏବଂ ୧୦ ପ୍ଲାଟୁନ ପୋଲିସ ଫୋର୍ସ ସହରର ବିଭିନ୍ନ ସମ୍ବେଦନଶୀଳ ଛକ ମାନଙ୍କରେ ମୁତୟନ କରାଯାଇଥିଲା । ତେବେ ଏହି ଶୋଭାଯାତ୍ରା ଶାନ୍ତି ଶୃଙ୍ଖଳାର ସହ ସମାପ୍ତ ହୋଇଥିବା ଜଣାପଡିଛି ।

### ରାସ୍ତା ନିର୍ମାଣ ନାଁରେ ମହାଦୁର୍ନୀତି

## ମୁଖ୍ୟମନ୍ତ୍ରୀଙ୍କୁ ଅଭିଯୋଗ କଲେ ସାମାଜିକ କର୍ମୀ



**ରାଜନଗର,୧୪।୪ (ସଂଚାର ବ୍ୟୁରୋ):** ରାଜନଗର ଗ୍ରାମ୍ୟ ଉନ୍ନୟନ ବିଭାଗରେ ଆଖିବୁଜା ଦୁର୍ନୀତି ହୋଇଛି। ଯେଉଁ ରାସ୍ତାରେ ହାତ ମାରିଲେ ସେ ରାସ୍ତାରେ ଜଳ ଜଳ ହୋଇ ଦୁର୍ନୀତି ବାରି ହୋଇ ପଡୁଛି। ଦୁର୍ନୀତି ନେଇ ଅଧିକ୍ଷଣ ଯନ୍ତ୍ରୀ ଓ ମୁଖ୍ୟ ନିର୍ମାଣ ଯନ୍ତ୍ରୀ ଅବଗତ ଥିଲେ ବି କୌଣସି କାର୍ଯ୍ୟାନୁଷ୍ଠାନ ନନେବା ପ୍ରଶ୍ନବାଚୀ ସୃଷ୍ଟି କରିଛି। ରାସ୍ତା ନିର୍ମାଣ ନାଁରେ ସରକାରୀ ଅର୍ଥ ଲୁଟିଆ ନିଆଯାଉଛି। ଏହାକୁ ନେଇ ସାମାଜିକ କର୍ମୀ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଆଶ୍ରୟ ନେଇଛନ୍ତି। କେନ୍ଦ୍ରାପଡା ଜିଲ୍ଲା ମାର୍ଶାଘାଇ ବ୍ଲକର ପ୍ରତାପ ଚନ୍ଦ୍ର ମହାନ୍ତି ମୁଖ୍ୟମନ୍ତ୍ରୀଙ୍କ ଜନଶୁଣାଣୀ ଶିବିରରେ ରାଜନଗର ଗ୍ରାମ୍ୟ ଉନ୍ନୟନ ବିଭାଗରେ ଚାଲିଥିବା ଆଖିବୁଜା ଦୁର୍ନୀତି ନେଇ ଅଭିଯୋଗ କରିଛନ୍ତି। ଗଣମାଧ୍ୟମରେ ପ୍ରକାଶିତ ଖବରକୁ ପ୍ରଦାନ କରିବା ସହିତ ଦୁର୍ନୀତି ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନେବାକୁ ଅନୁରୋଧ କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଜନଶୁଣାଣୀରୁ ଏହାକୁ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବାକୁ ଗ୍ରାମ୍ୟ ଉନ୍ନୟନ ବିଭାଗର ମୁଖ୍ୟଙ୍କୁ ଦିଆଯାଇଥିବା ସୂଚନା ଦିଆଯାଇଛି।

## ପକ୍ଷୀଙ୍କ ତୃଷ୍ଣା ମେଣ୍ଟେଇବାକୁ ଅଣ୍ଟା ଭିଡିଛନ୍ତି କୃଷ୍ଣ



**ଆଳି,୧୪।୪ (ସଂଚାର ବ୍ୟୁରୋ):** ଗ୍ରୀଷ୍ମ ପ୍ରବାହରୁ ଲୋକଙ୍କ ଠାରୁ ଆରମ୍ଭ କରି ପଶୁ ପକ୍ଷୀ ଏବେ ପାଣି ପାଇଁ ତ୍ରାହି ତ୍ରାହି ଡାକୁ ଥିବା ବେଳେ ଆଳି ବ୍ଲକ ନିଆଳ ପଞ୍ଚାୟତ ରାଧାନଗରର କୃଷ୍ଣ ଚନ୍ଦ୍ର ବାରିକ ରାସ୍ତା ପାର୍ଶ୍ୱ ଗଛରେ ଠେକି ବାନ୍ଧି ଜଳ ଦେବାସହ ପକ୍ଷୀଙ୍କ ତୃଷ୍ଣା ମେଣ୍ଟେଇବାକୁ ଅଣ୍ଟା ଭିଡିଛନ୍ତି। ମାନବ ସେବାହିଁ ମାଧବ ସେବା । ପକ୍ଷୀଙ୍କ ସେବା କରି ଚର୍ଚ୍ଚାରେ କୃଷ୍ଣଚନ୍ଦ୍ର ବାରିକ। ଅନାପଟେ କୃଷ୍ଣଙ୍କ ପେସାରେ ଛୋଟ ବ୍ୟବସାୟ। କିନ୍ତୁ ନିଶା ପଶୁ ପକ୍ଷୀଙ୍କ ସେବା କରିବା। ତହ ତହ ଖରାରେ ଦହ ବିକଳ ହେଉଥିବା ପଶୁ ପକ୍ଷୀ ମାନଙ୍କ ସେବାକୁ ପାଥେୟ କରି ପକ୍ଷୀ ମାନଙ୍କ ପାଇଁ ନିଆଳ ଗଭାଡ଼ିଆ ରାସ୍ତାରେ ଥିବା ଗଛରେ ଠେକି ବାନ୍ଧିଥାନ୍ତି। ପ୍ରତ୍ୟେକ ଦିନ ଠେକିରେ ପାଣି ଦେଇ ପକ୍ଷୀମାନଙ୍କ ତୃଷା ମେଣ୍ଟାଇ ଥିବାରୁ ପ୍ରଶଂସା ର ପାତ୍ର ହୋଇପାରିଛନ୍ତି। ତିନିବର୍ଷ ଧରି ଏହି ପ୍ରୟାସ ଜାରି ରଖି ଚଳିତ ବର୍ଷ ଏକ ସହରୁ ଅଧିକ ଠେକି ବାନ୍ଧିବା ଜାରି ରଖିଛନ୍ତି କୃଷ୍ଣ। ଏନେଇ ବିଭିନ୍ନ ମହଲରୁ ପ୍ରଶଂସାର ସୁଅ ଛୁଟୁଛି କୃଷ୍ଣ ପାଇଁ।

## ଜଳଛତ୍ର ଦ୍ୱାରା ସେବା ପ୍ରଦାନ କଲେ ପ୍ରକାଶ ନାୟକ

**କେନ୍ଦ୍ରାପଡ଼ା,୧୪।୪ (ସଂଚାର ବ୍ୟୁରୋ):** ପ୍ରଚଣ୍ଡ ରୌଦ୍ରତାପରେ ଅତିଷ୍ଠ ପରିବେଶ । ଏହି ଝାଞ୍ଜି ଖରାରେ ତୃଷ୍ଣା ମେଣ୍ଟାଇବା ପାଇଁ କେନ୍ଦ୍ରାପଡା ଜିଲ୍ଲାର ଯୁବ ସମାଜସେବୀ ପ୍ରକାଶ ନାୟକ ଏକ ସୁନ୍ଦର ବ୍ୟବସ୍ଥା କରିଛନ୍ତି ଯାହା ଏକ ଉଦାହରଣ ସାଜିଛି ଅଞ୍ଚଳରେ। ଚଳିତ ବର୍ଷ ଗତ ରାମ ନବମୀ ଠାରୁ ଆଜି ପର୍ଯ୍ୟନ୍ତ ଖରାରେ ଯିବା ଆସିବା କରୁଥିବା ବାଟୋଇ ମାନଙ୍କୁ ତିନିମୁହାଣୀ ଛକଠାରେ ଦହି ପାଣି ସର୍ବତ ବଣ୍ଟା ଚାଲିଛି। ବିଭିନ୍ନ ଅଞ୍ଚଳରୁ




ଯିବା ଆସିବା କରୁଥିବା ବାଟୋଇ ମାନେ ଓ ସ୍କୁଲର ଛାତ୍ର ଛାତ୍ରୀ ମାନେ ଏହି ଜଳଛତ୍ର ରୁ ଦହି ପାଣି ସର୍ବତ ପିଇ ନିଜର ଶୋଷ କୁ ମେଣ୍ଟେଇବା ସହ ନିଜ ସାଥିରେ ମଧ ନେଇଥାଆନ୍ତି। ସମ୍ପୂର୍ଣ ସ୍ୱଚ୍ଛତାର ସହ ଏହି ଜଳଛତ୍ର ରେ ଜଳ ବଣ୍ଟନ କରାଯାଇଅଛି। ସମସ୍ତ କାର୍ଯ୍ୟ ପ୍ରଶାସନ ଓ ସରକାରଙ୍କ ଉପରେ ଛାଡ଼ିଦେଲେ ହେବନି,କାହାର ଶୋଷ ମେଣ୍ଟାଇବାରେ ଯଦି ଆମେ ଜଳ ଜଳଛତ୍ର ସାହାର୍ଯ୍ୟରେ କିଞ୍ଚିତ ସହଜୋଗ କରିବା ତାହେଲେ ନିଶ୍ଚିନ୍ତ ସମାଜରେ ସମସ୍ତେ ଶୁଭିଦା ପାଇ ପାରିବେ ବୋଲି ଯୁବ ପିଢିଙ୍କୁ ମେସେଜ ଦେଇଛନ୍ତି ସମାଜସେବୀ ପ୍ରକାଶ ନାୟକ ।

### ମାହାଙ୍ଗା ବିକାଶ ପରିଷଦ ପକ୍ଷରୁ ବିଷୁବ ମିଳନ ଓ କବି ସମ୍ମିଳନୀ

## ଗ୍ରାମାଞ୍ଚଳ କବି ପ୍ରତିଭାଙ୍କୁ ପ୍ରତିଷ୍ଠିତ କରାଇବା ପରିଷଦର ଲକ୍ଷ୍ୟ: ସାରଦା




**ମାହାଙ୍ଗା,୧୪।୪ (ସଂଚାର ବ୍ୟୁରୋ):** ମାହାଙ୍ଗା ବ୍ଲକ ଅନ୍ତର୍ଗତ ପ୍ରତିଭାଭବନ ପରିସରରେ ଓଡିଆ ନବବର୍ଷ ଉପଲକ୍ଷେ ମାହାଙ୍ଗା ବିକାଶ ପରିଷଦ ପକ୍ଷରୁ ବିଷୁବ ମିଳନ ଓ କବି ସମ୍ମିଳନୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କବିତା ପାଠ ଉତ୍ସବକୁ ବିଧାୟକ ସାରଦା ପ୍ରଧାନ ଉଦ୍‌ଘାଟକ ଭାବେ ଯୋଗଦେଇ ପ୍ରଦିପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିବା ସହ ପ୍ରତିଭାଭବନ ପରିସରରେ ଥିବା ବରପୁତ୍ର ମାନଙ୍କୁ ପୁଷ୍ପମାଲ୍ୟ ପ୍ରଦାନ କରିଥିଲେ ।

ପ୍ରଥମାର୍ଦ୍ଧରେ ସାମ୍ବାଦିକ ଉଚ୍ଛବରଣ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମୌସୁମି ପତ୍ରିକାର ସମ୍ପାଦକ କବି ପ୍ରସନ୍ନ ମିଶ୍ର, ମୁଖ୍ୟ ବକ୍ତାଭାବେ ଅଧାପକ ନିଖୁଳେସପଦ ମହାନ୍ତି, ସମ୍ମାନିତ ଅତିଥିଭାବେ ସସାଦିକ ଅକ୍ଷୟ କୁମାର ଦାସ, କବି ନାରାୟଣ ମୁଦୁଲି ପ୍ରମୁଖ ଯୋଗଦେଇ ଓଡିଆ ଭାଷା ସାହିତ୍ୟର ପଟାନ୍ତର ନାହିଁ ଏବଂ ଓଡିଆ ସଂସ୍କୃତି ଓ ମୁର୍ତ୍ତି ସଂଗ୍ରାମକୁ ମାହାଙ୍ଗାର ଅବଦାନ ଅବିସ୍ମରଣୀୟ ବୋଲି ଆଲୋକପାତ କରିଥିଲେ ।

ବିକାଶପରିଷଦର ସମ୍ପାଦକ ଅଧାପକ ଡ. ଅଶୋକ କୁମାର ରାଉତ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ମାହାଙ୍ଗାର ବହୁ କବି ଓ କବୟତ୍ରୀ ମାନେ ଉପସ୍ଥିତ ରହି ସ୍ୱରଚିତ ବିଭିନ୍ନ କବିତାମାନ ପାଠ କରି ଓଡିଆ ନବବର୍ଷ ରେ ସସନ୍ଧିତ ହେବା ସହ ମାହାଙ୍ଗାର ସାହିତ୍ୟକୁ ଉଜ୍ଜିବିତ କରିଥିଲେ । ବିଷୁବ ସାହିତ୍ୟ ଆସରର ଦ୍ୱିତୀୟାର୍ଦ୍ଧରେ ଯୁଧିଷ୍ଠିର ଖୁଟୁଆଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ମାହାଙ୍ଗା ବିଧାୟକ ସାରଦା ପ୍ରଧାନ ଯୋଗଦେଇ ମାହାଙ୍ଗା ମାଟି ଆଜି ବିଶ୍ୱରେ ପରିଚିତି ଲାଭ କରିଛି କବି, ସାହିତ୍ୟିକ ଓ ବରପୁତ୍ର ମାନଙ୍କ ପାଇଁ ତେଣୁ ଓଡିଆ ଭାଷା, ସାହିତ୍ୟ, ସଂସ୍କୃତି ମାଟି ପାଇଁ ସଂଗ୍ରାମ କରିବା ଆବଶ୍ୟକ ବୋଲି କହିବା ସହ ଗ୍ରାମଚଂଳରେ ଥିବା କବି ପ୍ରତିଭା ମାନଙ୍କ ସମାଜରେ ପ୍ରତିଷ୍ଠିତ କରାଇବା ପରିଷଦର ମୂଳ ଲକ୍ଷ ହେବ ବୋଲି କହିଥିଲେ। ଏଥିସହିତ ଏହି କବି ମାନଙ୍କର ରଚିତ କବିତାକୁ ପୁସ୍ତକ ମାଧମରେ ପ୍ରକାର୍ଶନ କରାଯିବ ବୋଲି କହିଥିଲେ ।

ମୁଖ୍ୟବକ୍ତା ଡ. ମନୋରଂଜନ ବେନ୍ଦୁରା, ସମ୍ମାନିତ ଅତିଥି କବି ତଥା ଉର୍ବି ପତ୍ରିକାର ସମ୍ପାଦକ ଶ୍ରୀଧର ଶେଖର ମହାପାତ୍ର, ନିଶ୍ଚିନ୍ତକୋଇଲି ଉପାଧକ ନୃସିଂହ ଚରଣ ମିଶ୍ର ପ୍ରମୁଖ ଯୋଗଦେଇ ବରପୁତ୍ର ମାନଙ୍କର ଗୁଣଗାନ କରିବା ସହ ବିଷୁବ ମିଳନ ସମ୍ପର୍କରେ ଆଲୋକପାତ କରିଥିଲେ। ଡ. ଅଶୋକ କୁମାର ରାଉତ ସଂଯୋଜନା କରିଥିବାବେଳେ ଧନ୍ୟବାଦ ଅର୍ପଣ କରିଥିଲେ ପନଙ୍ଗଭୁଷଣ ଦାସ, ଅନ୍ୟମାନଙ୍କ ମଧ୍ୟରେ ଜିତେନ୍ଦ୍ର ଶତପଥୀ, ଅଜୟ ନାୟକ, ରମେଶ ସ୍ୱାଇଁ, ତାରାକାନ୍ତ ମହାପାତ୍ର, ସୁରେନ୍ଦ୍ର ମହାଷି, ମନୋରଂଜନ ନାୟକ, ଭଇଚରଣ ସ୍ୱାଇଁ, ବଶଷ ସେଠୀ, ଙ୍କୁରେକୃଷ୍ଣ ସାହୁ, ମନୋରଂଜନ ବିଶ୍ୱାଳ, ଅଶୋକ ବିଶ୍ୱାଳ ପ୍ରମୁଖଙ୍କ ସମେତ ବହୁ କବି, ସାହିତ୍ୟିକ ଓ ବୁଦ୍ଧିଜୀବୀମାନେ ଉପସ୍ଥିତ ଥିଲେ ।

## ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ୫୦ ୟୁନିଟ୍ ରକ୍ତ ସଂଗ୍ରହ




**ସାଲେପୁର,୧୪।୪ (ସଂଚାର ବ୍ୟୁରୋ):** ଖରା ଦିନରେ ରକ୍ତ ଅଭାବକୁ ଦୂର କରିବା ନିମନ୍ତେ ଚିତ୍ରୋତ୍ପଳା ସୋସିଆଲ ଆଣ୍ଡ କଲ୍‌ଚରାଲ୍ ଡେଭଲପମେଣ୍ଟ ଟ୍ରଷ୍ଟ, ସାଲେପୁର ଓ ମା' ବୁଢ଼ୀ ଦକ୍ଷିଣେଇ ପୂଜା କମିଟି, ନଇଗୁଆଁ ମିଳିତ ଆନୁକୂଲ୍ୟରେ ସାଲେପୁର ବ୍ଲକ ଅନ୍ତର୍ଗତ ନଇଗୁଆଁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଅଛି । କେନ୍ଦ୍ରୀୟ ରେଡକ୍ରସ ରକ୍ତ କେନ୍ଦ୍ର, କଟକ ର ନିର୍ଦ୍ଦେଶକ ଡା ଚନ୍ଦ୍ରିକା ପ୍ରସାଦ ଦାସ ଏହାକୁ ଆନୁଷ୍ଠାନିକ ଭାବରେ ଉଦ୍‌ଘାଟନ କରିଥିଲେ ଓ ସାଲେପୁର ସ୍ୱୟଂଶାସିତ ମହାବିଦ୍ୟାଳୟର ପ୍ରାକ୍ତନ ଅଧକ୍ଷ ଡ଼ଃ ହଳଧର ସାହୁ ମୁଖ୍ୟଅତିଥି ଭାବରେ ଯୋଗଦେଇଥିଲେ। ଅତିଥି ମାନଙ୍କ ସହ ପ୍ରାକ୍ତନ ଶିକ୍ଷକ ନୃସିଂହ ଚରଣ ସାହୁ, ବରିଷ୍ଠ ନାଗରିକ ବିଶ୍ୱନାଥ ସାହୁ, ପ୍ରାକ୍ତନ ଶିକ୍ଷକ ପ୍ରଶାନ୍ତ କୁମାର ଦାଶ, ନଇଗୁଆଁ ବିଦ୍ୟାଳୟର ପ୍ରାକ୍ତନ ଶିକ୍ଷୟତ୍ରୀ ସୁଷମା ପଣ୍ଡା, ନଇଗୁଆଁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ସୟଦ ମହମଦ ଅଲି, ଚିତ୍ରୋତ୍ପଳା ସୋସିଆଲ ଆଣ୍ଡ କଲ୍‌ଚରାଲ୍ ଡେଭଲପମେଣ୍ଟ ଟ୍ରଷ୍ଟ ର ସଭାପତି ନିରଞ୍ଜନ ପଲାଇ ଓ ବିଜୟାନନ୍ଦ ଯୁବ ପରିଷଦ ର ସମ୍ପାଦକ ବିଶ୍ୱରଞ୍ଜନ ସାହୁ ପ୍ରମୁଖ ଉପସ୍ଥିତ ରହି ସ୍ୱେଚ୍ଛାକୃତ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ ।

ଏହି ଶିବିରରେ ମୋଟ୍ ୫୦ଜଣ ରକ୍ତଦାତା ସ୍ୱେଚ୍ଛାକୃତ ଭାବେ ରକ୍ତ ଦାନ କରିଥିଲେ। ଉକ୍ତ ଶିବିରରୁ କେନ୍ଦ୍ରିୟ ରେଡ୍‌କ୍ରସ୍ ରକ୍ତଭଣ୍ଡାର ତରଫରୁ ଡାକ୍ତର ରାମ ପ୍ରସାଦ ରାୟ, ସନ୍ଦୀପ ସ୍ୱାଇଁ ଓ ପ୍ରସନ୍ନ କୁମାର ସ୍ୱାଇଁ ପ୍ରମୁଖ ରକ୍ତ ସଂଗ୍ରହ କରିଥିଲେ । ଚିତ୍ରୋତ୍ପଳା ସୋସିଆଲ ଆଣ୍ଡ କଲ୍‌ଚରାଲ୍ ଡେଭଲପମେଣ୍ଟ ଟ୍ରଷ୍ଟର ସମ୍ପାଦକ ଉକ୍ତ ରକ୍ତଦାନ ଶିବିରକୁ ସଂଯୋଜନା କରିଥିଲେ।

## ଭାରତୀୟ ସମତା ସୈନିକ ଦଳ ପକ୍ଷରୁ ଆମ୍ବେଦକର ଜୟନ୍ତୀ

**କେନ୍ଦ୍ରାପଡ଼ା,୧୪।୪ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ଜିଲ୍ଲା ଶାଖା ଭାରତୀୟ ସମତା ସୈନିକ ଦଳ ପକ୍ଷରୁ ଆଜି ଟାଉନ ହଲ ପରିସରରେ ବାବା ସାହେବ୍ ଆମ୍ବେଦକରଙ୍କ ୧୩୪ ତମ ଜନ୍ମ ବାର୍ଷିକ ଉପଲକ୍ଷେ ସୁଧୀର ମଳିକ ସଭାପତିତ୍ୱରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଏହି ଜନ୍ମ ବାର୍ଷିକ ସଭାରେ ମୁଖ୍ୟ ଅତିଥି ଭାବେ କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ସଭାପତି ସୁଶ୍ରୀ ଲିଲିତା ଦାସ ପୌରପରିଷଦ ଅଧକ୍ଷା ସରିତା ସାହୁ,ରାଜେଶ ଦାସ, ଆଇନଜୀବୀ ଡ଼କ୍ଟର ଅପୂର୍ବ ରଞ୍ଜନ ସେଠୀ, ମୁମ୍ବାଇ ଭାରତୀୟ ସମତା ସୈନିକ ଦଳ କମାଣ୍ଡର ଧନେଶ୍ୱର ମଳିକ ମଞ୍ଚାସିନ ହୋଇଥିଲେ। ଏହା ପରେ ଅତିଥିବୃନ୍ଦ ମହାମାନବ ବୋଧିସତ୍ୱ ବାବା ସାହେବ୍ ଆମ୍ବେଦକରଙ୍କ ଫଟୋ ଚିତ୍ରରେ ପୁଷ୍ପ ମାଲ୍ୟ ଅର୍ପଣ ଓ ପ୍ରଦୀପ ପ୍ରଜ୍ୱଳନ କରିଥିଲେ । ଏହା ପରେ ଅତିଥି ମାନଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ କରାଯିବା ପରେ ଅତିଥି ବୃନ୍ଦ ନିଜ ନିଜର ବକ୍ତବ୍ୟ ଉପସ୍ଥାପନ କରିଥିଲେ। ବାବା ସାହେବ ଆମ୍ବେଦକର ସମାଜରୁ ଅସ୍ପୃଶ୍ୟତା ଦୂର କରିବା, ଦଳିତମାନଙ୍କ ଅଧିକାରକୁ ସମ୍ବିଧାନରେ ସାବ୍ୟସ୍ତ କରିବା ଓ ସମାଜରୁ ସକଳ ଭେଦଭାବ ବିଲୋପ କରି ଏହି ବଞ୍ଚିତ ଗୋଷ୍ଠୀଙ୍କୁ ସମାଜର ମୁଖ୍ୟ ସ୍ରୋତକୁ ଆଣିବା ପାଇଁ ସେ ଚେଷ୍ଟିତ ଥିଲେ ଓ ଫଳରେ ସମସ୍ତଙ୍କୁ ସାମାଜିକ, ରାଜନୈତିକ, ଅର୍ଥନୈତିକ ନ୍ୟାୟ ଦେବା, ଆଇନ ଦୃଷ୍ଟିରେ ସମସ୍ତଙ୍କୁ ସମାନ ବିଚାର ଦେବା, ସ୍ୱାଧୀନ ମତବ୍ୟକ୍ତ କରିବା ଅଧିକାର ଦେବା ସମ୍ପର୍କରେ ଗୁରୁତ୍ୱ ଦେଇ ସମ୍ବିଧାନ ପ୍ରଣୟନ କରିଥିଲେ ଓ ଶେଷରେ ଆଇନଜୀବୀ ଡ଼କ୍ଟର ଅପୂର୍ବ ରଞ୍ଜନ ସେଠୀ ଧନ୍ୟବାଦ୍ ଅର୍ପଣ କରି ସଭା ସାଙ୍ଗ କରିଥିଲେ।

## ସମ୍ବିଧାନ ପ୍ରଣେତା ବି.ଆର୍ ଆମ୍ବେଦକରଙ୍କ ଜୟନ୍ତୀ ପାଳିତ



**ନିଶ୍ଚିନ୍ତକୋଇଲି,୧୪।୪ (ସଂଚାର ବ୍ୟୁରୋ):** ନିଶ୍ଚିନ୍ତକୋଇଲି ଥାନାଛକ ନିକଟସ୍ଥ ସମ୍ବିଧାନ ପ୍ରଣେତା ଭିମ୍ ରାଓ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତି ପରିସରରେ ୧୩୫ତମ ଜୟନ୍ତି ପାଳିତ ହୋଇଯାଇଛି। ଏହି ଅବସରରେ ନିଶ୍ଚିନ୍ତକୋଇଲି ବ୍ଲକ ବରିଷ୍ଠ ବିଜେଡି ନେତା ଜ୍ୟୋତିପ୍ରକାଶ ସ୍ୱାଇଁଙ୍କ ସଂଯୋଜନାରେ ଅନୁଷ୍ଠିତ ଆମ୍ବେଦକରଙ୍କ ଜୟନ୍ତୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ପ୍ରାକ୍ତନ ମନ୍ତ୍ରୀ ପ୍ରତାପ ଜେନା ଯୋଗଦେଇ ବି.ଆର୍ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟା ଅର୍ପଣ ସ୍ୱରୁପ ଶ୍ରଦ୍ଧା ସୁମନ ଜଣାଇଥିଲେ। ଏହାସହ ଭୀମ୍ ରାଓ ଦେଶର ଜଣେ ମହାନ୍ ବ୍ୟକ୍ତି ଥିଲେ, ଦେଶବାସୀ ସ୍ୱାଧିନ ଭାବେ ବଞ୍ଚିବା ପାଇଁ ତାଙ୍କ ଦ୍ୱାରା ପ୍ରଣିତ ସମ୍ବିଧାନ ଚିର ସ୍ମରଣିୟ କିନ୍ତୁ ବର୍ତ୍ତମାନ ଭାରତରେ ବିଭିନ୍ନ ଦଳର ନେତାମାନେ ସମ୍ବିଧାନକୁ ଜାଳି ପୋଡ଼ି ଛାରଖାର କରି ସାରିଥିବା ବେଳେ ସାଧାରଣ ଲୋକେ ନ୍ୟାୟିକ ବ୍ୟବସ୍ଥାରୁ ବଞ୍ଚିତ ହେଉଛନ୍ତି। ଏହି ସମ୍ବିଧାନକୁ ବଞ୍ଚାଇ ରଖିବା ପାଇଁ ସମ୍ବିଧାନ ବଞ୍ଚାଅ ଆନ୍ଦୋଳନର ଆବଶ୍ୟକତା ରହିଛି ବୋଲି ଶ୍ରୀଯୁକ୍ତ ଜେନା ମତ ପ୍ରକାଶ କରିଥିଲେ।

ଏଥିରେ ସମ୍ମାନିତ ଅତିଥି ଭାବେ ବ୍ଲକ୍ ଅଧକ୍ଷା ରୋଜି ସେଠୀ, ବ୍ଲକ ବିଜେଡି ସଭାପତି ରମାକାନ୍ତ ମହାନ୍ତି, ପ୍ରାକ୍ତନ ବ୍ଲକ ଅଧକ୍ଷ ଗିରିଶ ରଂଜନ ମହାପାତ୍ର, ମାହାଙ୍ଗା ଓ ନିଶ୍ଚିନ୍ତକୋଇଲି ବ୍ଲକର ଶତାଧିକ ଜନପ୍ରତିନିଧିଙ୍କ ସମେତ ସରପଞ୍ଚ ଜୟଦେବ ରାଉତ, ପ୍ରଦିପ୍ତ କୁମାର ପରିଡା, ପ୍ରଦୋଷ ସାହୁ, ନିତ୍ୟନନ୍ଦ ସେଠୀ, ମନୋଜ କୁମାର ବେହେରା, ଆଶୁତୋଷ ତ୍ରିପାଠୀ, ଅନିଲ ଭୁୟାଁ, ଆନନ୍ଦ ଦାସଙ୍କ ସମେତ ୧ହଜାରରୁ ଉର୍ଦ୍ଧ୍ୱ ବିଜେଡି କର୍ମୀ ତଥା ଅମ୍ବେଦକର ପ୍ରେମି ଯୋଗଦେଇଥିଲେ।

## ବି.ଆର୍ ଆମ୍ବେଦକରଙ୍କ ୧୩୫ତମ ଜୟନ୍ତୀ



**କେନ୍ଦ୍ରାପଡା,୧୪।୪ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ଜିଲ୍ଲା କାର୍ଯ୍ୟାଳୟ ସଦଭାବନା ସଭାଗୃହରେ ସୋମବାର ସକାଳ ୯ଟାରେ ଜିଲ୍ଲାସ୍ତରୀୟ ଭାରତରତ୍ନ ଡକ୍ଟର ବି.ଆର. ଆମ୍ବେଦକରଙ୍କ ୧୩୫ତମ ଜୟନ୍ତୀ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ନୀଲୁ ମହାପାତ୍ରଙ୍କ ଅଧକ୍ଷତାରେ ପାଳିତ ହୋଇଯାଇଛି। ଭାରତ ସମ୍ବିଧାନର ରୂପକାର ଭରତରତ୍ନ ଡକ୍ଟର ଭୀମରାଓ ରାମଜୀ ଆମ୍ବେଦକର ବହୁ ପ୍ରତିଭାର ଅଧିକାରୀ ଥିଲେ। ସେ ଥିଲେ ଜଣେ ଶିକ୍ଷାବିତ, ଆଇନଜୀବୀ, ସାମାଜିକ ଜ୍ଞାନୀ, ସମାଜ ସଂସ୍କାରକ, ସୁଲେଖକ । ତାଙ୍କ ନୀତି ଓ ଆଦର୍ଶରେ ଅନୁପ୍ରାଣିତ ହେବା ପାଇଁ ଅତିରିକ୍ତ ଜିଲ୍ଲାପାଳ ଛାତ୍ରଛାତ୍ରୀମାନଙ୍କୁ ପରାମର୍ଶ ଦେଇଥିଲେ।

ଏହି ଅବସରରେ ପ୍ରାତଃ ୮ଟାରେ କେନ୍ଦ୍ରାପଡା ପୌରାଞ୍ଚଳରେ ବିଭିନ୍ନ ସ୍ଥାନରେ ଥିବା ବି.ଆର. ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ଅତିଥିମାନେ ସାମୁହିକ ମାଲ୍ୟାର୍ପଣ କରିଥିଲେ। ସଭାଗୃହରେ ବି.ଆର. ଆମ୍ବେଦକରଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ ଓ ପ୍ରଦୀପ ପ୍ରଜ୍ୱଳନ ପରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଅଶୋକ ବଳିଆରସିଂହ ଅତିଥି ପରିଚୟ ଦେବା ସହ ପ୍ରାରମ୍ଭରେ ଦିବସ ପାଳନର ଆଭିମୁଖ୍ୟ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ । ପରେ ପରେ ଜିଲ୍ଲାସ୍ତରୀୟ ପ୍ରତିଯୋଗିତାରେ ୯ଜଣ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଉକ୍ତ ସମାରୋହରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ତ୍ରିଭୁବନ ଜୟସିଂହ, ଜିଲ୍ଲାସ୍ତରୀୟ ଅଧିକାରୀ ଓ କର୍ମକର୍ତ୍ତା, ବିଭିନ୍ନ ସ୍କୁଲ କଲେଜର ଛାତ୍ରଛାତ୍ରୀ ଓ ବିଭିନ୍ନ ଗଣମାଧମ ପ୍ରତିନିଧି ଯୋଗ ଦେଇଥିଲେ ।

## ସଙ୍କଟ ମୋଚନଙ୍କ ପୂଜନ, ପଣା ବଣ୍ଟନ ସହ ବନ୍ଧୁମିଳନ କାର୍ଯ୍ୟକ୍ରମ



**ଡେରାବିଶ,୧୪।୪ (ସଂଚାର ବ୍ୟୁରୋ):** ସୋମବାର ପବିତ୍ର ଓଡ଼ିଆ ନବବର୍ଷ, ପଣା ସଂକ୍ରାନ୍ତି ଏବଂ ଶ୍ରୀ ହନୁମାନ ଜୟନ୍ତୀ ଅବସରରେ ଡେରାବିଶ ବ୍ଲକ କୁଶିଆପାଳ ଛକରେ ପାଟକୁରା ନିର୍ବାଚନ ମଣ୍ଡଳୀର ୧୩ ନମ୍ବର ଜୋନରେ ଭାରତୀୟ ଜନତା ପାର୍ଟିର ସ୍ଥାନୀୟ ନେତୃତ୍ୱ ମାନଙ୍କ ଦ୍ୱାରା ଶ୍ରୀ ସଙ୍କଟ ମୋଚନଙ୍କ ପୂଜନ ଓ ପଥଚାରି ମାନଙ୍କୁ ପଣା ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହା ପରେ ନାଉପାଳ ଠାରେ ଥିବା ଜୋନ ଅଫିସରେ ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଛୋଟି ମଣ୍ଡଳର ସାଧାରଣ ସମ୍ପାଦକ ଖଗେଶ୍ୱର ସେଠିଙ୍କ ସଂଯୋଜନାରେ ମଣ୍ଡଳ ସଭାପତି ବିଜୟ କୁମାର ଜେନାଙ୍କ ପୌରହିତ୍ୟରେ ମଣ୍ଡଳର ତଥା ପାଟକୁରାର ବହୁ ବହୁ ଯୁବ ନେତୃତ୍ୱ ଯୋଗ ଦେଇଥିଲେ। ଶେଷରେ ପଣା ସଂକ୍ରାନ୍ତିର ମୁଖ୍ୟ ଆକର୍ଷଣୀୟ ଦହି ପଣା ବଣ୍ଟନ ପରେ ମଣ୍ଡଳ ଉପ-ସଭାପତି ତୁଷାର ଘୋଷ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।



## ଦାଉଦପୁରରେ ହନୁମାନ ଜୟନ୍ତୀ

**ନିଶ୍ଚିନ୍ତକୋଇଲି,୧୪।୪ (ସଂଚାର ବ୍ୟୁରୋ):** ନିଶ୍ଚିନ୍ତକୋଇଲି ବ୍ଲକ ଦାଉଦପୁରସ୍ଥ ସିଦ୍ଧ ହନୁମାନ ଜୀୟୁଙ୍କ ପିଠରେ ପବିତ୍ର ମହା ବିଷୁବ ପଣାସଂକ୍ରାନ୍ତି ଓ ହନୁମାନ ଜୟନ୍ତୀ ଅବସରରେ ୧୦୮ ହନୁମାନ ଚାଳିଶା ପାଠ ଓ ହୋମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ମନ୍ଦିର ମୁଖ୍ୟ ପୂଜକ ବାସୁଦେବ ଷଡ଼ଙ୍ଗୀଙ୍କ ପ୍ରତ୍ୟକ୍ଷ ତତ୍ୱାବୋଧନରେ ଅନୁଷ୍ଠିତ ହୋମଯଜ୍ଞରେ କର୍ତ୍ତାକର୍ତ୍ତି ଭାବେ ସଞ୍ଜୀବ କୁମାର ଷଡଙ୍ଗୀ ଓ ତାଙ୍କ ଧର୍ମପତ୍ନୀ ଅପରାଜିତା ହୋତା କାର୍ଯ୍ୟଭାର ତୁଲାଇଥିଲେ। ପ୍ରଭାତରୁ ଉକ୍ତ ପୀଠରେ ଥିବା ବାବା କାମେଶ୍ୱର ମହାଦେବ, ମା ତାରିଣୀ ଓ ହନୁମାନଜିୟୁଙ୍କ ଷୋଡ଼ଶ ଉପଚାର ହୋଇଥିଲା। ପରେ ପରେ ଅଞ୍ଚଳର ଶ୍ରଦ୍ଧାଳୁ ଭକ୍ତମାନେ ଯୋଗଦେଇ ୧୦୮ ହନୁମାନ ଚାଳିଶା ପାଠ କରିଥିଲେ। ସନ୍ଧ୍ୟାରେ ଭଜନ କୀର୍ତ୍ତନ ସହିତ ରାମଲୀଳା ବଚନିକା ଅନୁଷ୍ଠିତ ହୋଇ ଆଖ ପାଖ ଅଞ୍ଚଳର ଶ୍ରଦ୍ଧାଳୁ ଭକ୍ତମାନେ ଯୋଗଦେଇ ବିଭୁକୃପା ଲାଭ କରିଥିଲେ। ଉକ୍ତ କାର୍ଯ୍ୟକ୍ରମ ପରିଚାଳନାରେ ଅନୁଷ୍ଠାନର କର୍ମକର୍ତ୍ତା ଭବାନୀ ଶଙ୍କର ନନ୍ଦ, ଲକ୍ଷ୍ମୀ ନାରାୟଣ ନନ୍ଦ, ଦିଲ୍ଲୀପ କୁମାର ମହାନ୍ତି, ଜୟନ୍ତ କୁମାର ଦାସ, ସୁଶାନ୍ତ ନାୟକ,ଦିବ୍ୟ ରଂଜନ ଷଡଙ୍ଗୀ, ସୁଶାନ୍ତ କୁମାର ଷଡଙ୍ଗୀ, ଓ ଗ୍ରାମବାସୀମାନେ ଯୋଗଦେଇ ପୂର୍ଣ୍ଣ ସହଯୋଗ କରିଥିଲେ।

### କସ୍ତୁରୀ କଳା ନିକେତନର ବାର୍ଷିକ ଉତ୍ସବ

## ପଟ୍ଟାମୁଣ୍ଡାଇ ମାଟିର କଳା, ସାହିତ୍ୟ ଓ ସଂସ୍କୃତି ଅନନ୍ୟ




**ପଟ୍ଟାମୁଣ୍ଡାଇ,୧୪।୪ (ସଂଚାର ବ୍ୟୁରୋ):** ପଟ୍ଟାମୁଣ୍ଡାଇ ମାଟିର କଳା ସାହିତ୍ୟ ସଂସ୍କୃତି ନିଜର ଉତ୍କର୍ଷତା ପାଇଁ ଆଜି ବିଶ୍ୱ ଦରବାରରେ ପହଂଚି ପାରିଛି । ଏହି ମାଟିର ବହୁ କଳାକାର ସାହିତ୍ୟିକ ଓ ନାଟ୍ୟକାର ପ୍ରତିଷ୍ଠା ଲାଭ କରି ପଟ୍ଟାମୁଣ୍ଡାଇ ପାଇଁ ଗୌରବ ଆଣିଛନ୍ତି । ଯାହାଫଳରେ କଳା ସାହିତ୍ୟ ଓ ସଂସ୍କୃତି କ୍ଷେତ୍ରରେ ପଟ୍ଟାମୁଣ୍ଡାଇ ଅନନ୍ୟ ପରିଚୟ ସୃଷ୍ଟି କରିଛି ବୋଲି ପଟ୍ଟାମୁଣ୍ଡାଇ ଅଂଚଳର ଅଗ୍ରଣୀ ନୃତ୍ୟ ସଂଗୀତ ଅନୁଷ୍ଠାନ କସ୍ତୁରୀ କଳା ନିକେତନର ୩୨ତମ ବାର୍ଷିକ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗ ଦେଇ ରାଜନଗର ବିଧାୟକ ଧ୍ରୁବ ସାହୁ ପ୍ରକାଶ କରିଛନ୍ତି ।

କସ୍ତୁରୀ କଳା ନିକେତନ ସଭାପତି ଶିକ୍ଷାବିତ ସୁରେଶ ଜେନାଙ୍କ ପୌରହିତ୍ୟରେ ଆୟୋଜିତ ବର୍ଣ୍ଣାଢ୍ୟ ଉତ୍ସବରେ ମୁଖ୍ୟଅତିଥି ବିଧାୟକ ଶ୍ରୀସାହୁ କହିଲେ ସମଗ୍ର ବିଶ୍ୱରେ କଳା, ସାହିତ୍ୟ ଓ ସଂସ୍କୃତିକୁ ରୁଦ୍ଧିମନ୍ତ କରିବାରେ କଳାତୀର୍ଥ ପଟ୍ଟାମୁଣ୍ଡାଇର ବଳିଷ୍ଠ ଅବଦାନ ରହିଛି । ପଟ୍ଟାମୁଣ୍ଡାଇ ଅଂଚଳର କଳା ସାହିତ୍ୟ ସଂସ୍କୃତିକୁ ରୁଦ୍ଧିମନ୍ତ କରିବା କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିବା ସଂସ୍କୃତିପୁରୁଷ ଦିବଂଗତ ଦିବାକର ବିଶ୍ୱାଳ ମାନସ ସନ୍ତାନ କସ୍ତୁରୀ କଳା ନିକେତନ ଏ କ୍ଷେତ୍ରରେ ଅଭିଯାନ ଜାରି ରଖିଥିବାରୁ ଏହି ଅନୁଷ୍ଠାନ ବିକାଶ ପାଇଁ ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି ବିଧାୟକ ଘୋଷଣା କରିଥିଲେ।

ପଟ୍ଟାମୁଣ୍ଡାଇ ପୌର ପରିଷଦ ଅଧକ୍ଷ ହେମନ୍ତ ସାହୁ ଓ କାଉନସିଲର ମୃତ୍ୟୁଞ୍ଜୟ ପାଢ଼ୀ ଓ ଲାସ୍ୟମୟୀ ସାହୁ ସମ୍ମାନିତଅତିଥି ଭାବେ ଯୋଗ ଦେଇଥିଲେ। ସମ୍ପାଦକ କୃପାସିନ୍ଧୁ ନାୟକ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ନବ କିଶୋର ପଣ୍ଡା ସ୍ୱାଗତଭାଷଣ ଓ କାଉନ ସିଲର ଗୋପୀବଲ୍ଲଭ ନାୟକ ଅତିଥିପରିଚୟ ପ୍ରଦାନ କରିଥିଲେ । ଶିକ୍ଷାବିତ ଗିରିଜାଶଙ୍କର ସାମଲ ଓ କ୍ରିଷ୍ଣା ସ୍ୱାଇଁ ମାନପତ୍ର ପାଠ କରିଥିଲେ । ଏଇ ଅବସରରେ ସଂଗୀତ ଗୁରୁ ଶ୍ୟାମ ସୁନ୍ଦର ସାହୁ ଓ ସମାଜସେବୀ ବିନୟ ବିଶ୍ୱାଳଙ୍କୁ ମାନପତ୍ର ଓ ଉପଢୌକନ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା । ଶେଷରେ ଶରତ ବିଶ୍ୱାଳ ଧନ୍ୟବାଦ ଦେଇଥିଲେ।



ମହାନଦୀ କୋଲ୍ ଫିଲ୍ଡ (ଏମ୍‌ସିଏଲ୍) ପକ୍ଷରୁ ସମ୍ବଲପୁରସ୍ଥିତ ମୁଖ୍ୟ କାର୍ଯ୍ୟାଳୟଠାରେ ସୋମବାର ଡ. ବିଆର୍ ଆମ୍ବେଦକରଙ୍କ ଜୟନ୍ତୀ ପାଳିତ ହୋଇଛି। ଏଥିରେ ନିର୍ଦ୍ଦେଶକ (ମାନବ ସମ୍ବଳ) କେଶବ ରାଓ ଓ ଅନ୍ୟାନ୍ୟ ଅଧିକାରୀମାନେ ଉପସ୍ଥିତ ରହି ବାବାସାହେବଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

# ୨୪ ବର୍ଷର ଆର୍ଥିକ ଅନିୟମିତତାରେ ଇଡି ତଦନ୍ତ ଦାବି

## କେନ୍ଦ୍ର ଶିକ୍ଷା ମନ୍ତ୍ରୀଙ୍କୁ ଭେଟିଲା ବିଜେଇଏମ ସ୍କୁଲ ଅଭିଭାବକ ସଂଘ

**ଭୁବନେଶ୍ୱର,୧୪।୪(ସଂଚାର ବ୍ୟୁରୋ):** ଗତକାଲି ରାତିରେ ଭୁବନେଶ୍ୱର ରେଳଷ୍ଟେସନର ଭିଆଇପି ରୁମ୍‌ରେ ସ୍କୁଲ ଅଭିଭାବକ ସଂଘର ସଦସ୍ୟମାନେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ସାକ୍ଷାତ କରିଛନ୍ତି। ସଭାପତି ରଞ୍ଜନ କୁମାର ଦାସଙ୍କ ନେତୃତ୍ୱରେ ଏକ ୫୦ ଜଣିଆ ପ୍ରତିନିଧି ଦଳ ଶ୍ରୀ ପ୍ରଧାନଙ୍କୁ ଭେଟି ୨୪ ବର୍ଷ ଧରି ବିଜେଇଏମ୍‌ରେ ଚାଲିଥିବା ଆର୍ଥିକ ଅନିୟମିତତାର ତଦନ୍ତ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଦ୍ୱାରା କରାଇବାକୁ ଦାବି କରିଥିଲେ। ପ୍ରତି ବର୍ଷ ବିଦ୍ୟାଳୟ ତା'ର ବାର୍ଷିକ ଫି'ରେ ୨୦ ପ୍ରତିଶତ ଲେଖାଏଁ ବୃଦ୍ଧି କରୁଥିବା ବେଳେ ଏହଶ୍ରେଣି କେନ୍ଦ୍ର ମନ୍ତ୍ରୀ ଆଶ୍ଚର୍ଯ୍ୟ ହୋଇଯାଇଥିଲେ। ଏଥିସହ ଏହି ଘଟଣଶର ତଦନ୍ତ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ଆରମ୍ଭ ହୋଇଥିବା କେନ୍ଦ୍ର ମନ୍ତ୍ରୀ ସୂଚନା ଦେଇଥିଲେ। ଏକାମ୍ର ବିଧାୟକ ବାବୁ ସିଂ ନିଜେ ସ୍କୁଲରେ ପହଞ୍ଚି ପ୍ରଥମ ପର୍ଯ୍ୟାୟ ଆଲୋଚନା କରିଥିବା ସଂଘର ସଦସ୍ୟମାନେ ଶ୍ରୀ ପ୍ରଧାନଙ୍କୁ ଅବଗତ କରାଇଥିଲେ। ସେହିପରି ସିବିଏସ୍‌ଇ ଗାଇଡଲାଇନ୍ ମଧ୍ୟ ଅନୁସୃତ ହେଉନଥିବାରୁ ଏହାର ଉଚ୍ଚସ୍ତରୀୟ ତଦନ୍ତ ପାଇଁ ଦାବି ହୋଇଛି।ସେହିପରି ବିଦ୍ୟାଳୟରେ ଦୁଇଟି ସୋସାଇଟି କାମ କରୁଥିବାର ରହସ୍ୟ ଉନ୍ମୋଚନ ପାଇଁ ସେମାନେ ଦାବି କରିଛନ୍ତି। ମିଥ୍ୟା କାଗଜପତ୍ର ଜରିଆରେ କୋଟି କୋଟି ଟଙ୍କାର ମହାଦୁର୍ନୀତି ହୋଇଥିବା ଅଭିଯୋଗ ହୋଇଛି। ସଂଘର ସଦସ୍ୟମାନେ ଉପସ୍ଥାପନ କରିଥିବା ସମସ୍ତ ଦାବି କେନ୍ଦ୍ର ମନ୍ତ୍ରୀ ଶୁଣିବା ସହ ଖୁବ୍‌ଶୀଘ୍ର ଦୃଷ୍ଟାନ୍ତମୂଳକ ପଦକ୍ଷେପ ଗ୍ରହଣ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି। ଏଥିସହ ସଂଘର କୌଣସି ସଦସ୍ୟ ଦିଲ୍ଲୀରେ ପହଞ୍ଚିଲେ, ଶିକ୍ଷା ମନ୍ତ୍ରାଳୟକୁ ତଦନ୍ତ ପାଇଁ ନିର୍ଦ୍ଦେଶ ଦେବେ ବୋଲି କେନ୍ଦ୍ର ମନ୍ତ୍ରୀ କହିଛନ୍ତି। ସମସ୍ତ ଦାବି ଧୈର୍ଯ୍ୟ ସହକାରେ ଶୁଣିଥିବାରୁ ସଂଘର ସଦସ୍ୟମାନେ ଶ୍ରୀ ପ୍ରଧାନଙ୍କୁ ଧନ୍ୟବାଦ ଦେଇଛନ୍ତି।



# କଂଗ୍ରେସରେ ମିଶିଲେ ୩୦୦ରୁ ଊର୍ଦ୍ଧ୍ୱ ବିଜେଡି କର୍ମୀ



**ଭୁବନେଶ୍ୱର,୧୪।୪(ସଂଚାର ବ୍ୟୁରୋ):** ଆଜି ମହାବିଷୁବ ସଂକ୍ରାନ୍ତି ତଥା ଓଡ଼ିଆ ନବବର୍ଷର ଅବସରରେ ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ଉପସ୍ଥିତିରେ ଗୁଡ଼ାରୀ ବ୍ଲକ ଚେୟାରମ୍ୟାନ ଲକ୍ଷ୍ମୀ ଶବର ଓ ୩ ଶହରୁ ଊର୍ଦ୍ଧ୍ୱ ବିଜେଡି କର୍ମୀ ଆନୁଷ୍ଠାନିକ ଭାବେ କଂଗ୍ରେସ ଦଳରେ ଯୋଗଦେଇଛନ୍ତି। ଏହି ଅବସରରେ ପ୍ରଦେଶ କଂଗ୍ରେସ ସଭାପତି ଶ୍ରୀ ଦାସ କହିଛନ୍ତି ଯେ କଂଗ୍ରେସ ସଭାପତି ଶ୍ରୀ ମଲ୍ଲିକାର୍ଜ୍ଜୁନ ଖଡ଼୍‌ଗେଙ୍କ ନେତୃତ୍ୱ ଜନନାୟକ ତଥା ଲୋକସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଜୀ ଆଦର୍ଶ ଓ ସଂଗ୍ରାମ, ପୂର୍ବତନ କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀଙ୍କ ତ୍ୟାଗରେ ଅନୁପ୍ରାଣିତ ହୋଇ ଆଜି ଗୁଣୁପୁର ବିଧାନସଭା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଗୁଡ଼ାରି ବ୍ଲକ ଅଧ୍ୟକ୍ଷ, ଉପସଭାପତି, ଯୁବ ସଭାପତି, ଛାତ୍ର ସଭାପତି, ସମିତି ସଭ୍ୟ, ସରପଞ୍ଚ ଓ ୩ ଶହରୁ ଊର୍ଦ୍ଧ୍ୱ ବିଜେଡି କର୍ମୀ କଂଗ୍ରେସ ଦଳରେ ଯୋଗଦେଇଛନ୍ତି। କୋରାପୁଟ ସାଂସଦ ସପ୍ତଗିରି ଉଲାକାଙ୍କର ଜନସେବା, ରାୟଗଡ଼ା ଓ କୋରାପୁଟ ଜିଲ୍ଲାର ବିକାଶ ପାଇଁ ତାଙ୍କର ସଂକଳ୍ପ ଓ ନିର୍ଭର ପ୍ରତିଶ୍ରୁତି ହିଁ କଂଗ୍ରେସରେ ଯୋଗଦେବାକୁ ସେମାନଙ୍କୁ ଉତ୍ସାହିତ କରିଥିଲା। ସେହିପରି ଗୁଣୁପୁର ବିଧାୟକ ସତ୍ୟଜିତ ଗମାଙ୍ଗଙ୍କ ନିଷ୍ଠାପର ସାଧାରଣ ଜନତା ଓ ବିଶେଷକରି ମହିଳା, ଯୁବକ, କୃଷକ, ଛାତ୍ର ଓ ଆଦିବାସୀ ଓ ଦଳିତମାନଙ୍କ ସ୍ୱାର୍ଥରକ୍ଷା ପାଇଁ ଯେଉଁ ନିଷ୍ଠାପର ସଂଗ୍ରାମ କରିଆସୁଛନ୍ତି, ସେଥିରେ ତାଙ୍କ ଜନଆଦୃତି ବଢ଼ିଛି। ଗୁଣୁପୁର ନିର୍ବାଚନମଣ୍ଡଳୀର ବିକାଶ ପାଇଁ ଶ୍ରୀ ଗମାଙ୍ଗଙ୍କ ଉପରେ ଆସ୍ଥା ପ୍ରକଟ କରି ଆମେ ବିଜେଡି ପରିତ୍ୟାଗ କରି କଂଗ୍ରେସ ଦଳରେ ଯୋଗ ଦେଇଛୁ ବୋଲି ସେମାନେ କହିଥିଲେ। ଧର୍ମାନ୍ଧତା, ଦୁର୍ନୀତି, ଭ୍ରଷ୍ଟାଚାର, ନାରୀ ନିର୍ଯାତନା, ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ପରିସ୍ଥିତି, ଚାଷୀ ପ୍ରତି ଉଦାସୀନତା ଓ ଉତ୍କଟ ବେକାରୀ ସମସ୍ୟା ପ୍ରସଙ୍ଗରେ ଲଢ଼େଇ କରିବା ପାଇଁ କଂଗ୍ରେସ ହିଁ ଉପଯୁକ୍ତ ପ୍ଲାଟଫର୍ମ ବୋଲି ଯୋଗ ଦେଇଥିବା ବିଜେଡ଼ି ନେତୃବୃନ୍ଦ କହିଥିଲେ। ଏହି ମିଶ୍ରଣ ପର୍ବରେ ଗୁଡ଼ାରି ବ୍ଲକ ସଭାପତି କାଶି ବଳିଆରସିଂ, ବାସ୍ନା ଶବର, ପ୍ରହଲ୍ଲାଦ ହିକାବାଡ଼ି, ପଦ୍ମପୁର ବ୍ଲକରୁ ରମାକାନ୍ତ ମାଝୀ, ଷଣ୍ଢ ଗମାଙ୍ଗୋ, ଅଗାଧୁ ଶବର, ପୁନି ଗମାଙ୍ଗୋ, ଅନନ୍ତ ମାଝୀ ପ୍ରମୁଖ ଉପସ୍ଥିତ ଥିଲେ।

## ସିଲିଣ୍ଡର ତିଆରି କମ୍ପାନୀରେ ଅଗ୍ନିକାଣ୍ଡ

**ଭୁବନେଶ୍ୱର,୧୪।୪ (ସଂଚାର ବ୍ୟୁରୋ):** ସିଲିଣ୍ଡର ତିଆରି କମ୍ପାନୀରେ ଅଗ୍ନିକାଣ୍ଡ । ଭୁବନେଶ୍ୱର ପଟିଆ ସବରବନ୍ ଇଣ୍ଡଷ୍ଟ୍ରିରେ ଲାଗିଛି ନିଆଁ । ଏହି ନିଆଁକୁ ଆୟତ୍ତ ପାଇଁ ଅଗ୍ନିଶମ ବାହିନୀ ପକ୍ଷରୁ ଉଦ୍ୟମ ଜାରି ରହିଛି। ଖବର ଅନୁଯାୟୀ, ସୋମବାର ଦିନ ସକାଳ ସମୟରେ ପଟିଆ ସ୍ଥିତ ସବରବନ୍ ଇଣ୍ଡଷ୍ଟ୍ରିରେ ହଠାତ୍ ନିଆଁ ଲାଗିଥିଲା । ଯାହାକୁ ଦେଖି ତୁରନ୍ତ ସ୍ଥାନୀୟ କର୍ମଚାରୀ ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ । ଅଗ୍ନିଶମ ବାହିନୀ ଖବର ପାଇ ଘଟଣାସ୍ଥଳରେ ପହଞ୍ଚି ନିଆଁ ଲିଭାଇବାକୁ ଉଦ୍ୟମ ଜାରି ରଖିଛି । ହେଲେ ବର୍ତ୍ତମାନ ଯାଏଁ ଆୟତ୍ତ ହୋଇନାହିଁ ନିଆଁ । ତେବେ ସର୍ଟ ସର୍କିଟ ଯୋଗୁ ନିଆଁ ଲାଗିଥିବା ସନ୍ଦେହ କରାଯାଉଛି ।

## ଆମ୍ବେଦକର ସମାଜର ଆଲୋକବର୍ତ୍ତିକା ଥିଲେ: ଭକ୍ତ

**ଭୁବନେଶ୍ୱର,୧୪।୪(ସଂଚାର ବ୍ୟୁରୋ):** ଭାରତର ସମ୍ବିଧାନ ପ୍ରଣେତା ଭାରତରତ୍ନ ଡ. ବିଆର ଆମ୍ବେଦକରଙ୍କ ଜୟନ୍ତୀ ଉତ୍ସବ ଆଜି ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ସ୍ଥାନୀୟ କଂଗ୍ରେସ ଭବନଠାରେ ପାଳିତ ହୋଇଛି। ସକାଳେ ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ନେତୃତ୍ୱରେ କଂଗ୍ରେସ ନେତାମାନେ ପ୍ରଥମେ ଏଜି ଛକ ଓ ପରେ ପିସିସି କାର୍ଯ୍ୟାଳୟସ୍ଥିତ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ।

ଏହି ଅବସରରେ ଶ୍ରୀ ଦାସଙ୍କ ଅଧ୍ୟକ୍ଷତାରେ କଂଗ୍ରେସ ଭବନଠାରେ ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଥିଲା। ସଭାକୁ ପିସିସି ଅନୁସୂଚୀତ ଜାତି ବିଭାଗ ପକ୍ଷରୁ ବାଙ୍କନିଧି ବେହେରା ପରିଚାଳନା କରିବା ବେଳେ ଶ୍ରୀ ଦାସ ଉଦ୍‌ବୋଧନ ଦେଇ କହିଥିଲେ ଯେ ଡ. ଆମ୍ବେଦକରଙ୍କର ସଂଘର୍ଷମୟ ଜୀବନ କଥା ଓ ଜୀବନ ଦର୍ଶନ ରାଜନେତା ଓ ସମାଜସେବୀଙ୍କ ପାଇଁ ପାଥେୟ। ମହିଳାମାନଙ୍କର ଶିକ୍ଷା, ସୁରକ୍ଷା, ସ୍ୱାବଲମ୍ବନ ଓ ଅର୍ଥନୈତିକ ଉନ୍ନତି ପାଇଁ ଆମ୍ବେଦକର ଅଧିକ ଗୁରୁତ୍ୱ ଦେଉଥିଲେ। ସମାଜର ଉନ୍ନତି ଦିଗରେ ସେ ଆଲୋକବର୍ତ୍ତିକା ଥିଲେ। କିନ୍ତୁ ଆଜି ରାଜ୍ୟରେ ମହିଳାମାନେ ସର୍ବାଧିକ ଉପେକ୍ଷିତା ଓ ନିର୍ଯାତିତା। ତେଣୁ ଆଜି ଆମ୍ବେଦକରଙ୍କ ସ୍ୱପ୍ନର ୧୦ ପ୍ରତିଶତ ବି ସାକାର ହୋଇପାରିନାହିଁ। ଏବେ ବି ଜାତି, ଧର୍ମ, ବର୍ଣ୍ଣର ବ୍ୟାଧିରେ ସମାଜ ବ୍ୟାଧିଗ୍ରସ୍ତ। ଜାତୀୟ ଶିକ୍ଷାନୀତି (ଏନ୍‌ଇପି)-୨୦୨୦ ଆମ୍ବେଦକରଙ୍କ ବିଚାରଧାରାର ପରିପନ୍ଥୀ। ଏହା ସାଧାରଣ ଜନତାଙ୍କ ପାଇଁ ନୁହେଁ, ବରଂ ଆରଏସଏସ ଓ ବିଜେପିର ମନମୁଖୀ ନୀତିରେ ପ୍ରସ୍ତୁତ। ବିଜେପି, ଆରଏସଏସ ଓ ମୋଦି ସରକାର ସମ୍ବିଧାନକୁ ଆକ୍ରମଣ କରୁଛି, ଯାହା ଆମ୍ବେଦକରଙ୍କ ପ୍ରତି ଅପମାନ। ଆଗାମୀ ଦିନରେ ଓଡ଼ିଶାରେ ଆମ୍ବେଦକରଙ୍କ ବିଚାରଧାରାକୁ ନେଇ ବିପ୍ଳବ ହେବ, ଯାହା ଜନନାୟକ ରାହୁଲ ଗାନ୍ଧୀଙ୍କ ସଂକଳ୍ପ ଓ ଦିଗଦର୍ଶନ। ଏହି କ୍ରାନ୍ତି ମାଧ୍ୟମରେ ରାଜ୍ୟର ମହିଳାମାନେ ନ୍ୟାୟ ପାଇବେ। ବେକାର ଯୁବକଙ୍କୁ କର୍ମସଂସ୍ଥାନ ମିଳିବ ବୋଲି ଶ୍ରୀ ଦାସ କହିଛନ୍ତି। ଏହାଛଡ଼ା ପୂର୍ବତନ ସଭାପତି ଜୟଦେବ ଜେନା, ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା, ପୂର୍ବତନ ସାଂସଦ ଅନନ୍ତ ପ୍ରସାଦ ସେଠୀ, ବରିଷ୍ଠ ନେତା ଶିବାନନ୍ଦ ରାୟ, କିଶୋର ଜେନା, ଶୁଭେନ୍ଦୁ ମହାନ୍ତି, କୃଷ୍ଣଚନ୍ଦ୍ର ଶଗରିଆ ପ୍ରମୁଖ ଡ. ଆମ୍ବେଦକରଙ୍କ ଜୀବନୀ ସମ୍ପର୍କରେ ଆଲୋଚନା କରିଥିଲେ।

## ମା' କଟକ ଚଣ୍ଡୀ ସେବା ଟ୍ରଷ୍ଟ ପକ୍ଷରୁ ଦହିପାଣି ବଣ୍ଟନ



**କଟକ,୧୪।୪(ସଂଚାର ବ୍ୟୁରୋ):** ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ପ୍ରତିବର୍ଷ ପରି ଚଳଚ୍ଚିତ୍ର ବର୍ଷ ପଣାସଂକ୍ରାନ୍ତି ତଥା ଆମ୍ବେଦକରଙ୍କ ଜନ୍ମ ଜୟନ୍ତୀରେ ମା'କଟକ ଚଣ୍ଡୀ ସେବାଟ୍ରଷ୍ଟ ପକ୍ଷରୁ କଟକ ଏସସିବି ମେଡ଼ିକାଲ ମୁଖ୍ୟଦ୍ୱାର ସମ୍ମୁଖରେ ଦହିପାଣି ବଣ୍ଟନ କାର୍ଯ୍ୟକ୍ରମକୁ ସ୍ଥାନୀୟ କର୍ପୋରେଟର ଜେ. କାମେଶ୍ୱର ରାଓଙ୍କ କରକମଳରେ ଉଦ୍‌ଘାଟିତ ହୋଇଯାଇଛି। ମେଡିକାଲକୁ ଦୂରଦୂରାନ୍ତରୁ ଆସୁଥିବା ରୋଗୀ ଓ ରୋଗୀଙ୍କ ପରିଜନ ପ୍ରବଳ ଗ୍ରୀଷ୍ମପ୍ରବାହରେ ଜଳକଷ୍ଟ ଲାଘବ ପାଇଁ ଟ୍ରଷ୍ଟ ପକ୍ଷରୁ ଏହି କାର୍ଯ୍ୟକ୍ରମ ଜାରି ରହିଛି ବୋଲି ସମ୍ପାଦକ ଲକ୍ଷ୍ମୀଧର ପଣ୍ଡା ପ୍ରକାଶ କରିଛନ୍ତି। କାର୍ଯ୍ୟକ୍ରମରେ ଟ୍ରଷ୍ଟର ସଭାପତି ସୌମ୍ୟରଞ୍ଜନ ନାୟକ, ତାପସ ପରିଡା, ରୋଶନ ଦତ୍ତ, ଦୀପକ ଦାସ, ଅଭୟ ଦାସ, ବିକାଶ ଶୁକ୍ଳା, ସନ୍ତୋଷ ପରିଡା, ପ୍ରଶାନ୍ତ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। କଟକ ଏସସିବି ମେଡିକାଲକୁ ଚିକିତ୍ସା ପାଇଁ ଦୂରଦୂରାନ୍ତରୁ ଆସୁଥିବା ଅସହାୟ, ନିରାଶ୍ରୟ ଓ ଆର୍ଥିକ ଅଭାବ ବ୍ୟକ୍ତିଙ୍କ ରୋଗୀଙ୍କ ମୃତ୍ୟୁ ହେଲେ ମୃତଦେହକୁ ନେବା ପାଇଁ ମା' କଟକ ଚଣ୍ଡୀ ସେବା ଟ୍ରଷ୍ଟ ସଦାସର୍ବଦା ନିଃଶୁଳ୍କ ଆମ୍ବୁଲାନ୍ସ ସେବା ଯୋଗାଇଥିବା ନେଇ ସମ୍ପାଦକ ଲକ୍ଷ୍ମୀଧର ପଣ୍ଡା ସୂଚନା ଦେଇଛନ୍ତି। ଟ୍ରଷ୍ଟର ସମସ୍ତ ସଦସ୍ୟ ଲୋକମାନଙ୍କ ସେବା ପାଇଁ ସଦାସର୍ବଦା କାର୍ଯ୍ୟ କରୁଥିବା ନେଇ କର୍ପୋରେଟର ଜେ. କାମେଶ୍ୱର ରାଓ ଆନ୍ତରିକ ଧନ୍ୟବାଦ ଜଣାଇଛନ୍ତି। ଆର୍ଥିକ ଅଭାବରୁ ଦୂରଦୂରାନ୍ତରୁ ଆସୁଥିବା ବ୍ୟକ୍ତି ମୃତଦେହ ନେବା ପାଇଁ ଅକ୍ଷମ ଥିବା ବ୍ୟକ୍ତି ୯୮୫୩୦୮୩୫୬୦ ନମ୍ବରରେ ଯୋଗାଯୋଗ କଲେ ନିଃଶୁଳ୍କ ଆମ୍ବୁଲାନ୍ସ ସେବା ପାଇବେ ବୋଲି ଟ୍ରଷ୍ଟର ସମ୍ପାଦକ ଜଣାଇଛନ୍ତି।

## ଯୋବ୍ରା ଝାମୁଯାତ୍ରା ଦେଖିଲେ ସାଂସଦ ଭର୍ତ୍ତୃହରି



**କଟକ,୧୪।୪(ସଂଚାର ବ୍ୟୁରୋ):** କଟକ ସାଂସଦ ଭର୍ତ୍ତୃହରି ମହତାବ ଆଜି ଓଡ଼ିଆ ନବବର୍ଷ ଓ ପବିତ୍ର ପଣା ସଂକ୍ରାନ୍ତି ଉପଲକ୍ଷେ ଯୋବ୍ରା ଅଞ୍ଚଳରେ ଅନୁଷ୍ଠିତ ହୋଇଥିବା ଝାମୁ ଯାତ୍ରା ପରିଦର୍ଶନ କରିଥିଲେ। ସାଂସଦ ଯୋବ୍ରାର ଅଧିଷ୍ଠାତ୍ରୀ ଦେବୀ ମା' ବୁଢ଼ୀ ମଙ୍ଗଳାଙ୍କୁ ଦର୍ଶନ କରି ମଲ୍ଲାସାହିସ୍ଥିତ ମା' କାଳୀ ମନ୍ଦିର ଯାଇ ସେଠାରେ ମା'ଙ୍କ ଆଶୀର୍ବାଦ ନେଇଥିଲେ। ଶ୍ରୀ ମହତାବ ସ୍ଥାନୀୟ ମୁରବୀ ଇଂ ସମରେଶ ଭୂୟାଁ, ଅନନ୍ତ ସାମଲ, ବନମାଳୀ ଶୁକ୍ଳା, ପ୍ରଫୁଲ୍ଲ ସାମଲ ସରୋଜ ସାମଲଙ୍କ ସହ ଯୋବ୍ରାର ମଠ ମନ୍ଦିର ସହ ପାରିପାର୍ଶ୍ୱିକ ଉନ୍ନତିକରଣ ଉପରେ ଆଲୋଚନା କରିବା ସହିତ ମଲ୍ଲାସାହିସ୍ଥିତ ମଦନ ମୋହନ ପାଠାଗାର ପରିଦର୍ଶନ କରିଥିଲେ। ପରେ ସେ ଝାମୁ ପଡ଼ିଆ ପରିଦର୍ଶନ କରି ମାନସିକଧାରୀମାନଙ୍କୁ ଉତ୍ସାହିତ କରିବା ସହ ବିଭିନ୍ନ ମହିଳା ସମିତି ସଙ୍ଗଠନ ଦ୍ୱାରା ସମ୍ବର୍ଦ୍ଧିତ ହୋଇଥିଲେ। ଆଇନଜୀବୀ ଶୁଭେନ୍ଦୁ ମହାନ୍ତି, ଜ୍ୟୋତି ରଞ୍ଜନ ରାୟ, ବିଜେପି ଯୁବମୋର୍ଚ୍ଚା ସମ୍ପାଦକ ଗଗନ ଓଝା, ସ୍ୱର୍ଣ୍ଣପ୍ରଭା ପଶାୟତ, ଝିଲି ବିହାରୀ, ଅମ୍ବିକା ସାମଲ, ଅଭିମନ୍ୟୁ ଦାସ, ଜୟଦେବ ପୃଷ୍ଟି, ସଂଗ୍ରାମ ରାଉତରାୟ, ଶରତ ବେହେରା, ଶ୍ରୀନିବାସ ରାଓ ପ୍ରମୁଖ ଉପସ୍ଥିତ ଥିଲେ।

## ଜଙ୍ଗଲରୁ ଯୁବତୀଙ୍କ ମୃତଦେହ ଉଦ୍ଧାର

**ମାଲକାନଗିରି,୧୪।୪ (ସଂଚାର ବ୍ୟୁରୋ) :** ଜଙ୍ଗଲରେ ଯୁବତୀଙ୍କ ଗଳିତ ମୃତଦେହ। ଜଙ୍ଗଲରୁ ଗଳିତ ମୃତଦେହ ଉଦ୍ଧାର ହୋଇଛି । କେହି ଦୁର୍ବୃତ୍ତ ଦୁଷ୍କର୍ମ ପରେ ହତ୍ୟା କରି ଯୁବତୀଜଣଙ୍କୁ ଜଙ୍ଗଲ ମଧ୍ୟରେ ଫିଙ୍ଗି ଚାଲିଯାଇଥିବା ସନ୍ଦେହ କରାଯାଉଛି । କିଛି ଲୋକ ଜଙ୍ଗଲକୁ ଯାଇଥିବା ସମୟରେ ଯୁବତୀଙ୍କ କଙ୍କାଳ ପଡିଥିବା ଦେଖିଥିଲେ। ପରେ ମାଲକାନଗିରି ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ପାରିପାର୍ଶ୍ୱିକ ସ୍ଥିତି ଦେଖିଲେ ପ୍ରାୟ ୧ ମାସରୁ ଊର୍ଦ୍ଧ୍ୱ ସମୟ ଧରି ମୃତଦେହ ଜଙ୍ଗଲରେ ପଡିଥିବା ସନ୍ଦେହ କରାଯାଉଛି । କୋରାପୁଟରୁ ସାଇଣ୍ଟିଫିକ୍ ଟିମ୍ ପହଞ୍ଚିବାପରେ ତଦନ୍ତ ପ୍ରକ୍ରିୟା ଜୋରଦାର କରାଯିବ। ମାଲକାନଗିରିରୁ ଛତିଶଗଡ଼କୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତା ନିକଟବର୍ତ୍ତୀ ଜଙ୍ଗଲରେ ଯୁବତୀଙ୍କ ଶବଟି ଦେଖିବାକୁ ମିଳିଛି ।

## ୧୬ରୁ ଯୁକ୍ତ ୩ ନାମଲେଖା



**ଭୁବନେଶ୍ୱର,୧୪।୪ (ସଂଚାର ବ୍ୟୁରୋ):** ଏପ୍ରିଲ ୧୬ରୁ +୩ ନାମଲେଖା ପାଇଁ ଛାତ୍ରୀଛାତ୍ର ଆବେଦନ କରିପାରିବେ। ଏନ୍‌ଇପି-୨୦୨୦ ଆଧାରରେ ୨୦୨୫-୨୬ ପାଇଁ ନାମଲେଖା ପ୍ରକ୍ରିୟା ଆରମ୍ଭ ହେବ। ଛାତ୍ରୀଛାତ୍ର ସାମ୍ ପୋର୍ଟାଲରେ ମାଧ୍ୟମରେ +୩ ନାମଲେଖା ପାଇଁ ଆବେଦନ କରିପାରିବେ। ଜୁଲାଇ ୧୦ ତାରିଖ ସୁଦ୍ଧା ପାଠ୍ୟକ୍ରମ ଆରମ୍ଭ ହେବ ବୋଲି ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

## ମହାବିଷୁବ ସଂକ୍ରାନ୍ତି ଓ ଓଡ଼ିଆ ନବବର୍ଷ ପାଳିତ

**ଭୁବନେଶ୍ୱର,୧୩।୪(ସଂଚାର ବ୍ୟୁରୋ):** ପବିତ୍ର ପଣା ସଂକ୍ରାନ୍ତୀ ୱାର୍ଡ ନଂ ୩୩ ଅନ୍ତର୍ଗତ ଝାରପଡା ଷ୍ଟେଜ୍ ୫ ସ୍ଥିତ ହନୁମାନ ମନ୍ଦିରରେ ପାଳିତ ହୋଇଯାଇଛି ମହାବିଷୁବ ସଂକ୍ରାନ୍ତି ଓ ଓଡ଼ିଆ ନବବର୍ଷ। ମନ୍ଦିର କମିଟି ପକ୍ଷରୁ ସକାଳ ସମୟରେ ସୂର୍ଯ୍ୟପୂଜା, ଗୋପୂଜନ, ମଣ୍ଡଳ ଅଧିବାସ କାର୍ଯ୍ୟକ୍ରମ ହେବା ପରେ ଦିନତମାମ ୧୦୮ ହନୁମାନ ଚାଲିସା ପାଠ ସହ ହୋମଯଜ୍ଞ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ମଧ୍ୟାହ୍ନରେ ସ୍ଥାନୀୟ ବିଜେପି କର୍ପୋରେଟର ଧରିତ୍ରୀ ଜେନା ଯୋଗଦେଇ ଶ୍ରଦ୍ଧାଳୁଙ୍କୁ ପଣା ବଣ୍ଟନ କରିବା ସହ ମନ୍ଦିରରେ ମହାବୀର ପ୍ରଭୁ ଶ୍ରୀରାମଙ୍କ ନିକଟରେ ପୂଜାର୍ଚ୍ଚନା କରିବା ସହ ଶ୍ରଦ୍ଧାଳୁଙ୍କୁ ଓଡିଆ ନବବର୍ଷର ଶୁଭକାମନା ଓ ଶୁଭେଚ୍ଛା ଜଣାଇଥିଲେ। ମନ୍ଦିର ପରିଚାଳନା କମିଟିର ସଭାପତି ସତ୍ୟକାନ୍ତ ସାହୁଙ୍କ କହିବାନୁସାରେ, ମନ୍ଦିରକୁ ଆସୁଥିବା ଭକ୍ତ ଠାକୁରଙ୍କ ନିକଟରେ ଯାହା ମନୋକାମନା କରିଥାନ୍ତି, ତାହା ପୂରଣ ହୋଇଥାଏ ବୋଲି ହଜାର ହଜାର ଶ୍ରଦ୍ଧାଳୁଙ୍କ ଭିଡ଼ ଜମିବା ସହ ଏହା ଏକ ଆସ୍ଥା ଓ ଆଧ୍ୟାତ୍ମିକତାର ପ୍ରାଣକେନ୍ଦ୍ର ପାଲିଟିଛି। କାର୍ଯ୍ୟକ୍ରମକୁ କମିଟି ସମ୍ପାଦକ ଦୀପଶଙ୍କର ଜେଠୀ, ସଞ୍ଜୀବ ମିଶ୍ରଙ୍କ ପ୍ରମୁଖ ପରିଚାଳନା କରିଥିଲେ।



## କ୍ୟାମେରାରେ କଏଦ୍ ହତ୍ୟାକାଣ୍ଡ ଦୃଶ୍ୟ

**ବଲାଙ୍ଗୀର,୧୪।୪(ସଂଚାର ବ୍ୟୁରୋ):** ରବିବାର ରାତିରେ ବଲାଙ୍ଗୀର ସହରର ବିଷ୍ଣୁମୁଣ୍ଡାଠାରେ ଜଣେ ବ୍ୟବସାୟୀ ମନୋଜ ନାଏକଙ୍କୁ ବୀଭତ୍ସ ଭାବରେ ହତ୍ୟାକରି ହତ୍ୟାକାରୀ ଜଣକ ଫେରାର ମାରିଥିଲେ। ହତ୍ୟାକାରୀ ଫେରାର ସମୟର ଦୃଶ୍ୟ ସିସିଟିଭି କ୍ୟାମେରାରେ କଏଦ ହୋଇଥିବା ଦେଖିବାକୁ ମିଳିଛି। ହତ୍ୟା କରିବା ପରେ ହତ୍ୟାକାରୀ ଜଣଙ୍କ ହାତରେ ଏକ ଟାଙ୍ଗିଆ ଧରି କାହାକୁ ଖାତିର ନ କରି ଅନାୟାସରେ ଚାଲି ଚାଲି ଯାଉଥିବା ଦେଖାଯାଇଛି। ହତ୍ୟାକାରୀ ଜଣଙ୍କ ବିଷ୍ଣୁମୁଣ୍ଡା ଗାଁର ବୋଲି ଚର୍ଚ୍ଚା ହେଉଛି। ବଲାଙ୍ଗୀର ଆଦର୍ଶ ଟାଉନ ଥାନା ପୁଲିସ ଛାନ୍‌ଭିନ୍ ଜାରି ରଖିଥିଲେ ହେଁ ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ ହତ୍ୟାକାରୀ ଜଣଙ୍କ ଗିରଫ ହୋଇନାହିଁ। ସହର ଭିତରେ ୨ଦିନରେ ଦୁଇଟି ହତ୍ୟା ଓ ଜିଲ୍ଲାରେ ତିନି ଦିନରେ ୪ ହତ୍ୟାକୁ ନେଇ ଜନସାଧାରଣ ଭୟଭୀତ ହୋଇପଡ଼ିଛନ୍ତି।

# ଆମ୍ବେଦକର କେବଳ ନାମ ନୁହେଁ, ଏକ ବିଚାରଧାରା



### ପଛୁଆ ବର୍ଗ ପାଇଁ ୭୫ ହଜାର କୋଟିରୁ ଅଧିକ ବ୍ୟୟବରାଦ

### ଆମ୍ବେଦକରଙ୍କ ନାମରେ ଭୁବନେଶ୍ୱରରେ ଭବନ ନିର୍ମାଣ ହେବ

**ଭୁବନେଶ୍ୱର,୧୪।୪(ସଂଚାର ବ୍ୟୁରୋ):** ଦେଶର ସମ୍ବିଧାନ ପ୍ରଣେତା ଭାରତରତ୍ନ ଡକ୍ଟର ଭୀମରାଓ ଆମ୍ବେଦକରଙ୍କ ସମ୍ମାନାର୍ଥେ ଭୁବନେଶ୍ୱରରେ ଏକ ଭବନ ନିର୍ମାଣ ହେବ। ଏହି ଭବନରେ ଏକ ଗ୍ରନ୍ଥାଗାର ଓ ସଭାଗୃହ ରହିବ। ଡକ୍ଟର ଆମ୍ବେଦକରଙ୍କ ନୀତି, ଆଦର୍ଶ ଓ ଜୀବନୀ ଉପରେ ଅଧିକ ଗବେଷଣା ହେବ। ସେହିଭଳି ଭୁବନେଶ୍ୱରର ଏକ ରାସ୍ତା ଓ ଏକ ପାର୍କକୁ ତାଙ୍କ ନାମରେ ନାମିତ କରାଯିବ ବୋଲି ଆଜି ରାଜ୍ୟସ୍ତରୀୟ ଆମ୍ବେଦକର ଜୟନ୍ତୀ ଉତ୍ସବ ପାଳନ ଅବସରରେ ଘୋଷଣା କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ।

ଓଡିଆ ନବବର୍ଷ ଓ ମହାବୀର ଜୟନ୍ତୀରେ ସମସ୍ତଙ୍କୁ ଶୁଭେଚ୍ଛା ଜଣାଇ ସେ କହିଥିଲେ ଯେ ଏକ ନ୍ୟାୟପୂର୍ଣ୍ଣ ଓ ସମତାଭିତ୍ତିକ ସମାଜ ଗଠନ ପ୍ରତି ଡକ୍ଟର ଆମ୍ବେଦକରଙ୍କ ଦୃଷ୍ଟିକୋଣ ଦେଶର ମାର୍ଗ ଦର୍ଶନ କରିଚାଲିଛି ଓ କରିଚାଲିଥିବ। ତାଙ୍କ ପ୍ରଦର୍ଶିତ ମାର୍ଗରେ ଚାଲି ଜାତି, ଧର୍ମ, ବର୍ଣ୍ଣ ଓ ଲିଙ୍ଗଗତ ବିଭେଦକୁ ଭୁଲି ଏକ ସମାବେଶୀ ସମାଜ ପ୍ରତିଷ୍ଠା କରିପାରିଲେ, ତାହା ହିଁ ହେବ ତାଙ୍କ ପ୍ରତି ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି। ଆମ୍ବେଦକର, କେବଳ ଏକ ନାମ ନୁହେଁ, ଏହା ଏକ ବିଚାରଧାରା। ଭାରତରେ ଏକ ସୁସ୍ଥ, ଭେଦଭାବ ରହିତ, ସମାବେଶୀ ସମାଜ ପ୍ରତିଷ୍ଠା କରିବା ସଂଘର୍ଷର ନାମ ହେଉଛି ଆମ୍ବେଦକର। ଡକ୍ଟର ଆମ୍ବେଦକରଙ୍କ ଜୀବନ ସଂଘର୍ଷମୟ ଥିଲା ଏବଂ ଏହି ସଂଘର୍ଷ ତାଙ୍କୁ ସମାଜରେ ପରିବର୍ତ୍ତନ ଆଣିବା ପାଇଁ ପ୍ରେରିତ କରିଥିଲା ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ ।

ଭାରତୀୟ ସମ୍ବିଧାନର ପ୍ରମୁଖ ସ୍ଥପତି ଭାବେ ତାଙ୍କୁ ସମସ୍ତେ ଜାଣନ୍ତି। ଦେଶକୁ ଏକ ସମାବେଶୀ ସାମାଜିକ ଓ ରାଜନୈତିକ ବ୍ୟବସ୍ଥା ପ୍ରଦାନ କରିବାରେ ସେ ଥିଲେ ଅଗ୍ରଣୀ। ସେ ସମୟରେ ତାଙ୍କ ନିଜ ଜୀବନର ଅନୁଭୂତିରୁ ସେ ଅସ୍ପୃଶ୍ୟତା ବିରୋଧରେ ଲଢେଇ କରିବା ପାଇଁ ପ୍ରେରଣା ପାଇଥିଲେ ବୋଲି ମତ ଦେଇ ମୁଖ୍ୟମନ୍ତ୍ରୀ ତାଙ୍କ ଜୀବନ କାଳର ବିଭିନ୍ନ ଘଟଣା ସମ୍ପର୍କରେ ଆଲୋକପାତ କରି କହିଥିଲେ ଯେ ଡକ୍ଟର ଆମ୍ବେଦକର ଏକାଧାରରେ ଜଣେ ଅର୍ଥନୀତିଜ୍ଞ, ଆଇନଜ୍ଞ, ସମାଜ ସଂସ୍କାରକ, ଗବେଷକ, ଦକ୍ଷ ପ୍ରଶାସକ, ଜନନେତା ଓ ରାଷ୍ଟ୍ରନାୟକ ଥିଲେ। ଡକ୍ଟର ଆମ୍ବେଦକରଙ୍କୁ ଦଳିତଙ୍କ ପ୍ରକୃତ ଚାମ୍ପିଅନ ଭାବେ ବର୍ଣ୍ଣନା କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଭାରତୀୟ ଇତିହାସର ଗତିପଥ ପରିବର୍ତ୍ତନକାରୀ ଜଣେ ଦୂରଦୃଷ୍ଟିସମ୍ପନ୍ନ ନେତା ଭାବରେ ଡକ୍ଟର ଆମ୍ବେଦକର ସର୍ବଦା ମନେ ରହିବେ। ୧୯୯୦ରେ ଡକ୍ଟର ବି.ଆର. ଆମ୍ବେଦକରଙ୍କୁ ଭାରତର ସର୍ବୋଚ୍ଚ ସମ୍ମାନ ଭାରତରତ୍ନ ପ୍ରଦାନ କରାଯାଇଥିଲା। ନରେନ୍ଦ୍ର ମୋଦି ପ୍ରଧାନମନ୍ତ୍ରୀ ଭାବେ ଦାୟିତ୍ୱ ନେବା ପରେ ଆମ୍ବେଦକରଙ୍କ କୀର୍ତ୍ତି ଓ ମର୍ଯ୍ୟାଦାକୁ ପୁନଃପ୍ରତିଷ୍ଠା କରାଯାଇଛି ବୋଲି ସେ କହିଥିଲେ।

## ଶ୍ରୀ ଶ୍ରୀ ରାଧାରମଣ କଲୋନୀରେ ମହାବିଷୁବ ସଂକ୍ରାନ୍ତି ପାଳିତ



**ଭୁବନେଶ୍ୱର,୧୪।୪(ସଂଚାର ବ୍ୟୁରୋ):** ଶ୍ରୀ ଶ୍ରୀ ରାଧାରମଣ କଲୋନୀ ତରଫରୁ ମହାବିଷୁବପଣା ସଂକ୍ରାନ୍ତୀ ଉପଲକ୍ଷେ ବିଷୁବ ମିଳନ ଓ ପଣା ବଣ୍ଟନ ଉତ୍ସବ ପାଳିତ ହୋଇଛି। ଏଥିରେ କଲୋନୀର ସଭାପତି ଅରବିନ୍ଦ ସାହୁ ସଭାପତିତ୍ୱ କରିଥିଲେ। ସର୍ବେଶ୍ୱର ନନ୍ଦ, ସୁନାକର ଲେଙ୍କା, ଭୀମସେନ ମଲ୍ଲିଆ, ରାଜାରାମ ରାଉତ, ରାଜେଶ ମହାରଣା, ଭବାନୀ ପ୍ରସାଦ ମଲ୍ଲିଆ, ରଶ୍ମିକାନ୍ତ ପରିଡା, ଶଙ୍କର ମହାପାତ୍ର ପ୍ରମୁଖ ପଣା ପ୍ରସ୍ତୁତି କରିଥିଲେ। ସଂଘର ସାଧାରଣ ସମ୍ପାଦକ ବରଦା ପ୍ରସନ୍ନ ପଟ୍ଟନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ଏକାମ୍ର ବିଧାୟକ ବାବୁ ସିଂ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ।

### ବିଜେପି କାର୍ଯ୍ୟାଳୟରେ ବାବା ସାହେବଙ୍କ ଜୟନ୍ତୀ ପାଳିତ

# ଓଡ଼ିଶାକୁ ସମୃଦ୍ଧ କରି ଆମ୍ବେଦକରଙ୍କ ସ୍ୱପ୍ନ ସାକାର ପାଇଁ ଆହ୍ୱାନ




**ଭୁବନେଶ୍ୱର,୧୪।୪(ସଂଚାର ବ୍ୟୁରୋ):** ସମସ୍ତଙ୍କ ପ୍ରେରଣାର କେନ୍ଦ୍ରବିନ୍ଦୁ ଭାରତରତ୍ନ ବାବାସାହେବ ଡା. ଭୀମରାଓ ଆମ୍ବେଦକରଙ୍କ ୧୩୫ତମ ଜନ୍ମ ଜୟନ୍ତୀ ବିଜେପି ରାଜ୍ୟ କାର୍ଯ୍ୟାଳୟଠାରେ ପାଳିତ ହୋଇଛି। ଏହି ଅବସରରେ ରାଜ୍ୟ ସଭାପତି ମନମୋହନ ସାମଲ ତାଙ୍କ ଅଭିଭାଷଣରେ କହିଛନ୍ତି ଯେ ସମାଜକୁ ନୂଆ ଦିଗ୍‌ଦର୍ଶନ ଦେବାରେ ବାବାସାହେବ ଆଗରେ ଥିଲେ। ବିଭିନ୍ନ ସାମାଜିକ ଓ ରାଜନୈତିକ ଦିଗ ଉପରେ ତାଙ୍କର ଦୃଷ୍ଟିକୋଣ ଆଜି ବି ଉପଯୋଗୀ। ଦଳିତ, ଶୋଷିତ, ଅବହେଳିତ, ଅତ୍ୟାଚାରିତଙ୍କୁ ଆଗଧାଡ଼ିକୁ ଆଣିବା ପାଇଁ ଅହରହ ଉଦ୍ୟମ କରିଥିଲେ ଡ. ଆମ୍ବେଦକର। ସେ ସମାଜରେ ସମାନତା, ସାର୍ବଭୌମତ୍ୱ ଓ ମହିଳା ସଶକ୍ତିକରଣ ଭଳି ବହୁବିଧ ଜନକଲ୍ୟାଣକାରୀ ବ୍ୟବସ୍ଥା ସମ୍ବିଧାନରେ ଯୋଡି ଭାରତୀୟ ଗଣତନ୍ତ୍ରକୁ ସଶକ୍ତ ତଥା ବଳିଷ୍ଠ କରିଥିଲେ। କଂଗ୍ରେସ ସମ୍ବିଧାନର ଦୁରୁପଯୋଗ ଓ ଅସମ୍ମାନ କରିଥିବା ବେଳେ ବିଜେପି ସମ୍ବିଧାନର ମର୍ଯ୍ୟାଦାକୁ ଅତୁଟ ରଖିଛି। ଲୋକଙ୍କ ଇଚ୍ଛାରେ ଆଜି ଜଣେ ଚା' ବିକାଳୀ ଦେଶର ପ୍ରଧାନମନ୍ତ୍ରୀ ହୋଇପାରିଛନ୍ତି। ଆମେ ସମସ୍ତେ ଏକ ହୋଇ କାମ କରିବା। ଭାରତବର୍ଷ ତଥା ଓଡ଼ିଶାକୁ ସମୃଦ୍ଧ ଓ ବିକଶିତ କରି ଆମ୍ବେଦକରଜୀଙ୍କର ସ୍ୱପ୍ନକୁ ସାକାର କରିବା ପାଇଁ ଶ୍ରୀ ସାମଲ ଆହ୍ୱାନ ଦେଇଛନ୍ତି। ଏହି ଅବସରରେ ସନ୍ଧ୍ୟାରେ ଦୀପୋତ୍ସବ ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମରେ ରାଜ୍ୟ ପ୍ରଭାରୀ ବିଜୟ ପାଲ ସିଂ ତୋମର, ରାଜ୍ୟ ସହ-ପ୍ରଭାରୀ ଲତା ଉସେଣ୍ଡୀ, ଅନୁସୁଚିତ ମୋର୍ଚ୍ଚା ରାଜ୍ୟ ସଭାପତି ତଥା ସାଂସଦ ବିଭୁପ୍ରସାଦ ତରାଇ, ଯାଜପୁର ସାଂସଦ ରବିନାରାୟଣ ବେହେରା, ରାଜ୍ୟ ସାଧାରଣ ସମ୍ପାଦକ (ସଂଗଠନ) ମାନସ କୁମାର ମହାନ୍ତି, ରାଜ୍ୟ ସାଧାରଣ ସମ୍ପାଦକ ସାରଦା ଶତପଥୀ, ବରିଷ୍ଠ ନେତା ପ୍ରଫେସର ପୂର୍ଣ୍ଣଚନ୍ଦ୍ର ମଲ୍ଲିକ, ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟ ସୁଶାନ୍ତ ମଲ୍ଲିକ, ଜିଲ୍ଲା ସଭାପତି ନିରଞ୍ଜନ ମିଶ୍ରଙ୍କ ସମେତ ରାଜ୍ୟ ପଦାଧିକାରୀ ଓ କାର୍ଯ୍ୟକର୍ତ୍ତା ଉପସ୍ଥିତ ରହି ବାବାସାହେବଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଶ୍ରୀ ତୋମର କହିଛନ୍ତି ଯେ ଦେଶର ସମ୍ବିଧାନ ପ୍ରଣୟନରେ ବାବାସାହେବ ଡା. ଭୀମରାଓ ଆମ୍ବେଦକର ଭାରତବର୍ଷର ଅମୂଲ୍ୟ ରତ୍ନ ଥିଲେ। ଡା. ଭୀମରାଓ ସମସ୍ତ ଦେଶର ସମ୍ବିଧାନକୁ ଅନୁସନ୍ଧାନ କରି ଆମ ଦେଶ ପାଇଁ ଏକ ନୂତନ ସମ୍ବିଧାନ କରିଛନ୍ତି। କଂଗ୍ରେସ ଏହି ସମ୍ବିଧାନକୁ ନଷ୍ଟ କରିବା ପାଇଁ ବହୁ ଅପଚେଷ୍ଟା କରିଥିଲା, କିନ୍ତୁ ଏଥିରେ ସେ ସଫଳ ହୋଇପାରିଲାନାହିଁ। କଂଗ୍ରେସ ଆମ୍ବେଦକରଙ୍କୁ କେବଳ ଉପେକ୍ଷା କରିନାହିଁ ବରଂ ନିର୍ବାଚନରେ ୩ ଥର ବାଧା ସୃଷ୍ଟି କରିଛି। ସମ୍ବିଧାନ ପ୍ରଣେତା ବାବାସାହେବ ନିଷ୍ପେସିତ ଲୋକଙ୍କ ସ୍ୱର ସାଜି ଅବହେଳିତ, ବଞ୍ଚିତ ଓ ଶୋଷିତ ଲୋକଙ୍କୁ ଯେଉଁ ଉତ୍ଥାନ କରିଛନ୍ତି, ତାହା ଅକଳ୍ପନୀୟ ଓ ଅବିଶ୍ୱସନୀୟ। ଗତ ୧୦ବର୍ଷ ଭିତରେ ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବାବାସାହେବ ଆମ୍ବେଦକରଙ୍କ ଜନ୍ମ ସ୍ଥାନଠୁ ଆରମ୍ଭ କରି କର୍ମସ୍ଥାନକୁ ପଞ୍ଚତୀର୍ଥର ଆଖ୍ୟା ଦେଇଛନ୍ତି। ଏଜି ଛକସ୍ଥିତ ବାବାସାହେବଙ୍କ ପ୍ରତିମୂର୍ତ୍ତିରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି।

ମାତୃକୃପା-ଯେତେବେଳେ ମା'ଙ୍କ ପବିତ୍ର ଶ୍ରୀଚରଣ ଧୂଳି ଆଶୀର୍ବାଦର ମୁକୁଟ ହୋଇ ମସ୍ତକରେ ଝଲସେ, ସେତେବେଳେ ଜୀବନ ଅମୂଲ୍ୟ ଓ ସାର୍ଥକ ହୋଇଯାଏ।

SANCHAR
ସଂଚାର
୪ ମଙ୍ଗଳବାର ୧୫ ଏପ୍ରିଲ ୨୦୨୫, ଭୁବନେଶ୍ୱର
Tuesday 15 April 2025 Bhubaneswar

# ଯୋଗ୍ୟତାକୁ ଉପେକ୍ଷା

ଜାତିଗତ ସଂରକ୍ଷଣ ବ୍ୟବସ୍ଥାକୁ କେତେକ ବିରୋଧ କରି ଆସୁଛନ୍ତି ଏବଂ ସେମାନଙ୍କ ମତରେ ଜାତି ନୁହେଁ, ଆର୍ଥିକ ସ୍ଥିତିକୁ ଦେଖି ସଂରକ୍ଷଣ ସୁବିଧା ପ୍ରଦାନ କରାଯିବା ଉଚିତ। ଏହା ଦ୍ୱାରା ଉଚ୍ଚ ବର୍ଗର ଗରିବ ପିଲାଟିଏ ସଂରକ୍ଷଣ ସିଡ଼ି ଚଢ଼ି ଉପରକୁ ଯାଇପାରିବ। ଏଥିଲାଗି କେନ୍ଦ୍ର ସରକାର ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ଉଚ୍ଚ ଜାତିର ପିଲାଙ୍କ ପାଇଁ ଉଚ୍ଚ ଶିକ୍ଷା ଏବଂ ସରକାରୀ ଚାକିରୀ କ୍ଷେତ୍ରରେ ୧୦% ସଂରକ୍ଷଣ ବ୍ୟବସ୍ଥା କରିଛନ୍ତି। କେନ୍ଦ୍ର ସରକାରଙ୍କ ଏହି ନିଷ୍ପତ୍ତିକୁ ସୁପ୍ରିମକୋର୍ଟ ସବୁଜ ସଙ୍କେତ ପ୍ରଦାନ କରିଛନ୍ତି। ଏଥିଲାଗି ସମ୍ବିଧାନର ୧୦୩ତମ ସଂଶୋଧନକୁ ସୁପ୍ରିମକୋର୍ଟ ବୈଧ ଘୋଷଣା କରିଛନ୍ତି। ଏହା ଫଳରେ ଆର୍ଥିକ ଦୃଷ୍ଟିରୁ ଅନଗ୍ରସର ବ୍ୟକ୍ତିଙ୍କୁ ସଂରକ୍ଷଣ ସୁବିଧା ମିଳିବାରେ ଆଉ କିଛି ଅସୁବିଧା ନାହିଁ। ସମ୍ବିଧାନର ୧୦୩ତମ ସଂଶୋଧନକୁ ବିରୋଧ କରିଥିବା ଜଷ୍ଟିସ ୟୁ ୟୁ ଲଳିତ କହିଥିଲେ ଯେ, କେବଳ ଉଚ୍ଚବର୍ଗର ଗରିବଙ୍କୁ ସଂରକ୍ଷଣ ସୁବିଧା ପ୍ରଦାନ କରାଯିବା ଦ୍ୱାରା ଏସସି/ଏସଟି ଏବଂ ଓବିସି ବର୍ଗ ପ୍ରତି ଅନ୍ୟାୟ ହେଉଛି। କେବଳ ଅସଂରକ୍ଷିତ ବର୍ଗ ନୁହେଁ, ସଂରକ୍ଷିତ ବର୍ଗରେ ଯେଉଁମାନେ ଗରିବ ସେମାନଙ୍କୁ ମଧ ଏହି ସବିଧା ପ୍ରଦାନ କରାଯାଉ। ନଚେତ ସଂରକ୍ଷଣ ବ୍ୟବସ୍ଥାର ମୌଳିକ ଉଦ୍ଦେଶ୍ୟ ବିଫଳ ହେବ। ତା ଛଡ଼ା ଏହା ଏକ ନିର୍ଦ୍ଦିଷ୍ଟ ସମୟସୀମା ପର୍ଯ୍ୟନ୍ତ ସଂରକ୍ଷଣ ବ୍ୟବସ୍ଥା ରହୁ। ଏହାକୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ବଜାୟ ରଖିବା ଅନୁଚିତ। ସ୍ୱାଧୀନତାର ୭୫ ବର୍ଷ ପରେ ବି ସଂରକ୍ଷଣ ବ୍ୟବସ୍ଥା କାଏମ ରହିବା ଏବଂ ଏହା ଅଧିକରୁ ଅଧିକ ସମ୍ପ୍ରସାରିତ ହେବା ଅନୁଚିତ। ଏହା ନିଶ୍ଚିତ ଭାବେ ଗୁରୁତ୍ୱପୂର୍ଣ୍ଣ ଏବଂ ବିଚାରଯୋଗ୍ୟ। କିନ୍ତୁ ସଂରକ୍ଷିତ ବର୍ଗର ଗରିବଙ୍କୁ ଏହି ୧୦%ରେ ସାମିଲ କରାଯିବା ଏକ ଭୁଲ ଚିନ୍ତାଧାରା। ସେମାନେ ଶିକ୍ଷା ଏବଂ ଚାକିରି କ୍ଷେତ୍ରରେ ସଂରକ୍ଷଣ ସୁବିଧା ପାଉଛନ୍ତି। ଯେଉଁମାନେ ଏହାର ଫାଇଦା ଉଠାଇ ପାରୁନାହାନ୍ତି, ସେମାନଙ୍କୁ ପୁଣି ଗରିବ ବୋଲି କହି ଅଧିକ ସଂରକ୍ଷଣ ସୁବିଧା ପ୍ରଦାନ କରାଯିବା ଅସାମ୍ବିଧାନିକ ହେବ। ସଂରକ୍ଷଣ ବ୍ୟବସ୍ଥା ଏକ ସଭ୍ୟ ସମାଜର ପରିଚାୟକ ନୁହେଁ। ସାମାଜିକ ନ୍ୟାୟ ପରିବର୍ତ୍ତେ ଏହା ଏକ ପ୍ରକାର ଆଇନଗତ ଦୁର୍ନୀତି ବୋଲି କହିଲେ ଭୁଲ ହେବ ନାହିଁ। ପାଠ ପଢ଼ିବାକୁ ସମସ୍ତଙ୍କୁ ସମାନ ସବିଧା ମିଳୁ। ସମସ୍ତଙ୍କ ପାଇଁ ସମାନ ସୁଯୋଗ ରହୁ। ଯିଏ ଯୋଗ୍ୟ ସେ ପ୍ରତିଯୋଗିତାରେ ଉତ୍ତୀର୍ଣ୍ଣ ହେବ। ଜଣେ ଉଚ୍ଚ ବର୍ଗର ଛାତ୍ର ପରୀକ୍ଷାରେ ୯୦ ପ୍ରତିଶତ ନମ୍ବର ରଖି ଯାହା ପାଉନାହିଁ, ତାହା ୫୦ ପ୍ରତିଶତ ନମ୍ବର ରଖିଥିବା ସଂରକ୍ଷିତ ବର୍ଗର ଛାତ୍ରଟିଏ ପାଇ ପାରୁଛି। ଏହା ଏକ ସାମାଜିକ କଳଙ୍କ। ଏହାକୁ ସାମାଜିକ ନ୍ୟାୟ କହିବା ସତ୍ୟର ଅପଳାପ କହିଲେ ଭୁଲ ହେବ ନାହିଁ। ଧର୍ମକୁ ଆଖିଠାର ଭଳି ଏହାକୁ ନ୍ୟାୟ ନାମରେ ଅନ୍ୟାୟ ବୋଲି କୁହାଯାଇପାରେ। ଏହା ହିଁ ଭାରତରେ ଘରୋଇକରଣର ମୁଖ୍ୟ କାରଣ ବୋଲି କୁହାଯାଇପାରେ। ଯେଉଁମାନେ ସଂରକ୍ଷଣ ସୁବିଧାରୁ ବଂଚିତ ହୋଇ ସରକାରୀ ଶିକ୍ଷାନୁଷ୍ଠାନରେ ପାଠ ପଢ଼ିବାରୁ ବଂଚିତ ହେଉଛନ୍ତି ବା ସରକାରୀ ଚାକିରି ଖଣ୍ଡେ ପାଇପାରୁନାହାନ୍ତି ସେମାନେ ଘରୋଇ କରଣକୁ ସ୍ୱାଗତ କରୁଛନ୍ତି। ସେମାନେ ଘରୋଇ ସ୍କୁଲରେ ପାଠ ପଢ଼ୁଛନ୍ତି, ବହୁରାଷ୍ଟ୍ରୀୟ କମ୍ପାନୀରେ ଚାକିରିର ସୁଯୋଗ ପାଉଛନ୍ତି। ଯଦି ଭାରତରେ ଆର୍ଥିକ ଉଦାରିକରଣ ହୋଇନଥାନ୍ତା ବା ବଡ଼ ବଡ଼ କମ୍ପାନୀ ଭାରତରେ ସେମାନଙ୍କ କାରବାର ବା କାର୍ଯ୍ୟାଳୟ ପ୍ରତିଷ୍ଠା କରିନଥାନ୍ତେ ତେବେ ଆଜି ଅସଂରକ୍ଷିତ ବର୍ଗ ଆହୁରି ଅବହେଳିତ ହୋଇ ରହିଥାନ୍ତେ। ଆଜି କେନ୍ଦ୍ର ସରକାର ଅସଂରକ୍ଷିତ ବର୍ଗର ଗରିବଙ୍କୁ ସଂରକ୍ଷଣ ସୁବିଧା ପ୍ରଦାନ କରି ସେମାନଙ୍କ ପାଇଁ କିଛିଟା ଆଶାର ସଞ୍ଚାର କରିଛନ୍ତି ସତ, ମାତ୍ର ଏହା ମଧ ଏକ ତ୍ରୁଟିପୂର୍ଣ୍ଣ ବ୍ୟବସ୍ଥା। କାରଣ ବାସ୍ତବରେ ଗରିବ କିଏ ଏବଂ ସେମାନଙ୍କୁ କିଏ ଚିହ୍ନଟ କରିବ, କେଉଁ ମାନଦଣ୍ଡରେ ସେମାନେ ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ଶ୍ରେଣୀର ବୋଲି କୁହାଯିବେ ତାହା ଏକ ଅସମାହିତ ପ୍ରଶ୍ନ। ଏଥିନେଇ ଦୀର୍ଘ ଦିନ ହେବ ବିବାଦ ଚାଲିଛି। କିନ୍ତୁ ଏହାର ସମାଧାନ ହୋଇ ପାରିନାହିଁ। ଏହି ପ୍ରଶ୍ନର ସମାଧାନ ଯେ ପର୍ଯ୍ୟନ୍ତ ନହୋଇଛି ସେ ପର୍ଯ୍ୟନ୍ତ ଉଚ୍ଚବର୍ଗର ଗରିବଙ୍କ ଲାଗି ସ୍ଥାନ ସଂରକ୍ଷଣ ବ୍ୟବସ୍ଥା ସଫଳ ହୋଇପାରିବ ନାହିଁ। ଅନେକ ସ୍ୱଚ୍ଛଳ ପରିବାରର ପିଲା ବ୍ୟବସ୍ଥାରେ ଥିବା ତ୍ରୁଟିକୁ ଆଶ୍ରା କରି ଅନ୍ୟାୟ ଭାବେ ସଂରକ୍ଷଣ ସୁବିଧା ପାଉଛନ୍ତି। ତେଣୁ ଭାରତ ସରକାର ଏହାର ସମାଧାନ କରିବା ଉଚିତ। ତେବେ ଜଷ୍ଟିସ୍ ୟୁ ୟୁ ଲଳିତ ଯାହା କହିଛନ୍ତି ତାହା ବିଚାରଯୋଗ୍ୟ। ସଂରକ୍ଷଣ ବ୍ୟବସ୍ଥା ଏକ ରୁଗ୍ଣ ଚିନ୍ତାଧାରାର ପ୍ରତୀକ। ଏହାକୁ ଚିରକାଳ ପାଇଁ କାଏମ ରଖାଯିବା ନିହାତି ଅବାନ୍ତର ଏବଂ ଅନ୍ୟାୟ। ଏହାର ଦିନେ ଅନ୍ତ ହେବା ଉଚିତ। ସମ୍ବିଧାନ ପ୍ରଣେତା ବାବା ସାହେବ ଆମ୍ବେଦକର ସମ୍ବିଧାନରେ ଏହି ବ୍ୟବସ୍ଥା କରିବା ବେଳେ ସ୍ପଷ୍ଟ ଭାବେ ଉଲ୍ଲେଖ କରିଛନ୍ତି ଯେ, ଏହା ଚିରକାଳ ପର୍ଯ୍ୟନ୍ତ ଚାଲିପାରିବ ନାହିଁ। ଯେଉଁଦିନ ସଂରକ୍ଷିତ ବର୍ଗ ଅନ୍ୟ ଉଚ୍ଚଜାତି ସହ ସମକକ୍ଷ ହୋଇଯିବ ସେହିଦିନ ଏହି ବ୍ୟବସ୍ଥାକୁ ପ୍ରତ୍ୟାହାର କରିନିଆଯିବା ଉଚିତ ଏବଂ ସମସ୍ତଙ୍କ ପାଇଁ ସମାନ ସୁଯୋଗ ସୃଷ୍ଟି ହେବା ଉଚିତ। ତେଣୁ ସଂରକ୍ଷିତ ବର୍ଗରେ ଯେଉଁମାନେ ତିନିପାଡ଼ି ଧରି ସଂରକ୍ଷଣ ସୁବିଧା ପାଇ ଆର୍ଥିକ ଓ ସାମାଜିକ ଦୃଷ୍ଟିରୁ ଅଭିଥାନ ହୋଇ ସାରିଛନ୍ତି ସେମାନେ ଏଥର ସଂରକ୍ଷଣ ବ୍ୟବସ୍ଥାରୁ ବାଦ ପଡ଼ିବା ଉଚିତ। କିନ୍ତୁ ସଂରକ୍ଷିତ ବର୍ଗ ଏ କଥା ଶୁଣିଲେ ଚିହିଁକି ଉଠୁଛନ୍ତି। ସଂରକ୍ଷଣ ରୂପକ ମହୁ ଛାଡ଼ିବାକୁ ନାରାଜ। ସେମାନେ ସାତ ଦଶନ୍ଧି ଧରି ପାଇଆସୁଥିବା ସୁବିଧା ହାତ ଛଡ଼ା କରିବାକୁ ନାରାଜ। ଯେଉଁମାନେ ଏହି ସୁବିଧାରୁ ବଂଚିତ ସେମାନଙ୍କୁ ଉପରକୁ ଉଠାଇ ଲାଗି ସୁଯୋଗ ଦେବାକୁ ସେମାନେ ପ୍ରସ୍ତୁତ ନୁହଁନ୍ତି। ସଂରକ୍ଷଣ ବ୍ୟବସ୍ଥା ହେଉଛି ଯୋଗ୍ୟତାକୁ ଅଣଦେଖା ଏବଂ ଅଯୋଗ୍ୟଙ୍କୁ ପୁରସ୍କୃତ କରିବା। ତେଣୁ ଅସଂରକ୍ଷିତ ବର୍ଗର ଗରିବଙ୍କୁ ୧୦% ସ୍ଥାନ ସଂରକ୍ଷଣ ସୁବିଧା ପ୍ରଦାନ କରାଯିବା ଅନେକ ଦୃଷ୍ଟିରୁ ସ୍ୱାଗତଯୋଗ୍ୟ। କିନ୍ତୁ ଏହା ମଧ ସବୁଦିନ ପାଇଁ ଜାରି ହେବା ଅନୁଚିତ। ଏହା ମଧ ଏକ ନିର୍ଦ୍ଦିଷ୍ଟ ସମୟସୀମା ପର୍ଯ୍ୟନ୍ତ ରହିବା ଉଚିତ। ନଚେତ ସାମ୍ବିଧାନିକ ବିଧିବ୍ୟବସ୍ଥା ଅର୍ଥହୀନ ହୋଇଯିବ। ସଂରକ୍ଷଣ ବ୍ୟବସ୍ଥା ହେଲା ଯୋଗ୍ୟତାକୁ ଉପେକ୍ଷା ଏବଂ ଅଯୋଗ୍ୟ ବ୍ୟକ୍ତିଙ୍କୁ ଆଗକୁ ଠେଲିବାର ଏକ ପ୍ରୟାସ। ଜଣେ ସାଧାରଣ ବର୍ଗର ଗରିବ ବା ନିମ୍ନମଧ୍ୟବିତ୍ତବର୍ଗର ପିଲା ୯୦ ପ୍ରତିଶତ ନମ୍ବର ରଖି ଯାହା ହାସଲ କରିପାରୁନାହିଁ, ତାହା ଜଣେ ଧନୀ କିନ୍ତୁ ତଥାକଥିତ ପଛୁଆ ବର୍ଗର ଛାତ୍ର ୬୦ ପ୍ରତିଶତ ନମ୍ବର ରଖି ହାସଲ କରିପାରୁଛି। ଏହା ଦୁର୍ନୀତି ଏବଂ ଅନ୍ୟାୟ ନୁହେଁ ତ ଆଉ କ'ଣ? ସମାଜବାଦ ଅର୍ଥ ହେଲା ସମସ୍ତଙ୍କୁ ସମାନ ସୁବିଧା। ଯୋଗ୍ୟତା ଦୃଷ୍ଟିରୁ ପଛରେ ପଡ଼ିଥିବା ଜଣେ ବ୍ୟକ୍ତିଙ୍କୁ ଯୋର ଜବରଦସ୍ତ ଭିଡ଼ ନେଇ ଆଗକୁ ଆଣିବା ସାମାଜିକ ନ୍ୟାୟ ନୁହେଁ ବା ସମାଜବାଦ ନୁହେଁ। ଏହା ଏକ ଛଳନାତ୍ମକ ଆଭିମୁଖ୍ୟ। ଭାରତରେ ସଂରକ୍ଷଣ ବ୍ୟବସ୍ଥା ଯୋଗୁ ଅନେକ ମେଧାବୀ ଛାତ୍ର ବିଦେଶକୁ ଚାଲିଯାଉଛନ୍ତି। ଭାରତରେ ସେମାନଙ୍କ ମେଧାର ଉପଯୁକ୍ତ ଭୁଲ୍ୟାୟନ ହୋଇପାରୁନାହିଁ। ଯେ ପର୍ଯ୍ୟନ୍ତ ଏହି ଅନ୍ୟାୟକୁ ଦୂର କରାଯାଇପାରିନାହିଁ, ସେ ପର୍ଯ୍ୟନ୍ତ ଭାରତ ଏକ ବିକଶିତ ରାଷ୍ଟ୍ର ହୋଇପାରିବ ନାହିଁ। ଭାରତକୁ ୨୦୪୭ ସୁଦ୍ଧା ଏକ ବିକଶିତ ଏବଂ ସମୃଦ୍ଧ ରାଷ୍ଟ୍ରରେ ପରିଣତ କରିବାର ଲକ୍ଷ୍ୟ ହାସଲ ନିମନ୍ତେ ପ୍ରଥମେ ସଂରକ୍ଷଣ ବ୍ୟବସ୍ଥାରେ ସଂଶୋଧନ ବା ସଂସ୍କାର ଆଣିବାକୁ ପଡ଼ିବ। ଯେ ପର୍ଯ୍ୟନ୍ତ ଜାତିଧର୍ମ ଆଧାରରେ ଯୋଗ୍ୟତା ଅଣଦେଖା କରାଯାଉଥିବ ସେ ପର୍ଯ୍ୟନ୍ତ ସମାଜ ଆଗେଇ ପାରିବ ନାହିଁ। ଆଉ ସମାଜ ଆଗେଇ ନପାରିଲେ ଦେଶ ଆଗେଇବା ଅସମ୍ଭବ। ସମାଜ ହିଁ ଦେଶର ଆର୍ଥିକ ବିକାଶର ମେରୁଦଣ୍ଡ। ସାମାଜିକ ବିଭେଦ ଏବଂ ଅଶାନ୍ତି ଦୂର ହୋଇନପାରିଲେ ଉନ୍ନତ ଚିନ୍ତାଧାରା ସୃଷ୍ଟି ହେବା ସମ୍ଭବ ନୁହେଁ। ଏକ ସୁସ୍ଥ ଏବଂ ସନ୍ତୁଳିତ ସମାଜ, ଏକ ସୁଦୃଢ଼ ସମାଜରେ ଉତ୍ତମ ନାଗରିକ ସୃଷ୍ଟି ହୋଇପାରିବେ। ଅନ୍ୟାୟର ଶିକାର ହୋଇ କ୍ଷୋଭପୂର୍ଣ୍ଣ ମାନସିକତା ନେଇ କେହି ସମୃଦ୍ଧିର ଚିନ୍ତା କରିପାରିବେ ନାହିଁ। ଏହା ସମାଜର ଅପରାଧ ବୃଦ୍ଧିର ପ୍ରମୁଖ କାରଣ।

# ବ୍ଲାକ୍ ଡାଏମଣ୍ଡ-କଳା ହୀରା-୨



**ପଙ୍କଜ କୁମାର ପାଣିଗ୍ରାହୀ**

ଚତୁର ଅର୍ଥାତ ମାନବିକ ବିଚାର ବିହୀନ ତୀକ୍ଷ୍ଣ ବୁଦ୍ଧି ଯାହା ଅନ୍ୟକୁ ଅଲୌକିକ ସ୍ୱପ୍ନରେ ମୋହିତ କରି ସହଜରେ କବଳିତ କରିବାର ଏକ କଳା! ତଦ୍ୱାରା ନିର୍ବୋଧଙ୍କୁ ମୂଲ୍ୟହୀନ ଶୂନ୍ୟ ରାଇଜରେ ଦିବାସ୍ୱପ୍ନ ଦେଖାଇ ଯଥେଷ୍ଟ ସ୍ୱାର୍ଥ ହାସଲ କରାଯାଇ ପାରେ। ସେହିଭଳି ଚତୁରଙ୍କ ସାମାଜିକ ବିଶେଷତା ଦିନକୁଦିନ ବଢ଼ିବାରେ ଲାଗି ଆଜି ସମୟରେ ସେହିଭଳି ମଣିଷଙ୍କ ସଂଖ୍ୟା ସବୁଠାରୁ ଉର୍ଦ୍ଧରେ। ଅତଏବ ଚତୁର, ସମାଜରେ ଧିରେ ଧିରେ ଏମିତି ଏକ ପରିସ୍ଥିତି ପରିବେଶ ସୃଷ୍ଟି କରିବାରେ ସମର୍ଥ ହେଲେ ଯେ ବର୍ତ୍ତମାନ ସମୟରେ ସେମାନଙ୍କ ମିଥ୍ୟା ଅଲୌକିକ ଦର୍ଶନ ହିଁ ସତ୍ୟ, ଏକକ ଓ ଶେଷରେ ପରିପୂର୍ଣ୍ଣ ବୋଲି ଅନୁଭବ କରୁଛନ୍ତି ସାଧାରଣ ନିର୍ବୋଧ। ତେଣୁ ସମାଜରେ ବାସ୍ତବ ସତ୍ୟର ପରିଚୟ ନଷ୍ଟ ହୋଇ ଆଜି ସମୟରେ ସମ୍ପୂର୍ଣ୍ଣ ଉଭାନ ପ୍ରାୟ ଅବସ୍ଥାରେ ରହିଛି। ସାଧାରଣ ଲୋକଙ୍କ ସମ୍ମୁଖରେ ବାସ୍ତବ ସତ୍ୟର ପ୍ରକଟ କଲେ ସେଗୁଡିକୁ ମିଥ୍ୟା ଓ ଭିତ୍ତିହୀନ ବୋଲି ବିଚାର କରୁଛନ୍ତି ପ୍ରାୟତଃ ସବୁ ବର୍ଗର ମଣିଷ। ସତ୍ୟର ଏକ ପ୍ରକାର ଅନ୍ତ ଘଟିଥିବା ଅନୁଭବ ହେଉଛି ଯାହା ସର୍ବଜନଙ୍କୁ କେବଳ ମିଥ୍ୟାଚାରୀ, ମିଥ୍ୟାଗ୍ରାହୀ କରି ଯଥେଷ୍ଟ ମାତ୍ରାରେ ଲୁଣ୍ଠିତ, ପ୍ରତାରିତ କରୁଛି। ସାଧାରଣ ମଣିଷ କେତେବେଳେ ଶିକ୍ଷା ତ ଆଉ କିଏ ଶୈଖିକତା କୁ ଆଧାର କରି ନିଜକୁ ଜଣେ ବିଶିଷ୍ଟ ଜ୍ଞାନୀ ବା ଜାଣିବା ମଣିଷ ଭଳି ଅନୁଭବ କରି ସତ୍ୟ ଓ ମିଥ୍ୟାର ପ୍ରଭେଦକୁ ଅନୁଭବ, ଅନୁଶୀଳନ କରିବାରେ ଅସମର୍ଥ ରହୁଥିବା ଦେଖିବାକୁ ମିଳିବ ସୂକ୍ଷ୍ମ ଅନୁଧ୍ୟାନ କଲେ। ଫଳତଃ ଚତୁରଙ୍କ ତୀର ସମାଜକୁ ଏମିତି ବିନ୍ଧିଛି ଯାହା ଆଉ କଷ୍ଟଦାୟକ ନହୋଇ ତାହା କେବଳ ଆନନ୍ଦଦାୟକ ଅନୁଭବ ହେଉଛି ସମସ୍ତଙ୍କୁ। ସତ୍ୟବାଦୀ, ସତ୍ୟାଚାରି, ଅନ୍ତର୍ଜ୍ଞାନୀ ମଣିଷଙ୍କ ସାମାଜିକ ମାନ୍ୟତା ଆଉ ଆଦୌ ନାହିଁ ସମାଜରେ ଯାହାଙ୍କୁ ମଣିଷ ସମାଜ ବୁଝିବାରେ ସମର୍ଥ ହୋଇ ପାରୁନାହିଁ।

ଏଠାରେ ଉଲ୍ଲେଖନୀୟ ବିଷୟ ଏହାକି ଯେଉଁ ଅନ୍ତର୍ଜ୍ଞାନୀ, ସତ୍ୟବାଦୀ ମଣିଷ ସମୂହ ସମାଜକୁ ବାସ୍ତବ ସତ୍ୟର ରାହା ଦେଖାଇ ଏକ ମାନବବାଦୀ ସମାଜ ଗଠନ କରିବା ଲକ୍ଷ ରଖିଥା'ନ୍ତି ସେମାନେ ସେହି ରତ୍ନ ହୀରା ସଦୃଶ୍ୟ ଯାହାଙ୍କ ସାମାଜିକ ବିରଳତା କାରଣରୁ ଲୋକେ ଆଉ ତାକୁ ଚିହ୍ନି ପାରୁନାହାନ୍ତି ! ଉପସ୍ଥିତ ସମୟର ଚତୁର, ଭଣ୍ଡ ମଣିଷ ଗୁଡିକ ସମାଜରେ ନିଜର କାୟା ବିସ୍ତାର ପୂର୍ବକ ସାଧାରଣ ନିର୍ବୋଧଙ୍କୁ ପ୍ରତାରିତ, ଲୁଣ୍ଠନ କରୁଛନ୍ତି, ସେମାନେ ସେହି ବ୍ଲାକ ଡାଇମଣ୍ଡ ବା କଳା ହୀରା ସଦୃଶ୍ୟ ମଣିଷ ଯାହାଙ୍କ ସାମାଜିକ ମାନ୍ୟତା ଆଜି ସର୍ବାଗ୍ରେ ରହିଛି। ଅତଏବ ସମଗ୍ର ମଣିଷ ସମାଜ ଆଜି ସେହି ମୂଲ୍ୟହୀନ ଅଙ୍ଗାର ସଦୃଶ୍ୟ ମଣିଷଙ୍କ ପ୍ରେରଣାରେ ମିଥ୍ୟାକୁ ସତ୍ୟ ଭଳି ଗ୍ରହଣ କରି ମାନସିକ ଅସ୍ଥିରତା ମଧରେ ସମ୍ପୂର୍ଣ୍ଣ ନିରାନନ୍ଦରେ ବଂଚୁଛନ୍ତି। ଚତୁର କି'ନ୍ତୁ ସେମାନଙ୍କୁ ପ୍ରତାରିତ ନିଷ୍କ୍ରେସିତ କରି ଯଥେଷ୍ଟ ସୁଖ ସମୃଦ୍ଧିରେ ବଂଚୁଛନ୍ତି। ଲୋକଙ୍କ ତର୍ଜମା ଜ୍ଞାନ ଅଭାବ କାରଣରୁ ଏସବୁ ହେଉଥିବା ବେଳେ ଚତୁର ସେମାନଙ୍କୁ ସେହି ବିଶେଷ ଜ୍ଞାନ ପାଇବାର ସୁବିଧାରୁ ବଂଚିତ ରଖିବା ଷଡ଼ଯନ୍ତ୍ର ମଧ ଜାରି ରଖିଛନ୍ତି !

ଏ ଘଟଣାର ସବିଶେଷ ତଥ୍ୟାବଳୀ ଏତେ କମ୍ ଲେଖା ମାଧମରେ ପ୍ରକାଶ କରିବା ସମ୍ଭବ ନୁହେଁ। ତେଣୁ ଦେଶର ପ୍ରତ୍ୟେକ ଜନବସତିରେ ସାମୁହିକ ପ୍ରଚେଷ୍ଟା ଦ୍ୱାରା ଲୋକଙ୍କୁ କର୍ମଶାଳା କରି ପ୍ରେରଣା ଦିଆଗଲେ ହୁଏତ ସମାଜରେ କିଛି ବାସ୍ତବତାର ଚିତ୍ରଣ କରିହେବ। କି'ନ୍ତୁ ଆଜି ସମୟରେ ଯେଉଁମାନେ ଏସବୁ କାର୍ଯ୍ୟ କରିପାରିବେ ବା କରିବାର ଇଚ୍ଛାଶକ୍ତି ରହିଛି ସେମାନଙ୍କ ଏକତ୍ରିତ ହେବା ମଧ ସମ୍ଭବ ହେଉନାହିଁ। କାରଣ ସେହି କ୍ରୁର ଚତୁର ବର୍ଗର ମଣିଷ ସମୂହ ସମାଜକୁ ଏମିତି ଏକ ପରିସ୍ଥିତି ପରିବେଶରେ ଆଣି ପହଞ୍ଚାଇ ସାରିଲେଣି ଯେ ବର୍ତ୍ତମାନ ଆଉ କାହାର କାହା ସହିତ ଭଲ ସମ୍ପର୍କ ସ୍ଥାପନ ହୋଇପାରୁ ନାହିଁ। ଏମିତିକି ପରିବାର ମଧରେ ଫାଟର ସାଙ୍ଘାତିକ ଚିତ୍ର ଦେଖିବାକୁ ମିଳୁଛି ସର୍ବତ୍ର। ଆଜି ସମୟରେ ଆମକୁ ଏହାର କିଛି ସମାଧାନ କରିବାକୁ ହେବ। ଅନ୍ୟଥା ଭବିଷ୍ୟ ପିଢ଼ିଙ୍କ କଥା କହିଲେ ନସରିବ। (ସମାପ୍ତ)

**ସୋସିଆଲ ଫୋରୁମ (ଭାରତ)**
**ଛତ୍ରପୁର, ଗଞ୍ଜାମ-୭୬୧୦୨୦.**
**ମୋବାଇଲ୍: ୯୪୩୭୩୨୪୯୧୭**

# ଲିଭର ପ୍ରତିରୋପଣ

**ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର**



ଲିଭର ବା ଯକୃତ ଶରୀରର ସବୁଠାରୁ ବଡ ଗ୍ରନ୍ଥି। ଏହା ପାଚନ ପ୍ରକ୍ରିୟାରେ ସହାୟକ ଏକାଧିକ ପାଚନ ରସ ସୃଷ୍ଟି କରେ। ଏହା ଶରୀରକୁ ବିଷମୁକ୍ତ ବା ଡିଟକ୍ସିଫିକେସନ କରିଥାଏ। ଖାଦ୍ୟ, ଔଷଧ ଓ ବିଭିନ୍ନ ହରମୋନ୍ ଇତ୍ୟାଦି ଯକୃତରେ ହଜମ ହୋଇଥାଏ। ଯକୃତ ପିତ୍ତରସ କ୍ଷରଣ କରେ ଯାହା ଚର୍ବି ଓ ଭିଟାମିନ୍ ହଜମରେ ସାହାଯ୍ୟ କରେ। ଶରୀରର ସମସ୍ତ ପ୍ରୋଟିନ୍ ଯକୃତରେ ତିଆରି ହୁଏ। ରୋଗ ପ୍ରତିରୋଧ ଶକ୍ତି ନିୟନ୍ତ୍ରଣରେ ଯକୃତର ପ୍ରମୁଖ ଭୂମିକା ରହିଛି।

ବର୍ତ୍ତମାନ ଯକୃତ ସମ୍ପୃକ୍ତ ରୋଗ ଦ୍ରୁତ ଗତିରେ ବୃଦ୍ଧି ପାଉଛି। ଅତ୍ୟଧିକ ମଦ୍ୟପାନ, ହେପାଟାଇଟିସ୍ ବି ଓ ସି ସଂକ୍ରମଣ, ଲିଭର ଶିରା-ପ୍ରିଶିରାରେ ରକ୍ତ ସଞ୍ଚାଳନ ରୁଦ୍ଧ ହେବା, ଫେଟି ଲିଭର ରୋଗ, ବିଲିଆରୀ ସିରୋସିସ୍, ସ୍କେଲରୋଜିଂ କୋଲାଞ୍ଜାଇଟିସ୍, ଜନ୍ମଗତ ଲିଭର ରୋଗ, ଅଟୋଇମ୍ୟୁନ୍ ଲିଭର ସଂକ୍ରମଣ, ବିଲିୟାରୀ ଏଟ୍ରେସିଆ, ହେପାଟୋବ୍ଲାଷ୍ଟୋମା ଓ ଲିଭର କ୍ୟାନସର ଇତ୍ୟାଦି ଲିଭର ରୋଗର ମୁଖ୍ୟ କାରଣ। ଏହିସବୁ ରୋଗରେ ଆକ୍ରାନ୍ତ ହୋଇ ଯେତେବେଳେ ଯକୃତ ଅକର୍ମଣ୍ୟ ହୋଇଯାଏ ବା ଲିଭର ତାର ନିଜସ୍ୱ କର୍ମ କରିବାରେ ଅସଫଳ ହୁଏ ସେତେବେଳେ ଲିଭର ପ୍ରତିରୋପଣ ଆବଶ୍ୟକ ହୋଇଥାଏ। ବିଭିନ୍ନ ଔଷଧ ମାଧମରେ ଚିକିତ୍ସା କଲେ ମଧ ସମ୍ପୂର୍ଣ୍ଣ ଆରୋଗ୍ୟ ନିମିତ୍ତ ଲିଭର ପ୍ରତିରୋପଣ ନିହାତି ଆବଶ୍ୟକ। ଲିଭର ସିରୋସିସ୍, ଲିଭର କ୍ୟାନସର ଓ ଲିଭର ଫେଲୁଓର୍ ଇତ୍ୟାଦି ରୋଗର ଆରୋଗ୍ୟ ନିମିତ୍ତ ଲିଭର ଟ୍ରାନ୍ସପ୍ଲାଣ୍ଟ ବା ଯକୃତ ପ୍ରତିରୋପଣ ଏକାନ୍ତ ଆବଶ୍ୟକ।

ଲିଭର ପ୍ରତିରୋପଣ ହେଉଛି ଏକ ରୋଗାକ୍ରାନ୍ତ ଲିଭରକୁ ରୋଗୀର ଶରୀରରୁ ବାହାର କରି ସେହି ସ୍ଥାନରେ ଏକ ସୁସ୍ଥ ଲିଭର ବା ତାହାର କିଛି ଅଂଶକୁ ଏକ ଜଟିଳ ଅସ୍ତ୍ରୋପଚାର ମାଧମରେ ରଖିବାର ପଦ୍ଧତି। ସମ୍ପୂର୍ଣ୍ଣ ଯକୃତ ବା ତାହାର ଅର୍ଦ୍ଧେକ ଅଂଶକୁ ଏକ ବ୍ରେନ ଡେ଼ଡ୍ ବା ସୁସ୍ଥ ବ୍ୟକ୍ତି ଦେହରୁ ଅସ୍ତ୍ରୋପଚାର ମାଧମରେ ଆଣି ରୋଗୀର ଶରୀରରେ ରଖିବାର ପଦ୍ଧତିକୁ ଲିଭର ଟ୍ରାନ୍ସପ୍ଲାଣ୍ଟ କୁହାଯାଏ। ଏହି ପ୍ରତିରୋପଣ ହେଉଛି ଏକ ଜୀବନ ରକ୍ଷାକାରୀ ଚିକିତ୍ସା ପଦ୍ଧତି ଯାହା ରୋଗୀକୁ ଏକ ନୂତନ ଜୀବନ ପ୍ରଦାନ କରିଥାଏ। ଆକସ୍ମିକ ଦୁର୍ଘଟଣାରୁ ଯେଉଁ ବ୍ୟକ୍ତିମାନେ ବ୍ରେନ୍ ଡେଡ୍ ହୋଇଯାନ୍ତି ସେମାନଙ୍କର ଶରୀରରୁ ସୁସ୍ଥ ଲିଭର, କିଡ୍‌ନୀ, ଫୁସ୍‌ଫସ୍, କର୍ଣ୍ଣିଆ ଓ ଖାଦ୍ୟନଳୀ ବାହାର କରି ରୋଗୀମାନଙ୍କ ଶରୀରରେ ରଖାଯାଏ, ଯାହାକୁ ମୃତ ଡୋ଼ନ୍‌ର ଟ୍ରାନ୍ସପ୍ଲାଣ୍ଟ କୁହାଯାଏ। ଯେତେବେଳେ ସୁସ୍ଥ ବ୍ୟକ୍ତି ତାଙ୍କର ଅର୍ଦ୍ଧେକ ଲିଭର ତାଙ୍କର ସମ୍ପର୍କୀୟ ରୋଗୀମାନଙ୍କୁ ଦାନ କରନ୍ତି ସେ କ୍ଷେତ୍ରରେ ଜୀବନ୍ତ ଡୋନର୍ ଟ୍ରାନ୍ସପ୍ଲାଣ୍ଟ କୁହାଯାଏ। ଲିଭର ହେଉଛି ଶରୀରର ଏକମାତ୍ର ଗ୍ରନ୍ଥି ଯାହାର ଅସାଧାରଣ ରିଜେନେରେଟିଭ (ବୃଦ୍ଧି) ଶକ୍ତି ରହିଛି। ସେଥିପାଇଁ ଅର୍ଦ୍ଧେକ ଲିଭର ଯାହା ଦାନ କରାଯାଏ ତାହା ୧-୨ ମାସ ମଧରେ ଉଭୟ ଗ୍ରହୀତା ଓ ଦାତାଙ୍କ ଶରୀରରେ ବୃଦ୍ଧି ପାଇ ସାଧାରଣ କର୍ମଦକ୍ଷତାକୁ ଫେରି ଆସେ। ପ୍ରତିରୋପଣ କେନ୍ଦ୍ରରେ ସାଧାରଣତଃ ପ୍ରତିରୋପଣ କରୁଥିବା ସର୍ଜନ, ଲିଭର ବିଶେଷଜ୍ଞ, ରେଡ଼ିଓଲଜିଷ୍ଟ, ପାଥୋଲଜିଷ୍ଟ, ବାଓକେମିଷ୍ଟ୍ରି ବିଶେଷଜ୍ଞ, ଟ୍ରାନ୍ସଫ୍ୟୁଜନ ବିଶେଷଜ୍ଞ,



ମାଇକ୍ରୋବାୟୋଲଜିଷ୍ଟ, କ୍ରିଟିକାଲ କେୟାର ସ୍ପେଶାଲିଷ୍ଟ, ପଲ୍‌ମ୍ୟୁନାରୀ ବିଶେଷଜ୍ଞ ଓ ଆନାସ୍ଥେସିଆ ବିଶେଷଜ୍ଞ ଇତ୍ୟାଦି ବିଭିନ୍ନ ବିଭାଗର ଚିକିତ୍ସକମାନେ ରହି ଏକ ସମ୍ମିଳିତ ଉଦ୍ୟମରେ ଏହି ପ୍ରକ୍ରିୟାକୁ ଆଗେଇ ନିଅନ୍ତି।

ପ୍ରତିରୋପଣ କ୍ଷେତ୍ରରେ ଦାତା (ଡୋନର) ଓ ଗ୍ରହୀତା (ରସିପିଏଣ୍ଟ) ଉଭୟଙ୍କର ସମସ୍ତ ପ୍ରକାର ପରୀକ୍ଷା କରାଯାଏ। ସାଧାରଣତଃ ନିଜ ପରିବାର ବା ରକ୍ତ ସମ୍ପର୍କୀୟମାନେ ରୋଗୀ ନିମିତ୍ତ ଯକୃତ ଦାନ କରିଥାନ୍ତି। ବିଶେଷ କ୍ଷେତ୍ରରେ ଅନ୍ୟ ବ୍ୟକ୍ତିମାନେ ମଧ ଲିଭର ଦାନ କରିପାରନ୍ତି ଯଦି ତାଙ୍କର ରକ୍ତ ସହ ରୋଗୀର ରକ୍ତ ମେଳ ଖାଏ। ଉଭୟ ଦାତା ଓ ଗ୍ରହୀତାଙ୍କର ବିଭିନ୍ନ ପ୍ରକାର ରକ୍ତ ପରୀକ୍ଷା, ଅଲ୍‌ଟ୍ରାସାଉଣ୍ଡ, ଏକ୍ସରେ, ସିଟି ସ୍କାନ୍, ଏମ୍.ଆର.ଆଇ, ଇସିଜି, ଇକୋକାର୍ଡିଓଗ୍ରାଫି, ଏଞ୍ଜିୟୋଗ୍ରାଫି ଦାନ୍ତ ପରୀକ୍ଷା ଓ ମହିଳାମାନଙ୍କ କ୍ଷେତ୍ରରେ ମାମୋଗ୍ରାଫି ଇତ୍ୟାଦି ପରୀକ୍ଷା କରାଯାଏ। ଯକୃତର ପରିମାଣ ମାପିବା ପାଇଁ ବିଭିନ୍ନ ପ୍ରକାର ଏମ୍.ଆର୍.ଆଇ ପରୀକ୍ଷା କରାଯାଏ। ତାହା ସହିତ ଗ୍ରହୀତାର ମାନସିକ, ଆର୍ଥିକ ଓ ସାମାଜିକ ଅବସ୍ଥାକୁ ମାନସିକ ବିଶେଷଜ୍ଞମାନେ ଅନୁଧ୍ୟାନ କରନ୍ତି।

ଯଦି କୌଣସି ବ୍ୟକ୍ତିର ଜୀବାଣୁ ସଂକ୍ରମଣ, ହୃତ୍‌ପିଣ୍ଡ, କିଡ୍‌ନୀ, ଫୁସ୍‌ଫୁସ. ବୃକକ୍‌ର ରୋଗ ବା କ୍ୟାନସର ଇତ୍ୟାଦି ରୋଗ ଥାଏ ସେମାନେ ପ୍ରତିରୋପଣ ପାଇଁ ଉପଯୁକ୍ତ ହୁଅନ୍ତି ନାହିଁ। ଯେଉଁ ରୋଗୀମାନେ ମଦ୍ୟପାନ କରନ୍ତି ଅନ୍ତତଃ ୬ ମାସ ସେମାନେ ମଦ୍ୟପାନରୁ ନିବୃତ୍ତ ହେବା ଆବଶ୍ୟକ। ଉଭୟ ଦାତା ଓ ଗ୍ରହୀତାଙ୍କର ଏକ ସାଙ୍ଗରେ ୨ଟି ଟେବୁଲରେ ଅସ୍ତ୍ରୋପଚାର କରାଯାଏ।

ଅସ୍ତ୍ରୋପଚାର କକ୍ଷରେ ଟ୍ରାନ୍ସପ୍ଲାଣ୍ଟ ସର୍ଜନ ଦାତାଙ୍କ ଦେହରୁ ଯକୃତର ଅର୍ଦ୍ଧେକ ଅଂଶ କାଟି ବାହାର କରନ୍ତି। ଆଉ ଏକ ଟିମ୍ ରୋଗୀର ଦେହରୁ ରୋଗଗ୍ରସ୍ତ ଲିଭରକୁ ବାହାର କରନ୍ତି। ତାପରେ ନୂଆ ଲିଭର ଆସିଲେ ରୋଗୀର ଦେହରେ ତାହା ରଖି ତାର ରକ୍ତ ନଳୀ, ପିତ୍ତନଳୀ ଓ ଅନ୍ୟାନ୍ୟ ରକ୍ତ ଶିରା ସହିତ ଯୋଗାଯୋଗ ରକ୍ଷା କରନ୍ତି, ଯାହାଫଳରେ ନୂଆ ଲିଭରକୁ ରକ୍ତ ସଞ୍ଚାଳନ ଭଲ ଭାବରେ ହୋଇଯାଏ। ଅପାରେସନ୍ ପରେ ରୋଗୀ ସାଧାରଣତଃ ୧ ସପ୍ତାହ ଆଇ.ସି.ୟୁ.ରେ ୨୪ ଘଣ୍ଟା ପରୀକ୍ଷା ନିରୀକ୍ଷା ଭିତରେ ରହେ। ଧୀରେ ଧୀରେ ରୋଗୀ ଭେଣ୍ଟିଲେଟରରୁ ବାହାରି ଆସେ ଓ ଆରୋଗ୍ୟ ଲାଭ କରେ।

ଲିଭର ପ୍ରତିରୋପଣ ଏକ ଜଟିଳ ଚିକିତ୍ସା ପଦ୍ଧତି। ପ୍ରତିରୋପଣ ପରେ ରୋଗୀର ହୁଏତ ସଂକ୍ରମଣ, ରକ୍ତକ୍ଷରଣ, ପିତ୍ତ ଲିକ୍, ଶିରାରେ ରକ୍ତ ପ୍ରବାହିତ ନହେବା ବା ରିଜେକ୍‌ସନ୍ ଇତ୍ୟାଦି କମ୍ପ୍ଲିକେସନ୍ ହୋଇପାରେ। କିନ୍ତୁ ଠିକ୍ ସମୟରେ ଚିକିତ୍ସା କଲେ ସାଧାରଣତଃ ଅନ୍ତତଃ ୯୦ ଶତାଂଶ ରୋଗୀ ୧ ବର୍ଷ ଓ ୭୫ ଶତାଂଶ ରୋଗୀ ୧୦ ବର୍ଷ ପର୍ଯ୍ୟନ୍ତ ସୁସ୍ଥ ଜୀବନଯାପନ କରନ୍ତି। ଏହି ଚିକିତ୍ସା ଭାରତବର୍ଷରେ କତିପୟ କର୍ପୋରେଟ୍ ହସ୍‌ପିଟାଲରେ ଉପଲବ୍ଧ ହୋଇଛି। ଓଡ଼ିଶାର ମହାମହିମ ମାନ୍ୟବର ମୁଖ୍ୟମନ୍ତ୍ରୀ ଏହି ବ୍ୟୟବହୁଳ ଓ ଜଟିଳ ଚିକିତ୍ସା ପଦ୍ଧତିକୁ ଓଡ଼ିଶାରେ ନିଶୁଳ୍କ ଉପଲବ୍ଧ କରିବା ପାଇଁ ସତତ ପ୍ରଚେଷ୍ଟାରେ ଅଛନ୍ତି। ଉଭୟ ଦାତା ଓ ଗ୍ରହୀତା ଏହି ଟ୍ରାନସ୍‌ପ୍ଲାଣ୍ଟ ମାଧମରେ ସୁସ୍ଥ ଜୀବନଯାପନ କରୁଛନ୍ତି।

**ପ୍ରଫେସର, ହେପାଟୋଲୋଜି ବିଭାଗ**
**ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ,**
**ମୋବାଇଲ୍: ୯୪୩୭୦୫୧୯୫୭**

# ଏଆଇସିସିର ପ୍ରସ୍ତାବ



**ସୌଭାଗ୍ୟ ରଂଜନ ମହାନ୍ତି(ରାଜା)**

ନିକଟରେ ଗୁଜରାଟରେ ଅହମ୍ମଦାବାଦରେ ଶେଷ ହୋଇଥିବା ଅଖିଳ ଭାରତ କଂଗ୍ରେସ କମିଟି (ଏଆଇସିସି) ଏବଂ ଦଳର ସର୍ବୋଚ୍ଚ ନୀତି ନିର୍ଦ୍ଧାରକ ଜାତୀୟ କାର୍ଯ୍ୟକାରିଣୀ କମିଟି(ସିଡବ୍ଲୁସି) ର ଦୁଇଦିନିଆ ବୈଠକରେ ଯେଉଁ ସଂକେତ ପ୍ରଦାନ କରିଛି, ତାହା ହେଉଛି ତୃଣମୂଳ ସ୍ତରରେ ସାଂଗଠନିକ ସଂସ୍କାର ଏବଂ ଦଳର ଆଦର୍ଶଗତ ସଂକ୍ରାନ୍ତ ସ୍ପଷ୍ଟତା ଆଣିବା। ଉଲ୍ଲେଖଯୋଗ୍ୟ ଯେ, ଦେଶ ସ୍ୱାଧୀନତା ପରେ ଦୀର୍ଘ ପାଂଚ ଦଶନ୍ଧିରୁ ଅଧିକ ସମୟ ଧରି ଦେଶର ଶାସନ ଡୋରି ଧରିଥିବାବେଳେ ଏବେ ଗତ ଏକ ଦଶନ୍ଧିରୁ ଅଧିକ ସମୟ କ୍ଷମତାଠାରୁ ଦୂରରେ କେବଳ ରହିନାହିଁ, ଗୋଟିଏ ପରେ ଗୋଟିଏ ରାଜ୍ୟରେ ମଧ କ୍ଷମତା ହରାଇଛି। ଦଳର ସାଂଗଠନିକ ସ୍ଥିତି ମଧ ସଂକୁଚିତ ହୋଇଯାଇଛି। ଦଳର ବହୁ ତୁଙ୍ଗ ନେତା ଇସ୍ତଫା ଦେଇ ଅନ୍ୟଦଳକୁ ଚାଲି ଯାଇଛନ୍ତି। ଦେଶର ସର୍ବବୃହତ ଏବଂ ସର୍ବପୁରାତନ ରାଜନୈତିକ ଦଳ ଭାବେ ପରିଚିତ କଂଗ୍ରେସ ଏବେ ଏପରି ଏକ ସ୍ଥିତିରେ ପହଁଚିଛି ଯେ, ନିଜର ସତା ବଂଚାଇବା ଲାଗି ରାଜ୍ୟସ୍ତରରେ ଆଂଚଳିକ ଦଳଗୁଡ଼ିକ ସହ ମେଂଟ କରିବାକୁ ବାଧ ହୋଇଛି। ତଥାପି କେତେକ ରାଜ୍ୟରେ ବିଧାନସଭା ହେଉ ପାର୍ଲିଆମେଂଟ ନିର୍ବାଚନରେ ଖାତା ଖୋଲିବାକୁ କଂଗ୍ରେସ ସମର୍ଥ ହୋଇନାହିଁ। ଏହାର ମୂଳକାରଣ ଦଳର ତୃଣମୂଳ ସ୍ତରରେ ସଂଗଠନ ଭୁଶୁଡ଼ି ପଡିବା ଏବଂ ଆଉ କୌଣସି ଆଦର୍ଶଗତ ମୂଲ୍ୟବୋଧ ନ ରହିବା। ଗୁଜରାଟରେ ଦୀର୍ଘ ୬୪ବର୍ଷ ବ୍ୟବଧାନରେ ଉଭୟ ଏଆଇସିସି ଓ ସିଡବ୍ଲୁସିର ବୈଠକ ଅନୁଷ୍ଠିତ ହୋଇଥିବାବେଳେ ଦୀର୍ଘ ୩୦ବର୍ଷ ହେଲା ମଧ କଂଗ୍ରେସ କ୍ଷମତାଠାରୁ ଦୂରରେ ରହିଛି। ଗୁଜରାଟ ଏବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ରାଜନୀତିରେ ମଡେଲ ଓ ବିଜେପି ଶାସନ ନିୟନ୍ତ୍ରଣାଧୀନ ରହିଛି। ବୈଠକରେ କଂଗ୍ରେସ ସାମ୍ବିଧାନିକ ମୂଲ୍ୟବୋଧ ତଥା ଧର୍ମ ନିରପେକ୍ଷତାକୁ ବହୁବାଦ, ସଂଘୀୟବାଦ ଏବଂ ସମୂହ ବିକାଶ ଉପରେ ନିଜର ସଂକଳ୍ପ ପୁନଃ ଘୋଷଣା କରିଛି। ଯାହାକି ଏବେ ବିପଦରେ ବୋଲି ଦଳ ଅଭିଯୋଗ କରେ। ଦଳର ନେତା ରାହୁଳ ଗାନ୍ଧୀ ସାମାଜିକ ନ୍ୟାୟ, ଦେଶବ୍ୟାପୀ ଜାତ ଭିତିକ ଜନଗଣନା ଏବଂ ସଂରକ୍ଷଣ ବ୍ୟବସ୍ଥାରେ ଥିବା ୫୦ପ୍ରତିଶତ ସୀମା ଉଚ୍ଛେଦ ନେଇ ନିଜର ଆଭିମୁଖ୍ୟ ଦୋହରାଇଛନ୍ତି। ଏହା ହିଁ ଦଳ ଓ କଂଗ୍ରେସ ସରକାରର ଭବିଷ୍ୟତ ନୀତି ଆଧାରିତ ହେବ, ଏଥିରେ ସନ୍ଦେହ ନାହିଁ। ଏଥିସହ ଦଳ ତୃଣମୂଳ ସ୍ତରରେ ସାଂଗଠନିକ ସଂସ୍କାର ଆଣିବା ସହ ତୃଣମୂଳ ସ୍ତରରେ ସଂଗଠନକୁ ସୁଦୃଢ଼ ଏବଂ ସକ୍ରୀୟ କରିବାକୁ ନିଷ୍ପତି ନେଇଛି। ଏହା ବ୍ୟତୀତ ଦଳ ନିଜର ହାଇକମାଣ୍ଡ ସଂସ୍କୃତି ଆଭିମୁଖ୍ୟରେ ପରିବର୍ତ୍ତନ ଆଣିବା ନେଇ ସଂକେତ ପ୍ରଦାନ କରିଛି। ଜିଲ୍ଲାସ୍ତରୀୟ ନେତୃତ୍ୱ ଏବଂ ଜିଲ୍ଲା ନେତୃତ୍ୱ ଦଳର ମୌଳିକ ନିୟମ ସମ୍ପର୍କରେ ନିଷ୍ପତି ନେବର ସହ ଉତରଦାୟିତ୍ୱ ବହନ କରିବ ବୋଲି ଘୋଷଣା କରିଛି। ଯାହାକି ହାଇକମାଣ୍ଡ ସଂସ୍କୃତିର ପରିସମାପ୍ତି ଘଟାଇବା ନେଇ ଆଶା କରାଯାଏ। ଏହା ନିସନ୍ଦେହ ଯେ, କଂଗ୍ରେସ ସମସ୍ତ ରାଜ୍ୟ ଶାଖା ୟୁନିଟରେ କ୍ଷମତା ବିବାଦ, ଆଭ୍ୟନ୍ତରୀ କନ୍ଦଳ , ଗୋଷ୍ଠୀ ବିବାଦ ଅସ୍ମିମଜ୍ଜା ହୋଇଛି, ଯାହାକି ଦଳର ନିର୍ବାଚନ ସମ୍ଭାବନାରେ କ୍ଷତି ପହଁଚାଉଛି। ଉଲ୍ଲେଖଯୋଗ୍ୟ ଯେ, ୨୦୨୪ ଲୋକସଭା ନିର୍ବାଚନରେ କଂଗ୍ରେସ ଦୀର୍ଘ ୧୦ବର୍ଷ ଅପ୍ରତ୍ୟାଶୀତ ସଫଳତା ପାଇଥିଲା। ଯାହା ବିଜେପିକୁ ଏକାକୀ ସରକାର ଗଢ଼ିବାରୁ ବଂଚିତ କରିଥିଲା। ଏହି ସଫଳତା ପରେ ହରିଆନା ଓ ମହାରାଷ୍ଟ୍ର ବିଧାନସଭା ନିର୍ବାଚନ ଦଳ ସଫଳତା ପାଇବା ନେଇ କେବଳ ଗଣ ମାଧମରେ କେନ୍ଦ୍ର ବିନ୍ଦୁ ନଥିଲା, କଂଗ୍ରେସ ସପକ୍ଷରେ ଏକ ହାୱା ମଧ ସୃଷ୍ଟି ହୋଇଥିଲା। ମାତ୍ର ଦଳରେ ଗୋଷ୍ଠୀ କନ୍ଦଳ ଯୋଗୁଁ କଂଗ୍ରେସ ଜିତି ଜୁତୁ ହରିଆନାରେ ହାରିଯାଇଥିବାବେଳେ ମହାରାଷ୍ଟ୍ରରେ ଘୋର ବିଦ୍ୟାୟର ସମ୍ମୁଖୀନ ହୋଇଥିଲା। ଦିଲ୍ଲୀ ବିଧାନସଭା ନିର୍ବାଚନରେ ଦଳ ଖାତା ଖୋଲିପାରିନଥିଲା। ଏହା ସତ୍ୟ ଯେ, ସର୍ବପୁରାତନ ଜାତୀୟ ଦଳ କଂଗ୍ରେସରେ ଗୋଷ୍ଠୀ କନ୍ଦଳ, ପରସ୍ପରର ଗୋଡ ଟଣା ଟଣି କାହିଁ କେତେ ବର୍ଷରୁ ଏକ ସଂସ୍କୃତି, ପରମ୍ପରାରେ ପରିଣତ ହୋଇଛି। ତେବେ ସବୁ କ୍ଷେତ୍ରରେ ହାଇକମାଣ୍ଡ ନିଷ୍ପତି ନେଇଥାନ୍ତି। ଅହମ୍ମଦାବାଦ ବୈଠକରେ ହାଇକମାଣ୍ଡ ଓ ଗୋଷ୍ଠି କନ୍ଦଳ, ସଂସ୍କୃତିର ପରିସମାପ୍ତ ପାଇଁ ଦଳ ପ୍ରସ୍ତାବ ଗ୍ରହଣ କରିବା ନିଶ୍ଚିତ ଭାବେ ଶୁଭଙ୍କର ବୋଲି କୁହାଯାଇପାରେ।

**ସମ୍ମାନ ଭବନ, ପ୍ଲଟ ନଂ-୫୮/୩୫୮୧, ଗାଙ୍ଗୋତ୍ରୀ ନଗର,**
**ରୋଡ ନଂ-୩, ଶିଶୁପାଳଗଡ,-୭୫୧୦୦୨**
**ମୋବାଇଲ: ୭୯୭୮୬୬୬୪୦୩**

# କାଡରିଆକ୍ କେଥେଟରାଇଜେସନ



**ପ୍ରଫେସର ଡାକ୍ତର ଚନ୍ଦ୍ରକାନ୍ତ ମିଶ୍ର**

କାଡରିଆକ୍ କେଥେଟରାଇଜେସନ ପରୀକ୍ଷା ଦ୍ୱାରା ହୃଦୟର ସାମ୍ପ୍ରତିକ ସ୍ଥିତି ଓ ଏହାର କାର୍ଯ୍ୟକାରିତା ଜଣାପଡ଼େ। ଏହାକୁ କୋରୋନାରୀ ଏନ୍‌ଜିଓଗ୍ରାମ କୁହାଯାଏ। ତେବେ ଏଥିରେ ସମ୍ଭାବ୍ୟ ବିପଦଟି ହେଉଛି ରକ୍ତସ୍ରାବ ହୋଇପାରେ ବା କ୍ୟାଥେଟର ଲଗାଯାଉଥିବା ବେଳେ ନଳୀର ଧମନୀ ନଷ୍ଟ ହେବାର ସମ୍ଭାବନା। ସେହିପରି ଆଉ ଏକ ପରୀକ୍ଷା ହେଉଛି ଇଲେକ୍ଟ୍ରୋ ଭିଜିଓଲୋଜି ଟେଷ୍ଟ। ଯାହାଦ୍ୱାରା ହୃଦୟର ଇଲେକ୍ଟ୍ରିକାଲ ପାଥୱେ ପରୀକ୍ଷା ଦ୍ୱାରା ହୃଦସ୍ପନ୍ଦନ ଅନିୟମିତତାର କାରଣ ଧରାପଡ଼େ। ସେହିପରି ଆଉ ଏକ ହାର୍ଟ ଇମେଜିଂ ପରୀକ୍ଷାର ନାମ ହେଉଛି ସିଟି ହାର୍ଟ ସ୍କାନ। ଯେଉଁଥିରେ ଇନଟ୍ରାଭେନ୍‌ସ ଡାଇର ବ୍ୟବହାର ଦ୍ୱାରା କିମ୍ବା ରକ୍ତ ସଞ୍ଚାଳନ ଓ ହୃଦୟର ସଂରଚନାର ସର୍ବଶେଷ ସ୍ଥିତି ପରୀକ୍ଷାରୁ ଜଣାପଡ଼େ। ଆଉ ଏକ ପରୀକ୍ଷା ହେଉଛି ହାର୍ଟ ଏମ୍‌ଆରଆଇ। ଏହି ପରୀକ୍ଷାରେ ହୃଦ୍‌ରୋଗୀଙ୍କ ହୃତ୍‌ପିଣ୍ଡ, ଛାତି, ହୃତ୍‌ପିଣ୍ଡର ଭିତର ଅଂଶର କାର୍ଯ୍ୟକାରିତା, ଫୁସ୍‌ଫୁସ୍‌ର ଆକଳନ କରାଯାଏ। ଏହି ପରୀକ୍ଷାରୁ ରୋଗୀ ଜଣକ ଜନ୍ମଗତ ହୃଦ୍‌ରୋଗର ହୋଇଥିଲେ ସହଜରେ ଜଣାପଡ଼ିଯାଏ। ତେବେ ଅନେକଙ୍କ ଭୁଲ ଧାରଣା ଥାଏ ଯେ ଏହି ଏମ୍‌ଆରଆଇ ପରୀକ୍ଷାରେ ବ୍ୟବହାର ହେଉଥିବା ତେଜସ୍କ୍ରିୟ ତରଙ୍ଗ ଓ ଚୁମ୍ବକୀୟ କ୍ଷେତ୍ରର କୌଣସି ପରିପାଶ୍ୱିର୍କ ପ୍ରଭାବ ରହିନଥାଏ। ଆଉ ଏକ ବଡ଼ ପରୀକ୍ଷା ହେଉଛି ପେସ୍‌ମେକର ଓ ଆଞ୍ଜିଓପ୍ଲାଷ୍ଟି। ଜଣେ ଜଣେ ହୃଦ୍‌ରୋଗୀଙ୍କ ହୃଦୟ ସ୍ପନ୍ଦନରେ ଅନିୟମିତତା ବା ବିଲକ୍ଷଣ ଦେଖାଦେଇଥାଏ। ଏହି ପରୀକ୍ଷାଟି ହେଉଛି କୃତ୍ରିମ ଭାବରେ ପ୍ରସ୍ତୁତ ଏକ ସ୍ୱାସ୍ଥ୍ୟପ୍ରଦ ବିଦ୍ୟୁତ୍ ସ୍ରୋତ ପ୍ରଦାନକାରୀ ଯନ୍ତ୍ରକୁ ଛାତିରେ ଲଗାଯାଇଥାଏ। ଯାହାକି ରୋଗୀଟିର ହୃଦ୍‌ସ୍ପନ୍ଦନ କ୍ରିୟାରେ ସାହାଯ୍ୟ ଯୋଗାଏ। ଯାହାକୁ ଚିକିତ୍ସା ଶାସ୍ତ୍ରର ଭାଷାରେ କାଡରିଆକ୍ ପେସ୍‌ମେକର ବା ହୃତ୍‌ପିଣ୍ଡର ବିଦ୍ୟୁତ୍ ଚାଳକ କୁହାଯାଏ। ସେହିପରି ରକ୍ତବାହିନୀରେ ରହିଥିବା ବିକୃତିର ଗଠନକୁ ଆଞ୍ଜିଓପ୍ଲାଷ୍ଟ କୁହାଯାଏ। ରକ୍ତ ସଞ୍ଚାଳନରେ ରୋଗୀଟି ଶରୀରରେ କୌଣସି ବାଧକ ସୃଷ୍ଟି ହେଉଥିଲେ ହୃଦ୍‌ଚିକିତ୍ସାର ନିର୍ଦ୍ଦିଷ୍ଟ ଅସ୍ତ୍ରପଚାର ଦ୍ୱାରା ଠିକ୍ କରାଯାଏ। ସେଠାରେ ତ୍ରୁଟି ରହିଥିବା ଅଂଶଟିକୁ କଢ଼ାଯାଇ ଭିନ୍ନ ଏକ ସୁସ୍ଥ ଧମନୀର ସମାନ ମାପର ଅଂଶକୁ ପ୍ରତିରୋପଣ କରାଯାଏ। ସେହିପରି ଆଉ ଏକ ଅଛି ସାଧାରଣରେ ବୁଝାଯାଉଥିବା କୋଲେଷ୍ଟେରୋଲ। ଏଥିରେ କେବଳ ହୃଦ୍‌ରୋଗୀ ନୁହେଁ ଯେ କୌଣସି ଲୋକଙ୍କର ହୃଦୟର ଗୁରୁତ୍ୱପୂର୍ଣ୍ଣ ସ୍ୱାସ୍ଥ୍ୟ କ୍ଷେତ୍ରରେ କୋଲେଷ୍ଟେରୋର ଭୂମିକା ରହିଥାଏ। ରକ୍ତରେ ଅଧିକ ମାତ୍ରାରେ କୋଲେଷ୍ଟେରୋଲ କୋରୋନାରୀ ହାର୍ଟ ଡିଜିଜ୍ ଓ ଭୟାନକ ଷ୍ଟ୍ରୋକର ଗୁରୁତ୍ୱପୂର୍ଣ୍ଣ ଓ ବହୁତ ବଡ଼ କାରଣ। ତେଣୁ ନିୟମିତ ବ୍ୟବଧାନରେ କୋଲେଷ୍ଟେରୋଲ ପରୀକ୍ଷା କରିବା ଜରୁରୀ। ସମସ୍ତେ ଜାଣନ୍ତି ସ୍ୱାସ୍ଥ୍ୟ ହିଁ ଅମୂଲ୍ୟ ସମ୍ପଦ ତେବେ ବର୍ତ୍ତମାନର ସମୟକୁ ଦେଖିଲେ ଆମ ମାନଙ୍କ ଭିତରେ ଜୀବନଶୈଳୀ, ବିଶ୍ରାମ, ଖାଦ୍ୟପାନୀୟ ଓ କର୍ମକ୍ଷେତ୍ର ବା ପାରିବାରିକ ଘଟଣାକୁ ନେଇ ବିଭିନ୍ନ ମାନସିକ ଚାପ ଅନେକ ରୋଗର କାରଣ ପାଲଟୁଛି। ବର୍ତ୍ତମାନ ସମୟରେ ହୃଦ୍‌ରୋଗୀଙ୍କ ସଂଖ୍ୟା ଦିନକୁ ଦିନ ବଢ଼ିବାରେ ଲାଗିଛି।

ନିୟମିତ ଜୀବନଶୈଳୀରେ ଖାଦ୍ୟପେୟ, ବିଶ୍ରାମ, ବ୍ୟାୟାମ, ନିଶା ସେବନ ଠାରୁ ଦୂରେଇ ରହିବା ଓ ବିଭିନ୍ନ ଚାପକୁ ସନ୍ତୁଳିତ ରଖିବା ଦ୍ୱାରା ହୃଦ୍‌ରୋଗ ଠାରୁ ଦୂରେଇ ପାରିବା। ସମସ୍ତେ ଜାଣନ୍ତି ହୃଦ୍‌ରୋଗର ପ୍ରମୁଖ କାରଣ ହେଉଛି ମେଦବହୁଳତା, ନିଶା ସେବନ, ଅଳସୁଆମୀ, ମଧୁମେୟ ବା ଡାଇବେଟିସ, ରକ୍ତଚାପ ବା ହାଇପର ଟେନସନ୍। ଏହି କ୍ଷେତ୍ରରେ ନିଜେ ନିଜର ଚିକିତ୍ସକ ସାଜି ସ୍ୱାସ୍ଥ୍ୟ କ୍ଷେତ୍ରକୁ ଭଲ ଭାବେ ବୁଝି ସମର୍ଥ ହେଲେ ଆପଣଙ୍କ ପାଇଁ ହୃଦରୋଗ ଭୟାନକ ଚେହେରା ଦେଖାଇ ପାରିବ ନାହିଁ।

**ପ୍ରଫେସର, ହୃଦ୍‌ରୋଗ ବିଭାଗ,**
**ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ**

ୱାକଫ୍ ଆଇନ ବିରୋଧରେ ପୁଣି ହିଂସା

# ଦକ୍ଷିଣ ୨୪ ପରଗନା ଜିଲ୍ଲାରେ ପୁଲିସ ଗାଡ଼ି ପୋଡ଼ିଦେଲେ ଲୋକେ



**ନୂଆଦିଲ୍ଲୀ,୧୪।୪:** ୱାକଫ ସଂଶୋଧନ ଆଇନ ବିରୋଧରେ ସୋମବାର (୧୪ ଏପ୍ରିଲ, ୨୦୨୫) ପଶ୍ଚିମବଙ୍ଗରେ ପୁଣି ଥରେ ହିଂସା ଦେଖାଦେଇଛି। ଦକ୍ଷିଣ ୨୪ ପରଗନାର ଭାଙ୍ଗରରେ, ପ୍ରଦର୍ଶନକାରୀମାନେ ପୋଲିସ ଗାଡ଼ିଗୁଡ଼ିକୁ ନିଆଁ ଲଗାଇ ଦେଇଥିଲେ ଏବଂ ପ୍ରବଳ ଭଙ୍ଗାରୁଜା ମଧ୍ୟ କରିଥିଲେ। ହିଂସା ପରେ ଏହି ଅଞ୍ଚଳରେ ବହୁ ସଂଖ୍ୟକ ପୋଲିସ ମୁତୟନ କରାଯାଇଛି।
ୱାକଫ ଆଇନକୁ ବିରୋଧ କରି ଗତ କିଛି ଦିନ ଧରି ପଶ୍ଚିମବଙ୍ଗରେ ଚାଲିଥିବା ହିଂସା ବନ୍ଦ ହେବାର କୌଣସି ସଙ୍କେତ ଦେଖାଯାଉନାହିଁ। ସୋମବାର ପୂର୍ବରୁ, ପଶ୍ଚିମବଙ୍ଗର ଦକ୍ଷିଣ ୨୪ ପରଗନାରେ, ଆଇଏସ୍ଏଫ୍ ବିଧାୟକ ନୌସାଦ ସିଦ୍ଦିକୀ ୱାକଫ ଆଇନ ବିରୋଧରେ ପ୍ରତିବାଦ କରୁଥିଲେ, ଯେଉଁଥିରେ ପୋଲିସ ପ୍ରତିବାଦକାରୀମାନଙ୍କୁ ଯୋଗଦେବାରୁ ବାରଣ କରିଥିଲା। ଏହା ପରେ, ପ୍ରଦର୍ଶନକାରୀମାନେ ହିଂସାତ୍ମକ ହୋଇ ପଡ଼ିଲେ ଏବଂ ବରମପୁରରେ ରାସ୍ତା ଅବରୋଧ କଲେ, ଯାହା ପରେ ପୋଲିସ ଲାଠିଚାର୍ଜ କଲା।
ମୁର୍ଶିଦାବାଦ ହିଂସା ସମ୍ପର୍କରେ ପଶ୍ଚିମବଙ୍ଗ ସିପିଆଇ(ଏମ୍) ରାଜ୍ୟ ସମ୍ପାଦକ ମହମ୍ମଦ ସଲିମ୍ କହିଛନ୍ତି, "ବହୁତ ଚେଷ୍ଟା ପରେ, ମୁଁ ସେହି ସ୍ଥାନରେ ପହଞ୍ଚିପାରିଲି ଯେଉଁଠାରେ ସମସ୍ତ ହିଂସା ଘଟିଥିଲା ଏବଂ ଲୋକଙ୍କୁ ହତ୍ୟା କରାଯାଇଥିଲା। ପୋଲିସ ସେଠାରେ ଉପସ୍ଥିତ ନଥିଲା। ଗାଁ ଲୋକଙ୍କ ବାରମ୍ବାର ଅନୁରୋଧ ସତ୍ତ୍ୱେ, ପୋଲିସ ଦଙ୍ଗାକାରୀଙ୍କୁ ହଙ୍ଗାମା କରିବାକୁ ଅନୁମତି ଦେଇଥିଲା। ସମଗ୍ର ଗାଁ ପୋଡ଼ି ଦିଆଯାଇଥିଲା, ନଷ୍ଟ କରାଯାଇଥିଲା, ଲୁଟ କରାଯାଇଥିଲା ଏବଂ ସେଠାରେ କୌଣସି ପୋଲିସ କିମ୍ବା ଅଗ୍ନିଶମ ବାହିନୀ ନଥିଲା।"
ପଶ୍ଚିମବଙ୍ଗ ଭାଜପା ସଭାପତି ସୁକାନ୍ତ ମଜୁମଦାର ସୋମବାର ମାଲଦାର ଏକ ସ୍କୁଲରେ ସ୍ଥାପିତ ଏକ ରିଲିଫ୍ ଶିବିର ପରିଦର୍ଶନ କରିଛନ୍ତି ଯେଉଁଠାରେ ୱାକଫ୍ ସଂଶୋଧନ ଆଇନର ପ୍ରତିବାଦରେ ହୋଇଥିବା ଆକ୍ରମଣ ପରେ ମୁର୍ଶିଦାବାଦର ଅନେକ ହିନ୍ଦୁ ପରିବାର ଆଶ୍ରୟ ନେଇଛନ୍ତି। ମଜୁମଦାର ବିସ୍ଥାପିତ ପରିବାରମାନଙ୍କୁ ଭେଟିଥିଲେ ଏବଂ ପରେ ପ୍ରଭାବିତ ଲୋକଙ୍କୁ ସହାୟତା ପାଇଁ ସ୍ଥାପିତ ଏକ ସ୍ୱତନ୍ତ୍ର ନିୟନ୍ତ୍ରଣ କକ୍ଷ ପରିଦର୍ଶନ କରିଥିଲେ। ତୃଣମୂଳ କଂଗ୍ରେସ ରାଜ୍ୟସଭା ସଦସ୍ୟ ସାକେତ ଗୋଖଲେ କେନ୍ଦ୍ରମନ୍ତ୍ରୀ ଏବଂ ବଙ୍ଗଳା ବିଜେପି ସଭାପତି ସୁକାନ୍ତଙ୍କ ଉପରେ ପଶ୍ଚିମବଙ୍ଗରେ ଦଙ୍ଗା ସୃଷ୍ଟି କରିବାକୁ ଚେଷ୍ଟା କରୁଥିବା ଅଭିଯୋଗ କରିଥିଲେ।

ବନ୍ଧାହେଲେ ପିଏନବି ଘୋଟାଲା ମୁଖ୍ୟ ଅଭିଯୁକ୍ତ

# ଭାରତର ପ୍ରତ୍ୟର୍ପଣ ଦାବି, ବିଚାର କରୁଛି ବେଲଜିୟମ୍



**ନୂଆଦିଲ୍ଲୀ,୧୪।୪:** ବହୁଚର୍ଚ୍ଚିତ ପଞ୍ଜାବ ନ୍ୟାସନାଲ ବ୍ୟାଙ୍କ (ପିଏନ୍ବି) ଘୋଟାଲା ମାମଲାର ମୁଖ୍ୟ ଅଭିଯୁକ୍ତ ତଥା ବିଶିଷ୍ଟ ହୀରା ବ୍ୟବସାୟୀ ମେହୁଲ ଚୋକସି ଗିରଫ ହୋଇଛନ୍ତି। ତାଙ୍କୁ ଗତ ୧୨ ତାରିଖରେ ବେଲଜିୟମରେ ଗିରଫ କରାଯାଇଥିବା ଜଣାପଡ଼ିଛି। ପିଏନ୍ବି ଦୁର୍ନୀତି ମାମଲାରେ ଦୀର୍ଘଦିନ ଧରି ଚୋକ୍ସୀ ଫେରାର ଥିଲେ। ଭାରତ ସରକାରଙ୍କ ଅପିଲ ପରେ ବେଲଜିୟମରୁ ଗିରଫ ହୋଇଛନ୍ତି ମେହୁଲ । ତାଙ୍କ ନାମରେ ୧୩ ହଜାର କୋଟି ଟଙ୍କାର ଠକେଇ ଅଭିଯୋଗ ରହିଛି । ଖୁବଶୀଘ୍ର ତାଙ୍କୁ ଭାରତ ଆଣିବାକୁ କେନ୍ଦ୍ର ସରକାର ଦାବି ଉପସ୍ଥାପନ କରିସାରିଥିବା ବେଳେ ଏହା ଉପରେ ବେଲଜିୟମ୍ ସରକାର ବିଚାର କରୁଥିବା ସ୍ପଷ୍ଟ କରିଛନ୍ତି। ଯଦି ସେ ଭାରତ ଫେରନ୍ତ, ତା'ହେଲେ ଏହା ଭାରତର ଆଉ ଏକ ପ୍ରମୁଖ କୂଟନୈତିକ ବିଜୟ ହେବ ।
ଗତ ୨୦୧୮ ଜାନୁଆରୀ ୨ ତାରିଖରେ ଭାରତରୁ ଫେରାର ହୋଇଯାଇଥିଲେ ଚୋକ୍ସୀ। ବର୍ଷ ବର୍ଷ ଧରି ଚାଲିଥିବା ପ୍ରୟାସରେ ଚୋକସୀଙ୍କୁ ଗିରଫ କରିବା ଏକ ମହତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି କୁହାଯାଉଛି। ସିବିଆଇକୁ ଅନୁରୋଧ ପରେ ଚୋକସୀ ଗିରଫ ହୋଇଛନ୍ତି ।
ବେଲଜିୟମର ଏକ ହସ୍ପିଟାଲରୁ ତାଙ୍କୁ ଗିରଫ କରାଯାଇଥିବା ଜଣାପଡ଼ିଛି। କୁହାଯାଉଛି କି ଭାରତୀୟ ତଦନ୍ତ ଏଜେନ୍ସିର ଅନୁରୋଧ ପରେ ଚୋକସୀଙ୍କୁ ଗିରଫ କରାଯାଇଛି ।
ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ଓ ସିବିଆଇ ଯେବେଠାରୁ ଚୋକସୀଙ୍କ ପ୍ରତ୍ୟର୍ପଣ ନେଇ ଉଦ୍ୟମ କରିଛନ୍ତି, ତା'ର କିଛିଦିନ ପରଠାରୁ ସେ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ଏବେ ତାଙ୍କୁ ଭାରତ ଅଣାଯିବା ନେଇ ପ୍ରସ୍ତୁତି ଆରମ୍ଭ ହୋଇଛି । ଚୋକ୍ସୀ ପିଏନ୍ବିରୁ ହୋଇଥିବା ୧୩ ହଜାର ୮୫୦ କୋଟି ଟଙ୍କାର ଘୋଟାଲାରେ ସାମିଲ ରହିଛନ୍ତି। ତାଙ୍କ ପୁରା ନୀରବ ମୋଦି ମଧ୍ୟ ଏହି ମାମଲାରେ ଅନ୍ୟତମ ଅଭିଯୁକ୍ତ ଅଛନ୍ତି। ଚୋକସୀଙ୍କ ପତ୍ନୀ ପ୍ରୀତି ଚୋକସୀ ବେଲଜିୟମର ନାଗରିକ। ମିଡିଆ ରିପୋର୍ଟ ଅନୁସାରେ ଚୋକ୍ସୀ ବେଲଜିୟମରେ ରହିବାକୁ ଜାଲ ଦସ୍ତାବିଜ ବ୍ୟବହାର କରିଥିଲେ। ଏହାଦ୍ୱାରା ସେ ଭାରତକୁ ଫେରିବାରୁ ବିରତ ରହିପାରିବେ ବୋଲି ଚିନ୍ତା କରିଥିଲେ। ୨୦୧୮ରେ ସେ ତାଙ୍କ ପରିବାର ସହ ପ୍ରଥମେ ଆଣ୍ଟିଗୁଆ ପଳାଇଯାଇଥିଲେ। କାରଣ ଏହା ପୂର୍ବରୁ ଅର୍ଥାତ୍ ଗତ ୨୦୧୭ରେ ତାଙ୍କୁ ସେଠାକାର ନାଗରିକତା ମିଳିସାରିଥିଲା।
ସୂଚନାଯୋଗ୍ୟ ଯେ ପିଏନ୍ବି ଘୋଟାଲା ଦେଶର ସବୁଠୁ ବଡ଼ ବ୍ୟାଙ୍କ ଘୋଟାଲା। ପଞ୍ଜାବ ନ୍ୟାସନାଲ ବ୍ୟାଙ୍କରୁ ହଜାର କୋଟି ଟଙ୍କାର ଘୋଟାଲାରେ ଚୋକସୀ ଓ ନୀରବ ଅଭିଯୋଗ ରହିଥିବା ବେଳେ ସେମାନେ ବ୍ୟାଙ୍କ୍କୁ ୬୦୯୭.୬୩ କୋଟି ଟଙ୍କାର କ୍ଷତି ପହଞ୍ଚାଇଥିଲେ। ୨୦୧୪ରୁ ୨୦୧୭ ମଧ୍ୟରେ ସେମାନେ ଏହି ଟଙ୍କା ହଡ଼ପ କରିନେଥିବା ବେଳେ ଏଥିରେ ସେମାନଙ୍କୁ ବ୍ୟାଙ୍କ୍ର କେତେକ କର୍ମଚାରୀ ସହଯୋଗ କରିଥିବା ଅଭିଯୋଗ ହୋଇଥିଲା। ତେବେ ଚୋକ୍ସୀ ଗିରଫ ହେବା ମୋଦି ସରକାରଙ୍କ ଏକ ବଡ଼ ବିଜୟ ବୋଲି ଆଇନ ମନ୍ତ୍ରୀ ଅର୍ଜୁନ ରାମ ମେଘୱାଲ୍ କହିଛନ୍ତି।

## ଟ୍ରମା ସେଣ୍ଟରରେ ପଶିଗଲା ଆମ୍ବୁଲାନ୍ସ




**ନୂଆଦିଲ୍ଲୀ,୧୪।୪:** ଯେତେବେଳେ କେହି ଅସୁସ୍ଥ ହୁଅନ୍ତି କିମ୍ବା ଦୁର୍ଘଟଣା ଘଟେ, ପ୍ରଥମେ ଆମ୍ବୁଲାନ୍ସକୁ ଡକାଯାଏ। ରୋଗୀଙ୍କୁ ଚିକିତ୍ସା ପାଇଁ ଡାକ୍ତରଖାନାରୁ ଆମ୍ବୁଲାନ୍ସ ଦ୍ରୁତ ଗତିରେ ଚାଲିଯାଏ, କିନ୍ତୁ ଯେତେବେଳେ ଆମ୍ବୁଲାନ୍ସ ଦୁର୍ଘଟଣାର ଶିକାର ହୁଏ, ସେତେବେଳେ କ'ଣ ହୁଏ? ପ୍ରକୃତରେ, ସୋସିଆଲ ମିଡିଆରେ ଏକ ଭିଡିଓ ବହୁତ ଭାଇରାଲ ହେଉଛି, ଯେଉଁଥିରେ ଆମ୍ବୁଲାନ୍ସ ଡ୍ରାଇଭର ଏତେ ତରବର ଥିଲେ ଯେ ସେ ହସ୍ପିଟାଲ ପହଞ୍ଚିବା ସମୟରେ ବ୍ରେକ ଲଗାଇବାକୁ ଭୁଲିଗଲେ। ଏହା ପରେ, କ'ଣ ହେଲା ତାହା ଦେଖିଲେ, ଆପଣ ଆଶ୍ଚର୍ଯ୍ୟ ହୋଇଯିବେ। ଭାଇରାଲ ଭିଡିଓରେ, ଏକ ଆମ୍ବୁଲାନ୍ସ ହସ୍ପିଟାଲ ଆଡକୁ ଦ୍ରୁତ ଗତିରେ ଯାଉଥିବାର ଦେଖାଯାଉଛି, ଯାହାକୁ ସେଠାରେ ଠିଆ ହୋଇଥିବା ଲୋକମାନେ ଏବଂ ପୋଲିସ କର୍ମଚାରୀମାନେ ପୂର୍ବରୁ ଅପେକ୍ଷା କରିଛନ୍ତି। ଭିଡିଓରେ ସୁରକ୍ଷା ବ୍ୟବସ୍ଥା ଦେଖିଲେ ଲାଗୁଛି ଯେ ଆମ୍ବୁଲାନ୍ସରେ ଜଣେ ଭିଆଇପି ଅଛନ୍ତି। ଏହି କାରଣରୁ ଡ୍ରାଇଭର ମଧ୍ୟ ରୋଗୀଙ୍କୁ ଯଥାଶୀଘ୍ର ହସ୍ପିଟାଲ ଗେଟ ପର୍ଯ୍ୟନ୍ତ ନେବାକୁ ଚେଷ୍ଟା କରୁଛନ୍ତି। ଏହି ଆମ୍ବୁଲାନ୍ସକୁ ହସ୍ପିଟାଲର ଟ୍ରମା ସେଣ୍ଟର ଆଡକୁ ଯାଉଥିବା ଦେଖି ସମସ୍ତେ ସେଠାରୁ ଦୂରେଇ ଯାଉଛନ୍ତି, କିନ୍ତୁ ଗେଟରେ ଅଟକିବା ପରିବର୍ତ୍ତେ, ଆମ୍ବୁଲାନ୍ସଟି ସିଧା ଟ୍ରମା ସେଣ୍ଟର ଭିତରକୁ ଚାଲିଯାଏ। ଏହାର ଅର୍ଥ ହେଉଛି ଡ୍ରାଇଭର ବ୍ରେକ ଲଗାଇପାରିଲେ ନାହିଁ ଏବଂ ଆମ୍ବୁଲାନ୍ସଟି ଦୁର୍ଘଟଣାର ସମ୍ମୁଖୀନ ହେଲା। ଆମ୍ବୁଲାନ୍ସ ସହିତ ଧକ୍କା ହେବା ଯୋଗୁଁ ହସ୍ପିଟାଲର ଗେଟ ସମ୍ପୂର୍ଣ୍ଣ ଭାଙ୍ଗି ଯାଇଥିଲା ଏବଂ ସେଠାରେ ଉପସ୍ଥିତ ଲୋକମାନେ କୌଣସି ପ୍ରକାରେ ଆମ୍ବୁଲାନ୍ସକୁ ପଛକୁ ଠେଲି ଦେଇଥିଲେ। ଭିଡିଓରେ ଦେଖାଯାଉଛି ଯେ ଡ୍ରାଇଭର ଜଣକ ବହୁତ ନର୍ଭସ ଅଛନ୍ତି। ଏହା ପରେ ଲୋକମାନେ ଆମ୍ବୁଲାନ୍ସର ଗେଟ ଖୋଲି ତାଙ୍କୁ ବାହାରକୁ ଆଣିଥିଲେ ଏବଂ ସେ ସେଠାରୁ ଦୌଡ଼ି ପଳାଇ ଯାଇଥିଲେ।

## ମହିଳାଙ୍କ ହିଜାବ ଖୋଲିବା ସହ ହିନ୍ଦୁ ଯୁବକଙ୍କୁ ମାଡ଼, ୬ ଗିରଫ



**ମୁଜାଫରନଗର,୧୪।୪:** ଉତ୍ତରପ୍ରଦେଶର ମୁଜାଫରନଗର ଜିଲ୍ଲାର ଖାଲାପାର ଅଞ୍ଚଳରେ ଏକ ଅତ୍ୟନ୍ତ ନିନ୍ଦନୀୟ ଘଟଣା ଘଟିଛି। ଏକ ୨୦ ବର୍ଷୀୟା ମୁସଲମାନ ମହିଳାଙ୍କ ହିଜାବ ଜବରଦସ୍ତୀ ଖୋଲାଯାଇଥିବା ଅଭିଯୋଗ ହୋଇଛି। କେବଳ ଏତିକି ନୁହେଁ ତାଙ୍କ ସହ ଥିବା ଜଣେ ହିନ୍ଦୁ ଯୁବକଙ୍କୁ ଏକ ଦଳ ଦ୍ୱାରା ମାଡ଼ମାରା କରାଯାଇଛି। ଏହି ଘଟଣାର ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ଏହାକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଯାଇଛି। ସୂଚନା ମୁତାବକ, ଏପ୍ରିଲ ୧୨ ତାରିଖ ଅପରାହ୍ନ ୪ ରୁ ୪:୩୦ ମଧ୍ୟରେ ଫରହିନ ନାମକ ଜଣେ ମହିଳା ଏବଂ ସଚିନ ନାମକ ଜଣେ ଯୁବକ ସାଙ୍ଗ ହୋଇ ମୋଟରସାଇକେଲ ଯୋଗେ କାମରେ ଯାଇଥିଲେ। ଉଭୟେ ଉତ୍କର୍ଷ ସ୍ମଲ ଫାଇନାନ୍ସ ବ୍ୟାଙ୍କରେ କାର୍ଯ୍ୟ କରନ୍ତି। ଏଣୁ ସେମାନେ ସୁଜଡୁ ଗାଁରୁ ଋଣର କିସ୍ତି ସଂଗ୍ରହ କରିବା ପାଇଁ ଯାଇଥିଲେ। ତେବେ କିସ୍ତି ସଂଗ୍ରହ କରି ଫେରୁଥିବା ବେଳେ ଖାଲାପାରର ଦରଜୀ ଓ୍ୱାଲି ଗଳିରେ ୮-୧୦ ଜଣ ବିଶିଷ୍ଟ ଏକ ଦଳ ସେମାନଙ୍କୁ ରାସ୍ତାରେ ଅଟକାଇଥିଲେ। ଏହି ଦଳ ଫରହିନଙ୍କ ହିଜାବ ଖୋଲିବା ସହ ତାଙ୍କୁ ଏବଂ ସଚିନଙ୍କୁ ଗାଳିଗୁଲଜ କରିବା ସହ ଆକ୍ରମଣ ମଧ୍ୟ କରିଥିଲେ। ଏହି ଘଟଣାକୁ କେହି ଜଣେ ମୋବାଇଲରେ ରେକର୍ଡ କରିଥିଲେ, ଯାହା ପରେ ବିଭିନ୍ନ ସୋସିଆଲ ମିଡିଆରେ ଭାଇରାଲ ହୋଇଯାଇଥିଲା। ଫରହିନଙ୍କ ଅଭିଯୋଗ ଆଧାରରେ ପୋଲିସ ଭାରତୀୟ ନ୍ୟାୟ ସଂହିତାର ବିଭିନ୍ନ ଧାରାରେ ଏକ ଏଫଆଇଆର ରୁଜୁ କରିଛି। ପୋଲିସ ସରତାଜ, ଶୋଏବ, ଉମର, ଶାଦାବ, ଶାମୀ ଏବଂ ଆର୍ଶ ନାମକ ୬ ଜଣ ଅଭିଯୁକ୍ତଙ୍କୁ ମଧ୍ୟ ଗିରଫ କରିଛି।

# ମୋତେ କଲମ, ନୋଟପ୍ୟାଡ୍ ଓ କୋରାନ୍ ଦିଅ



ପ୍ରତିଦିନ ୮ରୁ ୧୦ ଘଣ୍ଟା ହେଉଛି ପଚରାଉଚରା

**ନୂଆଦିଲ୍ଲୀ,୧୪।୪:** ମୁମ୍ବାଇ ଆତଙ୍କବାଦୀ ଆକ୍ରମଣର ମାଷ୍ଟରମାଇଣ୍ଡ ତହୱୁର ହୁସେନ ରାଣାକୁ ଜାତୀୟ ତଦନ୍ତ ସଂସ୍ଥା (ଏନ୍ଆଇଏ) କଷ୍ଟଡିରେ ଅଛି। ତଦନ୍ତକାରୀ ଏଜେନ୍ସିର ଅଧିକାରୀମାନେ ପ୍ରତିଦିନ ୮ରୁ ୧୦ ଘଣ୍ଟା ତାକୁ ପଚରାଉଚରା କରୁଛନ୍ତି। ଫଳରେ ଯେପରି ଆକ୍ରମଣ ପଛର ବଡ଼ ଷଡ଼ଯନ୍ତ୍ରର ପର୍ଦ୍ଦାଫାସ ହୋଇପାରିବ। ସୋମବାର ସରକାରୀ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ, ଏନ୍ଆଇଏ ଅଧିକାରୀମାନେ ରାଣାର ଡାକ୍ତରୀ ପରୀକ୍ଷା ସୁନିଶ୍ଚିତ କରୁଛନ୍ତି। ତାକୁ ନିଜ ଓକିଲଙ୍କୁ ଭେଟିବାକୁ ମଧ୍ୟ ଅନୁମତି ଦିଆଯାଉଛି। ଶୁକ୍ରବାର ସକାଳେ ଦିଲ୍ଲୀର ଏକ କୋର୍ଟ ତାଙ୍କୁ ଆମେରିକାରୁ ପ୍ରତ୍ୟର୍ପଣ କରାଯିବା ପରେ ୧୮ ଦିନ ପାଇଁ ଏନ୍ଆଇଏ ହସ୍ତାନ୍ତର କରିଛନ୍ତି। ସୂତ୍ର ଅନୁଯାୟୀ, ୨୦୦୮ ମସିହାରେ ଲସ୍କର-ଇ-ତୋଇବା ଦ୍ୱାରା କରାଯାଇଥିବା ଆକ୍ରମଣ ପଛରେ ଥିବା ବଡ଼ ଧରଣର ଷଡ଼ଯନ୍ତ୍ରର ପର୍ଦ୍ଦାଫାସ କରିବା ପାଇଁ ଚେଷ୍ଟା ଚାଲିଛି। ଏଥିପାଇଁ ଏନଆଇଏ ତଦନ୍ତକାରୀମାନେ ରାଣାକୁ ପ୍ରତିଦିନ ପ୍ରାୟ ଆଠରୁ ଦଶ ଘଣ୍ଟା ପଚରାଉଚରା କରୁଛନ୍ତି। ଏହି ଆକ୍ରମଣରେ ୧୬୬ ଜଣଙ୍କର ମୃତ୍ୟୁ ହୋଇଥିଲା ଏବଂ ୨୩୮ ରୁ ଅଧିକ ଆହତ ହୋଇଥିଲେ। ରାଣା ମଧ୍ୟ ଜେରା ସମୟରେ ସହଯୋଗ କରୁଛି। ସେ କହିଛନ୍ତି ଯେ ମୁଖ୍ୟ ତଦନ୍ତକାରୀ ଅଧିକାରୀ ଜୟା ରାୟଙ୍କ ନେତୃତ୍ୱରେ ଏନ୍ଆଇଏ ଅଧିକାରୀଙ୍କ ଏକ ଦଳ ରାଣାକୁ ଲଗାତାର ପଚରାଉଚରା କରୁଛି। ରାଣା ଏପର୍ଯ୍ୟନ୍ତ କେବଳ ତିନୋଟି ଜିନିଷ ମାଗିଛି - ଗୋଟିଏ କଲମ, କାଗଜ କିମ୍ବା ନୋଟପ୍ୟାଡ୍ ଏବଂ କୁରାନ। ଯାହା ତାଙ୍କୁ ଏନ୍ଆଇଏ ଦ୍ୱାରା ଯୋଗାଇ ଦିଆଯାଇଛି। ସୂତ୍ର ଅନୁଯାୟୀ ରାଣା ଏପର୍ଯ୍ୟନ୍ତ ସ୍ପେଶାଲ କୌଣସି ଖାଦ୍ୟ ସମ୍ପର୍କରେ ଦାବି କରିନି । ତାଙ୍କୁ ପ୍ରୋଟୋକଲ ଅନୁଯାୟୀ ଅନ୍ୟ ଅଭିଯୁକ୍ତମାନଙ୍କୁ ଦିଆଯାଉଥିବା ଖାଦ୍ୟ ଦିଆଯାଉଛି। ସୂତ୍ର ଅନୁଯାୟୀ, ଭୟଙ୍କର ଆତଙ୍କବାଦୀ ଆକ୍ରମଣର ମାଷ୍ଟରମାଇଣ୍ଡ ରାଣାଙ୍କୁ ସିଜିଓ କମ୍ପ୍ଲେକ୍ସରେ ଥିବା ଏଜେନ୍ସିର ମୁଖ୍ୟାଳୟ ଭିତରେ ଏକ ଉଚ୍ଚ-ସୁରକ୍ଷା ପ୍ରକୋଷ୍ଠରେ ରଖାଯାଇଛି ।

# ଅଯୋଧ୍ୟା ରାମ ମନ୍ଦିର ମୁଖ୍ୟ ଶିଖରରେ ସ୍ଥାପିତ ହେଲା କଳସ

**ଅଯୋଧ୍ୟା,୧୪।୪:** ରାମ ନଗରୀ ଅଯୋଧ୍ୟାରେ ଭବ୍ୟ ରାମମନ୍ଦିରର ନିର୍ମାଣ ସୋମବାର ଆଉ ଏକ ମାଇଲଖୁଣ୍ଟ ଅତିକ୍ରମ କରିଛି। ଏଠାରେ ବ୍ରାହ୍ମଣଙ୍କ ଉପସ୍ଥିତିରେ ବୈଦିକ ବିଧିବିଧାନ ସହିତ ମୁଖ୍ୟ ମନ୍ଦିର ଶିଖରରେ କଳଶ ସ୍ଥାପନା କରାଯାଇଛି। ଏହି ପବିତ୍ର କାର୍ଯ୍ୟ ସୋମବାର ମହାବିଶୁବ ସଂକ୍ରାନ୍ତି ଅବସରରେ ଅନୁଷ୍ଠିତ ହୋଇଛି। ଏହି ଅବସରରେ ସାରା ଅଯୋଧ୍ୟାରେ ଉତ୍ସବର ପରିବେଶ ସୃଷ୍ଟି ହୋଇଥିଲା। ସ୍ଥାନୀୟ ଲୋକେ ମୁଖ୍ୟମନ୍ଦିର ଶିଖରରେ କଳଶ ସ୍ଥାପନାକୁ ଐତିହାସିକ କ୍ଷଣ ବୋଲି କହିଛନ୍ତି। ଶ୍ରୀରାମ ଜନ୍ମଭୂମୀ ତୀର୍ଥକ୍ଷେତ୍ର ଟ୍ରଷ୍ଟର ସାଧାରଣ ସମ୍ପାଦକ ଚମ୍ପତ ରାୟ କହିଛନ୍ତି ଯେ ଦେଶରେ ବୈଶାଖୀ ଓ ବାବା ସାହେବ ଭୀମରାଓ ଆମ୍ବେଦକରଙ୍କ ଜୟନ୍ତୀ ଶୁଭ ଅବସରରେ ଏହି କାର୍ଯ୍ୟ ସମ୍ପନ୍ନ ହୋଇଛି। ଏବେ ମନ୍ଦିରର ମୁଖ୍ୟ ଶିଖରରେ ଧ୍ୱଜ ଦଣ୍ଡ ସ୍ଥାପନା ପ୍ରକ୍ରିୟା ଆରମ୍ଭ ହେବ। ଏହି ଖବରରେ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟ ନାଥ ଅତ୍ୟନ୍ତ ଖୁସିବ୍ୟକ୍ତ କରିଛନ୍ତି। କହିଛନ୍ତି ରାମ ମନ୍ଦିର ନିର୍ମାଣ ନା କେବଳ ଆଧ୍ୟାତ୍ମିକ ବରଂ ସାଂସ୍କୃତି ଓ



ସାମାଜିକ ଏକତାର ପ୍ରତୀକ। ଯୋଗୀ ରାମମନ୍ଦିର ତୀର୍ଥକ୍ଷେତ୍ର ଟ୍ରଷ୍ଟ ଓ ନିର୍ମାଣ କାର୍ଯ୍ୟ ସହ ସମ୍ପର୍କିତ ସବୁ ଲୋକଙ୍କୁ ଉଚ୍ଚ ପ୍ରଶଂସା କରିଛନ୍ତି। ସେ ଏହା ମଧ୍ୟ କହିଛନ୍ତି ଯେ ରାମ ନଗରୀ ଅଯୋଧ୍ୟାକୁ ବିଶ୍ୱସ୍ତରୀୟ ତୀର୍ଥ ସ୍ଥଳ କରିବାରେ ରାଜ୍ୟ ସରକାର ସବୁ ସମ୍ଭବ ଉଦ୍ୟମ କରୁଛନ୍ତି। ସଡ଼କ ସହିତ ରେଳ ଓ ବିମାନ ସେବା ସୁଗମ କରାଯାଇଛି।

## ଦିଲ୍ଲୀରେ ୧୫ ବିଦେଶୀ ନାଗରିକ ଗିରଫ

**ନୂଆଦିଲ୍ଲୀ,୧୪।୪:** ଭାରତର ବିଭିନ୍ନ ରାଜ୍ୟରେ ଅବୈଧ ବିଦେଶୀ ନାଗରିକ ଏବଂ ଅନୁପ୍ରବେଶକାରୀଙ୍କ ବିରୁଦ୍ଧରେ ଲଗାତାର କାର୍ଯ୍ୟାନୁଷ୍ଠାନ ଜାରି ରହିଛି। ରାଷ୍ଟ୍ରୀୟ ରାଜଧାନୀ ଦିଲ୍ଲୀରେ ମଧ୍ୟ ବହୁ ସଂଖ୍ୟକ ବାଂଲାଦେଶୀ ଅନୁପ୍ରବେଶକାରୀ ଧରାପଡ଼ିଛନ୍ତି। ଏହି କ୍ରମରେ, ପୋଲିସ ପୁଣି ଥରେ ରାଜଧାନୀ ଦିଲ୍ଲୀରେ ୧୫ ଜଣ ବିଦେଶୀ ନାଗରିକଙ୍କୁ ଗିରଫ କରିଛି। ଏହି ବିଦେଶୀ ନାଗରିକ ବେଆଇନ ଭିସାରେ ଭାରତରେ ରହୁଥିଲେ। ଏବେ ଏହି ସମସ୍ତ ବିଦେଶୀ ନାଗରିକଙ୍କୁ ସେମାନଙ୍କ ଦେଶକୁ ଫେରାଇ ଦିଆଯିବ। ସୋମବାର ଦିଲ୍ଲୀ ପୋଲିସର ଜଣେ ଅଧିକାରୀ ସମ୍ପୂର୍ଣ୍ଣ ମାମଲା ବିଷୟରେ ସୂଚନା ଦେଇଛନ୍ତି। ଦିଲ୍ଲୀର ମୋହନ ଗାର୍ଡେନ୍ ଏବଂ ଉତ୍ତମ ନଗର ଅଞ୍ଚଳରେ ପୋଲିସ ଦ୍ୱାରା କରାଯାଇଥିବା ଅଭିଯାନରେ ୧୫ ବିଦେଶୀ ନାଗରିକଙ୍କୁ ଗିରଫ କରାଯାଇଥିବା ସେ ସୂଚନା ଦେଇଛନ୍ତି। ଗିରଫ ହୋଇଥିବା ବିଦେଶୀ ନାଗରିକଙ୍କ ମଧ୍ୟରେ ବାଂଲାଦେଶୀମାନଙ୍କ ବ୍ୟତୀତ ୧୨ ଜଣ ନାଇଜେରିଆନ ଏବଂ ଆଇଭରି କୋଷ୍ଟର ଜଣେ ନାଗରିକ ଅଛନ୍ତି।

## ବିଜେପିକୁ ଟାର୍ଗେଟ୍ କଲେ ଆପ୍ ରାଷ୍ଟ୍ରୀୟ ମୁଖପାତ୍ର



**ନୂଆଦିଲ୍ଲୀ,୧୪।୪:** ଆମ ଆଦମୀ ପାର୍ଟିର ମୁଖ୍ୟ ରାଷ୍ଟ୍ରୀୟ ମୁଖପାତ୍ର ପ୍ରିୟଙ୍କା କକ୍କର ବିଜେପିକୁ ଟାର୍ଗେଟ କରିଛନ୍ତି । ସେ ନ୍ୟାସନାଲ ହେରାଲ୍ଡ ମାମଲାକୁ ନେଇ ମୋଦୀ ସରକାରଙ୍କ ଉପରେ ବର୍ଷିଛନ୍ତି । ଯେତେବେଳେ ଦିଲ୍ଲୀର ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କୁ ଗିରଫ କରାଯାଇପାରିବ, ତେବେ ରାହୁଲ ଗାନ୍ଧୀଙ୍କୁ ନ୍ୟାସନାଲ ହେରାଲ୍ଡ ମାମଲାରେ କାହିଁକି ଗିରଫ କରାଯାଉନାହିଁ ବୋଲି ସେ ପ୍ରଶ୍ନ କରିଛନ୍ତି । ପ୍ରିୟଙ୍କା କକ୍କର କହିଛନ୍ତି ଯେ, ନ୍ୟାସନାଲ ହେରାଲ୍ଡ ଏକ ଖୋଲା ମାମଲା। ଏଜେନ୍ସିଗୁଡ଼ିକ ୧୦ ବର୍ଷ ଧରି ବିଜେପି ସହିତ ଅଛନ୍ତି । କିନ୍ତୁ ସମସ୍ତେ ଦେଖିଛନ୍ତି ଯେ ଏଠାରେ କୌଣସି କଂଗ୍ରେସ ନେତାଙ୍କୁ ଗିରଫ କରାଯାଇ ନାହିଁ। ଯେତେବେଳେ ସରକାର କୌଣସି ପ୍ରମାଣ ବିନା ଏବଂ ଆଇନଗତ ପ୍ରକ୍ରିୟା ଅନୁସରଣ ନକରି ଏକ ମିଥ୍ୟା ମାମଲା କରି ମୁଖ୍ୟମନ୍ତ୍ରୀ ଥିବା ଅରବିନ୍ଦ କେଜରିୱାଲଙ୍କୁ ଗିରଫ କରିଯାଇଥିଲା।

● ବାପା ମା'ଙ୍କୁ ହତ୍ୟା କରି ଟଙ୍କା ନେଇ ହୋଇଥିଲେ ଫେରାର

## ଟ୍ରମ୍ପଙ୍କୁ ହତ୍ୟା କରି ସରକାର ଭାଙ୍ଗିବାକୁ ଚାହୁଁଥିଲେ ୧୭ ବର୍ଷୀୟା ଯୁବତୀ



**ୱାଶିଂଟନ,୧୪।୪:** ଆମେରିକାର ୱିସ୍କିନସନ ରାଜ୍ୟରେ ରହୁଥିବା ମାତ୍ର ୧୭ ବର୍ଷ ବୟସ୍କ ନିକିତା କାସ୍ପଙ୍କୁ ଗିରଫ କରାଯାଇଛି। ତାଙ୍କ ଉପରେ ଅଭିଯୋଗ ରହିଛି କି ସେ ତାଙ୍କ ପିତାମାତାଙ୍କୁ ଏଇଥିପାଇଁ ହତ୍ୟା କରିଥିଲେ ଯେ, ପରେ ସେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ହତ୍ୟା କରିପାରିବେ। ଏହି କାରଣରୁ ଏହା ଆମେରିକାରେ ଏକ ଜାତୀୟ ସୁରକ୍ଷା ସମସ୍ୟା ହୋଇ ରହିଛି। ତାଙ୍କର ଯୋଜନା ଥିଲା ତାଙ୍କ ମାତାପିତାଙ୍କୁ ହତ୍ୟା କରି ଘରେ ଥିବା ସମସ୍ତ ଟଙ୍କା ନେଇ ପଳାଇଯିବା ଏବଂ ପରେ ସେହି ଟଙ୍କା ସାହାଯ୍ୟରେ ରାଷ୍ଟ୍ରପତି ଟ୍ରମ୍ପଙ୍କୁ ହତ୍ୟା କରି ବର୍ତ୍ତମାନର ସରକାରଙ୍କୁ ଭାଙ୍ଗି ଦେବା। ଅଭିଯୁକ୍ତ ଜଣକ ଫେବୃଆରୀ ମାସରେ ତାଙ୍କ ୩୫ ବର୍ଷୀୟା ମାଆ ତାତିଆନା କାସାପ ଏବଂ ୫୧ ବର୍ଷୀୟ ସାବତ ବାପା ଡୋନାଲ୍ଡ ମେୟରଙ୍କୁ ହତ୍ୟା କରିଥିଲେ। ନିକିତା ତାଙ୍କ ମାତାପିତାଙ୍କୁ ଗୁଳି କରିଥିବା ଅଭିଯୋଗ ହୋଇଛି। ତା'ପରେ ସେ ପ୍ରାୟ ଦୁଇ ସପ୍ତାହ ପର୍ଯ୍ୟନ୍ତ ମୃତଦେହ ସହିତ ସେହି ଘରେ ରହିଥିଲେ। ତା'ପରେ ସେ ୧୪, ୦୦୦ ଡଲାର ନଗଦ, ତାଙ୍କ ପାସପୋର୍ଟ ଏବଂ କୁକୁରଟିକୁ ନେଇ ପଳାଇ ଯାଇଥିଲେ। ନିକିତା କାସାପଙ୍କ ସମ୍ପର୍କୀୟମାନେ କିଛି ଅଜବ ଜିନିଷ ଦେଖି ୱେଲଫେୟାର ଚେକ୍ ପାଇଁ ଅନୁରୋଧ କରିଥିଲେ, ଯାହା ପରେ ପୋଲିସ ଏହି ଭୟଙ୍କର ଘଟଣା ବିଷୟରେ ଜାଣିବାକୁ ପାଇଲା।

# ସମୁଦ୍ରରେ ଚାଲୁଥିଲା ନିଶାର ଭୟଙ୍କର ଖେଳ

**ନୂଆଦିଲ୍ଲୀ,୧୪।୪:** ଭାରତର ଯୁବ ପିଢ଼ି ଏବଂ ଅର୍ଥନୀତିକୁ ନଷ୍ଟ କରିବା ପାଇଁ ଦେଶର ଶତ୍ରୁମାନେ ନିରନ୍ତର ଅନେକ ପ୍ରକାରର ଷଡ଼ଯନ୍ତ୍ର ରଚନା କରୁଛନ୍ତି। ଏହି ଷଡ଼ଯନ୍ତ୍ରଗୁଡ଼ିକରେ ନାର୍କୋଟିକ୍ସ କିମ୍ବା ଡ୍ରଗ୍ସର ଚୋରା ଚାଲାଣ ସମେତ ବିଭିନ୍ନ କାର୍ଯ୍ୟକଳାପ ଜଡିତ। ଭାରତୀୟ ଏଜେନ୍ସିଗୁଡ଼ିକ ନିରନ୍ତର ସତର୍କ ମନୋଭାବ ରଖି ଦେଶ ବିରୁଦ୍ଧରେ ଘଟୁଥିବା ଏହି କାର୍ଯ୍ୟକଳାପ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛନ୍ତି।
ଭାରତୀୟ ତଟରକ୍ଷୀ ବାହିନୀ ଗୁଜରାଟ ଏଟିଏସ୍ ସହଯୋଗରେ ସମୁଦ୍ରରେ ଏକ ଗୁପ୍ତଚର ଆଧାରିତ ଆଣ୍ଟି ନାର୍କୋଟିକ୍ସ ଜଏଣ୍ଟ ଅପରେଶନ ଚଳାଇଥିଲା। ଏହି ମିଳିତ ଅଭିଯାନରେ, ପ୍ରାୟ ୧,୮୦୦ କୋଟି ଟଙ୍କା ମୂଲ୍ୟର ୩୦୦ କିଲୋଗ୍ରାମରୁ ଅଧିକ ନିଶାଦ୍ରବ୍ୟ ଜବତ କରାଯାଇଛି। ଏହି ଅପରେସନରେ ଉଦ୍ଧାର ହୋଇଥିବା ନିଶାଦ୍ରବ୍ୟ ମେଥାମ୍ଫେଟାମାଇନ ବୋଲି ସନ୍ଦେହ କରାଯାଉଛି।



୧୮୦୦ କୋଟିର ମାଲ ଦେଖି କୋଷ୍ଟଗାର୍ଡ ତାଜୁବ

ସମୁଦ୍ର ମଝିରେ ଭାରତୀୟ ତଟରକ୍ଷୀ ବାହିନୀ ଏବଂ ଗୁଜରାଟ ଏଟିଏସ୍ ଦ୍ୱାରା କରାଯାଇଥିବା ଏହି ମିଳିତ ଅପରେସନ ଆନ୍ତଃ-ଏଜେନ୍ସି ସମନ୍ୱୟର ଏକ ଉତ୍କୃଷ୍ଟ ଉଦାହରଣ ଥିଲା। ଏହି ଅପରେସନରେ, ଗୁଜରାଟ ଏଟିଏସରୁ ନିଶ୍ଚିତ ସୂଚନା ଆଧାରରେ, ଭାରତୀୟ ତଟରକ୍ଷୀ ବାହିନୀ ଜାହାଜ ସମୁଦ୍ରରେ ଏକ ସନ୍ଦିଗ୍ଧ ଡଙ୍ଗାକୁ ଅଟକାଇଥିଲା ଏବଂ ସେଥିରୁ ବିପୁଳ ପରିମାଣର ନିଶାଦ୍ରବ୍ୟ ଜବତ କରିଥିଲା।
ସମୁଦ୍ର ପଥରେ ନିଶା କିମ୍ବା ଅନ୍ୟାନ୍ୟ ନିଶାଦ୍ରବ୍ୟର ଚୋରା ଚାଲାଣକୁ ରୋକିବା ପାଇଁ ଗତ ବର୍ଷ ୨୦୨୪ରେ ଅପରେସନ ସାଗର ମନ୍ଥନ ଆରମ୍ଭ ହୋଇଥିଲା। ଏଥିରେ ଏନ୍ସିବି ଅପରେସନ ଶାଖାର ଅଧିକାରୀ, ଭାରତୀୟ ନୌସେନା ଗୁଇନ୍ଦା ବିଭାଗର ଅଧିକାରୀମାନଙ୍କ ସହିତ ଭାରତୀୟ ତଟରକ୍ଷୀ ବାହିନୀ ଏବଂ ଗୁଜରାଟ ଏଟିଏସ୍ ସାମିଲ ଥିଲେ। ଗତ ବର୍ଷ ଅପରେସନ ସାଗର ମନ୍ଥନ ଅଧୀନରେ ମୋଟ ୩,୪୦୦ କିଲୋଗ୍ରାମ ଡ୍ରଗ୍ସ ଜବତ କରାଯାଇଥିଲା। ଏହା ବ୍ୟତୀତ ୧୧ ଜଣ ଇରାନୀ ନାଗରିକ ଏବଂ ୧୪ ଜଣ ପାକିସ୍ତାନୀ ନାଗରିକଙ୍କୁ ଗିରଫ କରାଯାଇଛି।

### ଅକ୍ଷର ପଟେଲଙ୍କୁ ଲାଗିଲା ଡବଲ ଝଟକା

# ସ୍ଲୋ ଓଭର ପାଇଁ ୧୨ ଲକ୍ଷ ଜରିମାନା

**ନୂଆଦିଲ୍ଲୀ, ୧୪।୪:** ମୁମ୍ବାଇ ଇଣ୍ଡିଆନ୍ସ ଠାରୁ ୧୨ ରନରେ ପରାଜୟ ବରଣ କରିଛି ଦିଲ୍ଲୀ କ୍ୟାପିଟାଲ୍ସ। ମୁମ୍ବାଇ ପ୍ରଥମେ ବ୍ୟାଟିଂ କରି ୨୦୫ ରନ କରିଥିଲା। ଏହାପରେ ଦିଲ୍ଲୀ ପାଇଁ ବରୁଣ ନାୟର ୮୯ ରନର ଇନିଂସ ଖେଳିଥିଲେ। ଆଉ ଟିମ୍ ବିଜୟ ଆଡ଼କୁ ଗତି କରୁଥିବା ବେଳେ ୧୯ ଓଭରରେ ଦିଲ୍ଲୀ ଟିମର ୩ ଟି ଓ୍ୱିକେଟ ଯାଇଥିଲା। ଫଳରେ ମାତ୍ର ୧୨ ରନରେ ଦିଲ୍ଲୀକୁ ପରାଜୟ ମିଳିଥିଲା। ତେବେ ଏହି ପରାଜୟ ପରେ ଦିଲ୍ଲୀକୁ ଡବଲ ଝଟକା ଲାଗିଥିଲା। ମ୍ୟାଚ ହାତରୁ ଯାଇଥିବା ବେଳେ ଅଧିନାୟକ ଅକ୍ଷର ପଟେଲଙ୍କୁ ସ୍ଲୋ ଓଭର ପାଇଁ ଜରିମାନା ଲାଗିଥିଲା।



ଦିଲ୍ଲୀ କ୍ୟାପିଟାଲ୍ସ ଅଧିନାୟକ ଅକ୍ଷର ପଟେଲଙ୍କୁ ସ୍ଲୋ ଓଭର ଯୋଗୁଁ ୧୨ ଲକ୍ଷ ଟଙ୍କା ଜରିମାନା ଲାଗିଛି। ଆଇପିଏଲ ଆଚାର ସଂହିତ ଅନୁଚ୍ଛେଦ ୨.୨୨ ଅନୁସାରେ ସିଜିନରେ ପ୍ରଥମ ଥର ପାଇଁ କୌଣସି ଟିମକୁ ସ୍ଲୋ ଓଭର ରେଟ ଉଲ୍ଲଙ୍ଘନ ପାଇଁ ଅଧିନାୟକଙ୍କୁ ୧୨ ଲକ୍ଷ ଟଙ୍କାର ଜରିମାନା ଲାଗିଛି। ତେବେ ଅକ୍ଷରଙ୍କୁ ଚଳିତ ସିଜିନର ପ୍ରଥମ ସ୍ଲୋ ଓଭର ରେଟ୍।

ମୁମ୍ବାଇ ଇଣ୍ଡିଆନ୍ସ ବିପକ୍ଷରେ ହାରିବା ପରେ ଦିଲ୍ଲୀ ପଏଣ୍ଟ ତାଲିକାର ଶୀର୍ଷ ସ୍ଥାନରୁ ବାଦ୍ ପଡିଛି। ପ୍ରଥମ ନଂରେ ଗୁଜରାଟ ଟାଇଟନ୍ସ ଟିମ୍ ରହିଥିବା ବେଳେ ଦିଲ୍ଲୀ ୨ୟ ସ୍ଥାନରେ ରହିଛି। ମୁମ୍ବାଇ ଇଣ୍ଡିଆନ୍ସ ପାଇଁ ସୂର୍ଯ୍ୟକୁମାର ଯାଦବ, ତିଳକ ବର୍ମା, ନମନ ଧୀର ଭଲ ପ୍ରଦର୍ଶନ କରିଥିଲେ। ମୁମ୍ବାଇ ପ୍ରଥମେ ବ୍ୟାଟିଂ କରି ଦିଲ୍ଲୀକୁ ୨୦୬ ରନର ଟାର୍ଗେଟ୍ ଦେଇଥିଲା। ବିଶାଳ ଲକ୍ଷ୍ୟକୁ ପଛା କରି ଦିଲ୍ଲୀ କ୍ୟାପିଟାଲ୍ସ ଶେଷ ଓଭରରେ ସମସ୍ତ ଓ୍ୱିକେଟ୍ ହରାଇ ୧୯୩ ରନ୍ କରିବାରେ ସକ୍ଷମ ହୋଇଥିଲା। ଯାହା ଫଳରେ ହାର୍ଦ୍ଦିକ୍ ପାଣ୍ଡ୍ୟାଙ୍କ ମୁମ୍ବାଇ ଇଣ୍ଡିଆନ୍ସ ମ୍ୟାଚକୁ ୧୨ ରନରେ ଜିତି ନେଇଛି। ଦଳ ପକ୍ଷରୁ କରନ ଶର୍ମା ସର୍ବାଧିକ ୩ଟି ଓ୍ୱିକେଟ୍ ନେଇଛନ୍ତି।

### ମଣ୍ଟେ କାର୍ଲୋ ମାଷ୍ଟର୍ସ ଚାମ୍ପିଅନ୍

## ଲରେଞ୍ଜୋଙ୍କୁ ହରାଇ ପ୍ରଥମ ଟାଇଟଲ୍ ହାତେଇଲେ କାର୍ଲୋସ ଅଲ୍‌କାରାଜ

**ମଣ୍ଟେ କାର୍ଲୋ,୧୪।୪:** ସ୍ପେନର ଷ୍ଟାର୍ ଖେଳାଳି କାର୍ଲୋସ ଅଲ୍‌କାରାଜ ପ୍ରଥମ ଥର ଏଟିପି ମଣ୍ଟେ କାର୍ଲୋ ମାଷ୍ଟର୍ସ ଚାମ୍ପିଅନ୍ ହୋଇଛନ୍ତି। ପୁରୁଷ ବର୍ଗ ଫାଇନାଲ୍‌ରେ ସେ ୩-୬, ୬-୧, ୬-୦ ସେଟ୍‌ରେ ଇଟାଲୀର ଲରେଞ୍ଜୋ ମୁସେଟ୍ଟିଙ୍କୁ ପରାସ୍ତ କରିଥିଲେ। ମ୍ୟାଚ୍ ଜିତିବା ପାଇଁ ତାଙ୍କୁ ୧ଘଣ୍ଟା ୪୬ମିନିଟ୍ ଲାଗିଥିଲା। ୪ଥର ଗ୍ରାଣ୍ଡସ୍ଲାମ୍ ଚାମ୍ପିଅନ୍ ଅଲ୍‌କାରାଜ କ୍ୟାରିୟରରେ ଷଷ୍ଠ ମାଷ୍ଟର୍ସ ୧୦୦୦ ଟାଇଟଲ ଜିତିଛନ୍ତି। କ୍ଲେ-କୋର୍ଟରେ ଏହା ତାଙ୍କର ତୃତୀୟ ମାଷ୍ଟର୍ସ ଟାଇଟଲ ରହିଥିଲା। କ୍ୟାରିୟରରେ ପ୍ରଥମ ମାଷ୍ଟର୍ସ ୧୦୦୦ ଫାଇନାଲ୍ ଖେଳିଥିବା ମୁସେଟ୍ଟି ପ୍ରଥମ ସେଟ୍‌ରେ ଅତି ଚମତ୍କାର ପ୍ରଦର୍ଶନ କରି ୬-୩ରେ ବିଜୟ ହାସଲ କରିଥିଲେ। ମାତ୍ର ଏହାପରେ ଲୟ ହରାଇ ବସିଥିଲେ। ପରବର୍ତ୍ତୀ ସେଟ୍‌ରେ ଅଲ୍‌କାରାଜ ଦୃଢ଼ ପ୍ରତ୍ୟାବର୍ତ୍ତନ କରିଥିଲେ। ସେ କ୍ରମାନ୍ୱୟରେ ୨ଟି ସେଟ୍ ଜିତି ଟାଇଟଲ୍ ହାତେଇବାରେ ସଫଳ ହୋଇଥିଲେ। ଚାମ୍ପିଅନ୍ ହେବା ସହ ଏଟିପି ମାନ୍ୟତା ତାଲିକାରେ ଗୋଟିଏ ସ୍ଥାନ ଉନ୍ନତି ଘଟାଇ ଦ୍ୱିତୀୟ ସ୍ଥାନ ପକ୍କା କରିଛନ୍ତି।



## କାଶଭୀଙ୍କୁ ହାର୍ଦ୍ଦିକଙ୍କ ବ୍ୟାଟ୍ ଉପହାର

**ନୂଆଦିଲ୍ଲୀ, ୧୪।୪:** କିଛି ମାସ ତଳେ ଭାରତୀୟ ମହିଳା କ୍ରିକେଟର୍ କାଶଭୀ ଗୌତମଙ୍କୁ ଦେଇଥିବା ପ୍ରତିଶ୍ରୁତିକୁ ମୁମ୍ବାଇ ଇଣ୍ଡିଆନ୍ସ ଅଧିନାୟକ ହାର୍ଦିକ ପାଣ୍ଡ୍ୟା ପୂରଣ କରିଛନ୍ତି। ମହିଳା ପ୍ରିମିୟର୍ ଲିଗ୍ ବେଳେ ହାର୍ଦିକଙ୍କୁ ଗୁଜରାଟ ଜାଏଣ୍ଟସ୍‌ରୁ ଖେଳୁଥିବା ୨୧ ବର୍ଷୀୟା କାଶଭୀ ଭେଟିଥିଲେ। ଆଲୋଚନା ବେଳେ ହାର୍ଦିକଙ୍କୁ ତାଙ୍କ ସାଥୀମାନେ କହିଥିଲେ, କାଶଭୀ ତୁମର ବଡ଼ ପ୍ରଶଂସକ ଏବଂ ତାଙ୍କ ବ୍ୟାଟ୍‌ରେ 'ଏଚ୍‌ପି୩୩' ଲେଖିଛନ୍ତି। ଏହା ହାର୍ଦିକଙ୍କ ମନକୁ ଛୁଇଁଥିଲା ଏବଂ କାଶଭୀଙ୍କୁ ଏକ ୧୧୦୦ ଗ୍ରାମ୍‌ର ବ୍ୟାଟ୍ ଦେବାକୁ କହିଥିଲେ। ହାର୍ଦିକ ରବିବାର ଦିଲ୍ଲୀ କ୍ୟାପିଟାଲ୍ସ ବିପକ୍ଷ ମ୍ୟାଚ୍ ପୂର୍ବରୁ କାଶଭୀଙ୍କୁ ଏହି ଉପହାର ଦେଇଛନ୍ତି। ବ୍ୟାଟ୍ ପ୍ରଦାନ ବେଳର ଭିଡିଓରେ ହାର୍ଦିକ କହୁଛନ୍ତି, ପ୍ରଥମ କଲ୍ ପାଇଁ ଅଭିନନ୍ଦନ, ଏହା ନେଇ ଦେଖ, ଭଲ ନଲାଗିଲେ ଫେରାଇଦେବ। ଖେଳ ଏବଂ ଉପଭୋଗ କର। ଭଲରେ ରୁହ, ଭାରତ ପାଇଁ ଖେଳ। ଯୁବା ଅଲ୍‌ରାଉଣ୍ଡର୍ କାଶଭୀ ଡବ୍ଲ୍ୟୁପିଏଲ୍‌ରେ ଚମତ୍କାର ପ୍ରଦର୍ଶନ କରିବା ପରେ ପ୍ରଥମ ଥର ଲାଗି ଭାରତୀୟ ଦିନିକିଆ ଦଳରେ ସ୍ଥାନ ପାଇଛନ୍ତି। ଡବ୍ଲ୍ୟୁପିଏଲ୍ ସେ ୯ ମ୍ୟାଚ୍ ଖେଳି ୬.୪୫ ଇକୋନୋମିରେ ୧୧ ଓ୍ୱିକେଟ୍ ହାସଲ କରି ଗୁଜରାଟର ଅଗ୍ରଣୀ ଓ୍ୱିକେଟ୍ ହାସଲକାରୀ ହୋଇଥିଲେ। ଏଥିସହ ବ୍ୟାଟିଂରେ ମଧ କିଛି ଉପଯୋଗୀ ପାଳି ଖେଳିଥିଲେ।



### ଓଡ଼ିଶା ପୁଲିସ୍ ହକି ଚମ୍ପିଆନସିପ୍

# ଉଭୟ ବର୍ଗ ଫାଇନାଲ୍‌ରେ ସିଆରପିଏଫ୍

**ଭୁବନେଶ୍ୱର,୧୪।୪(ସଂଚାର ବ୍ୟୁରୋ):** ଓଡ଼ିଶା ପୁଲିସ ପକ୍ଷରୁ ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମ ହକି କମ୍ପ୍ଲେକ୍ସରେ ଚାଲିଥିବା ୭୩ତମ ସର୍ବଭାରତୀୟ ପୁଲିସ ହକି ଚମ୍ପିଆନସିପ୍- ୨୦୨୫ ଆଜି ଖେଳାଯାଇଥିବା ସେମିଫାଇନାଲ୍ ମ୍ୟାଚ୍‌ରେ ବିଜୟୀ ହୋଇ ସିଆର୍‌ପିଏଫ୍ ଉଭୟ ପୁରୁଷଓ ମହିଳା ବର୍ଗ ଫାଇନାଲ୍‌ରେ ପ୍ରବେଶ କରିଛି। ମହିଳା ବିଭାଗରେ ଦଳ ଉତ୍ତର ପ୍ରଦେଶକୁ ୧-୦ ଗୋଲ୍‌ରେ ପରାସ୍ତ କରିଥିବା ବେଳେ ପୁରୁଷ ବିଭାଗରେ ବିଏସ୍‌ଏଫ୍‌କୁ ୩-୧ ଗୋଲ୍‌ରେ ପରାସ୍ତ କରି ଟାଇଟଲ୍ ନିକଟତର ହୋଇଛି। ଏହାଛଡ଼ା ମହିଳା ବିଭାଗର ଅନ୍ୟତମ ସେମିଫାଇନାଲ୍‌ରେ ଘରୋଇ ଓଡ଼ିଶା ଦଳ ଖେଳିଥିଲେ ମଧ୍ୟ ଦଳକୁ ପରାଜୟ ସ୍ୱୀକାର କରିବାକୁ ପଡ଼ିଛି। ଏହି ମ୍ୟାଚ୍‌ରେ ଦଳକୁ ଏସ୍‌ଏସ୍‌ବି ୨-୧ରେ ପରାସ୍ତ କରି ଫାଇନାଲ୍‌ରେ ପହଞ୍ଚିଛି। ଆସନ୍ତାକାଲି ମହିଳା ବର୍ଗରେ ସିଆର୍‌ପିଏଫ୍ ଓ ଏସଏସବି ମଧ୍ୟରେ ଫାଇନାଲ୍ ଖେଳାଯିବ। ସେହିପରି ପୁରୁଷ ବିଭାଗରେ ଅନ୍ୟ ସେମିଫାଇନାଲ୍ ମ୍ୟାଚ୍‌ଟି ପଞ୍ଜାବ ଓ ଆଇଟିବିପି ମଧ୍ୟରେ ଖେଳାଯାଇଥିଲା। ଏଥିରେ ପଞ୍ଜାବ ୭-୨ ଗୋଲରେ ବିଜୟୀ ହୋଇ ଫାଇନାଲ୍‌ରେ ପହଞ୍ଚିଛି। ଏହି ବର୍ଗର ଫାଇନାଲ୍ ଆସନ୍ତାକାଲି ସିଆର୍‌ପିଏଫ୍ ଓ ପଞ୍ଜାବ ମଧ୍ୟରେ ଖେଳାଯିବ।





ଆଜିର ବିଭିନ୍ନ ମ୍ୟାଚ୍‌ରେ ଅତିଥି ଭାବେ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆ, ବାଣିଜ୍ୟ ଓ ପରିବହନ ବିଭାଗର ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ, ଇଡ୍‌କୋ ପରିଚାଳନା ନିର୍ଦ୍ଦେଶକ ଭୂପିନ୍ଦର ସିଂ ପୁନିଆ, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ମୁଖ୍ୟାଳୟ) ତଥା ଆୟୋଜକ କମିଟି ଉପସଭାପତି ଦୟାଲ ଗଙ୍ଗୱାର, , ଆଇବି ଯୁଗ୍ମ ନିର୍ଦ୍ଦେଶକ ରାଜେଶ ସୁବର୍ଣ୍ଣ, ଆଇଜିପି (ମହିଳା ଓ ଶିଶୁ ଅପରାଧ ଶାଖା) ଏସ. ସାଇନି, ଆଇଜିପି (ତାଲିମ) ତଥା ଆୟୋଜକ କମିଟି ସମ୍ପାଦକ ଅନୁପ କୁମାର ସାହୁ ପ୍ରମୁଖ ଉପସ୍ଥିତ ରହି ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ।

## ଶତକ ପାଇଁ ମିଳିଲା ହେୟାର ଡ୍ରାୟର ପୁରସ୍କାର

**ଲାହୋର, ୧୪।୪:** ପାକିସ୍ତାନ ସୁପର ଲିଗର ଦଶମ ସଂସ୍କରଣ ଚାଲିଛି। ତୃତୀୟ ମ୍ୟାଚ୍‌ରେ ଶତକ ପାଇଁ ମିଳିଲା ହେୟାର ଡ୍ରାୟର ପୁରସ୍କାର। ଏହି ମ୍ୟାଚରେ ପ୍ରଥମେ ବ୍ୟାଟିଂ କରି ମୁଲତାନ ସୁଲତାନ ୨୩୪ ରନ୍ ସଂଗ୍ରହ କରିଥିଲେ। ଏହାର ଜବାବରେ କରାଚି କିଙ୍ଗସ୍ ୧୯.୨ ଓଭରରେ ଲକ୍ଷ୍ୟ ହାସଲ କରି ୪ ଓ୍ୱିକେଟରେ ଜିତିଥିଲେ। ଏହି ମ୍ୟାଚରେ ଦର୍ଶକଙ୍କ ସଂଖ୍ୟା ମଧ ଲିଗ୍ ପାଇଁ ଅପମାନ ଆଣିଥିଲା, ବାସ୍ତବରେ ୬ ହଜାରରୁ ଅଧିକ ଲୋକ ଲିଗରେ ସୁରକ୍ଷା କାର୍ଯ୍ୟରେ ନିୟୋଜିତ ଥିବାବେଳେ ମୋଟ ଦର୍ଶକଙ୍କ ସଂଖ୍ୟା ମଧ ଏହାଠାରୁ କମ୍ ଥିଲା। ଏହି ମ୍ୟାଚ୍ ଦେଖିବା ପାଇଁ କେବଳ ପ୍ରାୟ ୫ ହଜାର ଲୋକ ଷ୍ଟାଡିୟମକୁ ଆସିଥିଲେ। କରାଚି କିଙ୍ଗସ୍ ସୋସିଆଲ ମିଡିଆରେ ଜେମ୍ସଙ୍କୁ ପୁରସ୍କାର ପ୍ରଦାନ କରିବାର ଏକ ଭିଡିଓ ସେୟାର କରିଛି। ପ୍ରଥମେ ପ୍ରଶଂସକମାନେ ବିଶ୍ୱାସ କରିପାରିଲେ ନାହିଁ ଯେ ପୁରସ୍କାର ଭାବରେ ହେୟାର ଡ୍ରାୟର ଦିଆଯାଉଛି। ଜଣେ ୟୁଜର୍ସ ଲେଖିଛନ୍ତି ଯେ ପରବର୍ତ୍ତୀ ମ୍ୟାଚରେ ପୁରସ୍କାର ସ୍ୱରୂପ ଟିଫିନ ଦେବା ଭଲ ହେବ। ଅନ୍ୟ ଜଣେ ୟୁଜର୍ସ ଲେଖିଛନ୍ତି, ଏହା କରି ଆପଣ ପିଏସଏଲକୁ ପ୍ରୋତ୍ସାହିତ କରୁଛନ୍ତି ନା ଏହାକୁ ଅପମାନ କରୁଛନ୍ତି ? ପାକିସ୍ତାନ ସୁପର ଲିଗର ଦଶମ ସଂସ୍କରଣ ୧୧ ଏପ୍ରିଲରୁ ଆରମ୍ଭ ହୋଇ ୧୮ ମେ ପର୍ଯ୍ୟନ୍ତ ଖେଳାଯିବ। ୪ଟି ଷ୍ଟାଡିୟମରେ ୬ଟି ଦଳ ମଧରେ ମୋଟ ୩୪ଟି ମ୍ୟାଚ୍ ଖେଳାଯିବ। ବର୍ତ୍ତମାନ ଟୁର୍ନାମେଣ୍ଟରେ ୪ଟି ମ୍ୟାଚ୍ ଖେଳାଯାଇଛି।



## ଋତୁରାଜଙ୍କ ବଦଳରେ ୧୭ ବର୍ଷୀୟ ଆୟୁଷ ମହାତ୍ରେଙ୍କୁ ଦଳରେ ସାମିଲ କଲା ସିଏସକେ

**ନୂଆଦିଲ୍ଲୀ, ୧୪।୪:** ଚେନ୍ନାଇ ସୁପର କିଙ୍ଗ୍ସ ଆୟୁଷ ମହାତ୍ରେଙ୍କୁ ଋତୁରାଜ ଗାୟକୱାଡଙ୍କ ବଦଳରେ ଦଳରେ ସାମିଲ କରିଛି । ଆହତ ସମସ୍ୟା ହେତୁ ଗାୟକୱାଡଙ୍କୁ ସମଗ୍ର ଟୁର୍ନାମେଣ୍ଟରୁ ବାଦ୍ ଦିଆଯାଇଥିଲା, ଏହା ପରେ ଏମଏସ ଧୋନି ଦଳର ନେତୃତ୍ୱ ନେଉଛନ୍ତି। ସିଏସକେ ବିଚାର କରୁଥିବା ଖେଳାଳିଙ୍କ ମଧ୍ୟରେ ପୃଥ୍ୱୀ ସ ମଧ ଥିଲେ। କିଛି ଦିନ ପୂର୍ବରୁ ଦଳ କିଛି ଯୁବ ଖେଳାଳିଙ୍କ ପରୀକ୍ଷା କରିଥିଲା, ଯାହା ପରେ ମୁମ୍ବାଇର ଯୁବ ଓପନିଂ ବ୍ୟାଟ୍ସମ୍ୟାନ୍ ଆୟୁଷ ମହାତ୍ରେଙ୍କୁ ଦଳରେ ସାମିଲ କରିବାକୁ ନିଷ୍ପତ୍ତି ନେଇଥିଲା। ପାଞ୍ଚ ଥର ଚାମ୍ପିଅନ୍ ଚେନ୍ନାଇ ସୁପର କିଙ୍ଗ୍ସ ଶନିବାର ଏହି ନିଷ୍ପତ୍ତି ନେଇଛି। ଆୟୁଷ ମହାତ୍ରେ ଆଗାମୀ କିଛି ଦିନ ମଧରେ ସିଏସକେ ଦଳରେ ଯୋଗ ଦେଇପାରନ୍ତି। ଫ୍ରାଞ୍ଚାଇଜ୍ ତାଙ୍କୁ ତୁରନ୍ତ ଯୋଗଦେବାକୁ କହିଛି। ଆମେ ଆପଣଙ୍କୁ କହିବୁ ଯେ ଆଇପିଏଲ୍ ନିଲାମରେ ଆୟୁଷ ମହାତ୍ରେଙ୍କ ମୂଳ ମୂଲ୍ୟ ୩୦ ଲକ୍ଷ ଟଙ୍କା ଥିଲା, କିନ୍ତୁ ସେ ବିକ୍ରି ହୋଇନଥିଲେ। ସେ କିଛି ଦିନ ମଧରେ ମୁମ୍ବାଇରେ ଦଳରେ ଯୋଗଦେବେ ବୋଲି ସିଏସକେ ମ୍ୟାନେଜମେଣ୍ଟ ନିକଟ ସୂତ୍ରରୁ ଜଣାପଡିଛି। ଚେନ୍ନାଇ ସୁପର କିଙ୍ଗ୍ସ ବର୍ତ୍ତମାନ ସପ୍ତମ ମ୍ୟାଚ୍ ପାଇଁ ଲଖନଉରେ ଅଛି, ଯାହା ସୋମବାର ଭାରତ ରତ୍ନ ଶ୍ରୀ ଅଟଳ ବିହାରୀ ବାଜପେୟୀ ଏକାନା ଷ୍ଟାଡିୟମରେ ଖେଳାଯିବ। ବର୍ତ୍ତମାନ ଚେନ୍ନାଇ ସୁପର କିଙ୍ଗ୍ସର ଅବସ୍ଥା ସେତେ ଭଲ ନାହିଁ। ପ୍ରଥମ ମ୍ୟାଚ୍ ଜିତିବା ପରେ ଦଳ କ୍ରମାଗତ ୫ ମ୍ୟାଚ୍ ହାରିଛି। ସିଏସକେର ମ୍ୟାଚ୍ ୨୦ ଏପ୍ରିଲରେ ମୁମ୍ବାଇର ୱାନଖେଡେ ଷ୍ଟାଡିୟମରେ ଖେଳାଯିବ। ଚେନ୍ନାଇ ସୁପର କିଙ୍ଗ୍ସ କିଛି ଦିନ ପୂର୍ବରୁ ଗୁଜୁରାଟର ଉର୍ଭିଲ ପଟେଲ ଏବଂ ଉତ୍ତରପ୍ରଦେଶର ସଲମାନ ନିଜାରଙ୍କ ସହ ଆୟୁଷ ମହାତ୍ରେଙ୍କୁ ଚେନ୍ନାଇକୁ ଡାକିଥିଲେ। ଆଇପିଏଲ୍ ନିଲାମରେ ବିକ୍ରି ହୋଇନଥିବା ପୃଥ୍ୱୀ ସ ମଧ ଏହି ରେସରେ ଥିଲେ, କିନ୍ତୁ ଦଳ ଋତୁରାଜ ଗାୟକୱାଡଙ୍କ ବଦଳରେ ଆୟୁଷଙ୍କୁ ବାଛିଥିଲେ।



## ସନ୍ତରଣରେ ବିଶ୍ୱ ରେକର୍ଡ ସୃଷ୍ଟି କଲେ ଜର୍ମାନୀର ଲୁକାସ ମାର୍ଟେନ୍ସ



**ଷ୍ଟକ୍‌ହାମ,୧୪।୪:** ଜର୍ମାନୀର ଅଲିମ୍ପିକ ଚାମ୍ପିୟନ ଲୁକାସ ମାର୍ଟେନ୍ସ ପୁରୁଷ ୪୦୦ ମିଟର ଫ୍ରିଷ୍ଟାଇଲ ରେକର୍ଡ ଭଙ୍ଗ କରିଛନ୍ତି। ସ୍ୱିମ୍ ଓପନ୍ ଷ୍ଟକ୍‌ହାମରେ ସେ ଏହି ସଫଳତା ପାଇଛନ୍ତି। ସେ ପ୍ରଥମ ସନ୍ତରଣକାରୀ ଭାବେ ୩ ମିନିଟ୍ ୪୦ ସେକେଣ୍ଡର ବାଧାକୁ ଅତିକ୍ରମ କରିଛନ୍ତି। ରେସ୍‌ରେ ସେ ୩:୩୯.୯୬ ସେକେଣ୍ଡ ଟାଇମିଂ ହାସଲ କରିଥିଲେ। ପୂର୍ବରୁ ଥିବା ଜାତୀୟ ରେକର୍ଡକୁ ସେ ଏକ ଦଶମିକ ୧୧ ସେକେଣ୍ଡରେ ପଛରେ ପକାଇଥିଲେ। ଜର୍ମାନୀର ପୂର୍ବତନ ସନ୍ତରଣକାରୀ ପଲ୍ ବିଡରମ୍ୟାନ୍‌ଙ୍କ ନାମରେ ପୂର୍ବରୁ ବିଶ୍ୱ ରେକର୍ଡ ଥିଲା। ସେ ୨୦୦୯ରେ ୩:୪୦.୦୭ ସେକେଣ୍ଡ ଟାଇମିଂ ହାସଲ କରିଥିଲେ। ୨୩ ବର୍ଷୀୟ ମାର୍ଟେନ୍ସ ୨୦୨୪ ପ୍ୟାରିସ୍ ଅଲିମ୍ପିକ୍ସରେ ୩:୪୧ ସେକେଣ୍ଡ ଟାଇମିଂ ସହ ୪୦୦ ମିଟର ଫ୍ରିଷ୍ଟାଇଲ ବର୍ଗରେ ସ୍ୱର୍ଣ୍ଣ ପଦକ ଜିତିଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଗ୍ରହଣୀୟତାର ...

ଜର୍ଜରିତ ବିଜେଡି ଗଡ଼ରକ୍ଷା ପାଇଁ ଉଦ୍ୟମ ଆରମ୍ଭ କରିଛି। ସେପଟେ ଭକ୍ତ ଦାସଙ୍କ ନେତୃତ୍ୱରେ ପ୍ରଥମ ଥର ପାଇଁ ନିର୍ବାଚନ ଲଢ଼ିବ କଂଗ୍ରେସ। ବିଜେପି ପାଇଁ ପଞ୍ଚାୟତ ଉପନିର୍ବାଚନ ହେବ ଏସିଡ୍ ଟେଷ୍ଟ। ୧୦ ମାସ ଭିତରେ ବିଜେପି ଉପରେ ଲୋକେ କେତେ ସନ୍ତୁଷ୍ଟ, ତାହା ଏହି ଉପନିର୍ବାଚନରେ ପ୍ରତିଫଳିତ ହେବ। ସୁଭଦ୍ରା ଯୋଜନା, ଆୟୁଷ୍ମାନ ଭାରତ, ଧାନର ଏମଏସପି ବୃଦ୍ଧି, ବୟସ୍କଙ୍କୁ ଭତ୍ତା ଓ ଶ୍ରୀମନ୍ଦିର ଚାରିଦ୍ୱାର ଖୋଲିବା ଭଳି ପ୍ରସଙ୍ଗକୁ ନେଇ ବିଜେପି ଭୋଟରଙ୍କ ପାଖକୁ ଯିବ ।

୨୪ ବର୍ଷ କ୍ଷମତାରେ ଥିବା ବିଜେଡି ହାତରୁ କ୍ଷମତା ଯିବା ପରେ ଦଳ ଏବେ ଗୋଷ୍ଠୀକନ୍ଦଳରେ ହନ୍ତସନ୍ତ ହେଉଛି। ୱାକଫ ବିଲକୁ ନେଇ ଦଳ ଦୁଇ ଭାଗ ହୋଇଛି । ତେଣୁ ପଞ୍ଚାୟତ ଉପନିର୍ବାଚନରେ ଗଡ଼ରକ୍ଷା ମୁଖ୍ୟ ବିରୋଧୀ ଦଳ ପାଇଁ ବଡ଼ ଚ୍ୟାଲେଞ୍ଜ ହେବ । ଆଉ ଏବେ ବି ନବୀନଙ୍କ ଲୋକପ୍ରିୟତା ଅଛି କି ନାହିଁ, ତାହା ଏହି ଉପନିର୍ବାଚନ ହିଁ ପ୍ରମାଣିତ କରିବ। ସେହିଭଳି ଭକ୍ତ ଦାସଙ୍କ ନେତୃତ୍ୱରେ କଂଗ୍ରେସ ପ୍ରଥମ ଥର ପାଇଁ ନିର୍ବାଚନ ମୈଦାନକୁ ଓହ୍ଲାଇବ। ଦଳର ସମସ୍ତ ବିଧାୟକ ବିଧାନସଭାରୁ ସସପେଣ୍ଡ ହେବା ଓ ମାର୍ଚ୍ଚ ୨୭ରେ କଂଗ୍ରେସ ଆନ୍ଦୋଳନ ପରେ କର୍ମୀଙ୍କ ମନୋବଳ ବଢ଼ିଛି। ତେବେ ପଞ୍ଚାୟତ ଉପନିର୍ବାଚନରେ ସଫଳତା ପାଇବାକୁ କଂଗ୍ରେସ ଲୋକଙ୍କ ସହାନୁଭୂତି ଭୋଟ୍‌କୁ ଭରସା କରିଛି।

### ପ୍ରଶଂସକଙ୍କୁ ...

ସାଧାରଣ ପ୍ରଶଂସକଙ୍କ ପ୍ରତିଜ୍ଞାଙ୍କୁ ସମ୍ମାନ ଜଣାଇ ତାଙ୍କୁ ଭେଟିବା ଓ ନିଜ ହାତରେ ଜୋତା ପିନ୍ଧାଇଦେବା ଭଳି ଘଟଣା ରାଜନୀତିରେ ବିରଳ। କିନ୍ତୁ ବିଗତ ଦିନରେ ପରମ୍ପରିକତାଠାରୁ କିଛି ଭିନ୍ନ କରି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିବା ଶ୍ରୀ ମୋଦି ହିଁ ଏପରି କାମ କରିପାରନ୍ତି ବୋଲି ଏହି ଘଟଣା ପରେ ଜନସାଧାରଣଙ୍କ ମଧ୍ୟରେ ମତ ପ୍ରକାଶ ପାଇଛି।

### ବିଦାହେଲେ ...

ଆର୍ଟସ ବ୍ଲକରେ ପରୀକ୍ଷା ଦେଉଥିବା ସମୟରେ ଏହି ଘଟଣା ଘଟିଛି। ଏହି ଘଟଣାର ତଦନ୍ତ କଲେଜର ଆନ୍ତଃ କମିଟି କରିଥିଲେ। କମିଟି ତାଙ୍କ ରିପୋର୍ଟ ପ୍ରଦାନ ପାଇଁ ବିଭାଗ ପକ୍ଷରୁ ଗତ ଜାନୁଆରୀ ୧୫ ତାରିଖରେ ପତ୍ର ଲେଖାଯାଇଥିଲା। ହେଲେ ବିଭାଗକୁ ତଦନ୍ତ ରିପୋର୍ଟ ନ ମିଳିବାରୁ ବିଭାଗ ପୁଣିଥରେ ଚିଠି ଲେଖିଥିଲେ।

ଦ୍ୱିତୀୟ ପତ୍ରଟି ପାଇବା ପରେ ବିଜେବି କଲେଜ କର୍ତ୍ତୃପକ୍ଷ ତୁରନ୍ତ ତଦନ୍ତ ରିପୋର୍ଟ ପ୍ରଦାନ କରିଥିଲେ। ରିପୋର୍ଟ ପାଇବା ପରେ ଉଚ୍ଚଶିକ୍ଷା ବିଭାଗ ଆରୋପ ଲାଗିଥିବା ସହକାରୀ ପ୍ରଫେସରଙ୍କୁ ବିଭାଗର ଦ୍ୱିତୀୟ କ୍ୟାମ୍ପସକୁ ବଦଳି କରିଦେଇଛନ୍ତି। ତେବେ ଅଭିଯୋଗ ନେଇ ସମ୍ପୃକ୍ତ ସହକାରୀ ପ୍ରଫେସରଙ୍କ ବିରୁଦ୍ଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ଏହି ବଦଳି ଏବେ ତାଙ୍କ ପାଇଁ ପୁରସ୍କାର ହୋଇଥିବା ଚର୍ଚ୍ଚା ଜୋର ଧରିଛି।

ଛାତ୍ରୀଙ୍କ ପ୍ରତି ଅସଦାଚରଣ ହେଉଥିବା ସ୍ଥାନରେ ଉଚ୍ଚଶିକ୍ଷା ବିଭାଗ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହିତ ଅଭିଯୁକ୍ତମାନଙ୍କୁ ନିଲମ୍ବିତ କରୁଛନ୍ତି। ଏପରିକି ଅଭିଯୁକ୍ତଙ୍କ ବିରୁଦ୍ଧରେ ଅସଦାଚରଣ ମାମଲା ରୁଜୁ ହେବା ସହ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି। ହେଲେ ବିଜେବି କଲେଜ ଭଳି ରାଜ୍ୟର ଅଗ୍ରଣୀ ତଥା ସୁନାମଧନ୍ୟ ଶିକ୍ଷାନୁଷ୍ଠାନରେ ଅସଦାଚରଣ କରିଥିବା ସହକାରୀ ପ୍ରଫେସରଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ତ ଦୂରର କଥା, ତାଙ୍କୁ କଲେଜରୁ ହଟାଇବା ପାଇଁ ୪ ମାସରୁ ଊର୍ଦ୍ଧ୍ୱ ସମୟ ଲାଗିଗଲା।

ବରିଷ୍ଠ ଶିକ୍ଷାବିତ୍‌ମାନଙ୍କ ମତରେ ଛାତ୍ରୀଙ୍କୁ ଅସଦାଚରଣ ଅଭିଯୋଗ ଆସିଥିବା ଶିକ୍ଷକମାନଙ୍କ ବିରୁଦ୍ଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଗଲେ ଆଗାମୀ ଦିନରେ ଅନେକ ଶିକ୍ଷକ ଏଭଳି କାଣ୍ଡ ଘଟାଇବାକୁ ଆଦୌ କୁଣ୍ଠାବୋଧ କରିବେ ନାହିଁ। ଯଦି ରାଜଧାନୀରେ ଘଟିଥିବା ଏଭଳି ଘଟଣାରେ କଲେଜ କର୍ତ୍ତୃପକ୍ଷଙ୍କ ପରିବର୍ତ୍ତେ ବିଭାଗକୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପଡ଼ିଲା, ତା'ହେଲେ ରାଜ୍ୟର ଅଗମ୍ୟ ସ୍ଥାନଗୁଡ଼ିକରେ କ'ଣ ସ୍ଥିତି ଥିବ, ତା' ଏଥିରୁ ସ୍ପଷ୍ଟ ଅନୁମେୟ। ତେବେ ରାଜ୍ୟ ସରକାର ଏହି ଘଟଣାରେ ବଦଳି କରିଥିବା ବେଳେ ଆଗକୁ କି ପ୍ରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛନ୍ତି, ତାହା ଉପରେ ସମସ୍ତଙ୍କ ନଜର।

### ତୁଟୁନି...

ସେ ଅନୁଭବ କରୁଥିବା ସଙ୍କେତ ଦେଇଛନ୍ତି ।

ସେ ଲେଖିଛନ୍ତି, ବିଜେଡି ସାମାଜିକ ନ୍ୟାୟ, ଧର୍ମନିରପେକ୍ଷତା ଓ ଆଞ୍ଚଳିକ ସନ୍ତୁଳନକୁ ନେଇ ଆଗକୁ ବଢ଼ିବା ଉଚିତ। କିଛି ଲୋକଙ୍କୁ ଦଳର ସଂଗଠନକୁ ହାଇଜ୍ୟାକ୍ କରିବାକୁ ଦିଆନଯାଉ। ୱାକଫ୍ ବିଲ୍ ବିବାଦ ଆମ ଦଳର ଧର୍ମନିରପେକ୍ଷତାରେ ପ୍ରଶ୍ନଚିହ୍ନ ଲଗାଇ ଦେଇଛି । ତେଣୁ ଧର୍ମନିରପେକ୍ଷ ଓ ସାମାଜିକ ନ୍ୟାୟ ଆଦର୍ଶକୁ ଉଜ୍ଜୀବିତ ରଖିବାକୁ ଉଚିତ ପଦକ୍ଷେପ ନିଆଯାଉ। ଦଳର ଆଭିମୁଖ୍ୟ ଜାତିଭିତ୍ତିକ ଜନଗଣନା ସପକ୍ଷରେ, ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ ଖଣି ଟିକସ ଓ ବକେୟା ଆଦାୟ କରାଯିବା, ଆଦିବାସୀଙ୍କ ସ୍ୱାର୍ଥରକ୍ଷା ପାଇଁ ପେସା ଆଇନ ଲାଗୁ କରାଯିବା, ଓଡ଼ିଶାକୁ ସ୍ୱତନ୍ତ୍ର ପାହ୍ୟା ରାଜ୍ୟ ମାନ୍ୟତା ପ୍ରଦାନ ପାଇଁ କେନ୍ଦ୍ର ନିକଟରେ ଦାବି କରାଯିବା ଉପରେ ପର୍ଯ୍ୟବେସିତ ହେଉ। କିଛି ଲୋକ ଦଳକୁ ହାଇଜାକ୍ ନ କରନ୍ତୁ। ସାମାଜିକ ବନ୍ଧନ କ୍ଷୁଣ୍ଣ ନହେଉ କି ଆଞ୍ଚଳିକ ବୈଷମ୍ୟ ନବଢୁ ବୋଲି ସେ ରାଜ୍ୟ ସଭାପତିଙ୍କୁ ରୋକଠୋକ୍ ଜଣାଇଛନ୍ତି ।

ୱାକଫ୍ ବିଲ୍ ବିବାଦରେ ଦଳର କର୍ମୀମାନଙ୍କ ମଧ୍ୟରେ ଅସନ୍ତୋଷ ରହିଥିବା ସ୍ପଷ୍ଟ ଭାବେ କହିଛନ୍ତି ରଣେନ୍ଦ୍ର। ଏହା ବିଜେଡିର ଧର୍ମନିରପେକ୍ଷ ଆଭିମୁଖ୍ୟରେ ପ୍ରଶ୍ନଚିହ୍ନ ଲଗାଇଦେଇଛି। ଦଳ ସାମାଜିକ ନ୍ୟାୟ ଓ ଧର୍ମନିରପେକ୍ଷତାକୁ ପୁଞ୍ଜି କରି ନେତା ଓ କର୍ମୀମାନଙ୍କୁ ସାଙ୍ଗରେ ନେଇ ଆଗକୁ ବଢ଼ୁ ବୋଲି ନବୀନଙ୍କୁ ଜଣାଇଛନ୍ତି ଦଳର ଏହି ବରିଷ୍ଠ ନେତା । ଆମେ ଭୁଲିଯିବା ଉଚିତ ନୁହେଁ ଯେ ବିଜୁ ବାବୁଙ୍କ ରାଜନୀତିର ଆଧାର ଧର୍ମନିରପେକ୍ଷତା, ସାମାଜିକ ନ୍ୟାୟ ଓ ଆଞ୍ଚଳିକ ଅସ୍ମିତା ଥିଲା । ସମାଜରେ ଅବହେଳିତ ଲୋକମାନଙ୍କୁ ସମ୍ମାନର ସହ ସଶକ୍ତ କରିବା, ପ୍ରତିନିଧିତ୍ୱ ଦେବା ଓ ସୁଯୋଗ ଦେବା ପାଇଁ ବିଜୁ ବାବୁ ସ୍ୱପ୍ନ ଦେଖିଥିଲେ । ଏହା ଆପଣଙ୍କ ନେତୃତ୍ୱରେ ପ୍ରତିଫଳିତ ହୋଇଥିଲା । ଏହା ଉପରେ ସ୍ୱଷ୍ଟତା ଆଣିବା ପାଇଁ ପରିସ୍ଥିତି ଆହ୍ୱାନ ଦେଇଥିବା ଲେଖିଛନ୍ତି ରଣେନ୍ଦ୍ର । ଦଳର ଆଦର୍ଶ ଓ ନୀତିରେ ସାମାଜିକ ନ୍ୟାୟ ଆଗରେ ରହୁ ବୋଲି ରଣେନ୍ଦ୍ର ସଭାପତିଙ୍କୁ ଜଣାଇଛନ୍ତି ।

ରାଜା ସ୍ୱାଇଁଙ୍କ ଭଳି ବରିଷ୍ଠ ବିଧାୟକଙ୍କ ଚିଠି ବିଜେଡି କ୍ୟାମ୍ପରେ ସୃଷ୍ଟି କରିଛି କମ୍ପନ । ଜବାବ ଦେବାକୁ ସାମ୍ନାକୁ ଆସି ସମନ୍ୱୟ କମିଟିର ଅଧ୍ୟକ୍ଷ ଦେବୀ ମିଶ୍ର କହିଛନ୍ତି ଯେ ହାଇଜ୍ୟାକ୍ କଥା ରାଜା ହିଁ ଜାଣିଥିବେ। ସେପଟେ ୱାକଫ୍ ବିଲ୍ ପ୍ରସଙ୍ଗରେ ସାଂସଦ ସୁଲତା ଦେଓ ସୋସିଆଲ ମିଡିଆରେ ପୋଷ୍ଟ କରି ମୁନା ଖାଁ ଓ ଦେବାଶିଷ ସାମନ୍ତରାୟଙ୍କୁ କରିଥିଲେ ଟାର୍ଗେଟ। ଯାହାର କଡ଼ା ଜବାବ ରଖିଛନ୍ତି ଦେବାଶିଷ । ସୁପ୍ରିମୋଙ୍କ କହିବା ପରେ ସୋସିଆଲ ମିଡିଆରେ ପୋଷ୍ଟ କରି ଦଳୀୟ ଶୃଙ୍ଖଳା ସୁଲତା ଭାଙ୍ଗିଥିବାରୁ ନବୀନ ଏହାର ବିଚାର କରିବେ ବୋଲି ଦେବାଶିଷ କହିଛନ୍ତି।

### ଜୁଲାଇ ...

ଜଙ୍ଗଲ ନଷ୍ଟ ହେବ। ବୈଶ୍ୱିକ କାରଣରୁ ଆମ ଦେଶର ଆର୍ଥିକ ସ୍ଥିତି ପ୍ରଭାବିତ ହେବ। ଦେଶରେ ଆୟ ବୃଦ୍ଧି ସତ୍ତ୍ୱେ ଅତ୍ୟଧିକ ବ୍ୟୟ ରାଜକୋଷକୁ ପ୍ରଭାବିତ କରିବ।

ନୂଆ ପଞ୍ଜିକା କହୁଛି, ସିଦ୍ଧାର୍ଥ ଶମ୍ବତ୍ସରରେ ଚଳିତ ବର୍ଷ ଶୁକ୍ର ଗ୍ରହର ବୃଷ ଓ ତୁଳା ରାଶି ଏବଂ ଶନି ଗ୍ରହର ମକର ଓ କୁମ୍ଭ ରାଶିରେ ଅବସ୍ଥାନ ଯୋଗୁଁ ଏହି ରାଶିର ବ୍ୟକ୍ତିବିଶେଷଙ୍କ ଆୟ କମ୍ ରହିବ, ବ୍ୟୟ ଅଧିକ ରହିବ। କିନ୍ତୁ ଅନ୍ୟ ସବୁ ରାଶିର ବ୍ୟକ୍ତିଙ୍କ ଆୟ ଅଧିକ ରହିବ ଓ ବ୍ୟୟ କମ୍ ରହିବ।

ସେହିଭଳି ନୂଆ ପାଞ୍ଜି ଗଣନା କରି ଜଣାଶୁଣା ପଞ୍ଜିକାର ଦେବଦର୍ଶୀ ଖଡିରତ୍ନ କହିଛନ୍ତି ଯେ ପାଞ୍ଜିରେ ରାଜ୍ୟ, ଦେଶ ଓ ବିଶ୍ୱ ପାଇଁ ବର୍ଷଟି ଭଲ ରହିବ। ଏବର୍ଷ ଜନସାଧାରଣ ବିଭିନ୍ନ କ୍ଷେତ୍ରରୁ ଉପକୃତ ହେବା ସହ ପୂରା ବର୍ଷ ସୁଖ ସମୃଦ୍ଧିର ବର୍ଷ ହେବ। ତେବେ ଚଳିତ ବର୍ଷ ଅନାବୃଷ୍ଟି ଓ ଅତିବୃଷ୍ଟିର ଆଶଙ୍କା ରହିଛି। ତେଣୁ କେତେକ ରାଜ୍ୟରେ ବନ୍ୟା ହେବା ବେଳେ କିଛି ରାଜ୍ୟରେ ମରୁଡ଼ି ଦେଖାଦେବ।

ସେହିପରି ବାତ୍ୟା ଓ ଭୂକମ୍ପ ଆଶଙ୍କା ମଧ୍ୟ ରହିଛି। ଏବର୍ଷ ଦେଶ ତଥା ବିଶ୍ୱରେ ଆର୍ଥିକ ମାନ୍ଦାବସ୍ଥା ଓ ଅନଟନ ଦେଖା ଦେଇପାରେ। ଖର୍ଚ୍ଚ ଓ ଋଣ ବଢ଼ିବ। ତେବେ ଏହା ରାସ୍ତାଘାଟ ନିର୍ମାଣ ଓ ବୈଷୟିକ ଭିତ୍ତିଭୂମିର ବିକାଶ କ୍ଷେତ୍ରରେ ବିନିଯୋଗ ହେବ ବୋଲି ସେ କହିଛନ୍ତି।

ନୂଆ ପାଞ୍ଜି ଅନୁଯାୟୀ ଓଡିଶାରେ ରାଜନୈତିକ ସ୍ଥିରତା ରହିବ। କିନ୍ତୁ ଦକ୍ଷିଣ ଭାରତର କିଛି ରାଜ୍ୟରେ ରାଜନୈତିକ ଅସ୍ଥିରତା ଦେଖାଦେବ। ଆନ୍ତର୍ଜାତିକ ସ୍ତରରେ ଦେଶର ସୁନାମ ବୃଦ୍ଧି ପାଇବା ସହ ବିଜ୍ଞାନ ଓ ଉଦ୍ୟୋଗ କ୍ଷେତ୍ରରେ ବେଶ ନାମ କମାଇବ ଭାରତ। ମୋଟାମୋଟି ନୂଆ ପାଞ୍ଜି ଆମ ରାଜ୍ୟ ଓ ଦେଶ ପାଇଁ ରାଜନୀତି, ଅର୍ଥନୀତି, ଆଇନଶୃଙ୍ଖଳା, ପ୍ରାକୃତିକ ପରିବେଶ ଦୃଷ୍ଟିକୋଣରୁ ଶୁଭଙ୍କର ହେବ ବୋଲି ଗଣନା କରାଯାଉଛି ।

### ସାକାର ହେବ...

ସହଯୋଗରେ ସିଏସଆଇଆର-ପୁଷ୍ପ କୃଷି ମିଶନ ଅଧୀନରେ ନିର୍ମିତ 'ପୁଷ୍ପକୃଷି ପଲୀହାଉସ'ର ଲୋକାର୍ପଣ କରିବା ସହ କେନ୍ଦ୍ର ମନ୍ତ୍ରୀ ପୁଷ୍ପ ବଗିଚା ପରିଦର୍ଶନ କରିଛନ୍ତି। ପରେ ଆୟୋଜିତ ପୁଷ୍ପ କୃଷି ମେଳାରେ ଯୋଗଦେବା ସହ ଶ୍ରୀ ପ୍ରଧାନ ଗ୍ରାମର ବିଭିନ୍ନ ଚାଷୀଙ୍କୁ ଚାରା ବଣ୍ଟନ କରିଛନ୍ତି। ଏହି ଅବସରରେ ସେ ଫୁଲ ବ୍ୟବସାୟ ସମ୍ପର୍କରେ ସ୍ଥାନୀୟ ଯୁବ ଚାଷୀ ପ୍ରମୋଦଙ୍କ ସହ ମଧ୍ୟ କଥା ହୋଇଥିଲେ ।

ଏହି ଅବସରରେ ଶ୍ରୀ ପ୍ରଧାନ କହିଛନ୍ତି ଯେ ସମ୍ବଲପୁର ଅଞ୍ଚଳର କୃଷି ହେଉଛି ଅର୍ଥନୀତି। କୃଷି ହିଁ ଏଠାକାର ସାଂସ୍କୃତିକ ଓ ସାମାଜିକ ଏକତାର ମୂଳ ଉପାଦାନ। ସନାତନପାଲିର ଚାଷୀମାନେ ଫୁଲ ଚାଷ କରି ଲାଭବାନ ହେବା ସହ ଅନ୍ୟମାନଙ୍କୁ ଏଥିପାଇଁ ପ୍ରୋତ୍ସାହିତ କରିବା ନିଶ୍ଚିତ ଭାବେ ପ୍ରଶଂସନୀୟ ପଦକ୍ଷେପ। ସମ୍ବଲପୁର ଜିଲ୍ଲାରେ ଏଭଳି ଉଦ୍ୟମ ଫୁଲ ଚାଷ କ୍ଷେତ୍ରରେ ଉଦ୍ୟୋଗ ଓ ନିଯୁକ୍ତି ସୃଷ୍ଟିକୁ ପ୍ରୋତ୍ସାହିତ କରିବ। ସ୍ଥାନୀୟ ଅର୍ଥନୀତି ସମୃଦ୍ଧ ହେବା ସହ ଫୁଲଚାଷକୁ ପ୍ରୋତ୍ସାହନ ମିଳିବ। ଆଗାମୀ ଦିନରେ ଏହି ପଦକ୍ଷେପ ସମ୍ବଲପୁରର ବଜାର ଭିତ୍ତିଭୂମିକୁ ନୂଆ ରୂପ ଦେବ। ସ୍ଥାନୀୟ ଅଞ୍ଚଳର ପରିଚୟ ବଢ଼ିବା ସହ ଚାଷୀମାନେ ବିଶେଷ ଭାବେ ଲାଭବାନ ହେବେ।

ଚାଷୀଙ୍କ ଆୟ ଦୁଇ ଗୁଣା ବୃଦ୍ଧି ହେବା ସହ ସେମାନେ ଆତ୍ମନିର୍ଭର ହୋଇପାରିବେ।

ଡବଲ ଇଞ୍ଜିନ ସରକାରରେ ସମ୍ବଲପୁରକୁ ଫୁଲଚାଷର ପେଣ୍ଠସ୍ଥଳୀ କରିବା ପାଇଁ ଉଦ୍ୟମ ହେବ। କେବଳ ଶୀତ ଦିନ ନୁହେଁ, ଏଣିକି ପ୍ରତି ୪ ମାସରେ ଥରେ ବର୍ଷ ସାରା ଫୁଲ ଉତ୍ପାଦନ ହେବ। ଫୁଲଚାଷରେ ମାତ୍ର ୩୦ ହଜାର ଟଙ୍କା ଖର୍ଚ୍ଚ ହେବ ଏବଂ ଏକର ପିଛା ଲକ୍ଷେ ଟଙ୍କାରୁ ଅଧିକ ଦରରେ ଏହି ଫୁଲ ବିକ୍ରି ହେବ।

ଏହାଦ୍ୱାରା ଚାଷୀଙ୍କ ଜୀବନଜୀବିକାରେ ଉନ୍ନତି ହେବ। ଆଜି ଦେଶ ଓ ରାଜ୍ୟରେ ଏକ କଲ୍ୟାଣକାରୀ ସରକାର କ୍ଷମତାରେ ରହିଛି। ମୋଦି ଗ୍ୟାରେଣ୍ଟିରେ ଓଡ଼ିଶାର ଲୋକଙ୍କୁ ଉତ୍ତମ ସ୍ୱାସ୍ଥ୍ୟସେବା ପ୍ରଦାନ କରିବା ପାଇଁ 'ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା', 'ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା' ଓ 'ଆୟୁଷ୍ମାନ ବୟୋବନ୍ଦନା ଯୋଜନା' ଆରମ୍ଭ ହୋଇଛି। ଧାନର ଏମଏସପି ମୂଲ୍ୟ କ୍ୱିଣ୍ଟାଲ ପିଛା ୩୧୦୦ ଟଙ୍କା ବୃଦ୍ଧି ହୋଇଛି। କୃଷିଭିତ୍ତିକ ଜିଲ୍ଲା ସମ୍ବଲପୁରରେ କୃଷିର ବିକାଶ ସହ ଏହାକୁ କୃଷିଭିତ୍ତିକ ଅର୍ଥନୀତିରେ ପରିଣତ କରିବା ଆମ ସମସ୍ତଙ୍କର ଦାୟିତ୍ୱ ବୋଲି କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି ।

# ସ୍ୱାଭିମାନ ଅଞ୍ଚଳରେ ରାସ୍ତା ଏବେ ମରଣଯନ୍ତା

### ଗୁହାରି କରି ନୟାନ୍ତ ଗ୍ରାମବାସୀ, ଶୁଣୁନି ପ୍ରଶାସନ



**ବୋରିଗୁମ୍ମା/କୋଟପାଡ଼, ୧୪।୪ (ସଂଚାର ବ୍ୟୁରୋ):** କୋରାପୁଟ ଜିଲ୍ଲା କୋଟପାଡ଼ ବ୍ଲକ ଏସବି. ନୂଆ ଗାଁ ପଞ୍ଚାୟତର ଖଡ଼ଗପୁର ଠାରୁ ରାଣୀଗୁଡା ଦେଇ କୁନ୍ଦ୍ରା ବ୍ଲକକୁ ସଂଯୋଗ କରୁଥିବା ରାସ୍ତା ସମ୍ପୂର୍ଣ୍ଣ ନଷ୍ଟ ହୋଇଯିବା ଫଳରେ ପଞ୍ଚାୟତର ୩ଟି ଗାଁ ସହ ଅନ୍ୟ ପଞ୍ଚାୟତର ଚାରି ଗାଁକୁ ପକ୍କା ରାସ୍ତା ଏବେ ସାତସପନ ହୋଇଛି। ରକ୍ଷଣାବେକ୍ଷଣ ଅଭାବରୁ ରାସ୍ତା ଏବେ ମରଣଯନ୍ତା ପାଲଟିଛି। ଫଳରେ ୭ଖଣ୍ଡ ଗ୍ରାମବାସୀ ଯମଯନ୍ତ୍ରଣା ଭୋଗୁଛନ୍ତି। ବ୍ଲକ ଠାରୁ ଜିଲ୍ଲା ପ୍ରଶାସନ ନିକଟରେ ଗୁହାରି କରି ନୟାନ୍ତ ହୋଇଥିଲେ ମଧ ପ୍ରଶାସନ ଶୁଣୁନଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି ।

କୋଟପାଡ଼ ଗ୍ରାମ୍ୟ ନିର୍ମାଣ ବିଭାଗ ଅଧୀନରେ ୨ ବର୍ଷ ପୂର୍ବେ ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାରେ ଅନ୍ତର୍ଭୁକ୍ତ କରି ରାସ୍ତା କାମ ହୋଇଥିଲା । ଏହି ରାସ୍ତା ପ୍ରଧାନମନ୍ତ୍ରୀ ସଡ଼କ ଯୋଜନରେ ଅଟକଳ ମୂଲ୍ୟର ୧୦ ଶତକଡା ଟଙ୍କା ମରାମତି ପାଇଁ ରଖାଯାଇଥାଏ। ତାହା ପଞ୍ଚ ବର୍ଷ ଭିତରେ କୌଣସି ପ୍ରକାର ଖରାପ ହେଲେ ତାହାକୁ ମରାମତି କରାଯାଏ। ବର୍ତ୍ତମାନ ବର୍ଷକ ମଧରେ ସେହି ରାସ୍ତା ସମ୍ପୂର୍ଣ୍ଣ ନଷ୍ଟ ହୋଇଗଲାଣି । ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି ରାସ୍ତାରୁ ପିଚୁ ବାହାରି ଯାଇଛି, ପିଚୁ ତଳେ ଥିବା ମୋରମ୍ ମାଟି, ମେଟାଲ୍ ଗୋଡ଼ି ଦେଖାଯାଉଛି। ମେଟାଲ୍ ଗୁଡ଼ିକ ବାହାରି ରାସ୍ତା ଉପରେ ପଡି ରହିଛି। ବର୍ଷା ପାଣି ରାସ୍ତା ଉପରେ ଯାଉଥିବାରୁ ରାସ୍ତା ନଷ୍ଟ ହୋଇଗଲାଣି। ରାସ୍ତାର ଦୁଇପାର୍ଶ୍ୱ ସଫା କରା ଯାଉନଥିବାରୁ ରାସ୍ତାକୁ ଗଛ ଲତା ମାଡ଼ି ବସିଛି। ରାସ୍ତା ମଝିରେ ଖାଲ ଖମା ହୋଇଗଲାଣି। ଏହା ସହିତ ରାସ୍ତା ମଝିରେ ଛୋଟ ଛୋଟ ଗଛ ଉଠିଲାଣି ବୋଲି ଗ୍ରାମବାସୀମାନେ ଅଭିଯୋଗ କରିଛନ୍ତି। ରାସ୍ତାରେ ଗଲାବେଳେ ବିଭିନ୍ନ ସମସ୍ୟା ସମ୍ମୁଖୀନ ହେବାକୁ ପଡୁଥିବା ଦୁର୍ଘଟଣା ମଧ ଘଟୁଥିବାରୁ ଅଞ୍ଚଳରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ରାସ୍ତା ନିର୍ମାଣ ବେଳେ ରାସ୍ତା ନିମ୍ନ ମାନର କାମ ହେଇଥିବା ଅଞ୍ଚଳବାସୀ ଅଭିଯୋଗରେ ଦର୍ଶାଇଛନ୍ତି।

କୋଟପାଡ଼ ବ୍ଲକ ଏସ ବି. ନୂଆଗାଁ ପଞ୍ଚାୟତରେ ମାଳ ମାଳ ସମସ୍ୟା ରହିଥିବା ବେଳେ ଏଠାରେ ବିକାଶ ଶୂନ। ଏବେ ନୂତନ ସରକାରଙ୍କ ଉପରେ ନଜର ଆଗାମୀ ଦିନରେ ଏହି ୭ଖଣ୍ଡ ଗ୍ରାମବାସୀ କେତେ ଶୀଘ୍ର ଗାଁକୁ ପକ୍କା ରାସ୍ତାଟିଏ ପାଉଛନ୍ତି ତାକୁନେଇ ସ୍ଥାନୀୟ ଅଞ୍ଚଳବାସୀ ଆଶା ରଖିଛନ୍ତି।

---

### ମହାବିଷୁବ ସଂକ୍ରାନ୍ତିରେ ଜମିଲା ପଣାର ଆସର

## ଯୁବକ ସଙ୍ଘ ତରଫରୁ ପଣା ସହ ପରିବେଶ ସୁରକ୍ଷା ପାଇ ଚାରା ବଣ୍ଟନ



**କାକଟପୁର/ଅସ୍ତରଙ୍ଗ, ୧୪।୪ (ସଂଚାର ବ୍ୟୁରୋ):** ପୁରୀ ଜିଲ୍ଲା ଅସ୍ତରଙ୍ଗ ଅଞ୍ଚଳର ବିଭିନ୍ନ ସ୍ଥାନରେ ପଣାର ଆସର। ଓଡ଼ିଆତ୍ୱର ମହକରେ ମହକୁଥିଲା ସାରା ପୁରୀ ଜିଲ୍ଲା ଅସ୍ତରଙ୍ଗ ଅଞ୍ଚଳ। ପ୍ରବଳ ଖରାରେ ଧର୍ମ ଅର୍ଜନ କରିବାର ବିଶ୍ୱାସ ନେଇ ବାଟୋଇଙ୍କୁ ପଣା ପିଆଇଥିଲେ ଅସ୍ତରଙ୍ଗ ଅଞ୍ଚଳବାସୀ। ଖାଲି ସେତିକି ନୁହେଁ, ସୋମବାର ଥିଲା ପ୍ରଭୁ ଶଙ୍କଟମୋଚନ ହନୁମାନ ଜୟନ୍ତୀ। ଏଥିପାଇଁ ଚଳଚଞ୍ଚଳ ହୋଇ ପଡ଼ିଥିଲେ ଶ୍ରଦ୍ଧାଳୁ। ଅସ୍ତରଙ୍ଗ ବ୍ଲକର ବିଭିନ୍ନ ଗ୍ରାମରେ ଥିବା ହନୁମାନ ମନ୍ଦିରରେ ହନୁମାନ ଜନ୍ମ ଦିନ ପାଳନ ସହ ତୁଳସୀ ଚଉରାରେ ଠେକି ବସାଇବା ଦୃଶ୍ୟ ଦେଖିବାକୁ ମିଳିଥିଲା। ଅସ୍ତରଙ୍ଗ ବ୍ଲକର କୋଣ ଅନୁକୋଣରେ ଥିବା ହନୁମାନ ମନ୍ଦିରରେ ନାହିଁ ନଥିବା ଭିଡ଼ ପରିଲକ୍ଷିତ ହୋଇଥିଲା। ସବୁଠି ଶୁଭୁଥିଲା ସଙ୍କଟ ମୋଚନ ଜୟ ହନୁମାନ। ଏହି ଅବସର ଅସ୍ତରଙ୍ଗ ନିକଟସ୍ଥ ମା ବରୁଣେଇ ଯୁବକ ସଙ୍ଘ ତରଫରୁ ବାଟୋଇଙ୍କୁ ପଣା ବଣ୍ଟନ ସହ ଗଛ ବଣ୍ଟନ ହୋଇଥିଲା। ଏଥିରେ ସାମିଲ ଥିଲେ ଜୟ ପ୍ରକାଶ ମୁଦୁଲି, ଜଗନ୍ନାଥ ପାତ୍ର, ପିଣ୍ଟୁ ସ୍ୱାଇଁ, ଘନଶ୍ୟାମ ସ୍ୱାଇଁ, ଲୋକନାଥ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଆଳଙ୍ଗପୁର ସ୍ଥିତ ସରସ୍ୱତୀ ବିଦ୍ୟାସାଗର ବିଦ୍ୟାଳୟ ରେ ଗୁରୁଜୀ ଓ ଗୁରୁମା ମାନେ ବାଟୋଇଙ୍କୁ ପଣା ବଣ୍ଟନ କରିଥିଲେ। କୁହୁଡି ଛକ ନିକଟରେ ଶାନ୍ତି ସ୍ୱଚ୍ଛ ଭାରତ ମିଶନ କ୍ଲବ ତରଫରୁ ମୋହିନୀ ବିଶ୍ୱାଳ, ମମତା ଓଝା, ଲକ୍ଷ୍ମୀପ୍ରିୟା ରାଉତ, ଲିଲୁ ଜେନା, ଅର୍ଚ୍ଚନା ବେହେରା ପ୍ରମୁଖ ଉପସ୍ଥିତ ରହି ବାଟୋଇଙ୍କୁ ପଣା ବଣ୍ଟନ କରିଥିଲେ।

## ନିଖିଳ ଉତ୍କଳ ଖଡୁରା ସମାଜ ତରଫରୁ ପଣା ବଣ୍ଟନ



**ଉମରକୋଟ, ୧୪।୪ (ସଂଚାର ବ୍ୟୁରୋ):** ମହାବିଷୁବ ସଂକ୍ରାନ୍ତି, ହନୁମାନ ଜୟନ୍ତୀ ତଥା ଓଡ଼ିଆ ନବବର୍ଷ ଉପଲକ୍ଷେ ଉମରକୋଟ ଝାଡ଼େଶ୍ୱର ମହାଦେବଙ୍କ ମନ୍ଦିର ପ୍ରାଙ୍ଗଣରେ ନିଖିଳ ଉତ୍କଳ ଖଡୁରା ସମାଜ, ଉମରକୋଟ ପେଣ୍ଟ ତରଫରୁ ଭକ୍ତ ବୃନ୍ଦଙ୍କୁ ପଣା ବଣ୍ଟନ କରାଯାଇଥିଲା। ପେଣ୍ଟର ସଭାପତି ସୁରେନ୍ଦ୍ର ନାୟକ, ସମ୍ପାଦକ ତ୍ରିପତି ମହାପାତ୍ର ଓ କାର୍ଯ୍ୟକାରୀ ସମ୍ପାଦକ ସନ୍ତୋଷ କୁମାର ନାୟକଙ୍କ ନେତୃତ୍ୱ ରେ ଅନ୍ୟାନ୍ୟ ସଦସ୍ୟ ବୃନ୍ଦ ଯଥା ଶିବ ପ୍ରସାଦ ସୁବୁଦ୍ଧି, ଧବଳେଶ୍ୱର ନାୟକ, ସୁନୀଲ ନାୟକ, ମିଟୁ ମହାପାତ୍ର, ରମେଶ ନାୟକ, ପ୍ରବୀର ସାହୁ, ଶିବ ଶଙ୍କର ବେହେରା, ପ୍ରଭାକର ମହାପାତ୍ର, ନାଗେଶ୍ୱର ନାୟକ, ସୁଧୀର ସାହୁ, ଅମୀୟ ସାହୁ, ପେଣ୍ଟରା ସାହୁ, କାହ୍ନା ନାୟକ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମଟିକୁ ସାଫଲ୍ୟ କରାଇଥିଲେ।

## ଖୋର୍ଦ୍ଧାରେ ଆମ୍ବେଦକର ଜୟନ୍ତୀ ପାଳିତ



**ଖୋର୍ଦ୍ଧା, ୧୪।୪ (ସଂଚାର ବ୍ୟୁରୋ):** ଆଜି ଜିଲ୍ଲା ସଦର ମହକୁମା ଜିଲ୍ଲା ପାଳଙ୍କ କାର୍ଯ୍ୟାଳୟ ସଦଭାବନା ସଭାଗୃହ ଠାରେ ଅତିରିକ୍ତ ଜିଲ୍ଲାପାଳ (ପ୍ରଶାସନ) ଏବଂ ମୁଖ୍ୟ ଅତିଥି ଶ୍ରୀ ପ୍ରତାପ ଚନ୍ଦ୍ର ବେଉରାଙ୍କ ପୌରାହିତ୍ୟରେ ୧୩୪ତମ ଡ଼. ବାବାସାହେବ ଭୀମ ରାମଜୀ ଆମ୍ବେଦକରଙ୍କ ଜୟନ୍ତୀ ସମାରୋହ ପାଳିତ ହୋଇଯାଇଅଛି। ଡ଼. ବି ଆର ଆମ୍ବେଦକରଙ୍କ ଛାତ୍ର ଜୀବନରୁ କର୍ମଠ, ଉଦୀୟମାନ, ପରୋପକାରୀ ଏବଂ ସବୁ ମଣିଷ ସମାନ ବୋଲି ଭାବୁଥିଲେ। ସେ ଦିନକୁ ୧୮ ଘଣ୍ଟା ସମୟ ପାଠପଢ଼ାରେ ବିନିଯୋଗ କରୁଥିଲେ ଯାହା ଫଳସ୍ୱରୂପ ସେ ଭାରତର ବିଶାଳ ଗଣତାନ୍ତ୍ରିକ ରାଷ୍ଟ୍ରର ସମ୍ବିଧାନ ଗଢି ଭାରତ ରତ୍ନ ଉପାଧିରେ ଭୂଷିତ ହୋଇ ଅମର ହୋଇଯାଇଅଛନ୍ତି। ଛାତ୍ରଛାତ୍ରୀମାନେ ଆମ୍ବେଦକରଙ୍କ ଜୀବନାଦର୍ଶକୁ ଆପଣେଇ କଠିନ ପରିଶ୍ରମ କରି ନିଜର ଲକ୍ଷ୍ୟ ସ୍ଥିର କରି ଉଚ୍ଚ ଶିଖର ଠିକ ରଖି ପାରିଲେ ନିଃସନ୍ଦେହ ସେମାନେ ଆମ୍ବେଦକର ଭଳି ଭଲ ମଣିଷ ହୋଇ ରାଷ୍ଟ୍ରର ଗୌରବ ବେକ ରଖିବାକୁ ଆହ୍ୱାନ ଦେଇଥିଲେ। ସାମ୍ମାନିତ ଅତିଥିଭାବେ ଜିଲ୍ଲାମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲାପରିଷଦ, ଖୋର୍ଦ୍ଧା ଜ୍ୟୋତି ଶଙ୍କର ସାହୁ ଯୋଗଦେଇ କହିଲେ ଆମ୍ବେଦକର ଜଣେ ଦୂରଦୃଷ୍ଟି ସମ୍ପନ୍ନ ବ୍ୟକ୍ତିତ୍ୱ। ଭାରତ ଭଳି ବୃହତ ଗଣତାନ୍ତ୍ରିକ ରାଷ୍ଟ୍ରରେ ତାଙ୍କର ଅନବଦ୍ୟ ସୃଷ୍ଟି ସମ୍ବିଧାନ ରଚନା ତାଙ୍କୁ ଚିର ସ୍ମରଣୀୟ କରି ରଖିବ। ଆମର ଜାତୀୟ ଏକତା, ଅଖଣ୍ଡତା, ସହଂତି, ସଂସ୍କୃତି, ଜାତି, ଧର୍ମ, ବର୍ଣ୍ଣ, ନିର୍ବିଶେଷରେ ସମାନତା ରଖିବାକୁ ଛାତ୍ରଛାତ୍ରୀ ମାନଙ୍କୁ ଆହ୍ୱାନ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଜିଲ୍ଲା ମଙ୍ଗଳ ଅଧିକାରୀ ଡ଼. ଗୀତାଂଶୁ ଦାଶ ଯୋଗଦେଇ କହିଲେ ଅସ୍ପୃଶ୍ୟତା ଦୂର କରିବାରେ ଆମ୍ବେଦକର ଯେଭଳି ନିଜ ଜୀବନକୁ ଉତ୍ସର୍ଗ କରି ଯାଇଛନ୍ତି, ସେଥିପାଇଁ ରାଷ୍ଟ୍ର ସବୁଦିନ ପାଇଁ ତାଙ୍କୁ ମନେ ରଖିବ। ଏଣୁ ଛାତ୍ରଛାତ୍ରୀମାନେ ନିଜ ମନରେ ଦୃଢ଼ସଂକଳ୍ପ ନେଇ ମନୋଭାବ ତ୍ୟାଗ କରି ଆମ୍ବେଦକରଙ୍କ ତ୍ୟାଗ ଆଦର୍ଶରେ ଅନୁପ୍ରାଣିତ ହେଲେ ବିକଶିତ ରାଷ୍ଟ୍ରର ସ୍ୱପ୍ନ ସାକାର ହେବବୋଲି ଉଦବୋଧନ ଦେଇଥିଲେ। ସେହିପରି ଅନନ୍ୟା ଶତପଥୀ, ଶ୍ରୀତପା ମିଶ୍ର, ଟୁଲିଆମା ପ୍ରଧାନ, ରଞ୍ଜନ କୁମାର ମହାନ୍ତି, ଦେବବ୍ରତ କର ଜିଲ୍ଲା ପଂଚାୟତ ଅଧିକାରୀ, ଶ୍ୟାମଲେନ୍ଦୁ ନାୟକ, ବରିଷ୍ଠ ସାମ୍ବାଦିକ ଉମାଶଙ୍କର ପ୍ରସାଦ, ଛାତ୍ରୀ ଆଦ୍ୟାଶା ମିଶ୍ର, ଛାତ୍ର ଶିଶିର ମହାରଣା ପ୍ରମୁଖ ଡ.ବି ଆର ଆମ୍ବେଦକରଙ୍କ କାଳଜୟୀ ଜୀବନୀ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ ।

---

## ଆଇଏମ୍ଏସ୍ ଆଣ୍ଡ ସମ୍ ହସ୍ପିଟାଲରେ ପ୍ରଥମ ଗ୍ୟାଷ୍ଟ୍ରୋ ସମ୍ମିଟ୍




**ଭୁବନେଶ୍ୱର, ୧୪।୪ (ସଂଚାର ବ୍ୟୁରୋ):** ଭୁବନେଶ୍ୱର ସ୍ଥିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନସେସ୍ ଆଣ୍ଡ ସମ୍ ହସ୍ପିଟାଲ ଦ୍ୱାରା 'ପ୍ରଥମ ଗ୍ୟାଷ୍ଟ୍ରୋ ସମିଟ୍' ରବିବାର ଦିନ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷା ଓ ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ଏହି ସମିଟ୍‌କୁ ଉଦ୍‌ଘାଟନ କରିଥିଲେ। ଏଥିରେ ଅତିଥି ରୂପେ ଜାତୀୟ ଗ୍ୟାଷ୍ଟ୍ରୋ ସଂଗଠନର ସେକ୍ରେଟାରୀ ଜେନେରାଲ୍ ଡ. ମାଥ୍ୟୁ ଫିଲିପ୍, ନୂଆଦିଲ୍ଲୀ ସ୍ଥିତ ଏମସ୍‌ର ପ୍ରଫେସର ଡ. ଗୋବିନ୍ଦ ମଖାରିଆ ଓ ଚଣ୍ଡିଗଡ଼ ସ୍ଥିତ ପିଜିଆଇର ପ୍ରଫେସର ଡ. ବିଶାଲ୍ ଶର୍ମା ଯୋଗ ଦେଇଥିଲେ।

ସମ୍ମିଳନୀର ମୁଖ୍ୟ ବିଷୟବସ୍ତୁ ଥିଲା 'ଲ୍ୟୁମେନ୍' ରୋଗର ରହସ୍ୟ ଉନ୍ମୋଚନ। ଏହି ଆଲୋଚନା ଚକ୍ରରେ ଭାରତର ବିଭିନ୍ନ ମେଡିକାଲ କଲେଜର ଆନ୍ତର୍ଜାତିକ ଖ୍ୟାତି ସମ୍ପନ୍ନ ଡାକ୍ତରମାନେ ନିଜ ନିଜର ଗବେଷଣା ପ୍ରସୂତ ପ୍ରବନ୍ଧ ଉପସ୍ଥାପନ କରିଥିଲେ ଓ ପ୍ରଶ୍ନୋତ୍ତର ମାଧ୍ୟମରେ ଲ୍ୟୁମେନ୍ ରୋଗର ବିଭିନ୍ନ ସମସ୍ୟା ଓ ସମାଧାନ ପାଇଁ ଅତ୍ୟାଧୁନିକ ଉପାୟର ସୂଚନା ଦେଇଥିଲେ।

ଏହି ଅବସରରେ ଭାରତର କିମ୍ବଦନ୍ତୀ ଗ୍ୟାଷ୍ଟ୍ରୋ ବିଶେଷଜ୍ଞ ତଥା ପଦ୍ମଶ୍ରୀ ପୁରସ୍କାର ପ୍ରାପ୍ତ ପ୍ରଫେସର (ଡ.) ଟି.ଏସ୍. ଚନ୍ଦ୍ର ଶେଖରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଆଲୋଚନା ଚକ୍ରରେ ଓଡ଼ିଶା ତଥା ରାଜ୍ୟ ବାହାରୁ ୨୫୦ରୁ ଅଧିକ ଡାକ୍ତରମାନେ ଅଂଶଗ୍ରହଣ କରିଥିଲେ।

### ପାଟୁଆ ଶୋଭାଯାତ୍ରାରେ ଅଘଟଣ

## ବାଣ ବିସ୍ଫୋରଣରେ ପାପୁଲି ଛିଣ୍ଡିଗଲା

**ବାଲିଅନ୍ତା, ୧୪।୪ (ସଂଚାର ବ୍ୟୁରୋ):** ବାଲିଅନ୍ତା ବ୍ଲକ କାକରୁଦ୍ରପୁର ପଞ୍ଚାୟତ ଅଧୀନ ଗଣ୍ଡିଲୋ ଗ୍ରାମ ମା ମଙ୍ଗଳା ଫୋଡା ପାଟୁଆ ଶୋଭାଯାତ୍ରାରେ ବଡ଼ ଅଘଟଣ ଘଟିଛି । ଶୋଭାଯାତ୍ରା ଚାଲିଥିବା ବେଳେ ଗଡ଼ମ୍ବା ବାଣ ଫୁଟାଉଥିବା ଜଣେ ଯୁବକଙ୍କର ଡାହାଣ ହାତ ପାପୁଲି ଛିଣ୍ଡି ଯାଇଛି । ଆହତ ହେଲେ ଉକ୍ତ ଗ୍ରାମର ତ୍ରିନାଥ ଭୋଇ ଓରଫ ବାନା ( ୪୫ ) । ପରିବାର ଲୋକେ ତ୍ରିନାଥଙ୍କୁ ଚିକିତ୍ସା ନେଇ କ୍ୟାପିଟାଲ ହସ୍ପିଟାଲ ନେଇଥିଲେ । ଏବେ ତ୍ରିନାଥଙ୍କ ଅବସ୍ଥା ସଂକଟାପର୍ଣ୍ଣ ଅଛି । ସେ ଆଇସିୟୁରେ ଚିକିତ୍ସାଧୀନ ଅଛନ୍ତି। ଘଟଣାସ୍ଥଳରେ ବାଲିଅନ୍ତା ପୁଲିସ ପହଁଛି ତଦନ୍ତ କରିଥିଲା । ତେବେ ଶୋଭାଯାତ୍ରା ଯାତ୍ରା ଓ ବାଣଫୁଟା ଶେଷ ପର୍ଯ୍ୟନ୍ତ ଚାଲିଥିଲା ।

ସୂଚନା ଅନୁସାରେ ଆଜି ଅପରାହ୍ଣ ୨ଟା ସମୟରେ ଯାତ୍ରା ପଡିଆ ଅଭିମୁଖେ ବାଜା ବାଣ ରୋଷଣି ଶୋଭାଯାତ୍ରା ବାହାରିଥିଲା । ତ୍ରିନ୍ନାଥ ଗୋଟିଏ ଗଡ଼ମ୍ବା ଫୁଟାଇ ସାରିଥିଲେ । ଆଉ ଗୋଟିଏ ଗଡ଼ମ୍ବାରେ ନିଆଁ ଚେଙ୍ଗି ପଳାଇ ଆସିଥିଲେ । ହେଲେ ଗଡ଼ମ୍ବାଟି ଫୁଟିନଥିଲା । କିଛି ସମୟ ଅପେକ୍ଷା କରିବା ପରେ କାଇଁ ଫୁଟିଲାନି ଭାବି ଗଡ଼ମ୍ବାଟି ହାତରେ ଏପଟ ସେପଟ କରି ଗଡ଼ାଇ ଥିଲେ । ଠିକ ସେହି ସମୟରେ ଗଡ଼ମ୍ବା ଫୁଟିଯିବାରୁ ପାପୁଲି ଉଡି ଯାଇଥିଲା। ସନ୍ଧ୍ୟାରେ କାଳିଶି ଓ ପାଟୁଆ ଯାତ୍ରା ପଡିଆରେ ପୋତା ଯାଇଥିବା ଖାଇ ଖୁମ୍ବରେ ଚରକି ବୁଲିଥିଲେ ।

---




## କବରସ୍ଥାନ ଉଦ୍‌ଘାଟନ କଲେ ପୂର୍ବତନ ମନ୍ତ୍ରୀ ସମୀର ଦାସ

**ଗୋପ, ୧୪।୪ (ସଂଚାର ବ୍ୟୁରୋ):** ଗୋପ ବ୍ଲକ୍‌ର ଏକମାତ୍ର ସରକାରୀ କବରସ୍ଥାନ ପୂର୍ବତନ ମନ୍ତ୍ରୀ ତଥା ବିଜେପି ମୁଖପାତ୍ର ସମୀର ରଞ୍ଜନ ଦାସଙ୍କ କରକାମଳରେ ଉଦ୍‌ଘାଟନ ହୋଇଯାଇଛି। ପ୍ରଥମେ ଗୋପ ଠାରୁ ପାରମ୍ପରିକ ଖେଳ ଓ ବାଜା ବାଣ ସହ ଶତାଧିକ ବସ୍ତି ବାସିନ୍ଦା ଶ୍ରୀଯୁକ୍ତ ଦାସଙ୍କୁ ପାଛୋଟି ନେଇଥିଲେ ମଞ୍ଚ ନିକଟକୁ। ପୂର୍ବତନ ମନ୍ତ୍ରୀ ସମୀର ଦାସ ପୂର୍ବ କାର୍ଯ୍ୟକାଳ ଭିତରେ ଗୋପ ବସ୍ତି ବାସିନ୍ଦାଙ୍କୁ ଦେଇଥିବା ପ୍ରତିଶ୍ରୁତି ରକ୍ଷା କରି ଗୋଟାଏ ଆର୍ଥିକ ବର୍ଷରେ ୨୩ ଲକ୍ଷ ଟଙ୍କା ମଞ୍ଜୁରୀ କରିଥିଲେ। ଏହା ଫଳରେ ଗୋପ ବସ୍ତିର ବହୁ ପୁରାତନ କବରସ୍ଥାନର ପୁନଃରୁଦ୍ଧାର ଓ ସୌନ୍ଦର୍ଯ୍ୟକରଣ କରଯାଇଥିଲା ଯାହାକୁ ରବିବାରେ ସମୀର ଦାସ ଉଦଘାଟନ କରିଛନ୍ତି। ଏହି ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମାଇନରଟି ସଭାପତି ମୁଜିବୁର୍ ରହମାନ ଖାଁ, ମାଇନରଟି ସଭାପତି ସର୍ଫରାଜ ତୁଲ୍ଲା, ଅବଦୁଲ କଲିମ ଖାଁ, ବସ୍ତି ସମ୍ପାଦକ ରହିମ୍‌ଉଲ୍ଲା ଶାହା,ମାଇନରଟି ନେତା ଅଦୀବ୍ ଶେଖ୍, କଲାମ ତୁଲା,ଯୁବ ନେତା ମନ୍ଦୀପ ପାଇକରାୟ, ଗୋପ ସରପଞ୍ଚ ଶ୍ରୀମତୀ ସୁଲୋଚନା ଦାସ, ନାଏବ ସରପଞ୍ଚ ଶ୍ରୀଯୁକ୍ତ ବାବୁଲା ବେହେରା, ବରିଷ୍ଠ ନେତା ପ୍ରତାପ ପରିଡା ପ୍ରମୂଖ ଯୋଗ ଦେଇଥିଲେ।

## ଆମ୍ବେଦକରଙ୍କ ଜୟନ୍ତୀ ପାଳିତ



**ନୟାଗଡ଼, ୧୪।୪ (ସଂଚାର ବ୍ୟୁରୋ):** ନୟାଗଡ଼ ଜିଲ୍ଲାପାଳଙ୍କ ସଦଭାବନା ସଭାଗୃହରେ ଡ. ଭୀମ ରାଓ ଆମ୍ବେଦକରଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ନୟାଗଡ଼ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଜ୍ୟୋତ୍ସ୍ନାମୟୀ ଆଚାର୍ଯ୍ୟଙ୍କ ଆବାହକତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ଅଧକ୍ଷ ଇଂ ଦେବାଶିଷ ପଟ୍ଟନାୟକ, ଅତିରିକ୍ତ ଜିଲ୍ଲାପାଳ ରୋଜିନା ଦାଶ ଯୋଗ ଦେଇଥିଲେ। ଆମ୍ବେଦକରଙ୍କ ଫଟୋ ଚିତ୍ରରେ ପୁଷ୍ପ ମାଲ୍ୟାର୍ପଣ କରାଯାଇଥିଲା। ସାମାଜିକ ନ୍ୟାୟ ବ୍ୟବସ୍ଥା ପାଇଁ ଅନେକ ସଂଘର୍ଷ କରିଥିଲେ ଆମ୍ବେଦକର। ଅପୃଷ୍ୟତା ଦୂର କରିବା ପାଇଁ ତାଙ୍କ ସଂଗ୍ରାମ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ଅତିଥିମାନେ ମତ ବ୍ୟକ୍ତ କରିଥିଲେ । କାର୍ଯ୍ୟକ୍ରମରେ ଓଡ଼ଗାଁ ମହାବିଦ୍ୟାଳୟ ପ୍ରାକ୍ତନ ଅଧକ୍ଷ ମହମ୍ମଦ ଓମାର ମଲ୍ଲିକଙ୍କ ସମେତ ବହୁ ବୁଦ୍ଧିଜୀବୀ ସାମିଲ ହୋଇଥିଲେ।

## ହନୁମାନ ଜୟନ୍ତୀରେ ଯୋଗଦେଲେ ଆଇନ ମନ୍ତ୍ରୀ ଓ ପୁରୀ ସାଂସଦ



**ଖୋର୍ଦ୍ଧା, ୧୪।୪ (ସଂଚାର ବ୍ୟୁରୋ):** ଖୋର୍ଦ୍ଧା ଜିଲ୍ଲା ଅନ୍ତର୍ଗତ ବାଲୁଗାଁ-ବାଣପୁର ସହରରେ ପ୍ରତିବର୍ଷ ଏ ବର୍ଷ ମଧ ହନୁମାନ ଜୟନ୍ତୀ ତଥା ଓଡ଼ିଆ ନବ ବର୍ଷ ଉପଲକ୍ଷେ ବଜରଙ୍ଗ ଦଳ ପକ୍ଷରୁ ଅନୁଷ୍ଠିତ ହୋଇଥିଲା ବିଶାଳ ଶୋଭାଯାତ୍ରା। ବଜରଙ୍ଗ ଦଳ ଚିଲିକା ପ୍ରଖଣ୍ଡର ଆହ୍ୱାନକ୍ରମେ ଉକ୍ତ ଶୋଭାଯାତ୍ରାରେ ସାମିଲ ହୋଇଥିଲେ ଶହ ଶହ ରାମ ଭକ୍ତ। ଶୋଭାଯାତ୍ରାଟି ଅପରାହ୍ଣରେ ବାଲୁଗାଁ ମାମୁଁ ଭଣଜା ପାହାଡ଼ ନିକଟରୁ ବାହାରି ସାରା ବାଲୁଗାଁ ସହର ପରିକ୍ରମା କରିଥିଲା ଏବଂ ଏହାପରେ ବାଣପୁର ସହର ପରିକ୍ରମା କରି ପରିଶେଷରେ ପଲଟନ ପଡିଆ ନିକଟରେ ସମାପ୍ତ ହୋଇଥିଲା। ଶୋଭାଯାତ୍ରା ସମୟରେ ଉଭୟ ସହର 'ଜୟ ଶ୍ରୀରାମ', 'ଭାରତ ମାତାକି ଜୟ' ଆଦି ଧ୍ୱନିରେ ପ୍ରକମ୍ପିତ ହୋଇଉଠିଥିଲା। ବିରାଟକାୟ ହନୁମାନଙ୍କ ପତାକା ଧରି ରାମଭକ୍ତ ମାନେ ନାଚି ନାଚି ସହର ପରିକ୍ରମା କରିଥିଲେ। ଉକ୍ତ ରାଲିରେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ପୁରୀ ସାଂସଦ ଡ଼ାଃ ସମ୍ବିତ ପାତ୍ରଙ୍କ ସମେତ ବହୁ ବିଶିଷ୍ଟ ନେତୃବୃନ୍ଦ ସାମିଲ ହୋଇଥିଲେ। ବାଲୁଗାଁ ଏସଡିପିଓ ସଞ୍ଜୟ କୁମାର ପଟ୍ଟନାୟକ, ବାଲୁଗାଁ ଆଇଆଇସି ଜୟପ୍ରକାଶ ପରିଡ଼ା, ବାଣପୁର ଆଇଆଇସି ରମେଶ କୁମାର ଦେବତାଙ୍କ ତତ୍ତ୍ୱାବଧାନରେ ଉଭୟ ବାଣପୁର ଏବଂ ବାଲୁଗାଁ ପୁଲିସର କଡ଼ା ସୁରକ୍ଷା ମଧରେ ଉକ୍ତ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା ।

## ଅଗ୍ନିଶମ ସେବା ସପ୍ତାହରେ ସଚେତନତା



**କାକଟପୁର/ଅସ୍ତରଙ୍ଗ, ୧୪।୪ (ସଂଚାର ବ୍ୟୁରୋ):** ୧୯୯୪ ମସିହା ଏପ୍ରିଲ ୧୪ ତାରିଖ ଦିନ ମୁମ୍ବାଇସ୍ଥିତ ଭିକ୍ଟୋରିଆ ଡକସିପରେ ଭୟାବହ ଅଗ୍ନିକାଣ୍ଡ ଘଟି ୬୬ଜଣ ଅଗ୍ନିଶମ କର୍ମଚାରୀଙ୍କ ଶୋଚନୀୟ ମୃତ୍ୟୁବରଣ କରିଥିଲେ। ଏହି ଦିନଟିକୁ ସ୍ମରଣ କରିବା ପାଇଁ ପ୍ରତିବର୍ଷ ଏପ୍ରିଲ ୧୪ ତାରିଖରୁ ୨୦ ତାରିଖ ଯାଏ ଜାତୀୟ ଅଗ୍ନିଶମ ସୁରକ୍ଷା ସପ୍ତାହ ପାଳିତ ହୋଇଥାଏ। ପୁରୀ ଜିଲ୍ଲା ଅସ୍ତରଙ୍ଗ ଅଗ୍ନିଶମ ବିଭାଗ ପକ୍ଷରୁ ଜାତୀୟ ଅଗ୍ନିଶମ ସେବା ସୁରକ୍ଷା ସପ୍ତାହ ପାଳିତ ହୋଇଯାଇଛି। ଏହି ସେବା ସପ୍ତାହ ଅବସରରେ ଅସ୍ତରଙ୍ଗ ଅଗ୍ନିଶମ ବିଭାଗ ପକ୍ଷରୁ ଅସ୍ତରଙ୍ଗ ଜାଗୁଲାଇ ପଡିଆରେ ଜନସାଧାରଣଙ୍କ ସଚେତନତା ଉଦ୍ଦେଶ୍ୟରେ ଏକ ନିଆରା ପ୍ରୟାସ କରାଯାଇଛି। ସବୁ ଜରୁରୀ ପରିସ୍ଥିତିରେ ଅଗ୍ନିଶମ ବିଭାଗର ଆବଶ୍ୟକତା ପଡିଥାଏ। ଏଣୁ ଅଗ୍ନିଶମ ସେବା ସପ୍ତାହ ଅବସରରେ ଲୋକ ମାନଙ୍କୁ ଆବଶ୍ୟକୀୟ ଅଗ୍ନି ନିର୍ବାପକ ସମ୍ପର୍କରେ ଅବଗତ କରାଇବା ପାଇଁ ନିଆରା ପଦକ୍ଷେପ ଗ୍ରହଣ କରାଯାଇଛି।

ଅଗ୍ନିଶମ ବିଭାଗ ପକ୍ଷରୁ ୨ଟି ଦମକଳ ଗାଡି ବାହାରି ଅସ୍ତରଙ୍ଗ ବଜାର ପରିକ୍ରମା ସହ ଡାକବାଜି ଯନ୍ତ୍ର ଦ୍ୱାରା ଲୋକଙ୍କୁ ଅଗ୍ନି ନିରାପତ୍ତା ବିଷୟରେ ସଚେତନ କରାଇବା ସହିତ ବର୍ତ୍ତମାନ କାର୍ଯ୍ୟକ୍ଷମ ହେଉଥିବା ଜରୁରୀ ଯୋଗାଯୋଗ ନଂ ୧୦୧ ବଦଳରେ ୧୧୨ ବ୍ୟବହାର କରିବାକୁ ଲୋକମାନଙ୍କୁ ସଚେତନ କରାଯାଇଛି। ଏଥିସହ ଅଗ୍ନିସୁରକ୍ଷା ପାଇଁ ବ୍ୟବହୃତ ଉପକରଣକୁ କିପରି ସଠିକ ଭାବେ ରକ୍ଷଣାବେକ୍ଷଣ କରାଯାଇ ପାରିବ ସେ ନେଇ ମଧ ସଚେତନ କରାଯାଇଛି।

ସୁରକ୍ଷା ପାଇଁ ଉପକରଣ ସୁରକ୍ଷା ନିତାନ୍ତ ଆବଶ୍ୟକ। ଏହି ସପ୍ତାହ ମଧରେ ଅସ୍ତରଙ୍ଗ ଅଗ୍ନିଶମ ସେବା କେନ୍ଦ୍ର ପକ୍ଷରୁ ବ୍ଲକର ବିଭିନ୍ନ ସ୍ଥାନରେ ବିଭିନ୍ନ ସଚେତନତା ମୂଳକ କାର୍ଯ୍ୟକ୍ରମ କରାଯିବ ବୋଲି ଅଗ୍ନିଶମ କେନ୍ଦ୍ରର ଷ୍ଟେସନ ଅଫିସର ପ୍ରହ୍ଲାଦ ରାୟ ସୂଚନା ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ହାବିଲଦାର (ଗାଡି ଚାଳକ) ତାପସ ରାଉତ, ଦୀପକ ବେହେରା, ଆଗ୍ନିକ ସାରଦା ପ୍ରସନ୍ନ ସ୍ୱାଇଁ, ନିରଞ୍ଜନ ମାନ ସିଂ, ସୁବ୍ରତ ସାମଲ ଓ ଅନ୍ୟ ସମସ୍ତ କର୍ମଚାରୀ ଅଂଶ ଗ୍ରହଣ କରିଥିଲେ।

---

## ସମ୍ ନର୍ସିଂ କଲେଜରେ ଦୁଇଦିନିଆ ଏସ୍‌ପିଏନ୍‌କନ୍-୨୦୨୫




**ଭୁବନେଶ୍ୱର, ୧୪।୪ (ସଂଚାର ବ୍ୟୁରୋ) :** ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ସମ୍ ନର୍ସିଂ କଲେଜ ଓ ଭାରତର ସୋସାଇଟି ଅଫ୍ ପେରିଅପରେଟିଭ୍ ନର୍ସିଂ (ଏସ୍‌ପିଏନ୍) ର ମିଳିତ ଆନୁକୂଲ୍ୟରେ ବିଶ୍ୱବିଦ୍ୟାଳୟ ଅଡିଟୋରିୟମରେ ଶୁକ୍ରବାର ଦିନ ଏସ୍‌ପିଏନ୍‌ର ୫ମ ଜାତୀୟ ସମ୍ମିଳନୀ 'ଏସ୍‌ପିଏନ୍‌କନ୍ -୨୦୨୫' ଉଦ୍‌ଘାଟିତ ହୋଇଯାଇଛି। ପ୍ରଥମ ଥର ପାଇଁ ଓଡ଼ିଶାରେ ଏସ୍‌ପିଏନ୍ ଓ ସମ୍ ନର୍ସିଂ କଲେଜର ମିଳିତ ଆନୁକୂଲ୍ୟରେ ଏହି ଜାତୀୟ ସମ୍ମିଳନୀ ଆୟୋଜିତ କରାଯାଇଛି। ଏହି ସମ୍ମିଳନୀର ଥିମ୍ ରହିଥିଲା – "ଏମ୍ପାୱାରିଂ ନର୍ସେସ ଫର୍ ଷ୍ଟ୍ରେନ୍‌ଙ୍ଗଥେନିଙ୍ଗ ପୋଷ୍ଟ ଅପ୍‌ରେଟିଭ୍ ପ୍ରାକ୍ଟିସେସ୍" ଅର୍ଥାତ୍ ଅସ୍ତ୍ରୋପଚାରର ପରବର୍ତ୍ତୀ ଅବସ୍ଥାରେ ରୋଗୀର ଯତ୍ନ ନେବା ସମୟରେ ନର୍ସମାନେ କେଉଁ ସବୁ ଅଭ୍ୟାସ ପ୍ରତି ଧ୍ୟାନ ଦେବା ସହ ନିଜକୁ ସଶକ୍ତ କରିପାରିବେ।

ଏହି ଦୁଇଦିନିଆ ଜାତୀୟ ସମ୍ମିଳନୀରେ ଭାରତର ବିଭିନ୍ନ ହସ୍ପିଟାଲ ଓ ନର୍ସିଂ କଲେଜମାନଙ୍କରୁ ୫୦୦ରୁ ଉର୍ଦ୍ଧ୍ୱ ନର୍ସିଂ ଛାତ୍ରଛାତ୍ରୀ, ପିଜି ଛାତ୍ରଛାତ୍ରୀ, ଫ୍ୟାକଲ୍ଟି, ରିସର୍ଚ୍ଚ ସ୍କଲାର ଓ ନର୍ସିଂ ଅଫିସରମାନେ ଯୋଗ ଦେଇଥିଲେ। ବିଜ୍ଞାନ ଭିତିକ ଅଧିବେଶନ ମାଧ୍ୟମରେ ସେମାନଙ୍କୁ ବିଭିନ୍ନ ପ୍ରକାର ପ୍ରଶିକ୍ଷଣ ଦେବା ସହିତ ବିଭିନ୍ନ ବିଷୟବସ୍ତୁ ଉପରେ ଆଲୋଚନା କରାଯାଇଥିଲା। ଆଧୁନିକ ଜ୍ଞାନକୌଶଳ ମାଧ୍ୟମରେ ଚିକିତ୍ସା ଓ ରୋବୋଟିକ୍ ଚିକିତ୍ସା ଆଦି ବିଷୟବସ୍ତୁ ଉପରେ ସେମାନଙ୍କୁ ପ୍ରଶିକ୍ଷଣ ଦିଆଯାଇଥିଲା।

## ମା' ଦକ୍ଷିଣକାଳୀଙ୍କ ପଣାଯାତ୍ରା ଆରମ୍ଭ



**ନୟାଗଡ଼,୧୪।୪(ସଂଚାର ବ୍ୟୁରୋ):** ନୟାଗଡ଼ର ଆରାଧ ଦେବୀ ମା' ଦକ୍ଷିଣକାଳୀଙ୍କ ପଣାଯାତ୍ରା ଆଜି ଠାରୁ ଆରମ୍ଭ ହୋଇଯାଇଛି। ଆଜି ସକାଳୁ ସକାଳୁ ମା ଦକ୍ଷିଣକାଳୀଙ୍କ ରିତିନୀତି ଅନୁସାରେ ପୂଜା ଆରମ୍ଭ ହୋଇଛି । ମା ସକାଳ ଆଳତୀ ଓ ଦର୍ଶନ କରିବା ପାଇଁ ହଜାର ହଜାର ଭକ୍ତଙ୍କ ସମାଗମ ହୋଇଥିଲା। ମନ୍ଦିର କମିଟି ପକ୍ଷରୁ ବ୍ୟାପକ ବ୍ୟବସ୍ଥା ମଧ କରାଯାଇଛି।

ଚଳିତ ବର୍ଷ ପଣାଯାତ୍ରା ୧୪ ତାରିଖରୁ ଆରମ୍ଭ ହୋଇ ୨୦ ତାରିଖ ପର୍ଯ୍ୟନ୍ତ ୭ ଦିନ ଧରି ପାଳନ କରାଯିବ। ନୀତି ଏବଂ ପରମ୍ପରା ଅନୁସାରେ, ପଣାସଂକ୍ରାନ୍ତି ଅପରାହ୍ଣରେ ଭକ୍ତଙ୍କ ପାଇଁ ମନ୍ଦିର ତରଫରୁ ପଣା ବଣ୍ଟନ କାର୍ଯ୍ୟକ୍ରମ ରହିଛି। ସଂନ୍ଧ୍ୟାରେ ଶହ ଶହ ଭକ୍ତ ଦ୍ୱାରା ଦାନ ହୋଇଥିବା ମାନସିକ ଗଛ ବାଣ ଲଗାଯିବ। ୧୪ ଓ ୧୫ ତାରିଖ ସଂନ୍ଧ୍ୟାରେ ରାମନାଟକ ପରିବେଷଣ କରାଯିବା ସହ ୧୬ ତାରିଖରୁ ୨୦ ତାରିଖ ମାଗଣା ଅପେରା ବ୍ୟବସ୍ଥା କରାଯାଇଛି। ଚଳିତ ବର୍ଷ ପଣାଯାତ୍ରାକୁ ବ୍ୟାପକ କରିବା ଉପରେ ଦକ୍ଷିଣକାଳୀ ମନ୍ଦିର ପରିଚାଳନା କମିଟି ଏବଂ ପ୍ରଶାସନ ତତ୍ପର ରହିଥିବା ଦେଖାଯାଉଛି ।

### ପ୍ରଶାସନର ଟ୍ରାଫିକ କଟକଣା

ମା ଦକ୍ଷିଣକାଳୀଙ୍କ ପଣାଯାତ୍ରା ପାଇଁ ଟ୍ରାଫିକ ସମସ୍ୟା ଉପୁଜୁ ଥିବାରୁ ପୁଲିସ୍ ପ୍ରଶାସନ ତରଫରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ଅପରାହ୍ଣ ୪ଟାରୁ ରାତି ସାଢ଼େ ୧୧ଟା ପର୍ଯ୍ୟନ୍ତ ଗାଡି ଚଳାଚଳ ପାଇଁ ସାମାନ୍ୟ ପରିବର୍ତ୍ତନ ଆଜି ଠାରୁ ୨୦ତାରିଖ ପର୍ଯ୍ୟନ୍ତ କରାଯାଇଛି। ଇଟାମାଟି ଓ ଖଣ୍ଡପଡ଼ା ରାସ୍ତା ପଟୁ ନୟାଗଡ ଦେଇ ନୂଆଗାଁ, ଦଶପଲ୍ଲା ଯିବାକୁଥିବା ଗାଡ଼ି ମଟର ଗୋଲେଇ ଛକ, କଲେଜ ରୋଡ, ପିଟିଏସ୍ ରାସ୍ତା, ଜଗନ୍ନାଥ ମନ୍ଦିର, ଜାତୀୟ ରାଜପଥ ଦେଇ ଗମନାଗମନ କରିବେ । ଦଶପଲ୍ଲା- ଭୁବନେଶ୍ୱର ଯାଉଥିବା ଗାଡ଼ି ଗୁଡ଼ିକ ଜଗନ୍ନାଥ ମନ୍ଦିର ଠାରୁ ପିଟିଏସ୍ ରାସ୍ତା ଦେଇ କଲେଜ୍ ରୋଡରେ ବାହାରି ନୟାଗଡ଼ ଗୋଲେଇ ଛକ ଦେଇ ଭୁବନେଶ୍ୱର ଏବଂ ଖଣ୍ଡପଡ଼ା ଅଭିମୁଖେ ଯାତ୍ରା କରିପାରିବେ। ଜଗନ୍ନାଥ ମନ୍ଦିର ରାସ୍ତା ଠାରୁ ଜିଲ୍ଲା ପାଠାଗାର ରାସ୍ତା ପର୍ଯ୍ୟନ୍ତ "ନୋ ହଲଟିଂ ଜୋନ୍" ଭାବେ ଘୋଷଣା କରାଯାଇଛି । କେବଳ ଉକ୍ତ ରାସ୍ତାରେ ଜରୁରୀକାଳୀନ ଗାଡ଼ି ଚଳାଚଳ କରିପାରିବ।

### ସମ୍ବଲପୁରରେ ଆମ୍ବେଦକରଙ୍କୁ ଶ୍ରଦ୍ଧାଞ୍ଜଳି ଦେଲେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ

# ଲୋକତନ୍ତ୍ରକୁ ଶୀର୍ଷରେ ପହଞ୍ଚାଇଛି ବାବାସାହେବଙ୍କ ବିଚାର

- ନାମ ଉଚ୍ଚାରଣ ପାଇଁ ବି କୁଣ୍ଠିତ ଥିଲା କଂଗ୍ରେସ
- ମୋଦିଙ୍କ ଶାସନରେ ସବ୍ କା ସାଥ୍, ସବ୍ କା ବିକାଶ ମୂଳମନ୍ତ୍ର



ଠେଲକୋପଡ଼ା/ସମ୍ବଲପୁର,୧୪।୪ (ସଂଚାର ବ୍ୟୁରୋ): ଆମର ଗଣତନ୍ତ୍ରକୁ ସମ୍ବିଧାନ ଭଳି ମହାନ ଉପହାର ବାବାସାହେବଙ୍କଠାରୁ ମିଳିଛି। ବାବାସାହେବଙ୍କ ଉତ୍ତୁଙ୍ଗ ବ୍ୟକ୍ତିତ୍ୱ ଓ ବିଚାରରୁ ପ୍ରେରଣା ନେଇ ଭାରତ ଓ ଭାରତର ଲୋକତନ୍ତ୍ର ନୂଆ ଉଚ୍ଚତାକୁ ଛୁଇଁଛି। ସମାନତା, ସ୍ୱାଧୀନତା ଓ ବନ୍ଧୁତ୍ୱର ଯେଉଁ ପରିକଳ୍ପନା ବାବାସାହେବ ଦେଶ ସାମ୍ନାରେ ରଖିଥିଲେ, ତାହାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଦେଶ ସାକାର କରୁଛି ବୋଲି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମତ ବ୍ୟକ୍ତ କରିଛନ୍ତି।

ଆଜି ଏଠାରେ ଭାରତୀୟ ସମ୍ବିଧାନର ପ୍ରଣେତା ଭାରତରତ୍ନ ଡକ୍ଟର ବି.ଆର୍ ଆମ୍ବେଦକରଙ୍କ ପୁଣ୍ୟ ଜୟନ୍ତୀ ଅବସରରେ ତାଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ଜଣାଇବା ସହ ଶ୍ରୀ ପ୍ରଧାନ ସ୍ଥାନୀୟ ଜନସାଧାରଣ ଓ ଦଳୀୟ କାର୍ଯ୍ୟକର୍ତ୍ତାଙ୍କ ସହ ଆଲୋଚନା କରିଥିଲେ। ସେ କହିଛନ୍ତି ଯେ ଡକ୍ଟର ଆମ୍ବେଦକରଙ୍କ ସମ୍ପୂର୍ଣ୍ଣ ଜୀବନ ସମାବେଶୀ ସମାଜ ନିର୍ମାଣ ପାଇଁ ସମର୍ପିତ ଥିଲା। ସେ ସ୍ୱାଧୀନ ଭାରତରେ ଗଣତନ୍ତ୍ର ପ୍ରତିଷ୍ଠାର ଅଗ୍ରଦୂତ ଥିଲେ। ଆଜୀବନ ଦରିଦ୍ର, ବଞ୍ଚିତ, ନିଷ୍ପେସିତ ଓ ଆର୍ଥିକ ଭାବେ ପଛୁଆ ବର୍ଗଙ୍କ ଉତ୍ଥାନ ଓ ସଶକ୍ତିକରଣ ଦିଗରେ ଉଦ୍ୟମ ଚଳାଇଥିଲେ। ସମ୍ବିଧାନରେ ବାବାସାହେବ ପ୍ରଣୟନ କରିଥିବା ନୀତି ବଳରେ ହିଁ ଦେଶର ପଛୁଆ ଓ ବଞ୍ଚିତ ବର୍ଗ ସମାଜର ମୁଖ୍ୟ ସ୍ରୋତରେ ସାମିଲ୍ ହୋଇପାରିଛନ୍ତି। ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ବାବା ସାହେବଙ୍କ ବିଚାରକୁ ନେଇ ବିଜେପି କାର୍ଯ୍ୟକର୍ତ୍ତା ଓ ସରକାର ଦେଶର କୋଣଅନୁକୋଣରେ ପହଞ୍ଚୁଛନ୍ତି। ଗାଁ ଗାଁ ପର୍ଯ୍ୟନ୍ତ ତାଙ୍କର ବିଚାରକୁ ବ୍ୟାପକ କରାଯାଉଛି। କିନ୍ତୁ ଦୁଃଖର ବିଷୟ ଯେ ଏଥିପାଇଁ ଦେଶକୁ ଦଶନ୍ଧି ଦଶନ୍ଧି ଧରି ଅପେକ୍ଷା କରିବାକୁ ପଡ଼ିଲା। କାରଣ କଂଗ୍ରେସ ତା'ର ୬୦ ବର୍ଷର ଶାସନରେ ବାବାସାହେବଙ୍କର ନାମ ଉଚ୍ଚାରଣ କରିବାକୁ ବି କୁଣ୍ଠିତ ଥିଲା। କିନ୍ତୁ ଆଜି ଦେଶବାସୀ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ବାବାସାହେବଙ୍କ ବିଚାରକୁ ଆଗକୁ ବଢ଼ାଇବାର ସଂକଳ୍ପ ନେଇଥିବାରୁ ଦେଶବାସୀ ଆଶ୍ୱସ୍ତ ହୋଇଛନ୍ତି। ବାବାସାହେବଙ୍କ ସହ ଜଡ଼ିତ ସ୍ଥାନକୁ ପଞ୍ଚତୀର୍ଥ ଭାବେ ବିକଶିତ କରିଛନ୍ତି ବୋଲି କେନ୍ଦ୍ର ମନ୍ତ୍ରୀ କହିଛନ୍ତି। ଏଥିସହ ସେ କହିଛନ୍ତି ଯେ ଶ୍ରୀ ମୋଦିଙ୍କ ଶାସନ ପ୍ରଣାଳୀରେ ସବ କା ସାଥ୍, ସବ କା ବିକାଶ, ସବ କା ବିଶ୍ୱାସ ଓ ସବ କା ପ୍ରୟାସ ମୂଳମନ୍ତ୍ର ହୋଇଛି। ତାଙ୍କ ଦୃଢ଼ ମନୋବଳ, ସାମାଜିକ ନ୍ୟାୟ ପ୍ରତି ପ୍ରତିବଦ୍ଧତା ଓ ନୀତି ଆଦର୍ଶ ସମାଜର ସବୁ ବର୍ଗର ଲୋକଙ୍କୁ ସର୍ବଦା ଅନୁପ୍ରାଣିତ କରିବ। ତୃଣମୂଳ ସ୍ତରର ଜନତାଙ୍କ ବିକାଶରେ ହିଁ ପ୍ରଧାନମନ୍ତ୍ରୀଙ୍କ 'ବିକଶିତ ଓଡ଼ିଶା' ଓ 'ବିକଶିତ ଭାରତ' ସ୍ୱପ୍ନ ସାକାର ହୋଇପାରିବ ବୋଲି କେନ୍ଦ୍ର ଶିକ୍ଷା ମନ୍ତ୍ରୀ କହିଛନ୍ତି।



## ମେରୁଯାତ୍ରାରେ ସାମିଲ ହେଲେ କେନ୍ଦ୍ର ମନ୍ତ୍ରୀ

ପବିତ୍ର ମହାବିଷୁବ ସଂକ୍ରାନ୍ତି, ଓଡ଼ିଆ ନବବର୍ଷ ଓ ହନୁମାନ ଜୟନ୍ତୀ ଅବସରରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଖୁବେଲ ଓ ହୀରାକୁଦଠାରେ ଅନୁଷ୍ଠିତ ମେରୁଯାତ୍ରାରେ ସାମିଲ ହୋଇଛନ୍ତି। କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ପ୍ରଥମେ ଖୁବେଲସ୍ଥିତ ମନ୍ଦିରରେ ମା' ଦକ୍ଷିଣକାଳୀ ଓ ବାବା ସିଦ୍ଧେଶ୍ୱରଙ୍କ ଦର୍ଶନ କରିଥିଲେ। ପରେ ହୀରାକୁଦଠାରେ ମା' ଦଣ୍ଡକାଳୀ ମନ୍ଦିରରେ ଦର୍ଶନ କରିବା ସହ ମେରୁଯାତ୍ରାରେ ସମବେତ ଜନସାଧାରଣଙ୍କ ସହ ଯୋଗଦେଇଥିଲେ। ଏହି ଅବସରରେ ଶ୍ରୀ ପ୍ରଧାନ ଉପସ୍ଥିତ ଜନସାଧାରଣଙ୍କୁ ପବିତ୍ର ମହାବିଷୁବ ସଂକ୍ରାନ୍ତି, ଓଡ଼ିଆ ନବବର୍ଷ ଏବଂ ହନୁମାନ ଜୟନ୍ତୀର ଶୁଭେଚ୍ଛା ଜଣାଇଥିଲେ। ସେ କହିଥିଲେ ଯେ ଶିବ ଓ ଶକ୍ତି ଉପାସନାର ପର୍ବ ହେଉଛି ମେରୁ ଯାତ୍ରା। ଏହି ଯାତ୍ରା ଆମ ଲୋକ ପରମ୍ପରାରେ ସ୍ୱତନ୍ତ୍ର ସ୍ଥାନ ବଜାୟ ରଖିଛି। ହଜାର ହଜାର ସଂଖ୍ୟାରେ ନାଗରିକ ଏହି ଯାତ୍ରାରେ ଏକାଠି ହେବା ଆମ ସମାଜରେ ଭକ୍ତି, ନିଷ୍ଠା ଓ ଆଧ୍ୟାତ୍ମିକତା ଭାବାବେଗର ପରିଚୟ ଦେଉଛି। ମେରୁ ଯାତ୍ରାରେ ସାମିଲ ହେବା ମୋ ପାଇଁ ସୌଭାଗ୍ୟର ବିଷୟ। ତେବେ ଓଡ଼ିଆ ନୂଆ ବର୍ଷ ସମସ୍ତଙ୍କ ପାଇଁ ଆନନ୍ଦ, ଉଲ୍ଲାସ ଓ ସମ୍ଭାବନାର ବର୍ଷ ହେଉ। କେନ୍ଦ୍ର ଶିକ୍ଷା ମନ୍ତ୍ରୀ ମହାପ୍ରଭୁ ଶ୍ରୀଜଗନ୍ନାଥ ଏବଂ ମା'ସମଲେଶ୍ୱରୀଙ୍କ ପାଖରେ ସମାଜର ମଙ୍ଗଳ କାମନା କରିଥିଲେ।

### ମା' ହତ୍ୟାର ପ୍ରତିଶୋଧ ନେଲା ପୁଅ

## ପଥରରେ ଛେଚି ବାପାଙ୍କୁ ହତ୍ୟା

ରାଉରକେଲା,୧୪।୪(ସଂଚାର ବ୍ୟୁରୋ): ବହୁ ପୂର୍ବରୁ ମାଆଙ୍କୁ ହତ୍ୟା କରିବାର ପ୍ରତିଶୋଧ ନେବା ପାଇଁ ଜଣେ ପୁଅ ବିଷ୍ଣୁ- (୨୨) ତାଙ୍କ ବାପା କ୍ରାନ୍ତି କୁମାର ବର୍ମା (୫୫ ବର୍ଷ)ଙ୍କୁ ହତ୍ୟା କରିଛନ୍ତି। ଏପରି ଘଟଣା ଘଟିଛି ସୁନ୍ଦରଗଡ଼ ଜିଲା ବ୍ରାହ୍ମଣୀ ତରଙ୍ଗ ଥାନା ଅନ୍ତର୍ଗତ ଭାଲୁ ପତ୍ରା ଗ୍ରାମରେ। ମୃତକ କ୍ରାନ୍ତି ଜେଲରେ ଥିଲେ ଏବଂ ଡିସେମ୍ବର ୨୦୨୪ରେ ମୁକ୍ତ ହୋଇଥିଲେ। ଅଭିଯୁକ୍ତ କାରଣ ଦର୍ଶାଇଥିଲେ ଯେ, ମୃତକ ମଧ୍ୟ ହିଂସାତ୍ମକ ଥିଲେ ଏବଂ ପୁଅକୁ ଆକ୍ରମଣ କରୁଥିଲେ। ଗାଁର ମହିଳାଙ୍କୁ ବାରମ୍ବାର ହଇରାଣ କରୁଥିଲେ। ଏଥିରେ ଅତିଷ୍ଠ ହୋଇ ବିଷ୍ଣୁ ରବିବାର ରାତିରେ ବାପାଙ୍କୁ ପଥରରେ ଛେଚି ହତ୍ୟା କରି ଜଙ୍ଗଲ ଭିତରେ ଲୁଚିଥିଲେ। ଘଟଣାସ୍ଥଳରେ ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହ ଅଭିଯୁକ୍ତଙ୍କୁ ଅଟକ ରଖି ପଚରାଉଚରା କରୁଛି। ହତ୍ୟାରେ ବ୍ୟବହୃତ ପଥର ଜବତ ହୋଇଛି। ସାଇଣ୍ଟିଫିକ୍ ଟିମ୍ ଓ ପୋଲିସ ତଦନ୍ତ କରୁଛି। ଥାନାରେ ମାମଲା ରୁଜୁ ହୋଇନାହିଁ।

## ଘର ଭିତରୁ ଯୁବକଙ୍କ ମୃତଦେହ ଉଦ୍ଧାର



କଟକ, ୧୪।୪ (ସଂଚାର ବ୍ୟୁରୋ) : କଟକ ବିଡାନାସୀ ଥାନା ଅନ୍ତର୍ଗତ ନୂଆସାହି ଅଞ୍ଚଳରେ ଏକ ଅଭାବନୀୟ ଘଟଣା ଘଟିଛି । ଏକ ଧର୍ମାନୁଷ୍ଠାନ ପରିସର ଭିତରେ ଥିବା ବନ୍ଦ୍ ଘର ଭିତରୁ ଯୁବକଙ୍କ ମୃତଦେହ ମିଳିଛି। ସୂଚନାନୁସାରେ ଗତ କାଲି ଅପରାହ୍ଣରେ ଖାଦ୍ୟ ଖାଇବାପରେ ଶୋଇ ବାକୁ ଯାଇ ଥିଲେ ଯୁବକ। ଘର କବାଟ ଭିତର ପଟୁ ବନ୍ଦ କରି ଦେଇ ଥିଲେ। ରାତିରେ ସନ୍ଦେହ ହେବାକୁ ପୋଲିସକୁ ଖବର ଦେଇଥିଲେ ଅନ୍ତେବାସୀ। ପୋଲିସ କବାଟ ଭାଙ୍ଗି ଭିତରକୁ ପଶି ଥିଲା । ଘର ଭିତରେ ଯୁବକଙ୍କୁ ମୃତଦେହ ଉଦ୍ଧାର କରାଯାଇଥିଲା । ଏହାପରେ ଗ୍ରାମବାସୀ ପୋଲିସକୁ ଖବର ଜଣାଇଥିଲେ । ଘଟଣା ସ୍ଥଳରେ ବିଡାନାସୀ ଥାନା ପୋଲିସ ପହଞ୍ଚି ତଦନ୍ତ ଜାରି ରଖିଛି । ତେବେ କାହିଁକି ଏ ଯୁବକ ପ୍ରାଣ ହାରିଲେ କିମ୍ବା ମୃତ୍ୟୁ ପଛରେ ଆଉ କିଛି କାରଣ ଲୁଚି ରହିଛି ତାହାର ଛାନଭିନ କରୁଛି ପୋଲିସ ।

## ମନ୍ଦିରରୁ ପୂଜକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

- ମା' ଆଣିଲେ ହତ୍ୟା ଅଭିଯୋଗ

କଟକ,୧୪।୪(ସଂଚାର ବ୍ୟୁରୋ): ଆଜି ପବିତ୍ର ପଣା ସଂକ୍ରାନ୍ତି ତଥା ଓଡ଼ିଆ ନବବର୍ଷ ଏବଂ ହନୁମାନ ଜୟନ୍ତୀ। ଏନେଇ ଗାଁଠୁ ସହର ସବୁଠି ଉତ୍ସବମୁଖର। ଘରେ ଘରେ ଚାଲିଛି ପଣା ପ୍ରସ୍ତୁତ। ମନ୍ଦିରରେ ପୂଜାର୍ଚ୍ଚନା ପାଇଁ ଶ୍ରଦ୍ଧାଳୁଙ୍କ ଲାଗିଛି ଲମ୍ବା ଲାଇନ୍। ଏହି ପରିପ୍ରେକ୍ଷୀରେ କଟକ ବିଡାନାସୀ ସ୍ଥିତ ଇସ୍କନ ମନ୍ଦିରରୁ ଏକ ଚାଞ୍ଚଲ୍ୟକର ଘଟଣା ସାମ୍ନାକୁ ଆସିଛି। ମନ୍ଦିରରୁ ଜଣେ ପୂଜକଙ୍କ ଝୁଲନ୍ତା ଅବସ୍ଥାରେ ମୃତଦେହ ପୁଲିସ ଉଦ୍ଧାର କରିଛି। ମୃତକ ହେଲେ କେନ୍ଦ୍ରାପଡ଼ା ଅଞ୍ଚଳର ସଂଗ୍ରାମ ସାମଲ। ସେ ୬ ବର୍ଷ ହେଲା ଇସ୍କନ୍ ମନ୍ଦିରରେ ପୂଜକ ଭାବେ କାମ କରୁଥିଲେ । ଅନ୍ୟପକ୍ଷରେ ପୁଅକୁ କେହି ହତ୍ୟା କରି ଟାଙ୍ଗି ଦେଇଥିବା ପୂଜକଙ୍କ ମା' ଅଭିଯୋଗ କରିଛନ୍ତି। ଖବର ପାଇଁ ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବଡ଼ ମେଡିକାଲକୁ ପଠାଇଛି। ଏନେଇ ପୁଲିସ ଏକ ମାମଲା ରୁଜୁ କରା ଘଟଣାର ଅଧିକ ତଦନ୍ତ ଚଳାଇଛି।

- ଦୁର୍ନୀତିରେ ବୁଡ଼ିଛି ସିଡିଏମ୍‌ଓ କାର୍ଯ୍ୟାଳୟ

## ନିଯୁକ୍ତିପତ୍ରରେ ନାଁ ନାହିଁ, ତଥାପି ୫୮ଙ୍କୁ ଗ୍ରେଡେସନ୍

କଟକ,୧୪।୪(ସଂଚାର ବ୍ୟୁରୋ): ୨୩ ଜଣଙ୍କୁ ନିଯୁକ୍ତି ମିଳିଥିଲା, କିନ୍ତୁ ଗ୍ରେଡେସନ୍ ତାଲିକାରେ ୫୮ ଜଣଙ୍କ ନାଁ ରହିଛି। କଟକ ସିଡିଏମ୍‌ଓ କାର୍ଯ୍ୟାଳୟରେ ଏପରି ଏକ ବଡ଼ ଧରଣର ନିଯୁକ୍ତି କେଳେଙ୍କାରୀ ସାମ୍ନାକୁ ଆସିଛି। ନିଯୁକ୍ତିପତ୍ରରେ ନାଁ ନଥାଇ ବି ଏକାଧିକ ବ୍ୟକ୍ତିଙ୍କୁ ଗ୍ରେଡେସନ କରାଯାଇ ପଦୋନ୍ନତି ଦିଆଯିବା ପାଇଁ ପ୍ରକ୍ରିୟା ଜାରି ରହିଛି। ବହୁମୁଖୀ ପୁରୁଷ ସ୍ୱାସ୍ଥ୍ୟକର୍ମୀ (ଏମ୍‌ପିଏଚ୍‌ଡବ୍ଲ୍ୟୁ) ନିଯୁକ୍ତିରେ ଦୁର୍ନୀତି ହୋଇଥିବା ପ୍ରମାଣ ମିଳିଛି। କଟକ ସିଡିଏମ୍‌ଓ କାର୍ଯ୍ୟାଳୟ ପକ୍ଷରୁ ଗତ ୨୦୦୫ ଅଗଷ୍ଟ ୫ ତାରିଖରେ ଖବରକାଗଜରେ ପ୍ରକାଶ ପାଇଥିବା ବିଜ୍ଞାପନରେ ଏମ୍‌ପିଏଚ୍‌ଡବ୍ଲ୍ୟୁ ଭାବେ ୨୪ ଜଣଙ୍କ ନିଯୁକ୍ତି ପାଇଁ ଆବେଦନ ଆହ୍ୱାନ କରାଯାଇଛି। ପରେ ୨୦୦୬ ମେ' ୪ ତାରିଖରେ ଚିଠି ନମ୍ବର ୪୬୦୯ରେ ୨୩ ଜଣଙ୍କୁ ନିଯୁକ୍ତି ଦିଆଯାଇଥିଲା। ପରେ ସେଥିରୁ ୨୦ ଜଣ କାର୍ଯ୍ୟରେ ଯୋଗ ଦେଇଥିଲେ। ଅବଶିଷ୍ଟ ୩ଟି ପଦବୀରେ ପରବର୍ତ୍ତୀ ସମୟରେ ଅର୍ଥାତ୍ ୨୦୦୬ ମେ' ୩୦ ତାରିଖରେ ନିଯୁକ୍ତି ଦିଆଯାଇଥିଲା। ଏହିପରି ଦୁଇ ଥରରେ ମୋଟ ୨୩ ଜଣଙ୍କୁ ନିଯୁକ୍ତି ମିଳିଥିଲା। କିନ୍ତୁ ସମାନ ଚିଠି ନମ୍ବରରେ ଗ୍ରେଡେସନ୍ ତାଲିକାରେ ୫୮ ଜଣଙ୍କ ନାମ ରହିଛି। କିନ୍ତୁ ମାତ୍ର ୨୩ ଜଣ କର୍ମଚାରୀ ନିଯୁକ୍ତି ପାଇଥିବା ବେଳେ ଅବଶିଷ୍ଟ ୩୫ ଜଣଙ୍କ ନାମ କୁଆଡ଼ୁ ଆସିଲା ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଗ୍ରେଡେସନ୍ ପାଇଁ ଗତ ଜାନୁଆରୀ ପହିଲାରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସିଡିଏମ୍‌ଓଙ୍କ କାର୍ଯ୍ୟାଳୟକୁ ଚିଠି ଆସିବା ପରେ ଏପରି ଏକ ଡଙ୍କକତା ସାମ୍ନାକୁ ଆସିଛି। ନିଯୁକ୍ତି ସଂକ୍ରାନ୍ତ ରେକର୍ଡ ହଜିଯାଇଥିବା ଦର୍ଶାଇ ୩୫ ଜଣ କର୍ମଚାରୀଙ୍କ ଗ୍ରେଡେସନ୍ ନିମନ୍ତେ ସିଡିଏମଓଙ୍କ ପକ୍ଷରୁ ନୋଟିସ ଜାରି କରାଯାଇଛି। ଏନେଇ ଯଦି କାହାର କିଛି ଅଭିଯୋଗ ଥାଏ, ତା'ହେଲେ ୧୫ ଦିନ ମଧ୍ୟରେ ଜଣାଇବା ପାଇଁ ମଧ୍ୟ ସେଥିରେ କୁହାଯାଇଛି। ଏପଟେ ବର୍ତ୍ତମାନର ସିଡିଏମଓ ଡାକ୍ତର ପ୍ରଦୀପ ରଥ କହିଛନ୍ତି ଯେ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଏହି ଗ୍ରେଡେସନ ତାଲିକା ପ୍ରସ୍ତୁତ କରିଛନ୍ତି, ତେଣୁ ତାଙ୍କୁ ଏ ବାବଦରେ କିଛି ବି ଜଣାନାହିଁ। ତେବେ ତତ୍କାଳୀନ ସିଡିଏମଓଙ୍କ ସମୟରେ ଡଙ୍କକତା ହୋଇଥାଇପାରେ ବୋଲି ସେ ଆଶଙ୍କା କରିଛନ୍ତି।

### ଦୃଷ୍ଟିହୀନ ମହିଳାଙ୍କ ଶିଶୁପୁତ୍ର ଚୋରି ମାମଲା

## ଦୁଇ ଅପହର୍ତ୍ତାଙ୍କ ସମ୍ପୃକ୍ତି ସ୍ପଷ୍ଟ, ଜଣେ ଅଟକ



ଭୁବନେଶ୍ୱର,୧୪।୪(ସଂଚାର ବ୍ୟୁରୋ): ରାଜଧାନୀରେ ଶିଶୁ ଚୋରି ଅଭିଯୋଗକୁ ଇତିମଧ୍ୟରେ ଦେଢ଼ ଦିନରୁ ଊର୍ଦ୍ଧ୍ୱ ସମୟ ବିତିଯାଇଥିଲେ ମଧ୍ୟ ଅଦ୍ୟାବଧି ଅପହର୍ତ୍ତାଙ୍କ ପତ୍ତା ମିଳିପାରିନାହିଁ। ଗତକାଲି ଦୃଷ୍ଟିହୀନ ଭିକ୍ଷୁକ ମା' କୋଳରୁ ଦେଢ଼ ବର୍ଷର ଶିଶୁପୁତ୍ରକୁ କେହି ଚୋରି କରିନେଇଥିବା ଖାରବେଳ ନଗର ଥାନାରେ ଅଭିଯୋଗ ହୋଇଥିଲା। ଜନଗହଳିପୂର୍ଣ୍ଣ ରାମ ମନ୍ଦିର ସମ୍ମୁଖରୁ ଶିଶୁ ଚୋରି ଘଟଣାକୁ କମିଶନରେଟ୍ ପୁଲିସ ଅତି ଗମ୍ଭୀରତାର ସହ ନେଇଛି। ଖାରବେଳ ନଗର ଥାନା ପୁଲିସ ରାମମନ୍ଦିର ସମ୍ମୁଖ ଓ ବିଭିନ୍ନ ଟ୍ରାଫିକ୍ ପୋଷ୍ଟରେ ଲାଗିଥିବା ସିସିଟିଭି ଫୁଟେଜ ଯାଞ୍ଚ କରି ଏହି ପିଲା ଚୋରି ଘଟଣାରେ ୨ ଜଣଙ୍କ ସମ୍ପୃକ୍ତି ଥିବା ଜାଣିବାକୁ ପାଇଛି। ଶିଶୁକୁ ଉଦ୍ଧାର କରିବାକୁ କମିଶନରେଟ୍ ପୁଲିସର ୩ଟି ସ୍ୱତନ୍ତ୍ର ଟିମ୍ ବିଭିନ୍ନ ସ୍ଥାନରେ ଚଢ଼ଉ କରୁଛି। ସେପଟେ ସିଡବ୍ଲ୍ୟୁସିର ଏକ ଟିମ୍ ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି। ତା'ଛଡ଼ା ଏହି ମାମଲାରେ ଜଣକୁ ଅଟକ ରଖି ପୁଲିସ୍ ପଚରାଉଚରା କରୁଥିବା ଜଣାପଡ଼ିଛି।

ସ୍ୱାମୀ ପରିତ୍ୟକ୍ତା ଜୟନ୍ତୀ ମଲ୍ଲିକ ଖାରବେଳ ନଗର ଥାନାରେ କରିଥିବା ଅଭିଯୋଗ ମୁତାବକ, ସେ ନୀଳାଦ୍ରିବିହାର କନ୍ୟାଶ୍ରମସ୍ଥିତ ଘରେ ରହୁଥିଲେ। ତାଙ୍କର ଗୋଟିଏ ୭ ବର୍ଷର ଝିଅ ଓ ଦେଢ଼ ବର୍ଷର ପୁଅ ଅଛନ୍ତି। ସେ ଦୀର୍ଘ ୫ ବର୍ଷ ଧରି ରାମ ମନ୍ଦିର ସମ୍ମୁଖ ଫୁଟ୍‌ପାଥରେ ଭିକ୍ଷାବୃତ୍ତି କରିଆସୁଛନ୍ତି। ତେବେ ଗତ ଶନିବାର ଅପରାହ୍ଣରେ ବର୍ଷା ହେବାରୁ ସେ ଆଉ ଘରକୁ ଫେରିପାରି ନଥିଲେ। ଦୁଇ ଛୁଆଙ୍କୁ ଧରି ରାମ ମନ୍ଦିର ସମ୍ମୁଖ ଫୁଟ୍‌ପାଥରେ ଶୋଇଥିଲେ। କିନ୍ତୁ ରାତି ୧୨ଟାରୁ ୨ଟା ମଧ୍ୟରେ ଜଣେ ବ୍ୟକ୍ତି ଆସି ସେଠାରେ ପହଞ୍ଚିବା ସହ ତାଙ୍କ ପୁଅ ସହ ଖେଳାଖେଳି କରିଥିଲେ। ତାକୁ ୨ଟି ୧୦ଟଙ୍କିଆ ଜୁସ୍ ଆଣି ପିଇବାକୁ ଦେବା ସହ ତା' ସହ ମୋବାଇଲରେ ଖେଳୁଥିଲେ। ଏହି ସମୟ ମଧ୍ୟରେ ତାଙ୍କ ଆଖି ଲାଗି ଯାଇଥିଲା। ରାତି ପ୍ରାୟ ୩ଟା ବେଳେ ସେ ଦେଖିବା ବେଳକୁ ତାଙ୍କ ପୁଅ ସେଠାରେ ନଥିଲା। ପୁଅ ସମ୍ପର୍କରେ ସେ ଆଖପାଖ ଲୋକଙ୍କୁ ପଚରାଉଚରା କରିଥିଲେ ମଧ୍ୟ ପତ୍ତା ପାଇନଥିଲେ। କେହି ଅଙ୍ଗତସ୍କରୀ ତାଙ୍କ ପୁଅକୁ ଚୋରି କରିନେଇଥିବା ସେ ଅଭିଯୋଗ କରିଛନ୍ତି।

ଅଭିଯୋଗ ପାଇ ପୁଲିସ ସଙ୍ଗେ ସଙ୍ଗେ ଘଟଣାସ୍ଥଳରେ ପହଞ୍ଚିବା ସହ ଆଖପାଖରେ ଖୋଜାଖୋଜି କରିଥିଲା। ରାମ ମନ୍ଦିର ସମ୍ମୁଖରେ ଲାଗିଥିବା ସିସିଟିଭି ଓ ଖାରବେଳ ନଗର ଥାନା ଏବଂ ବିଭିନ୍ନ ଟ୍ରାଫିକ୍ ଛକମାନଙ୍କରେ ଲାଗିଥିବା ସିସିଟିଭି ଫୁଟେଜକୁ ପୁଲିସ ଯାଞ୍ଚ କରିଥିଲା। ପ୍ରାୟ ୮ଟି ସିସିଟିଭି ଫୁଟେଜ ଯାଞ୍ଚ କରିବା ପରେ ୨ ଜଣ ଯୁବକ ଏକ ବାଇକ୍‌ରେ ଶିଶୁ ପୁତ୍ରକୁ ରାମ ମନ୍ଦିର ସମ୍ମୁଖରୁ ନେଇ ଖାରବେଳ ନଗର ଥାନା ସମ୍ମୁଖ ଦେଇ ମାଷ୍ଟର କ୍ୟାଣ୍ଟିନ ଛକ ଓ ରାଜମହଲ ଛକ ବାଟରେ ଯାଇଥିବା ସିସିଟିଭି ଫୁଟେଜରୁ ଜଣାପଡ଼ିଛି। ଭୁବନେଶ୍ୱର ଡିସିପି ଜଗମୋହନ ମୀନାଙ୍କ ନିର୍ଦ୍ଦେଶ କ୍ରମେ ଖାରବେଳ ନଗର ଥାନା ଆଇଆଇସି ରଜନୀକାନ୍ତ ମିଶ୍ରଙ୍କ ନେତୃତ୍ୱରେ ୩ଟି ସ୍ୱତନ୍ତ୍ର ଟିମ୍ ପିଲାକୁ ଖୋଜିବାରେ ଲାଗିଛନ୍ତି। ଅଙ୍ଗତସ୍କରୀ ଗ୍ୟାଙ୍ଗ୍ ଏହି ପିଲାକୁ ଚୋରି କରିଛନ୍ତି କି କେହି ନିଃସନ୍ତାନ ଏହି ପିଲା ଚୋରିରେ ସମ୍ପୃକ୍ତ ଅଛନ୍ତି, ସେନେଇ ପୁଲିସ ତଦନ୍ତ ଚଳାଇଛି। ୩୬ ଘଣ୍ଟା ପରେ ବି ଚୋରି ଶିଶୁପୁତ୍ର ଉଦ୍ଧାର ହୋଇ ନଥିବା ଜଣାପଡ଼ିଛି। ସେପଟେ ରୁଚିକା ଚାଇଲ୍ଡଲାଇନ୍ କର୍ମକର୍ତ୍ତାମାନେ ମଧ୍ୟ ଏହି ସମ୍ବେଦନଶୀଳ ଘଟଣାକୁ ଗୁରୁତ୍ୱର ସହ ନେଇ ଶିଶୁକୁ ଖୋଜିବାରେ ସହାୟତା କରୁଛନ୍ତି। ଏନେଇ ରୁଚିକାର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଡ. ବେଣୁଧର ସେନାପତି ପକ୍ଷରୁ ଡିସିପିଓ ଓ ସିଡବ୍ଲ୍ୟୁସି ଅଧ୍ୟକ୍ଷଙ୍କୁ ଅବଗତ କରାଇଥିଲେ।

## କଟକ ଜିଲ୍ଲାସ୍ତରୀୟ ଆମ୍ବେଦକର ଜୟନ୍ତୀ

କଟକ,୧୪।୪(ସଂଚାର ବ୍ୟୁରୋ): ଭାରତୀୟ ସମ୍ବିଧାନ ପ୍ରଣେତା ଭାରତରତ୍ନ ବାବା ସାହେବ ଡକ୍ଟର ଭୀମରାଓ ରାମଜୀ ଆମ୍ବେଦକରଙ୍କ ୧୩୪ ତମ ଜୟନ୍ତୀ ଅବସରରେ ଆଜି ଜିଲ୍ଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ଏବଂ ଜିଲ୍ଲା ପ୍ରଶାସନ, କଟକ ପକ୍ଷରୁ ଉଚ୍ଚ ନ୍ୟାୟାଳୟ ସନ୍ନିକଟ ଆମ୍ବେଦକରଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟସଭା ସାଂସଦ ଦେବାଶିଷ ସାମନ୍ତରାୟ, ବାଙ୍କୀ ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ, ବାରବାଟୀ-କଟକ ବିଧାୟିକା ଇଂ. ସୋଫିଆ ଫିର୍ଦ୍ଦୋସ, କଟକ ସଦର ବିଧାୟକ ଇଂ ପ୍ରକାଶ ଚନ୍ଦ୍ର ସେଠୀ, ଜିଲ୍ଲାପାଳ ଓ ଜିଲ୍ଲା ମାଜିଷ୍ଟ୍ରେଟ ଦତ୍ତାତ୍ରେୟ ଭାଉସାହେବ ଶିନ୍ଦେ ପ୍ରମୁଖ ବାବାସାହେବଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପୂର୍ବକ ଜଣେ ଆଇନବିତ୍, ଅର୍ଥନୀତିଜ୍ଞ, ସମାଜ ସଂସ୍କାରକ ତଥା ଭାରତୀୟ ସମ୍ବିଧାନର ସ୍ଥପତି ଭାବେ ଡକ୍ଟର ବି.ଆର. ଆମ୍ବେଦକରଙ୍କ ବହୁମୁଖୀ ପ୍ରତିଭା ଉପରେ ଆଲୋକପାତ କରିଥିଲେ। ଦେବେନ୍ଦ୍ରନାଥ ସାହୁ, ସମ୍ପାଦକ ଭିକାରୀ ଦାସ, ସ୍ଥାନୀୟ କର୍ପୋରେଟର ଆରତୀ ସାହୁ, ବରିଷ୍ଠ ଆଇନଜୀବୀ ପ୍ରଶାନ୍ତ ନାୟକ, କଟକ ମହାନଗର ନାଗରିକ ମହାସଭାର ବରିଷ୍ଠ ସଦସ୍ୟ ଡଃ ରବି ରଞ୍ଜନ ସାହୁ, ଗୋପାଳ ଚନ୍ଦ୍ର ମିଶ୍ର, ସମରେନ୍ଦ୍ର ଘୋଷ, ସୁରେନ୍ଦ୍ରନାଥ ଛୋଟରାୟ ପ୍ରମୁଖ ଉପସ୍ଥିତ ରହି ମାଲ୍ୟାର୍ପଣ କରିଥିଲେ। ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଭବାନୀ ଶଙ୍କର ଭୂୟାଁ ଓ କାର୍ଯ୍ୟାଳୟର ଅନ୍ୟାନ୍ୟ ଅଧିକାରୀ ତଥା କର୍ମଚାରୀ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ପ୍ରତିଶ୍ରୁତି ପରେ ଛାତ୍ରୀଙ୍କ ମୃତଦେହ ନେଲେ ପରିବାର



ଉଦଳା,୧୩।୪(ସଂଚାର ବ୍ୟୁରୋ): ମୟୂରଭଞ୍ଜ ଜିଲ୍ଲା ଉଦଳା ଥାନା ଅଧୀନ ଶାଳଖୁଣ୍ଟା ଏସ୍‌ଏସ୍‌ଡି ଆଶ୍ରମ ବିଦ୍ୟାଳୟରେ ଗତକାଲି ଜଣେ ଦ୍ୱିତୀୟ ଶ୍ରେଣୀ ଛାତ୍ରୀଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ମାତ୍ର ୩ ଫୁଟ୍ ଉଚ୍ଚରେ ଥିବା ବାଉଁଶରୁ ତାଙ୍କ ଝୁଲନ୍ତା ମୃତଦେହ ଜବତ ହୋଇଛି। ଦୁନିଆ କ'ଣ ଭଲ ଭାବେ ଜାଣି ନ ଥିବା ଜଣେ କୋମଳମତି ଛାତ୍ରୀ ଆତ୍ମହତ୍ୟା କରିବା କଥାକୁ କେହି ଗ୍ରହଣ କରିପାରୁନାହାନ୍ତି। ତାଙ୍କୁ ହତ୍ୟା ପରେ ଆତ୍ମହତ୍ୟାର ରୂପ ଦିଆଯାଇଥିବା ମୃତା ଛାତ୍ରୀଙ୍କ ବାପା ସୁଶାନ୍ତ ମଢ଼େଇ ଥାନାରେ ଅଭିଯୋଗ କରିଛନ୍ତି।

ଏ ସଂକ୍ରାନ୍ତରେ ପୁଲିସ ଏକ ମାମଲା (ନଂ.୧୪୦/୨୫) ରୁଜୁ କରି ବିଦ୍ୟାଳୟର ପ୍ରଧାନଶିକ୍ଷକଙ୍କୁ ଥାନାରେ ଅଟକ ରଖି ଅଧିକ ପଚରାଉଚରା କରୁଛି। ଏହି ଘଟଣା ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଥିବା ବେଳେ ନ୍ୟାୟ ପ୍ରଦାନ ଦାବିରେ ପରିବାର ଲୋକେ ମୃତଦେହ ନେଇ ନ ଥିଲେ। ଫଳରେ ୧୭ ଘଣ୍ଟାରୁ ଅଧିକ ହେବ ମେଡ଼ିକାଲରେ ମୃତଦେହ ପଡ଼ି ରହିଥିଲା। ବିଭାଗୀୟ ଅଧିକାରୀଙ୍କ ବୁଝାଶୁଝା ସହ ୨ ଲକ୍ଷ ଟଙ୍କାର କ୍ଷତିପୂରଣ ଦେବାର ପ୍ରତିଶ୍ରୁତି ଦେବା ପରେ ପରିବାର ଲୋକେ ମୃତଦେହ ଘରକୁ ନେଇଥିବା ଜଣାପଡିଛି। ଅନ୍ୟପକ୍ଷରେ ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ଦାବି କରି ସମ୍ପୃକ୍ତ ଦୋଷୀଙ୍କ ବିରୋଧରେ ତୁରନ୍ତ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପରିବାର ଲୋକେ ଦାବି କରିଛନ୍ତି। ଜିଲ୍ଲା ମଙ୍ଗଳ ଅଧିକାରୀ ଗୁରୁ ଚରଣ ମଲ୍ଲିକ, ଉଦଳା ବିଡିଓ ସମରଜିତ କର, ପ୍ରକଳ୍ପ ପ୍ରଶାସକ ନରେନ୍ଦ୍ର ଖମାରି, ତହସିଲଦାର ସୁପ୍ରଭା ଦାସଙ୍କ ସମେତ ଶିଶୁ ମଙ୍ଗଳ ଅଧିକାରୀ ପହଞ୍ଚି ମୃତା ଛାତ୍ରୀଙ୍କ ପରିବାରବର୍ଗଙ୍କ ସହ ଆଲୋଚନା କରିଥିଲେ।

## ଶିମିଳିପାଳ ବଫର ଜୋନ୍‌ରେ କଳା ମହାବଳ



ବାରିପଦା,୧୪।୪(ସଂଚାର ବ୍ୟୁରୋ): ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର ବଫର ଜୋନ୍‌ରେ କଳା ମହାବଳ ବାଘ ବୁଲୁଥିବା ସୋସିଆଲ ମିଡିଆରେ ଭାଇରାଲ ହେଉଥିବାର ଭିଡିଓରୁ ଜଣାପଡ଼ିଛି। ଏହି ମହାବଳ ବାଘକୁ ନେଇ ଆଖପାଖ ଅଞ୍ଚଳର ଲୋକେ ଭୟଭୀତ ହୋଇ ପଡ଼ିଥିବା ବେଳେ ଜଙ୍ଗଲକୁ ଗାଈ ଚରାଇବାକୁ ଯାଇ ଜଣେ ବ୍ୟକ୍ତି ନିଖୋଜ ଥିବା ନେଇ ଚର୍ଚ୍ଚା ଜୋର ଧରିଛି। ଘଟଣାର ତଦନ୍ତ ପାଇଁ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଉତ୍ତର, ଦକ୍ଷିଣ ଓ ବାରିପଦା ଡିଭିଜନର କର୍ମଚାରୀମାନଙ୍କୁ ନେଇ ଏକ ଟିମ୍ ଗଠନ ହୋଇଥିବା ଦକ୍ଷିଣ ଡିଭିଜନର ଉପ ନିର୍ଦ୍ଦେଶକ ସମ୍ରାଟ ଗୌଡ଼ା କହିଛନ୍ତି। ତେବେ ଭାଇରାଲ ହୋଇଥିବା ଭିଡିଓଟି ୧୫ ଦିନ ପୂର୍ବର ଓ ଜଣେ ବ୍ୟକ୍ତି ନିଖୋଜ ହେବା ଘଟଣା ଏକ ଅପପ୍ରଚାର ବୋଲି ସେ କହିଛନ୍ତି।

ମହାବଳ ବାଘ ନିଜ ବାସସ୍ଥାନ ଚିହ୍ନଟ ପାଇଁ କୋର୍ କିମ୍ବା ବଫର ଅଞ୍ଚଳରେ ଚଳପ୍ରଚଳ କରିବା ଏବଂ ଗୃହପାଳିତ ପ୍ରାଣୀ ଶିକାର କରୁଥିବାରୁ ବାଘ ସଂଖ୍ୟା ବୃଦ୍ଧି ପାଇଥିବା ଅନୁମାନ କରାଯାଉଛି। ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଦକ୍ଷିଣ ଡିଭିଜନ ଅଧୀନ ଚାକିଡ଼ି ଓ ତାଳବନ୍ଧ ରେଞ୍ଜ ଏବଂ ବାରିପଦା ବନଖଣ୍ଡ ବାଙ୍ଗିରିପୋଷି ରେଞ୍ଜ ଅଧୀନ ବ୍ରାହ୍ମଣଗାଁ ଅଞ୍ଚଳରେ ଏକ କଳା ମହାବଳ ବାଘ ବୁଲୁଥିବା ଲୋକେ ଦେଖି ଭିଡିଓ ଉତ୍ତୋଳନ କରିଛନ୍ତି। ବାଘଟି କିଛି ଦିନ ଧରି ଜଙ୍ଗଲରେ ବୁଲୁଥିବା ବେଳେ ଖାଦ୍ୟ ପାଇଁ ଗୃହପାଳିତ ପ୍ରାଣୀଙ୍କୁ ଶିକାର କରୁଥିବା ନେଇ ବନ ବିଭାଗ ନିକଟରେ ଅଭିଯୋଗ ହୋଇଛି। ବନ କର୍ମଚାରୀମାନେ ବାଘର ଚଳପ୍ରଚଳ ଉପରେ ନଜର ରଖିବା ସହ ଅଞ୍ଚଳବାସୀଙ୍କୁ ସତର୍କ କରାଇଛନ୍ତି। ବାଘ ବଂଶ ବୃଦ୍ଧି ପରିସଂଖ୍ୟାନ ଅନୁଯାୟୀ ଆଗାମୀ ୨୦୩୦ ସୁଦ୍ଧା ଶିମିଳିପାଳରେ ମହାବଳ ବାଘ ସଂଖ୍ୟା ୬୦ ଟପିବ ବୋଲି ବନ ବିଭାଗ ଅନୁମାନ କରିଛି। ୩୦ ମହାବଳ ବାଘ ମଧ୍ୟରୁ ୨୭ଟି କେବଳ ଶିମିଳିପାଳ ଅଭୟାରଣ୍ୟରେ ରହିଛନ୍ତି। ସେଥିମଧ୍ୟରୁ ୧୪ଟି ମାଈ ଓ ୧୩ଟି ଅଣ୍ଡିରା ବାଘ ରହିଥିବା ବେଳେ ୧୨ଟି ଶାବକ ଥିବା ନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ହୋଇଥିବା ଗଣନାରୁ ଜଣାପଡ଼ିଛି।

# ଆଳୁ ଉତ୍ପାଦନରେ ବିଶେଷ ଉନ୍ନତି ହେଉନି



ଭୁବନେଶ୍ୱର,୧୪।୪: ଆଳୁ ଉତ୍ପାଦନ କ୍ଷେତ୍ରରେ ଓଡିଶା ସ୍ୱାବଲମ୍ବୀ ହେବ ବୋଲି ବର୍ଷ ବର୍ଷ ଧରି ତୁହାକୁ ତୁହା ଘୋଷଣା କରାଯାଉଥିବା ବେଳେ ଏ କ୍ଷେତ୍ରରେ କିନ୍ତୁ ବିଶେଷ ଉନ୍ନତି ପରିଲକ୍ଷିତ ହେଉନାହିଁ। ପଶ୍ଚିମବଙ୍ଗଠାରୁ ଉତ୍ତରପ୍ରଦେଶ ଏମିତିକି ପଞ୍ଜାବ, ହରିଆନା ଆଦି ରାଜ୍ୟ ଉପରେ ଓଡିଶାକୁ ନିର୍ଭର କରିବାକୁ ପଡୁଛି। ଓଡିଶା ପାଇଁ ବର୍ଷକୁ ପ୍ରାୟ ୧୪ ଲକ୍ଷ ମେଟ୍ରିକ ଟନ୍ ଆଳୁର ଆବଶ୍ୟକତା ଥିବାବେଳେ ବାହାର ରାଜ୍ୟମାନଙ୍କରୁ ପ୍ରାୟ ୧୨ଲକ୍ଷ ମେଟ୍ରିକ ଟନ୍ ଆଳୁ ଆମଦାନୀ କରିବାକୁ ପଡୁଛି। ରାଜ୍ୟରେ ୪ଲକ୍ଷ ମେଟ୍ରିକ ଟନ୍ ପର୍ଯ୍ୟନ୍ତ ଆଳୁ ଉତ୍ପାଦନ ହେଉଛି ବୋଲି କୁହାଯାଉଥିବାବେଳେ ଏହାର ପାଖାପାଖି ତିନି ଚତୁର୍ଥାଂଶ ଅନ୍ୟ ରାଜ୍ୟର ବ୍ୟବସାୟୀମାନେ ଏବେ ନାମମାତ୍ର ମୂଲ୍ୟରେ କିଣି ନେଉଛନ୍ତି ।

ଓଡିଶାର ମୃତ୍ତିକା ଓ ଜଳବାୟୁ ଆଳୁ ଚାଷ ପାଇଁ ଅନୁକୂଳ ଥିଲେ ମଧ୍ୟ ଭିତ୍ତିଭୂମିର ଅଭାବ ଯୋଗୁଁ ଚାଷୀମାନେ ଆଳୁ ଚାଷରୁ ମୁହଁ ଫେରାଉଛନ୍ତି। ସେମାନେ ଋଣ କରି ଓ ନିଜସ୍ୱ ପୁଞ୍ଜି ଖଟାଇ ବହୁ ପରିଶ୍ରମରେ ଯେତେ ଆଳୁ ଫଳାଉଛନ୍ତି ତାହାର ସଂରକ୍ଷଣ ଓ ବିପଣନ ଦାୟିତ୍ୱ ସରକାର ନେଉନାହାନ୍ତି। ରାଜ୍ୟରେ ଆବଶ୍ୟକ ସଂଖ୍ୟକ ଶୀତଳଭଣ୍ଡାର ନଥିବାରୁ ଅନ୍ୟ ରାଜ୍ୟର ବ୍ୟବସାୟୀମାନେ ଏବେକାର ଆଳୁ ଉତ୍ପାଦନ ଋତୁରେ ଚାଷୀମାନଙ୍କ ଠାରୁ କିଲୋ ୫/୭ ଟଙ୍କାରେ ଆଳୁ କିଣି ସେମାନଙ୍କ ସମ୍ପର୍କରେ ଥିବା ଶୀତଳଭଣ୍ଡାରମାନଙ୍କୁ ବୋହି ନେଉଛନ୍ତି ଏବଂ ପରବର୍ତ୍ତୀ ସମୟରେ ହି ଆଳୁକୁ ଓଡିଶା ବଜାରରେ କିଲୋ ୨୦ ରୁ ୩୦ ଟଙ୍କା ଦରରେ ବିକି ପ୍ରଚୁର ମୁନାଫା ଉଠାଉଛନ୍ତି । ତାପମାତ୍ରା ବଢୁଥିବାରୁ ଅମଳ ପରେ ପରେ ଆଳୁକୁ ଶୀତଳଭଣ୍ଡାରରେ ରଖାନଗଲେ ତାହା ଶୀଘ୍ର ପଚିଯିବାର ଆଶଙ୍କା ଥିବାରୁ ଚାଷୀମାନେ ବାଧ୍ୟ ହୋଇ କମ୍ ଦାମରେ ଆଳୁ ବିକି ବେଶ୍ କ୍ଷତି ସହୁଛନ୍ତି ।

ସରକାରୀ ହିସାବ ମୁତାବକ ଓଡିଶାର ୩୦ଟି ଜିଲ୍ଲା ମଧ୍ୟରୁ ମାତ୍ର ୧୭ଟି ଜିଲ୍ଲାରେ ୩୫ଟି ଶୀତଳଭଣ୍ଡାର ରହିଛି । ଏଥିରୁ ପୁରୀ ଜିଲ୍ଲାର ନିମାପଡା ଓ କଟକ ଜିଲ୍ଲାର ଜଗତପୁରରେ ଦୁଇଟି ମାତ୍ର ସମବାୟ ଶୀତଳଭଣ୍ଡାର ଥିବାବେଳେ ଅନ୍ୟ ଯେତେସବୁ ଶୀତଳଭଣ୍ଡାର ସମବାୟ ସଂସ୍ଥାମାନଙ୍କ ମାଧ୍ୟରେ ନିର୍ମାଣ କରାଯାଇଥିଲା ସେସବୁ ଅଚଳ ହୋଇପଡିଛି । ରାଜ୍ୟରେ ଏବେ ୩୩ଟି ଘରୋଇ ଶୀତଳଭଣ୍ଡାର କାର୍ଯ୍ୟକ୍ଷମ ଥିବା କୁହାଯାଉଛି । ତେବେ ଏଥିରୁ ମଧ୍ୟ କେତେକ ସମ୍ପୂର୍ଣ୍ଣ ଅଥବା ଆଂଶିକ ଭାବେ ଅଚଳ ରହିଛନ୍ତି। ଘରୋଇ ଶୀତଳଭଣ୍ଡାରଗୁଡିକରେ ସାମଗ୍ରୀ ରଖିବାପାଇଁ ଅଧିକ ଅର୍ଥ ଦାବି କରାଯାଉଥିବାରୁ ଚାଷୀମାନଙ୍କ ପାଇଁ ତାହା ବୋଝ ଉପରେ ଲଳିତାବିଡା ଭଳି ହେଉଛି । ତେବେ ବ୍ୟବସାୟୀମାନେ ଚାଷୀମାନଙ୍କ ଠାରୁ କିଛି କିଛି ସାମଗ୍ରୀ କିଣି ଏହି ଶୀତଳଭଣ୍ଡାରମାନଙ୍କରେ ରଖି ପରବର୍ତ୍ତୀ ସମୟରେ ବେଶ୍ ମୁନାଫା ଉଠାଉଛନ୍ତି।

ଆଳୁ, ପନିପରିବା, ଫଳ ଓ ଅନ୍ୟାନ୍ୟ ସାମଗ୍ରୀ ସଂରକ୍ଷିତ ରଖିବାପାଇଁ ଓଡିଶାରେ ଶୀତଳଭଣ୍ଡାରଗୁଡିକର କ୍ଷମତା ଅତି କମ୍‌ରେ ୨୦ ଲକ୍ଷ ମେଟ୍ରିକ ଟନ୍ ରହିବାକଥା ବୋଲି କୃଷି ବିଶେଷଜ୍ଞମାନେ କହୁଛନ୍ତି। ତେବେ ସରକାରୀ ହିସାବ ମୁତାବକ ୧୭ଟି ଜିଲ୍ଲାରେ ଥିବା ୩୫ଟି ଶୀତଳଭଣ୍ଡାରର କ୍ଷମତା ମାତ୍ର ୧ ଲକ୍ଷ ୭୨ ହଜାର ମେଟ୍ରିକ ଟନ୍ ରହୁଛି। ବିଜେଡି ସରକାର ସମୟରେ ଆଳୁ ଉତ୍ପାଦନ ବୃଦ୍ଧି ପାଇଁ ଆଳୁ ମିଶନ ମାଧ୍ୟମରେ କୋଟି କୋଟି ଟଙ୍କା ଖର୍ଚ୍ଚ ହୋଇଥିଲେ ମଧ୍ୟ ସେଥିରୁ ବିଶେଷ ଫାଇଦା ଚାଷୀଙ୍କୁ ମିଳିନଥିଲା । ଏବେ ପ୍ରତି ସବଡିଭିଜନରେ ସରକାର ଶୀତଳଭଣ୍ଡାର ପ୍ରତିଷ୍ଠା କରିବେ ବୋଲି କହୁଛନ୍ତି । କିନ୍ତୁ କେଉଁ ବ୍ଲକର କେଉଁ ଅଞ୍ଚଳରେ କେଉଁ କିସମର କେତେ ଆଳୁ, ପନିପରିବା, ଫଳମୂଳ ଆଦି ଉତ୍ପାଦିତ ହେବାର ସମ୍ଭାବନା ରହିଛି ତାହାକୁ ଆକଳନ କରି ପ୍ରତି ବ୍ଲକରେ ଏକାଧିକ ଶୀତଳଭଣ୍ଡାର ଖୋଲିବା ପାଇଁ ମତ ପ୍ରକାଶ ପାଉଛି। (ତଥ୍ୟ)

Printed, Published and owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar and Printed at Khetramani Printing Press, At - Darakhapatna, Po - Kalyani Nagar, Dist-Cuttack-753013 and Published at Plot No.312, Flat No.003, Greenhigh Appartment, Kharavela Nagar, Bhubaneswar-751001 (Odisha) Ph. No. 9437227777/ 8093008776

Editor: Subhransu Bhusan Kar
ସମ୍ପାଦକ: ଶୁଭ୍ରାଂଶୁ ଭୂଷଣ କର




# ପେଟ୍ରୋଲ୍ ଲିଟରରେ ୧୫ ଟଙ୍କା ଲାଭ



**ନୂଆଦିଲ୍ଲୀ, ୧୪।୪:** ଯେତେ ଅନୁକୂଳ ସ୍ଥିତି ହେଲେ ମଧ ତେଲ ଦର କମାଇବାକୁ ଚାହୁଁନାହାନ୍ତି କମ୍ପାନି। ସରକାର ବି ଚାପ ପକାଉନାହାନ୍ତି। ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ଶସ୍ତା ହେବା ପରେ ତେଲ କମ୍ପାନିଗୁଡ଼ିକ ଏବେ ପେଟ୍ରୋଲ୍ ଲିଟର ପିଛା ୧୫ ଟଙ୍କାର ଲାଭ କରୁଛନ୍ତି। କିନ୍ତୁ ତାହାର ଲାଭ ଗ୍ରାହକଙ୍କ ନିକଟରେ ପହଞ୍ଚୁନାହିଁ। ଦୀର୍ଘଦିନ ଧରି ଗୋଟିଏ ଦାମ୍‌ରେ ପେଟ୍ରୋଲ୍ ଓ ଡିଜେଲ୍ ଦର ସ୍ଥିର ହୋଇଯାଇଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଆରମ୍ଭ କରିଥିବା ବାଣିଜ୍ୟ ଯୁଦ୍ଧ ପ୍ରଭାବରେ ଅଶୋଧିତ ତୈଳର ବ୍ୟାରେଲ୍ ପିଛା ଦାମ୍ ୬୫ ଡଲାର ପାଖାପାଖି ହ୍ରାସ ପାଇଛି। ସେଥିପାଇଁ ତେଲ ଦର କମ୍ ହେବାର ସୁଯୋଗ ସୃଷ୍ଟି ହୋଇଛି। ଅଶୋଧିତ ତେଲ ଦରରେ ହୋଇଥିବା ହ୍ରାସ ପ୍ରଭାବରେ ତୈଳ କମ୍ପାନିଗୁଡ଼ିକ ପେଟ୍ରୋଲ୍ ଲିଟର ପିଛା ୧୨-୧୫ ଟଙ୍କା ଏବଂ ଡିଜେଲ୍‌ରେ ୬ ଟଙ୍କା ୧୨ ପଇସାର ଲାଭ କରୁଛନ୍ତି। କିଛି ଦିନ ପୂର୍ବେ ପେଟ୍ରୋଲ ଓ ଡିଜେଲ୍ ଦାମ୍ କମିବାର ସମ୍ଭାବନା ଦେଖାଦେଇଥିଲା। କିନ୍ତୁ ସରକାର କେନ୍ଦ୍ରୀୟ ଉତ୍ପାଦ ଶୁଳ୍କ ୨ ଟଙ୍କା ବଢ଼ାଇ ଦେବା ପରେ ତାହା ମଧ ଦୂର ହୋଇଛି। ତେଣୁ ନିକଟ ଭବିଷ୍ୟତରେ ତେଲ ଦର କମିବାର ଆଉ କୌଣସି ସମ୍ଭାବନା ନାହିଁ ବୋଲି ବିଶେଷଜ୍ଞ ମତ ରଖୁଛନ୍ତି। ଗତ ତିନି ମାସ ଭିତରେ ଅଶୋଧିତ ତୈଳର ବ୍ୟାରେଲ୍ ପିଛା ଦର ୬୫-୭୫ ଡଲାର ମଧ୍ୟରେ ରହିଛି। ଅର୍ଥାତ ତେଲ କମ୍ପାନିଗୁଡ଼ିକ ପେଟ୍ରୋଲ ଲିଟର ପିଛା ୪ ଟଙ୍କା ଓ ଡିଜେଲ୍‌ରେ ୩ ଟଙ୍କା ହ୍ରାସ କରିବା ସ୍ଥିତିରେ ଅଛନ୍ତି।

ଗତ ୫ ବର୍ଷ ମଧ୍ୟରେ ଦେଶର ସାତଟି ବଡ଼ ତେଲ କମ୍ପାନି ବିପୁଳ ଲାଭ କରିଛନ୍ତି। ପ୍ରତିବର୍ଷ ସେମାନେ ଲାଭ କରୁଛନ୍ତି।

### କମ୍ପାନି ମାଲାମାଲ୍, ଗ୍ରାହକ ନିରାଶ

ପେଟ୍ରୋଲିୟମ ମନ୍ତ୍ରଣାଳୟ ତଥ୍ୟ ଅନୁସାରେ, ପେଟ୍ରୋଲ୍ ଓ ଡିଜେଲ୍‌ରୁ କେନ୍ଦ୍ର ଏବଂ ରାଜ୍ୟ ସରକାର ୫ ବର୍ଷରେ ୩୫ ଲକ୍ଷ କୋଟି ଟଙ୍କାର ଟିକସ ସଂଗ୍ରହ କରିଛନ୍ତି। କେନ୍ଦ୍ରୀୟ ଉତ୍ପାଦ ଶୁଳ୍କ ଲଗାଇ କେନ୍ଦ୍ର ସରକାର ୨୧.୪ ଲକ୍ଷ କୋଟି ଟଙ୍କା ଆୟ କରିଛନ୍ତି। ରାଜ୍ୟଗୁଡ଼ିକ ମିଳିତ ଭାବେ ୧୩.୬ ଲକ୍ଷ କୋଟି ଟଙ୍କାର ରୋଜଗାର କରିଛନ୍ତି। ୨୦୨୩-୨୪ରେ ୭ଟି ବଡ଼ ତୈଳ କମ୍ପାନିର ମୋଟ ଲାଭ ୨.୨୯ ଲକ୍ଷ କୋଟି ଟଙ୍କା ଥିଲା। ଘରୋଇ କମ୍ପାନି ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଗତ ୫ ବର୍ଷରେ ସର୍ବାଧିକ ୨.୮୬ ଲକ୍ଷ କୋଟି ଟଙ୍କାର ଲାଭ କରିଛି। ଲାଭ କରିବାରେ ଓଏନ୍‌ଜିସି ଦ୍ୱିତୀୟ ସ୍ଥାନରେ ରହିଛି।



## ଆଜିର ସୁନା ଦର

ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୯୫, ୫୧୦ ଟଙ୍କା ରହିଛି। ସେହିପରି ୨୨ କ୍ୟାରେଟ ସୁନା ଦର ୮୭ ହଜାର ୫୫୦ଟଙ୍କା ଛୁଇଁଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୯୫ ହଜାର ୫୧୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ୮୭ ହଜାର ୫୫୦ ଟଙ୍କାକୁ ପହଞ୍ଚିଛି। ମୁମ୍ବାଇରେ ୨୪ କ୍ୟାରେଟ୍ ମୂଲ୍ୟ ୯୫, ୫୧୦ ଟଙ୍କା ଓ ୨୨ କ୍ୟାରେଟ୍ ମୂଲ୍ୟ ୮୭ ,୫୫୦ ଟଙ୍କା ରହିଛି। ନୂଆଦିଲ୍ଲୀରେ ୨୪ କ୍ୟାରେଟ୍ ୯୫, ୬୬୦ ଟଙ୍କା ଓ ୨୨ କ୍ୟାରେଟ୍ ୮୭,୭୦୦ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୯୫, ୫୧୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୮୭,୫୫୦ ଟଙ୍କା ରହିଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୯୫, ୫୧୦ ଓ ୮୭ ,୫୫୦ ଟଙ୍କା ରହିଛି। ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୧,୦୯,୯୦୦ ଟଙ୍କା ହୋଇଛି।

## ହିରୋ ସ୍ପ୍ଲେଣ୍ଡର ପ୍ଲସ୍ ଦାମ୍ ୧୭୫୦ ଟଙ୍କା ବଢ଼ିଲା



**ନୂଆଦିଲ୍ଲୀ, ୧୪।୪:** ହିରୋ ସ୍ପ୍ଲେଣ୍ଡର ପ୍ଲସ୍ ବର୍ଷ ବର୍ଷ ଧରି ଲୋକଙ୍କ ପ୍ରିୟ ବାଇକ୍ ହୋଇ ରହିଆସିଛି। ଏହି ବାଇକ୍ ଉନ୍ନତ ମାଇଲେଜ୍ ଦେବା ପାଇଁ ଜଣାଶୁଣା। ଦେଶର ସର୍ବବୃହତ ଦୁଇଚକିଆ ଯାନ ନିର୍ମାତା ହିରୋ ମୋଟୋକର୍ପ ବର୍ତ୍ତମାନ ଏହାର ସର୍ବାଧିକ ବିକ୍ରି ହେଉଥିବା ଏଣ୍ଟ୍ରି ଲେଭଲ୍ ବାଇକ୍ ସ୍ପ୍ଲେଣ୍ଡର ପ୍ଲସର ମୂଲ୍ୟ ବୃଦ୍ଧି କରିଛି। ସ୍ପ୍ଲେଣ୍ଡର ପ୍ଲସ୍ ର ମୂଲ୍ୟ ୧୭୫୦ ଟଙ୍କା ବୃଦ୍ଧି କରାଯାଇଛି। ପୂର୍ବରୁ ଏହି ହିରୋ ମୋଟରସାଇକେଲର ଏକ୍ସ-ସୋରୁମ୍ ମୂଲ୍ୟ ୭୭୧୭୬ ଟଙ୍କା ଥିଲା, ଯାହା ବର୍ତ୍ତମାନ ୭୮୯୧୬ ଟଙ୍କାକୁ ବୃଦ୍ଧି ପାଇଛି। ଅପଗ୍ରେଡେଡ୍ ଓବିଡି-୨ବି ଇଞ୍ଜିନ ସହିତ ହିରୋ ସ୍ପ୍ଲେଣ୍ଡର ପ୍ଲସ୍ ଲଞ୍ଚ କରାଯାଇଛି। ଏହା ବ୍ୟତୀତ କମ୍ପାନୀ ଏହି ବାଇକର ବୈଶିଷ୍ଟ୍ୟ କିମ୍ବା ଇଞ୍ଜିନରେ କୌଣସି ପରିବର୍ତ୍ତନ କରିନାହିଁ। କିନ୍ତୁ ଏହି ନୂତନ ଅପଡେଟ୍ ସହିତ ଦୁନିଆର ସର୍ବଶ୍ରେଷ୍ଠ ବିକ୍ରୟ ବାଇକ୍ ମଧ୍ୟ ଅତ୍ୟାଧୁନିକ ନିର୍ଗମନ ନିୟମ ସହିତ ଅପଡେଟ ହୋଇଛି। ଏହି ହିରୋ ବାଇକରେ ଏକ ଡିଜିଟାଲ୍ ଆନାଗଲ୍ ଇନଷ୍ଟ୍ରୁମେଣ୍ଟ କ୍ଲଷ୍ଟର ଅଛି, ଯାହା ସହିତ ବ୍ଲୁଟୁଥ୍ ସଂଯୋଗ ହୋଇପାରିବ। ଉଲ୍ଲେଖ ଥାଉ କି ଫେବୃଆରୀ ମାସରେ ଏହି ବାଇକ୍‌ର ମୋଟ ୨,୦୭,୭୬୩ୟୁନିଟ୍ ବିକ୍ରି ହୋଇଥିଲା, ଯେତେବେଳେ ଗତ ବର୍ଷ ଫେବୃଆରୀରେ କମ୍ପାନୀ ୨,୭୭,୯୩୯ ୟୁନିଟ୍ ବିକ୍ରି କରିଥିଲା। ଏଥର କମ୍ପାନୀ ଗତ ବର୍ଷ ତୁଳନାରେ ୭୦,୧୭୬ ୟୁନିଟ୍ କ୍ଷତି ସହିଥିଲା ।

## ଶୁଳ୍କ ଶତପ୍ରତିଶତ କୋହଳ ପାଇଁ ଚୀନ୍‌ର ଦାବି

### 'ଟ୍ରମ୍ପଙ୍କ ଶୁଳ୍କ ବିଦେଶ ନୁହେଁ, ଆମେରିକୀୟଙ୍କୁ ବାଧିବ'



**ନୂଆଦିଲ୍ଲୀ, ୧୪।୪:** ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ବିଭିନ୍ନ ଦେଶ ଉପରେ ଲଗାଇଥିବା ପାଲଟା ଶୁଳ୍କକୁ ବିଭିନ୍ନ ପର୍ଯ୍ୟାୟରେ କୋହଳ କରୁଛନ୍ତି। ଗତକାଲି ସେ ସ୍ମାର୍ଟଫୋନ୍, କମ୍ପ୍ୟୁଟର ଓ ଅନ୍ୟାନ୍ୟ ଇଲେକ୍ଟ୍ରୋନିକ୍ସ ସାମଗ୍ରୀଗୁଡ଼ିକୁ ଶୁଳ୍କରୁ ବାଦ ଦେଇଛନ୍ତି। ଆମେରିକା ଏହାର ପାଲଟା ଶୁଳ୍କ ସମ୍ପୂର୍ଣ୍ଣ ପ୍ରତ୍ୟାହାର କରୁ ବୋଲି ଚୀନ୍ ଦାବି କରିଛି। ଚୀନ୍ ବାଣିଜ୍ୟ ମନ୍ତ୍ରଣାଳୟର ଜଣେ ପ୍ରବକ୍ତା କହିଛନ୍ତି ଯେ ପାଲଟା ଟିକସକୁ ଆମେରିକା ସମ୍ପୂର୍ଣ୍ଣ ପ୍ରତ୍ୟାହାର କରି ନିଜେ କରିଥିବା ବଡ଼ ଭୁଲ୍‌କୁ ସୁଧାରୁ ଏବଂ ପାରସ୍ପରିକ ସମ୍ମାନର ସଠିକ୍ ପଥକୁ ପୁଣି ଫେରିଆସୁ। ତେବେ ଇଲେକ୍ଟ୍ରୋନିକ୍ସ ଶୁଳ୍କ ପ୍ରତ୍ୟାହାରକୁ ଆମେରିକା ସାମୟିକ ପଦକ୍ଷେପ କହିଛି। ମାସକ ଭିତରେ ନୂଆ ଶୁଳ୍କ ଘୋଷଣା କରାଯିବ ବୋଲି ଆମେରିକା ବାଣିଜ୍ୟ ସଚିବ ହାୱାର୍ଡ ଲୁଟ୍‌ନିକ୍ କହିଛନ୍ତି। ଅନ୍ୟ ପକ୍ଷରେ ଶୁଳ୍କକୁ ନେଇ ଆମେରିକାରେ ଟ୍ରମ୍ପଙ୍କ ବିରୋଧରେ ଜନମତ ସୃଷ୍ଟି କରିବା ଲାଗି ଚୀନ୍ ଭିନ୍ନ ପନ୍ଥା ଆପଣାଇଛି। ଏହା ଟ୍ରମ୍ପଙ୍କୁ ଟାର୍ଗେଟ୍ ନ କରି ନିଜ କଥା ସିଧାସଳଖ ଆମେରିକୀୟ ନାଗରିକଙ୍କୁ ଜଣାଉଛି। ଆମେରିକାବାସୀଙ୍କୁ ଚୀନ୍ କହିଛି ଯେ ଟ୍ରମ୍ପ ପ୍ରଶାସନ ଲଗାଉଥିବା ଶୁଳ୍କ ପ୍ରକୃତରେ କୌଣସି ବିଦେଶୀ ଦେଶ ଉପରେ ନୁହେଁ, ବରଂ ନିଜ ଦେଶର ନାଗରିକଙ୍କ ଉପରେ ଲାଗୁଛି। କାରଣ ଆମେରିକା ଅନେକ ଜିନିଷ ପାଇଁ ବାହାର ଦେଶ ଉପରେ ନିର୍ଭରଶୀଳ। ସେହି ଜିନିଷଗୁଡ଼ିକୁ ମଗାଇବା ମହଙ୍ଗା ହେବ। ଯଦି କମ୍ପାନିଗୁଡ଼ିକ ଅଧିକ ଦାମ୍‌ରେ ଜିନିଷ କିଣିବେ, ତେବେ ନିଶ୍ଚିତ ରୂପେ ସେମାନେ ତାହାକୁ ଅଧିକ ଦାମରେ ଗ୍ରାହକଙ୍କୁ ବିକିବେ। ଶେଷରେ ଲଗାଯାଇଥିବା ଶୁଳ୍କର ବୋଝ ଆମେରିକୀୟ ନାଗରିକଙ୍କୁ ମୁଣ୍ଡାଇବାକୁ ପଡ଼ିବ ବୋଲି ଚୀନ୍ କହିଛି।



## ଆଜିର ପେଟ୍ରୋଲ, ଡିଜେଲ ଦର

ଯଦି ଆପଣ ଗାଡ଼ିରେ ତେଲ ପକାଇବାକୁ ଯାଉଛନ୍ତି, ତେବେ ଟାଙ୍କି ଭରିବା ପୂର୍ବରୁ ଜାଣନ୍ତୁ ଆଜିର ନୂଆ ଦର। କାରଣ ସାରା ଦେଶରେ ପେଟ୍ରୋଲ ଏବଂ ଡିଜେଲର ନୂତନ ମୂଲ୍ୟ ପ୍ରକାଶ ପାଇଛି। ଅଶୋଧିତ ତୈଳର ଆନ୍ତର୍ଜାତୀୟ ମୂଲ୍ୟ ଅନୁଯାୟୀ ଭାରତରେ ଇନ୍ଧନ ମୂଲ୍ୟ ସ୍ଥିର ହୋଇଛି। ଦେଶର କିଛି ସ୍ଥାନରେ ତୈଳ ଦର ସ୍ଥିର ରହିଥିବା ବେଳେ ଅନ୍ୟ କିଛି ସ୍ଥାନରେ ତୈଳଦରରେ ପରିବର୍ତ୍ତନ ହୋଇଛି। ଭୁବନେଶ୍ୱର ପେଟ୍ରୋଲ ଦରରେ ମଧ ନୂଆ ଦର ଜାରି ହୋଇଛି। ଭୁବନେଶ୍ୱରରେ ଆଜି ପେଟ୍ରୋଲ ଦର ୧୦୧. ୧୧ ପଇସା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨ .୬୯ ପଇସା ରହିଛି। ଏପରିକି ଦେଶର ପ୍ରମୁଖ ସହରରେ ପେଟ୍ରୋଲ ଓ ଡିଜେଲ ଦର ଅପରିବର୍ତ୍ତିତ ରହିଛି। ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୦ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫ . ୦୧ ଟଙ୍କା ଥିବାବେଳେ ଡିଜେଲ ଦର ୯୧ ଟଙ୍କା ୮୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୮୦ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୩୯ ପଇସା ରହିଛି।

## ଓଡ଼ିଶାରେ ୭୪% ବକ୍ସାଇଟ୍, ୫୫% ଲୁହାପଥର ଉତ୍ପାଦନ

### ଖଣି ମନ୍ତ୍ରାଳୟ ରିପୋର୍ଟ



**ନୂଆଦିଲ୍ଲୀ, ୧୪।୪:** ୨୦୨୪-୨୫ରେ ଦେଶର ୮ଟି ରାଜ୍ୟରେ ଖଣିଜ ଉତ୍ପାଦନର ମାତ୍ରା ୯୭.୮୦ ପ୍ରତିଶତ ଥିବାବେଳେ ଏଥିରେ ଓଡ଼ିଶାର ଭାଗ ସର୍ବାଧିକ ୪୩.୪୯ ପ୍ରତିଶତ ରହିଛି। କେନ୍ଦ୍ର ଖଣି ମନ୍ତ୍ରାଳୟ ଦ୍ୱାରା ପ୍ରକାଶିତ ସଦ୍ୟତମ ରିପୋର୍ଟରୁ ଏହା ଜଣାଯାଇଛି। ରିପୋର୍ଟ ଅନୁସାରେ ୨୦୨୨-୨୩ ତୁଳନାରେ ୨୦୨୩-୨୪ରେ ପ୍ରମୁଖ ଖଣିଜ ଉତ୍ପାଦନକାରୀ ରାଜ୍ୟମାନଙ୍କର ଖଣିଜ ଉତ୍ପାଦନ ମୂଲ୍ୟରେ ବୃଦ୍ଧି ହୋଇଛି। ଏଥିରେ ଓଡ଼ିଶାରେ ଖଣିଜ ଉତ୍ପାଦନ ମୂଲ୍ୟ ମଧ ୧୭.୨୩ ପ୍ରତିଶତ ବୃଦ୍ଧି ହୋଇଛି। ୨୦୨୪-୨୫ରେ ଦେଶରେ ୨୪.୨୨ ନିୟୁତ ଟନ୍ ବକ୍ସାଇଟ ଉତ୍ପାଦନ ହୋଇଛି ଯାହା ୨୦୨୩-୨୪ ତୁଳନାରେ ୧.୨୫ ପ୍ରତିଶତ ଅଧିକ। ଓଡ଼ିଶାରେ ସର୍ବାଧିକ ୭୪ ପ୍ରତିଶତ ବକ୍ସାଇଟ୍ ଉତ୍ପାଦନ ହୋଇଛି। ଉତ୍କଳ ଆଲୁମିନା, ନାଲ୍‌କୋ, ଓଡ଼ିଶା ମାଇନିଂ କର୍ପୋରେସନ, ହିଣ୍ଡାଲ୍‌କୋ ବକ୍ସାଇଟ୍ ଉତ୍ପାଦନରେ ପ୍ରମୁଖ ଭୂମିକା ନେଇଛନ୍ତି। ସେହିଭଳି ୨୦୨୪-୨୫ରେ ଦେଶରେ ୨୭୭.୮୩ ନିୟୁତ ଟନ୍ ଲୁହାପଥର ଉତ୍ପାଦନ ହୋଇଥିବା ବେଳେ ଓଡ଼ିଶାରେ ସର୍ବାଧିକ ୫୫ ପ୍ରତିଶତ ଲୁହାପଥର ଉତ୍ପାଦନ ହୋଇଛି। ଏଥିସହିତ ଓଡ଼ିଶାରେ ୧୭ ପ୍ରତିଶତ ମାଙ୍ଗାନିଜ୍ ଉତ୍ପାଦନ ହୋଇଛି।

ରିପୋର୍ଟରେ ୨୦୧୫ରୁ ୨୦୨୪ ମଧ୍ୟରେ ଦେଶରେ ମୋଟ ୪୪୨ଟି ଖଣିଜ ବ୍ଲକ୍‌ର ନିଲାମ ହୋଇଥିବାବେଳେ ଏଥିରେ ଓଡ଼ିଶାର ୪୮ଟି ଖଣି ରହିଛି। ଖଣି ରୟାଲଟି ବାବଦରେ ଓଡ଼ିଶାକୁ ୨୦୨୧-୨୨ ରେ ୧୭,୯୫୯ କୋଟି ଟଙ୍କା ଓ ୨୦୨୨-୨୩ରେ ୧୦୮୨୩ କୋଟି ଟଙ୍କା ପ୍ରାପ୍ତ ହୋଇଛି। ବେଆଇନ ଖଣି ଖନନ ରୋକିବା ପାଇଁ ଓଡ଼ିଶା ସମେତ ୨୨ଟି ରାଜ୍ୟରେ ରାଜ୍ୟସ୍ତରୀୟ ଟାସ୍କଫୋର୍ସ ଗଠନ ହୋଇଛି। ଏଥିସହିତ ଏମ୍‌ଏମ୍‌ଡିଆର୍ ଆଇନ ୧୯୫୭ର ସେକ୍ସନ ୨୩ସି ଅନ୍ତର୍ଗତ ବେଆଇନ ଖଣି ଖନନ ରୋକିବା ପାଇଁ ରାଜ୍ୟ ସରକାର ନିୟମ ପ୍ରସ୍ତୁତ କରିଥିବା ରିପୋର୍ଟରେ କୁହାଯାଇଛି। କେନ୍ଦ୍ର ଖଣି ମନ୍ତ୍ରାଳୟ ଦ୍ୱାରା ଉପଗ୍ରହ ପ୍ରଯୁକ୍ତିକୁ ଉପଯୋଗ କରାଯାଇ ବେଆଇନ ଖଣି ଖନନକୁ ନିୟନ୍ତ୍ରଣ ଓ ତଦାରଖ ପାଇଁ ୨୦୧୬ରେ ଆରମ୍ଭ କରାଯାଇଥିବା ମାଇନିଂ ସର୍ଭିଲାନ୍ସ ସିଷ୍ଟମ(ଏମ୍‌ଆଇଏସ୍) ଓଡ଼ିଶା ସମେତ ଖଣି ବହୁଳ ରାଜ୍ୟରେ କାର୍ଯ୍ୟକାରୀ କରାଯାଉଛି।

## ଭାରତରେ ୨୦% ଆଇଫୋନ୍ ଉତ୍ପାଦନ



**ନୂଆଦିଲ୍ଲୀ, ୧୪।୪:** ଆମେରିକୀୟ କମ୍ପାନି ଆପଲ୍‌ର ଉତ୍ପାଦ ଆଇଫୋନ୍ ଉତ୍ପାଦନ କରିବାରେ ଭାରତ ବଡ଼ ଉପଲବ୍ଧି ହାସଲ କରିଛି। ସଦ୍ୟତମ ସୂଚନା ଅନୁସାରେ ୨୦ ପ୍ରତିଶତ ଆଇଫୋନ୍ ଭାରତରେ ତିଆରି ହେଉଛି। ପୂର୍ବବର୍ଷ ତୁଳନାରେ ଚଳିତ ବର୍ଷ ମାର୍ଚ୍ଚ ସୁଦ୍ଧା ୬୦ ପ୍ରତିଶତ ଅଧିକ ଆଇଫୋନ୍ ଭାରତରେ ତିଆରି ହୋଇଛି ଯାହାର ମୂଲ୍ୟ ହେଉଛି ୨୨୦୦ କୋଟି ଡଲାର। ଆପଲ୍ ନିର୍ମାତା ଓ ଯୋଗାଣକାରୀମାନେ ନିଜ ବ୍ୟବସାୟ ନେଟ୍‌ୱର୍କକୁ ଚୀନ୍‌ରୁ ବାହାର କରି ଭାରତରେ ସ୍ଥାପନ କରୁଛନ୍ତି। କରୋନା ମହାମାରୀ ସମୟରେ ଚୀନ୍‌ରେ ଥିବା କାରଖାନାଗୁଡ଼ିକରେ ଆଇଫୋନ୍ ଉତ୍ପାଦନ ଗୁରୁତର ଭାବେ ପ୍ରଭାବିତ ହୋଇଥିଲା ଯାହା କମ୍ପାନି ଲାଗି ଅଡୁଆ ସ୍ଥିତି ସୃଷ୍ଟି କରିଥିଲା। ଏହା ବ୍ୟତୀତ ଆମେରିକା ଓ ଚୀନ୍ ମଧ୍ୟରେ ଲାଗିଥିବା ବାଣିଜ୍ୟ ଯୁଦ୍ଧ ପାଇଁ କେବଳ ଚୀନ୍ ଉପରେ ଆଉ କୌଣସି କମ୍ପାନି ନିର୍ଭରଶୀଳ ରହିବାକୁ ଚାହୁଁନାହାନ୍ତି। ସେମାନେ ବିଶ୍ୱର ବିଭିନ୍ନ ସ୍ଥାନରେ ସେମାନଙ୍କ କାରଖାନା ରହୁ ବୋଲି ଚାହୁଁଛନ୍ତି। ଭାରତରେ ଫକ୍ସକନ୍, ୱିଷ୍ଟ୍ରନ୍ କର୍ପୋରେସନ୍ ଓ ପେଗାଟ୍ରନ୍ ପକ୍ଷରୁ ଆଇଫୋନ୍ ଉତ୍ପାଦନ କରାଯାଉଛି।

## କୋହଲି ଭାଙ୍ଗିଲେ ୮ ବର୍ଷର ସମ୍ପର୍କ; ୩୦୦ କୋଟିକୁ ମନାକଲେ

**ନୂଆଦିଲ୍ଲୀ, ୧୪।୪:** ଟିମ୍ ଇଣ୍ଡିଆର ଷ୍ଟାର ବ୍ୟାଟର। ବର୍ତ୍ତମାନ ଆଇପିଏଲ୍‌ରେ ଦେଖାଉଛନ୍ତି ଜଲୱା। ଆରସିବି ପାଇଁ କରୁଛନ୍ତି ରନ୍ ବର୍ଷା। କିନ୍ତୁ ଆଇପିଏଲ ସିଜିନର ମଝିରେ ସାମ୍ନାକୁ ଆସିଛି ଏକ ବଡ ଖବର। ଏକ ବଡ ଡିଲ୍‌କୁ ରିଜେକ୍ଟ କରିଛନ୍ତି କିଙ୍ଗ୍ କୋହଲି। ସେ କମ୍ପାନୀ ସହ ଶେଷ କରିଛନ୍ତି ୮ବର୍ଷର ସମ୍ପର୍କ। ଆଉ ୩୦୦କୋଟିକୁ କରିଛନ୍ତି ରିଜେକ୍ଟ। ବିଶ୍ୱର ନମ୍ବର ୱାନ ପ୍ଲେୟର ବିରାଟ କୋହଲି। ବ୍ୟାଟିଂ ଫର୍ମରେ କରିଛନ୍ତି ପରିବର୍ତ୍ତନ। କୁହାଯାଉଛି ତାଙ୍କ କ୍ୟାରିଅର ଶେଷ ହେବାକୁ ଯାଉଛି। ଏମିତିକି କି ଅବସର ନେବାକୁ କିମ୍ବା ଦଳରୁ ବାହାର କରିବାକୁ ହେଉଛି ଦାବି। କିନ୍ତୁ ଏତେ ପରେ ବି ବିରାଟଙ୍କ ବ୍ରାଣ୍ଡ ଭ୍ୟାଲ୍ୟୁରେ ପଡିନି ଫରକ୍। ତାଙ୍କ ବ୍ରାଣ୍ଡ ଭ୍ୟାଲ୍ୟୁରେ ଦେଖିବାକୁ ମିଳିଛି ଏକ ନୂଆ ଉଦାହରଣ। ସେ ଆଇପିଏଲ୍ ୨୦୨୫ରେ ବ୍ୟସ୍ତ ରହି ମଧ ନିଜ ବ୍ୟବସାୟରେ ରହିଛନ୍ତି ଆକ୍ଟିଭ୍। ବାସ୍ତବରେ ବିରାଟ କୋହଲି ଜର୍ମାନ ସ୍ପୋର୍ଟସୱେର୍ କମ୍ପାନୀ ପୁମା ସହ ନିଜର ୮ ବର୍ଷର ସମ୍ପର୍କକୁ ଶେଷ କରିଛନ୍ତି। କୋହଲି ଏବଂ ପୁମାର ଏହି ଯାତ୍ରା ୨୦୧୭ରୁ ହୋଇଥିଲା ଆରମ୍ଭ। ସେତେବେଳେ କମ୍ପାନୀ ଟିମ୍ ଇଣ୍ଡିଆର ତତ୍କାଳୀନ ଅଧିନାୟକ ବିରାଟ କୋହଲିଙ୍କ ସହ ୮ ବର୍ଷର କଣ୍ଟ୍ରାକ୍ଟ କରିଥିଲା। ଏହା ବଦଳରେ ବିରାଟଙ୍କୁ ଦେଇଥିଲା ୧୧୦ କୋଟି ଟଙ୍କା। କୋହଲିଙ୍କ ଏହି କଣ୍ଟ୍ରାକ୍ଟ ୨୦୨୫ରେ ପୁମା ସହିତ ଶେଷ ହୋଇଛି। କିନ୍ତୁ ଏବେ ବି କମ୍ପାନୀ ବିରାଟ କୋହଲିଙ୍କୁ ରିନ୍ୟୁ ଅର୍ଥାତ୍ ନିଜ ସହ ରଖିବାକୁ ଚାହୁଁଛି। ସେ ଆଗାମୀ ୮ ବର୍ଷ ପାଇଁ କୋହଲିଙ୍କ ସହିତ ନିଜର କଣ୍ଟ୍ରାକ୍ଟ ରଖିବାକୁ ଚାହୁଁଥିଲା। ଏଥିପାଇଁ ଷ୍ଟାର ବ୍ୟାଟରକୁ ୩୦୦ କୋଟିର ଅଫର ମଧ ଦେଇଥିଲା। କିନ୍ତୁ ବିରାଟ ଏହାକୁ କରିଥିଲେ ପ୍ରତ୍ୟାଖାନ।

## ସ୍ଥାୟୀ ଜମା ସୁଧହାର ହ୍ରାସ କଲା ଏସ୍‌ବିଆଇ

### ଏପ୍ରିଲ ୧୫ରୁ ଲାଗୁ ହେବ

**ନୂଆଦିଲ୍ଲୀ, ୧୪।୪:** ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆ ଏସ୍‌ବିଆଇ ଏହାର ସ୍ଥାୟୀ ଜମା (ଏଫ୍‌ଡି) ସୁଧହାରରେ ୦.୨୦% ଯାଏ ହ୍ରାସ ଘୋଷଣା କରିଛି । ଏବେ ଏସ୍‌ବିଆଇର ୧ ବର୍ଷିଆ ଏଫ୍‌ଡି ଲାଗି ୬.୭୦% ସୁଧ ମିଳିବ । ନୂଆ ସୁଧହାର ୧୫ ଏପ୍ରିଲରୁ ଲାଗୁ ହେବ । ଏହା ପୂର୍ବରୁ ନିକଟରେ କାନାରା ବ୍ୟାଙ୍କ ଏବଂ କୋଟାକ ମହିନ୍ଦ୍ରା ବ୍ୟାଙ୍କ ଏଫ୍‌ଡି ସୁଧ ହାରରେ ହ୍ରାସ ଘୋଷଣା କରିଥିଲେ । ରିଜର୍ଭ ବ୍ୟାଙ୍କ ରେପୋ ରେଟ୍ ହ୍ରାସ କରିବା ପରେ ବ୍ୟାଙ୍କ ଗୁଡ଼ିକ ଏଫ୍‌ଡି ସୁଧହାର କମାଉଛନ୍ତି । ଏସ୍‌ବିଆଇ ଅମୃତ ବୃଷ୍ଟି ସ୍ପେଶାଲ ସ୍କିମର ସୁଧହାର ମଧ ହ୍ରାସ କରିଛି । ଏହି ସ୍କିମରେ ୪୪୪ ଦିନରେ ଏଫ୍‌ଡି ଉପରେ ବାର୍ଷିକ ୭.୦୫% ସୁଧହାର ମିଳିବ । ବରିଷ୍ଠ ନାଗରିକଙ୍କୁ ବାର୍ଷିକ ୭.୫୫% ଏବଂ ସୁପର ସିନିୟର ସିଟିଜେନଙ୍କୁ ୭.୬୫% ସୁଧହାର ପ୍ରଦାନ କରାଯିବ ।

# ଭାରତ ବନାମ ଚୀନ: ଷ୍ଟାର୍ଟଅପ୍ ରେସ୍‌ରେ ପଛରେ ପଡ଼ିଗଲା ଭାରତ




**ନୂଆଦିଲ୍ଲୀ, ୧୪।୪:** ଚୀନ ଆକାର, ଶିକ୍ଷା, ଶିଳ୍ପ, ଭିତ୍ତିଭୂମି, ଜିଡିପି ସବୁ କ୍ଷେତ୍ରରେ ଭାରତ ଠାରୁ ଅନେକ ବଡ଼। ଏବେ ଭାରତ ବି ବିଶ୍ୱର ଶକ୍ତିଶାଳୀ ରାଷ୍ଟ୍ରଙ୍କ ସହ ପ୍ରତିଦ୍ୱନ୍ଦ୍ୱିତା କରି ଆଗକୁ ବଢ଼ୁଛି। ହେଲେ ଚୀନରେ ଷ୍ଟାର୍ଟଅପ୍ ଯେତେ ଶୀଘ୍ର ବଢ଼ୁଛି ଭାରତ ତାଳ ଦେଇପାରୁ ନାହିଁ। ନିକଟରେ କେନ୍ଦ୍ର ବାଣିଜ୍ୟ ମନ୍ତ୍ରୀ ପିୟୂଷ ଗୋୟଲ ମଧ ଭାରତର ଷ୍ଟାର୍ଟଅପ୍‌କୁ ନେଇ ପ୍ରଶ୍ନ ଉଠାଇଥିଲେ। ୨୦୨୫ ଷ୍ଟାର୍ଟଅପ୍ ମହାକୁମ୍ଭରେ ଯୋଗ ଦେଇ ମନ୍ତ୍ରୀ କହିଥିଲେ " କ'ଣ ଆମେ କେବଳ ଏହି ଡେଲିଭରି ବୟ ଏବଂ ଗାର୍ଲରେ ସୀମିତ ରହିବା ?" ତାଙ୍କର ଏହି ବକ୍ତବ୍ୟ ପରେ ଦେଶରେ ଏକ ବିତର୍କ ଆରମ୍ଭ ହୋଇଛି। ଭାରତୀୟ ଷ୍ଟାର୍ଟଅପ୍ କେବଳ ଡିଜିଟାଲ୍ ସେବା ଏବଂ ଆପ୍ ନିର୍ମାଣ କରିବାରେ ସୀମିତ ରହିଛି। ହେଲେ ବିଶ୍ୱର ଅନ୍ୟ ଦେଶଗୁଡ଼ିକ ଡିପ୍-ଟେକ୍, ସେମିକଣ୍ଡକ୍ଟର, ଏଆଇ, ଇଲେକ୍ଟ୍ରିକ୍ ଯାନ (ଇଭି) ଏବଂ ରୋବୋଟିକ୍ସ ଭଳି ପ୍ରମୁଖ ପ୍ରଯୁକ୍ତିବିଦ୍ୟା ଉପରେ ଧ୍ୟାନ ଦେଉଛନ୍ତି ବୋଲି ସାଧାରଣରେ କଥା ଉଠିଛି। ବିଶେଷ କରି ଭାରତ ବର୍ତ୍ତମାନ ଚୀନ ସହ ତୀବ୍ର ପ୍ରତିଦ୍ୱନ୍ଦ୍ୱିତା ଆରମ୍ଭ କରିଦେଇଛି। ହେଲେ ଚୀନ ଷ୍ଟାର୍ଟଅପ୍‌ରେ ଭାରତ ଠାରୁ ବହୁ ଆଗରେ ରହିଛି।

ଗତ ୨୦ ବର୍ଷ ମଧ୍ୟରେ, ଭାରତ ଏବଂ ଚୀନକୁ ଷ୍ଟାର୍ଟଅପ୍ ଅଭିବୃଦ୍ଧିର ଦୁଇଟି ସବୁଠାରୁ ବଡ଼ ଇଞ୍ଜିନ୍ ଭାବରେ ବିବେଚନା କରାଯାଉଥିଲା। କିନ୍ତୁ ୨୦୨୪ ସୁଦ୍ଧା ଚୀନ୍ ଏହି ଦୌଡ଼ରେ ଭାରତକୁ ବହୁତ ପଛରେ ପକାଇ ଦେଇ ଆଗକୁ ପଳାଇଲା। ଚୀନର ଆଲିବାବା, ଟେନସେଣ୍ଟ ଏବଂ ବାଇଟ୍‌ଡାନ୍ସ ଭଳି କମ୍ପାନୀଗୁଡ଼ିକ ବିଶ୍ୱବ୍ୟାପୀ ପରିଚିତି ହାସଲ କଲେ। ହେଲେ ଭାରତରେ ଅନେକ ଷ୍ଟାର୍ଟଅପ୍ କମ୍ପାନୀ ପଣ୍ଡିଂ, ସ୍କେଲ୍ ଏବଂ ପ୍ରଫିଟେବିଲିଟି ଭଳି ସମସ୍ୟା ସହିତ ଏବେ ବି ସଂଘର୍ଷ କରୁଛନ୍ତି। ଚୀନ ସରକାରଙ୍କ ଷ୍ଟାର୍ଟଅପ୍ ସୁହାଇଲା ଭଳି ନୀତି ଏବଂ ଅତ୍ୟଧିକ ନିବେଶ ଯୋଗୁ ବେଜିଂର ଅଭିବୃଦ୍ଧି ସମ୍ଭବ ହେଲା। ଚୀନ୍ ସରକାର ଷ୍ଟାର୍ଟଅପ୍‌ଗୁଡ଼ିକୁ ପ୍ରୋତ୍ସାହିତ କରିବା ପାଇଁ ୧.୪ ଟ୍ରିଲିୟନ ଡଲାରର ପ୍ରଯୁକ୍ତିବିଦ୍ୟା ନିବେଶ ଯୋଜନା ପ୍ରଣୟନ କରିଥିବା ବେଳେ, ଭାରତ ସରକାର ମାତ୍ର ୧୫୦ ବିଲିୟନ ଡଲାରର ପାଣ୍ଠି ଆବଣ୍ଟନ କରିଥିଲେ। ଚୀନ୍ କେବଳ ୨୦୨୪ ମସିହାରେ ହାଇ-ଟେକ୍ କମ୍ପାନୀଗୁଡ଼ିକ ପାଇଁ ୩୬୧ ବିଲିୟନ ଡଲାରର ଟିକସ ଛାଡ଼ ପ୍ୟାକେଜ୍ ଘୋଷଣା କରିଛି। ହେଲେ ଭାରତରେ ଏଭଳି କୌଣସି ବଡ଼ ଯୋଜନା ଘୋଷଣା ହୋଇ ନାହିଁ।

ଭାରତର ଷ୍ଟାଟଅପ୍‌ଗୁଡ଼ିକୁ ଫଣ୍ଡିଂର ଅଭାବ, ସରକାରୀ ନୀତିରେ ଅସ୍ଥିରତା ଏବଂ ଡିପ୍-ଟେକ୍ ସେକ୍ଟରରେ ନିବେଶର ଅଭାବ ଯୋଗୁ ଭାରତରେ ଷ୍ଟାର୍ଟଅପ୍‌ଗୁଡ଼ିକ ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ଆପଣ ଜାଣି ଆଶ୍ଚର୍ଯ୍ୟ ହେବେ ଯେ ୨୦୨୪ ମସିହାରେ ଚୀନ୍ ଷ୍ଟାର୍ଟଅପ୍ ଗୁଡ଼ିକ ୨୬ ବିଲିୟନ ଡଲାର ଭେଞ୍ଚର କ୍ୟାପିଟାଲ ଫଣ୍ଡିଂ ସଂଗ୍ରହ କରିଥିଲେ, ହେଲେ ଭାରତୀୟ ଷ୍ଟାର୍ଟଅପ୍ ଗୁଡ଼ିକୁ ମାତ୍ର ୧୩.୭ ବିଲିୟନ ଡଲାର ହିଁ ମିଳିପାରି ଥିଲା। ସବୁଠାରୁ ବଡ଼ ସମସ୍ୟା ହେଲା ଚୀନ୍ ମ୍ୟାନୁଫେକ୍ଚରିଂ, ଏଆଇ, ସେମିକଣ୍ଡକ୍ଟର ଏବଂ ଅଟୋମୋବାଇଲ୍ କ୍ଷେତ୍ରରେ ପ୍ରଚୁର ନିବେଶ କରିଥିଲେ ମଧ, ଭାରତର ଷ୍ଟାର୍ଟଅପ୍‌ଗୁଡ଼ିକ ଡିଜିଟାଲ୍ ସେବା, ଖାଦ୍ୟ ବିତରଣ ଏବଂ ଫିନ୍‌ଟେକ୍ ପର୍ଯ୍ୟନ୍ତ ସୀମିତ ରହିଗଲେ। ୨୦୨୪ ମସିହାରେ ଭାରତୀୟ ଡିପ୍-ଟେକ୍ ଷ୍ଟାର୍ଟଅପ୍‌ଗୁଡ଼ିକୁ ମାତ୍ର ୧.୬ ବିଲିୟନ ଡଲାର ପାଣ୍ଠି ମିଳିଥିଲା ଥିବା ବେଳେ ଚୀନ କେବଳ ଏଆଇ ଏବଂ ସେମିକଣ୍ଡକ୍ଟର କ୍ଷେତ୍ରରେ ୧୨.୩ ବିଲିୟନ ଡଲାର ନିବେଶ କରିଥିଲା। ଭାରତରେ ଫୁଡ ଡେଲିଭରି, ଡିଜିଟାଲ୍ ପେମେଣ୍ଟ, ସ୍ୱାସ୍ଥ୍ୟସେବା ଏବଂ ଇ-କମର୍ସ ଭଳି କ୍ଷେତ୍ରରେ ଷ୍ଟାର୍ଟଅପ୍ ଭଲ ପ୍ରଦର୍ଶନ କରିଛନ୍ତି। ଜୋମାଟୋ, ସ୍ୱିଗି, ପେଟିଏମ୍ ଭଳି କମ୍ପାନୀଗୁଡ଼ିକ ସାଧାରଣ ଲୋକଙ୍କ ପାଇଁ ଲାଭଦାୟକ ପ୍ରମାଣିତ ହେଲା। କିନ୍ତୁ ଭାରତ ଏବେ ବି ଡିପ୍-ଟେକ୍, ଏଆଇ, ରୋବୋଟିକ୍ସ ଏବଂ ଇଲେକ୍ଟ୍ରିକ୍ ଯାନ ଭଳି ପ୍ରଯୁକ୍ତିବିଦ୍ୟାରେ ପଛରେ ଅଛି। ଏ ଦିଗରେ ଅଧିକ ଆଗକୁ ବଢ଼ିପାରି ନାହିଁ।

EV ଏବଂ ବ୍ୟାଟେରୀ ଟେକ୍ନୋଲୋଜୀ: ଚୀନର ବିୱାଇଡି ଏବଂ ଇଭି ବ୍ୟାଟେରୀରେ ବିଶ୍ୱସ୍ତରରେ ନିଜର ପ୍ରଭାବ ବିସ୍ତାର କରି ସାରିଛନ୍ତି। ହେଲେ ଭାରତ ଏବେ ବି ଏହି କ୍ଷେତ୍ରର ଏକ ନବଜାତ ଭଳି ପ୍ରଦର୍ଶନ କରୁଛି। ସେମିକଣ୍ଡକ୍ଟର ଏବଂ ଏଆଇ: ଚୀନ୍ ଏହି କ୍ଷେତ୍ରରେ ବିପୁଳ ନିବେଶ କରିଛି। ଭାରତକୁ ଏବେ ବି ଆମଦାନୀ ଉପରେ ନିର୍ଭର କରିବାକୁ ପଡୁଛି। ମ୍ୟାନୁଫେକ୍ଚରିଂ ଏବଂ ଅଟୋମେସନ: ଚୀନ୍ ରୋବୋଟିକ୍ସ ଏବଂ ଏଆଇ ସାହାଯ୍ୟରେ ଏହାର ଶିଳ୍ପଗୁଡ଼ିକୁ ସ୍ମାର୍ଟ ବନାଇଛି, ଅନ୍ୟପଟେ ଭାରତ ଏବେ ବି ଶ୍ରମ-କେନ୍ଦ୍ରିକ(ଲେବର ଇଣ୍ଟେନସିଭ) ଶିଳ୍ପ ଉପରେ ନିର୍ଭର କରେ। ବିଶ୍ୱ ବଜାର ଅଂଶ: ଶିନ୍, ଆଲିବାବା ଏବଂ ଡିଜେଆଇ ଭଳି ଚୀନ୍ କମ୍ପାନୀଗୁଡ଼ିକ ସାରା ବିଶ୍ୱରେ ପ୍ରଭାବ ବିସ୍ତାର କରିଥିବା ବେଳେ ଭାରତୀୟ ଷ୍ଟାର୍ଟଅପ୍ ଏବେ ବି ମୁଖ୍ୟତଃ ଘରୋଇ ବଜାରରେ ସୀମିତ ରହିଛି।

ଗତ କିଛି ବର୍ଷ ମଧ୍ୟରେ ଚୀନ୍ ଉଚ୍ଚଶିକ୍ଷା ଏବଂ ରିସର୍ଚ୍ଚ ଏଣ୍ଡ ଡେଭଲପମେଣ୍ଟ (ଆର୍ ଆଣ୍ଡ୍ ଡି) ଉପରେ ବିପୁଳ ନିବେଶ କରିଛି। ୨୦୨୪ ମସିହାରେ ଚୀନର ରିସର୍ଚ୍ଚ ଏଣ୍ଡ ଡେଭଲପମେଣ୍ଟ ଖର୍ଚ୍ଚ ୪୯୬ ବିଲିୟନ ଡଲାରରେ ପହଞ୍ଚିଛି। ଅନ୍ୟପକ୍ଷରେ ଭାରତ ମାତ୍ର ୨୦,୦୦୦ କୋଟି (୨୩.୪୫ ବିଲିୟନ ଡଲାର) ବଜେଟ ଆବଣ୍ଟିତ କରିଛି। ଚୀନରେ ୨୨ ଲକ୍ଷ R&D କର୍ମଚାରୀ ଥିବା ବେଳା ବେଳେ ଭାରତରେ କେବଳ ୯ ଲକ୍ଷ କର୍ମଚାରୀ ଅଛନ୍ତି। ଅର୍ଥାତ୍, ଭାରତରେ ଟେକ୍ନୋଲୋଜୀ ଇନୋବେସନ ପାଇଁ ପ୍ରତିଭାର ଅଭାବ ରହିଛି।

# ପେଟ ପାଇଁ ସହରମୁହାଁ ଗାଁଲୋକ

**କଳାହାଣ୍ଡି,୧୪।୪(ସଂଚାର ବ୍ୟୁରୋ):** ସମୟ ବଦଳି ଚାଲିଛି। କାଳର ଚକ୍ରରେ ହଜି ଯାଉଛି ଗାଁର ଅନେକ ଚିତ୍ର। ଗାଁ ମାନଙ୍କରୁ ବଡ଼ ବଡ଼ ଆମ୍ବ ତୋଟା ହଜିଯାଇଛି।ଚାଳ ଛପର ମାଟି ଘର ସଂଖ୍ୟା କମି ଯାଇଛି। ମାଟିରେ ପଥର ବସା କୂଅ ଆଉ ଦେଖିବାକୁ ମିଳୁନାହିଁ। ଏବେ ଗାଁ ଦାଣ୍ଡରେ ଗୋଧୂଳି ସମୟରେ ଗଉଡ଼ ପିଲା ଗାଈଙ୍କୁ ଧରି ଗୋଠରୁ ଫେରିବାର ଦୃଶ୍ୟ ଆଉ ଦେଖିବାକୁ ମିଳୁନାହିଁ।ଶୁଭୁ ନାହିଁ ଗାଈ ପଲ ଙ୍କ ବେକରେ ବନ୍ଧା ଯାଉଥିବା ଘାଗୁଡ଼ିର ଡଗ ଡଗ ଶବ୍ଦ। ଜୀବନ ଜୀବିକା ପାଇଁ ବହୁ ପରିବାର ଗାଁ ଛାଡି ସହରକୁ ଚାଲି ଯାଉଥିବା ଯୋଗୁଁ ଅଧିକାଂଶ ଗାଁ ଆଗରେ ଥିବା ଚଉରା ମୂଳେ ସନ୍ଧ୍ୟାରେ ଜଳୁ ନାହିଁ ସଞ୍ଜବତୀ।ସନ୍ଧ୍ୟାରେ ଭାଗବତ ଘରେ ଜଡ଼ା ତେଲ ଦୀପ ପାଖରେ ଗାଁ ଲୋକଙ୍କର ଭାଗବତ ଚର୍ଚ୍ଚାରେ ସେହି ଆସର ଆଉ ଜମୁନାହିଁ।କଳାହାଣ୍ଡି ଅଞ୍ଚଳରେ ଥିବା ଗାଁ ଗୁଡିକ ଚିତ୍ରରେ ଅନେକ ପରିବର୍ତ୍ତନ ଏବେ ଦେଖିବାକୁ ମିଳୁଛି। ପାଠ ଶାଠ ପଢ଼ିଥିବା ପିଲା ମାନେ ଚାକିରି ପାଇଁ ସହରକୁ ଚାଲି ଯାଉଥିବା ବେଳେ ଗାଁରେ ଚାଷ ବାସ କରି ଚଳୁଥିବା ଲୋକ ଚାଷ କରି କ୍ଷତିଗ୍ରସ୍ତ ହୋଇ ପଡୁଥିବା ଦେଖାଯାଉଛି। ଋଣ ଭାର ସେମାନଙ୍କ



ମୁଣ୍ଡରେ ଲଦି ହୋଇ ଯାଉଥିବାରୁ ଚାଷ ଛାଡି ଅନେକ ଚାଷୀ ଦାଦନ ଖଟିବାକୁ ପଡୋଶୀ ରାଜ୍ୟ କୁ ଚାଲି ଯାଉଛନ୍ତି। ଜିଲ୍ଲା ର କେତେକ ସହର ର ଲୋକଙ୍କୁ ଛାଡି ଦେଲେ ଜିଲ୍ଲା ର ଅଧିକାଂଶ ଗାଁ ଦାଣ୍ଡ କବାଟରେ ତାଲା ଝୁଲୁଛି। ଗାଁ ଗୁଡିକ ଏବେ ଖାଁ ଖାଁ ଲାଗୁଛି। ବାରି ଶାଗ ଏବେ ଦୁର୍ଲଭ। କାଗଜି ଲେମ୍ବୁ, କଞ୍ଚା ଲଙ୍କା, ପରିବା, ଅଣ୍ଡା ଓ ମାଛ ଏବେ ପଡୋଶୀ ଆନ୍ଧ୍ରା ଗାଡ଼ିରୁ ଆସି ଗାଁରେ ବିକ୍ରି ହେଉଛି। ଭାଗବତ ଘରେ ସନ୍ଧ୍ୟାରେ ଭଜନ କୀର୍ତ୍ତନ କରିବାକୁ ଲୋକ ମିଳୁ ନାହାନ୍ତି। ଘଣ୍ଟ ଓ ଶଙ୍ଖ ର ଶବ୍ଦ ଏବେ ଆଉ ଶୁଣା ଯାଉ ନାହିଁ। ନୂଆ ବୋହୂ ମୁଣ୍ଡାରେ ଓଢ଼ଣା ପକାଇ ସଞ୍ଜ ବତୀ ଧରି ଚଉରା ପାଖକୁ ଯିବାର ଦୃଶ୍ୟ ଆଉ ଦେଖିବାକୁ ମିଳୁନାହିଁ। ଗୁହାଳେ ଦେଶୀ ଗାଈ ଆଉ ଦାଣ୍ଡରେ କଅଁଳା ବାଛୁରୀର ମନୋରମ ନାଚ କୁଦାରେ ଉଭେଇ ଯାଇଛି। ମାଟି ବଡ଼ାରେ ଏଠି ମରାଯାଉଥିବା ପିଠ ର ବାମ୍ଫା ପାଲଟିଛି ସାତ ସପନ। ସକାଳୁ ଦାଣ୍ଡରେ ଗୋବର ପାଣି ଆଉ ପଡୁ ନାହିଁ। ସମୟ ଚକ୍ରରେ ସବୁ ହଜି ଯାଉଛି।କାର୍ତ୍ତିକ ମାସରେ ଠାଏ ଠାଏ ଜାଗାରେ ଭାଗବତ ପାରାୟଣ, ରାହାସ ଓ କାର୍ତ୍ତିକ ମେଳଣ ର ସଂସ୍କୃତିକୁ ପୁରୁଖା ଲୋକ ମାନେ ଚଳାଇ ରଖିଛନ୍ତି। ଅନେକ ବ୍ୟକ୍ତି ପେଟ ପାଟଣା ପାଇଁ ସହରରେ ରହୁଥିଲେ ମଧ୍ୟ ଗାଁର ଆକର୍ଷଣ ଏବେ ବି ତାଙ୍କୁ ଛାଡ଼ିନାହିଁ। ସମୟ ମିଳିଲେ ଗାଁ କୁ ଚାଲିଆସି ଭଜନ, କୀର୍ତ୍ତନ ଭଳି ଭାବରେ ଭାଗନେଇ ସେମାନେ ଆନନ୍ଦ ଉପଭୋଗ କରନ୍ତି। ସହରକୁ ଫେରିବାକୁ ମନ ବାହୁଁନ ଥିଲେ ମଧ୍ୟ ପେଟ ପାଟଣା ପାଇଁ ସହରକୁ ଫେରିବା ସେମାନଙ୍କ ବାଧ୍ୟ ହେଉଛନ୍ତି।ଗାଁର ନିର୍ମଳିଆ ଲୋକ ଗୁଡାକ ଙ୍କ ମୁଣ୍ଡରେ ନେତା ମାନେ ରାଜନୀତି ର କୁଟିଳତାକୁ ଏବେ ଭରି ଦେଉଛନ୍ତି। ହଜି ଯାଉଛି ସେମାନଙ୍କର ସରଳତା। ଭାଇ ଚାରା, ଆତ୍ମୀୟତା ଓ ଆନ୍ତରିକତା ର ଅନୁଭବ ଅଭାବ ସ୍ପଷ୍ଟ ପରିଲକ୍ଷିତ ହେଉଛି। ଉତ୍କଳ ଗୌରବ ମଧୁସୂଦନ ଦାସ ଓଡ଼ିଆ ଜାତି ଓ ଗ୍ରାମ୍ୟ ଜୀବନର ଯେପରି ବିକାଶ ଚାହୁଁଥିଲେ ଆଜି ଅଧିକାଂଶ ଗାଁ ଶ୍ରୀହୀନ ହୋଇ ପଡ଼ିଛି। ଜାତିର ପିତା ମହାତ୍ମାଗାନ୍ଧୀ ଗ୍ରାମ୍ୟ ବିକାଶ ର ସ୍ୱପ୍ନକୁ ସ୍ୱାଧୀନତା ପରେ ଦେଶରେ ଯେପରି ଗୁରୁତ୍ୱ ଦିଆଯିବାର କଥା ସେପରି ଦିଆ ଯାଇ ନାହିଁ।କୁଟୀର ଶିଳ୍ପ ଆଉ ଆଗଭଳି ଦେଖାଯାଉନାହିଁ। କେଁସ, ମାଛ ଧରିବା ପାଇଁ ବଗା ଓ ମୁରୁଗା ଲୋକେ ଆଉ ବୁଣୁ ନାହାନ୍ତି।ଗାଁ ଗଣ୍ଡାରେ ଥିବା ଅଧିକାଂଶ ପାନ ଦୋକାନରେ ଖୋଲା ଖୋଲି ମଦ ଓ ଧଳା ଜହର ବିକ୍ରି ହେଉଛି।

## ଓଡିଆ ପକ୍ଷ ପାଳନ ଅବସରରେ 'ଆମ ରୁଚି ଆମ ଖାଦ୍ୟ'



**ବୋରିଗୁମ୍ମା,୧୪।୪(ସଂଚାର ବ୍ୟୁରୋ):** ରବିବାର ସ୍ଥାନୀୟ ବ୍ଲକ କାର୍ଯ୍ୟାଳୟ ପରିସରରେ ଓଡିଆ ପକ୍ଷ ପାଳନ ଅବସରରେ 'ଆମ ରୁଚି ଆମ ଖାଦ୍ୟ' ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠିତ ସଭା କାର୍ଯ୍ୟକ୍ରମରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁକାନ୍ତ କୁମାର ପଟ୍ଟନାୟକ ମୁଖ୍ୟ ଅତିଥି ରୂପେ ଯୋଗଦେଇଥିଲେ। 'ଆମ ରୁଚି ଆମ ଖାଦ୍ୟ' ଓଡ଼ିଆ ଘରର ପାରମ୍ପରିକ ରନ୍ଧା ଖାଦ୍ୟ ଯାହା ସ୍ୱାସ୍ଥ୍ୟ ପାଇଁ ହିତକର ଏବଂ ଆମେ ସମସ୍ତେ ବହୁ କାଳରୁ ଖାଇଆସୁଥିବା ପାରମ୍ପରିକ ଖାଦ୍ୟ ସବୁ ଧୀରେ ଧୀରେ ହାଣ୍ଡିଶାଳ ରୁ ଲୋପ ପାଇ ହୋଇଯାଉଛି ତାକୁ ଆମେ ପୁନର୍ବାର ଆଦୃତ କରାଇବା ଓ ଏହାର ବିଶେଷ ପ୍ରଚାର, ପ୍ରସାର କରିବା ଏହି କାର୍ଯ୍ୟକ୍ରମ ମୁଖ୍ୟ ଉଦ୍ଦେଶ୍ୟ ବୋଲି କହିଥିଲେ। ଏହି ମଞ୍ଚରେ ଏବିଡ଼ିଓ ମାଧୁରୀ ଆଚାରୀ, ଏଇଇ ପ୍ରକାଶ କୁମାର ପ୍ରଧାନ, ଓଡିଶା ଜୀବିକା ମିଶନ ବ୍ଲକ ସଂଯୋଜକ ଦେବେନ୍ଦ୍ର ପଣ୍ଡା, ବିପିସି ସ୍ମୃତି ପଟ୍ଟନାୟକ, ଜିପିଇଓ ସ୍ୱାଗତିକା ଗୋପାଳ, ଏପିଓ ରମାକାନ୍ତ ବେହେରା, ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ସୁମନ୍ତ କୁମାର ବିଶ୍ୱାଳ, ମହେନ୍ଦ୍ର ପଣ୍ଡା, ଏଇସିଡିଏସ ସୁପରଭାଇଜର ରୋଜାଲିନ କୋଟିଆ ପ୍ରମୁଖ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ବ୍ଲକର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଓ ବ୍ୟକ୍ତିଗତ ପ୍ରଦର୍ଶନକାରୀ ଭାବେ ଆମିଷ ଓ ନିରାମିଷ ଖାଦ୍ୟ ଷ୍ଟଲ ମାଧ୍ୟମରେ ଖାଦ୍ୟ ପ୍ରସ୍ତୁତ କରି ବିଚାରକ ମଣ୍ଡଳୀଙ୍କୁ ବୁଝାଇଥିଲେ ଏବଂ ବିଚାରକ ପ୍ରତ୍ୟେକ ଷ୍ଟଲ୍ ପରିଦର୍ଶନ କରି ବିଚାର କରିଥିଲେ। ନିରାମିଷ ଓ ଆମିଷ ଖାଦ୍ୟରେ ଚକୁଳି, ଚନ୍ଦ୍ରକାନ୍ତି, ମାଣ୍ଡିଆ ଜାଉ, କାଙ୍ଗୁ ଖିରି, ମଣ୍ଡା, କାକୁଡ଼ି ସିଝା, କାକରା ପିଠା, ଆରିସା ପିଠା, ଏଭଳି ବହୁ ପାରମ୍ପରିକ ରନ୍ଧା ଖାଦ୍ୟ ପ୍ରଦର୍ଶନ କରାଯାଇଥିଲା। ଏବଂ ପ୍ରତ୍ୟେକ ପ୍ରତିଯୋଗୀଙ୍କୁ ଅତିଥିଗଣ ସାର୍ଟିଫିକେଟ ପ୍ରଦାନ କରିଥିଲେ। ବ୍ଲକ ସଂସ୍କୃତି ବିଭାଗ ଏବଂ ସମାଜ କଲ୍ୟାଣ ବିଭାଗ ର କର୍ମଚାରୀ କାର୍ଯ୍ୟକ୍ରମ ର ସଫଳ ରୂପାୟନ ରେ ସହଯୋଗ କରିଥିଲେ।ଏହି କାର୍ଯ୍ୟକ୍ରମରେ ଶତାଧିକ ଅଙ୍ଗନବାଡି କର୍ମୀ, ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ଉପସ୍ଥିତ ଥିଲେ।

## ଭାରତରତ୍ନ ଡ. ବି. ଆର. ଆମ୍ବେଦକର ଜୟନ୍ତୀ ପାଳିତ



**କାକଟପୁର/ଅସ୍ତରଙ୍ଗ,୧୪।୪(ସଂଚାର ବ୍ୟୁରୋ):** ପୁରୀ ଜିଲ୍ଲା ଅସ୍ତରଙ୍ଗ ରେ ଡ଼ଃ ବିଆର ଆମ୍ବେଦକର ଙ୍କ ୧୩୪ତମ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ କାକଟପୁର ସ୍ଥିତ ଠକ୍କରବାପା ଆଶ୍ରମ ପରିସରରେ ଆୟୋଜିତ ସମାରୋହରେ ଅତିଥି ମାନେ ଯୋଗଦେଇ ଦେଶ ପାଇଁ ଡ଼ଃ ଆମ୍ବେଦକର ଙ୍କ ଅବଦାନ ଅତୁଳନୀୟ ବୋଲି କହିଥିଲେ। ନିଜର ୬୫ବର୍ଷ ଜୀବନ କାଳ ଭିତରେ ଅସ୍ପୃଶ୍ୟତା ଓ ଅବହେଳାର ଶିକାର ହୋଇ ମଧ୍ୟ ସାମାଜିକ ସମତା ହାସଲ ଦିଗରେ ତାଙ୍କର ଅବଦାନ ଆମ ପଥ ପ୍ରଦର୍ଶକ ହୋଇ ବିଦ୍ୟମାନ ଅଛି ବୋଲି କହିଥିଲେ। ଏହା ସହ ଅନ୍ୟ ଅତିଥି ମାନେ ନିଜ ବକ୍ତବ୍ୟରେ ଆମ୍ବେଦକର ଭୂମିକା ସମ୍ପର୍କରେ ଅବତାରଣା କରି ତାଙ୍କରି ଆଦର୍ଶକୁ ଉଜ୍ଜୀବିତ ରଖିବା ନିମନ୍ତେ ସମସ୍ତେ ନିଷ୍ଠାର ସହ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ। ଅତିଥି ମାନେ ପ୍ରାରମ୍ଭ ରେ ଡ଼ଃ ଆମ୍ବେଦକର ଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଏହା ସହ କାକଟପୁର ରୁ ଅସ୍ତରଙ୍ଗ ଏକ ବିଶାଳ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା।

## ନାରାୟଣୀଙ୍କ ପୀଠରେ ବିଶ୍ୱଶାନ୍ତି ପାଇଁ ଚଣ୍ଡୀଯଜ୍ଞ



**ସୁବର୍ଣ୍ଣପୁର,୧୪।୪(ସଂଚାର ବ୍ୟୁରୋ):** ଦ୍ୱିତୀୟ ବାରାଣସୀ ଭାବରେ ଖ୍ୟାତ ସୁବର୍ଣ୍ଣପୁର ସହର ର ରାୟଗୁରୁ ପଡ଼ାରେ ଅବସ୍ଥିତ ମା'ନାରାୟଣୀଙ୍କ ପୀଠରେ ଚୈତ୍ର ଶୁକ୍ଳପକ୍ଷ ପ୍ରତିପଦ ଠାରୁ ପୂର୍ଣ୍ଣିମା ପର୍ଯ୍ୟନ୍ତ ୧୫ଦିନ ଧରି ବିଶେଷ ପୂଜାର୍ଚ୍ଚନା ସହ ପୂର୍ଣ୍ଣମୀ ଦିନ ସନ୍ଧ୍ୟାରେ ବିଶ୍ୱଶାନ୍ତି ନିମନ୍ତେ ଚଣ୍ଡୀ ଯଜ୍ଞ ଅନୁଷ୍ଠିତ ହୋଇଯାଇଅଛି। ପୂଜାର୍ଚ୍ଚନା ପରେ ପରେ ସମସ୍ତ ଶ୍ରଦ୍ଧାଳୁ ବୃନ୍ଦ ସାମୁହିକ ପ୍ରସାଦ ସେବନ କରିଥିଲେ। ମା'ଙ୍କ ଏହି ଚୈତ୍ରମାସର ପର୍ବକୁ ପଡ଼ାବାସୀ ଉତ୍ସାହର ସହ ପାଳନ କରିଥାନ୍ତି। ବିଶ୍ୱାସ ରହିଛି ଉକ୍ତ ଆଧ୍ୟାତ୍ମିକ ପୂଜାର୍ଚ୍ଚନା ଦ୍ୱାରା ସମସ୍ତଙ୍କୁ ସୁଖ ସମୃଦ୍ଧି ଓ ଐଶ୍ୱର୍ଯ୍ୟ ପ୍ରାପ୍ତ ହୋଇଥାଏ। ସେଥିପାଇଁ ମା'ଙ୍କ ପୀଠରେ ଏହା କେଉଁ ରାଜାରାଜୁଡା ସମୟରୁ ଅନୁଷ୍ଠିତ ହୋଇଆସୁଅଛି। ଚଳିତ ବର୍ଷ ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ପୂଜକ ଭାବରେ ଜ୍ୟୋତିର୍ବିଦ ଆଚାର୍ଯ୍ୟ ବ୍ୟାସ ପଣ୍ଡିତ ରାଜେନ୍ଦ୍ର କୁମାର ମହାପାତ୍ରଙ୍କ ସହ ପଣ୍ଡିତ ପିତବାସ ମିଶ୍ର, ବିଧାନ ଚନ୍ଦ୍ର ପାଣିଗ୍ରାହୀ, ଶ୍ରୀତମ ମହାପାତ୍ର, ମନୋରଞ୍ଜନ ମିଶ୍ର, ପ୍ରଦୀପ ଷଡ଼ଙ୍ଗୀ, ପବିତ୍ର ମିଶ୍ର, ନରୋତ୍ତମ ପଣ୍ଡା, କୃପାନିଧି ରାୟଗୁରୁ, ମଣ୍ଟୁ ମିଶ୍ର, ନିଳାମ୍ବର ଶତପଥୀ, ସୁଧାଂଶୁ ଶେଖର ମିଶ୍ର ପ୍ରମୁଖ ସହାୟତା କରିଥିଲେ।

## ଓଡ଼ିଆ ପକ୍ଷ ପାଳନ ସହ ଓଡ଼ିଆ ନବ ବର୍ଷକୁ ସ୍ୱାଗତ



**ସୁବର୍ଣ୍ଣପୁର,୧୪।୪(ସଂଚାର ବ୍ୟୁରୋ):** ଓଡିଆ ପକ୍ଷ ପାଳନ ଅବସରରେ ଆଜି ସୁବର୍ଣ୍ଣପୁର ନିଉ ଟାଉନ୍ ହଲ୍ ଠାରେ ପାରମ୍ପରିକ ଓଡ଼ିଆ ପିଠା ପଣା, ଝୋଟି, ମୁରୁଜ, ଚିତା ପ୍ରତିଯୋଗିତ ଅନୁଷ୍ଠିତ ସହ ଓଡ଼ିଆ ନବ ବର୍ଷ ପାଳନ ନିମନ୍ତେ ଏକ ଭବ୍ୟ ସମାରୋହ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାର ସମସ୍ତ ବ୍ଲକ ସହ ସୋନପୁର ପୌର ପରିଷଦର ବିଭିନ୍ନ ସ୍ୱୟଂ ସହାୟିକା ଗୋଷ୍ଠୀ ସଦସ୍ୟା, ବିଭିନ୍ନ ମହାବିଦ୍ୟାଳୟର ଛାତ୍ର ଛାତ୍ରୀଙ୍କୁ ନେଇ ପ୍ରତିଯୋଗୀତା ଆୟୋଜନ କରାଯାଇଥିଲା । ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ସଂସ୍କୃତି ବିଭାଗ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଅତିରିକ୍ତ ଜିଲ୍ଲାପାଳ ରାଜେନ୍ଦ୍ର ମାଝୀ ଓ ସମ୍ମାନିତ ଅତିଥି ଭାବରେ ଅତିରିକ୍ତ ଜିଲ୍ଲାପାଳ ଅଞ୍ଜଳିନା ପଧାନ, ଡେପୁଟି କଲେକ୍ଟର ତଥା ବିଡ଼ିଓ ସୋନପୁର ପ୍ରତୀକ କର, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଅନୁପମା ପଣ୍ଡା, ଜିଲ୍ଲା ମଙ୍ଗଳ ଅଧିକାରୀ ଅଚ୍ୟୁତାନନ୍ଦ ସିଂ, ଜିଲ୍ଲା ପଞ୍ଚାୟତ ଅଧିକାରୀ ଅର୍ଜ୍ଜୁନ ମାଝୀ ପ୍ରମୁଖ ଯୋଗ ଦେଇ ଓଡ଼ିଆ ପକ୍ଷ ପାଳନ, ତଥା ଓଡ଼ିଆ ନୂତନ ବର୍ଷ ଅବସରରେ ଓଡ଼ିଆ ସଂସ୍କୃତି ପରମ୍ପରା ତଥା ଲିଭି ଯାଉଥିବା ପାରମ୍ପରିକ ଖାଦ୍ୟ କୁ ଜନମାନସରେ ଉଜ୍ଜୀବିତ ପାଇଁ ଏହି କାର୍ଯ୍ୟକ୍ରମ ସମସ୍ତଙ୍କ ନିମନ୍ତେ ପ୍ରେରଣା ଯୋଗାଇଥିବା କହିଛନ୍ତି। ଏହି ପରିପ୍ରେକ୍ଷୀରେ ଅନୁଷ୍ଠିତ ସୁ ସ୍ୱାଦୁ ଓଡ଼ିଆ ଘର ପାରମ୍ପରିକ ବ୍ୟଞ୍ଜନ ପ୍ରତିଯୋଗିତା, ଝୋଟି, ମୁରୁଜ ତଥା ଚିତା ହୁଳହୁଳି ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ଉତ୍ସାହିତ କରିବା ସହିତ ସମ୍ବର୍ଦ୍ଧିତ କରିଥିଲେ । ବିଚାରକ ଭାବେ ମିନା ମହାରଣା, ଓ ଶ୍ୟାମ ସୁନ୍ଦର ମେହେର, ଶୁଭେନ୍ଦୁ ମେହେର, ସସ୍ମିତା ମେହେର, ଓ ସୁନନ୍ଦା ସାହୁ ପ୍ରମୁଖ ଆୟୋଜିତ ପ୍ରତିଯୋଗିତାର ବିଚାରକ ଭାବେ ନିଖୁଣ ଦାୟିତ୍ୱ ସମ୍ପାଦନ କରିଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲାର ବିଭିନ୍ନ ଏସ ଏଚ ଜି ସଦସ୍ୟା, ଛାତ୍ର ଛାତ୍ରୀ, ବୁଦ୍ଧିଜୀବୀ, ଶିକ୍ଷକ ଶିକ୍ଷୟତ୍ରୀ, ସ୍ୱେଚ୍ଛାସେବୀ ସଂଗଠନ କର୍ମକର୍ତ୍ତା, ବିଭିନ୍ନ ସରକାରୀ ପଦାଧିକାରୀ,ସାମ୍ବାଦିକ ପ୍ରମୁଖ ଉପସ୍ଥିତ ରହିଥିଲେ.। କାର୍ଯ୍ୟକ୍ରମକୁ ଶିକ୍ଷକ ଲକ୍ଷ୍ମୀନାରାୟଣ ସାହୁ ସଂଯୋଜନା କରିଥିବା ବେଳେ ଜିଲ୍ଲା ସଂସ୍କୃତି ଅଧିକାରୀ ଯମୁନା ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ପଣା ସଂକ୍ରାନ୍ତି ତଥା ଓଡ଼ିଆ ନବ ବର୍ଷ କୁ ସ୍ୱାଗତ ପୂର୍ବକ ପାରମ୍ପରିକ ବ୍ୟଞ୍ଜନ ପିଠା ପଣା ବଣ୍ଟନ କରାଯାଇଥିଲା।

## ଏନଟିପିସି-ଡିଏସଟିପିଏସ ଅଗ୍ନିଶମ କେନ୍ଦ୍ରରେ ଅଗ୍ନି ସେବା ସପ୍ତାହ ଉଦଘାଟିତ



**ସୁନ୍ଦରଗଡ଼,୧୪।୪(ସଂଚାର ବ୍ୟୁରୋ):** ଏପ୍ରିଲ ୧୪ ତାରିଖ ସୋମବାର ସକାଳ ୯:୩୦ ମିନିଟ ସମୟରେ ଏନଟିପିସି-ଡିଏସଟିପିଏସ ଦର୍ଲିପାଲି ଅଗ୍ନିଶମ କେନ୍ଦ୍ରରେ ଅଗ୍ନିଶମ ସେବା ସପ୍ତାହ ଉଦଘାଟନୀ ସମାରୋହ ଅନୁଷ୍ଠିତ ହୋଇଯାଇଛି। ହରେ ରାମ ସିଂହ, ମହାପ୍ରବନ୍ଧକ (ଓ ଆଣ୍ଡ ଏମ୍) ଏଲ. ମହାନ୍ତି (ଡେପୁଟି କମାଣ୍ଡାଣ୍ଟ / ସିଆଇଏସଏଫ), ପ୍ରତିଭା ସିଂହ (ଏଜିଏମ - ମାନବ ସମ୍ବଳ), ଧର୍ମେନ୍ଦ୍ର ସିଂହ (ସହକାରୀ କମାଣ୍ଡାଣ୍ଟ / ଅଗ୍ନିଶମ) ଏବଂ ସମସ୍ତ ଏନଟିପିସି ଅଧିକାରୀ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମକୁ ସିଆଇଏସଏଫ ସୁରକ୍ଷା ଓ ଅଗ୍ନିଶମ ୱିଙ୍ଗ କର୍ମଚାରୀମାନେ ମଧ୍ୟ ଦେଖିଥିଲେ। କାର୍ଯ୍ୟକ୍ରମ ସମୟରେ ସହିଦମାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ସମବେତମାନଙ୍କୁ ଅଗ୍ନି ନିବାରଣ ଶପଥ ପାଠ କରାଯାଇଥିଲା। ମୁଖ୍ୟ ଅତିଥି ହରେ ରାମ ସିଂହ ସମାଜ ଏବଂ ଶିଳ୍ପରେ ଅଗ୍ନି ନିବାରଣ ନିୟମାବଳୀର ଗୁରୁତ୍ୱ ବିଷୟରେ ସମସ୍ତଙ୍କୁ ଅବଗତ କରାଇଥିଲେ। ଅଗ୍ନି ନିରାପତ୍ତା ଏବଂ ସୁରକ୍ଷିତ ଘର ପାଇଁ ସୁରକ୍ଷା ଟିପ୍ସ ସମ୍ପର୍କରେ ବ୍ୟାନର ଏବଂ ପୁସ୍ତିକା ମଧ୍ୟ ପ୍ରକାଶ କରିଥିଲେ। ଅଗ୍ନିଶମ ସେବା ସପ୍ତାହ-୨୦୨୫ ଉଦଘାଟନୀ ଉତ୍ସବରେ ଧର୍ମେନ୍ଦ୍ର ସିଂହ (ସହାୟକ କମାଣ୍ଡାଣ୍ଟ/ଅଗ୍ନିଶମ) ଦ୍ୱାରା ପରିଚାଳିତ ହୋଇଥିଲା।

## ଓଡ଼ିଆ ଅସ୍ମିତାର ପରିବର୍ତ୍ତନ ବାର୍ତ୍ତାବହ ଐତିହାସିକ 'ନବୀନ' : ମନ୍ତ୍ରୀ



**ବ୍ରହ୍ମପୁର,୧୪।୪(ସଂଚାର ବ୍ୟୁରୋ):** ସ୍ୱତନ୍ତ୍ର ଓଡ଼ିଶା ଗଠନରେ 'ନବୀନ' ସମ୍ବାଦପତ୍ରର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିଲା। ବିଶେଷକରି ଓଡ଼ିଆ ଲେଖକ-ଲେଖିକାମାନଙ୍କୁ ପ୍ରତିଷ୍ଠିତ କରିବାରେ 'ନବୀନ' ସଦାସର୍ବଦା ଉତ୍ସାହିତ କରିଆସିଛି। 'ନବୀନ' ଓଡ଼ିଆ ଅସ୍ମିତାର ପ୍ରକୃତ ବାର୍ତ୍ତାବହ ବୋଲି ଓଡ଼ିଶାର ବାଣିଜ୍ୟ, ପରିବହନ, ଇସ୍ପାତ ଓ ଖଣି ବିଭାଗ ମନ୍ତ୍ରୀ ବିଭୂତି ଭୂଷଣ ଜେନା ମତପ୍ରକାଶ କରିଛନ୍ତି। ସୋମବାର ପବିତ୍ର ବିଷୁବ ସଂକ୍ରାନ୍ତି ଅବସରରେ ସ୍ଥାନୀୟ ଇଂଜିନିୟରିଂ ସ୍କୁଲ ଛକସ୍ଥିତ ରାଜସ୍ୱ ଡାକ ବଙ୍ଗଳାରେ ନବୀନ ପାଠାଗାର ଓ ସାହିତ୍ୟ ପ୍ରତିଷ୍ଠାନ ତରଫରୁ 'ନବୀନ'ର ସମ୍ପାଦକ ରବି ରଥଙ୍କ ସଭାପତିତ୍ୱରେ ଆୟୋଜିତ ୨୭ତମ ବିଷୁବ ମିଳନ ସମାରୋହ ଓ ରାଜ୍ୟସ୍ତରୀୟ ସାରସ୍ୱତ ସମାବେଶରେ ମୁଖ୍ୟ ଅତିଥି ଭାବେ ମନ୍ତ୍ରୀ ଶ୍ରୀ ଜେନା ଯୋଗଦେଇ ଉପରୋକ୍ତ ମନ୍ତବ୍ୟ ଦେବା ସହ 'ନବୀନ' ଓଡ଼ିଶାର ଏକ ଚଳନ୍ତି ଦସ୍ତାବିଜ ବୋଲି କହିଥିଲେ। ଏଥିରେ ବିଶିଷ୍ଟ ଅତିଥି ଭାବେ ବ୍ରହ୍ମପୁର ସାଂସଦ ଡ. ପ୍ରଦୀପ କୁମାର ପାଣିଗ୍ରାହୀ ଯୋଗଦେଇ 'ନବୀନ' ଭଳି ଏକ ଐତିହାସିକ ସମ୍ବାଦପତ୍ରକୁ ବଞ୍ଚେଇ ରଖିବା ଆମ ସମସ୍ତଙ୍କର ଦାୟିତ୍ୱ ବୋଲି କହିବା ସହ ଏହି ସମ୍ବାଦପତ୍ର ଶତବାର୍ଷିକୀ ପାଳନ କରୁ ବୋଲି ଶୁଭକାମନା ଜଣାଇଥିଲେ। ମୁଖ୍ୟବକ୍ତା ଭାବେ ସଂସ୍କୃତି ଗବେଷକ ଡ. ବାୟାମନୁ ଚର୍ଚ୍ଚି ଯୋଗଦେଇ ଭାଷା ଆନ୍ଦୋଳନ, ସ୍ୱାଧୀନତା ଆନ୍ଦୋଳନ ଏବଂ ସାହିତ୍ୟ, ସଂସ୍କୃତି ଓ ଐତିହ୍ୟର ସୁରକ୍ଷା କ୍ଷେତ୍ରରେ ଗଞ୍ଜାମର ସ୍ଥାନ ସର୍ବାଗ୍ରେ ବୋଲି ପ୍ରକାଶ କରିବା ସହ 'ନବୀନ' ଅନୁଷ୍ଠାନ କବି-ଲେଖକମାନଙ୍କ ଏକୁଡ଼ିଶାଳ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ପ୍ରଶାସନିକ ଅଧିକାରୀ ତଥା ଲେଖକ ଗଦାଧର ପାତ୍ର ଗଞ୍ଜାମର ସାଂସ୍କୃତିକ ବିବିଧତା ଅନନ୍ୟ ବୋଲି କହିଥିଲେ। ଏହି ଅବସରରେ ଅତିଥିମାନଙ୍କ ଦ୍ୱାରା କବି ଲିଙ୍ଗରାଜ ଜେନା, ସୁଲେଖିକା ସରୋଜିନୀ ମିଶ୍ର, ଗବେଷକ ସଞ୍ଜୟ କୁମାର ଷଡଙ୍ଗୀ, ଅନୁବାଦିକା କେ. ଜୟଶ୍ରୀ ଦୋରା ଓ ଯୁବ ନାଟ୍ୟକାର ଚିନ୍ମୟ ରଞ୍ଜନ ମିଶ୍ରଙ୍କୁ 'ନବୀନ ବିଷୁବ ସମ୍ମାନରେ ସମ୍ମାନିତ କରାଯାଇଥିଲା।

## ହନୁମାନ ଜୟନ୍ତୀରେ ଜୟ ଶ୍ରୀ ରାମ ଧ୍ୱନିରେ କମ୍ପିଲା ବ୍ୟାସନଗର

**ଯାଜପୁର ରୋଡ଼,୧୪।୪(ସଂଚାର ବ୍ୟୁରୋ):** ପବିତ୍ର ମହାବିଷୁବ ସଂକ୍ରାନ୍ତି ତଥା ଓଡ଼ିଆ ନବବର୍ଷ ଉପଲକ୍ଷେ ବ୍ୟାସନଗର ପୌରାଅଞ୍ଚଳ ସହରରେ 'ହନୁମାନ ଜୟନ୍ତୀ ଆୟୋଜକ କମିଟି' ଆନୁକୂଲ୍ୟରେ ହଜାର ହଜାର ହନୁମାନ ଭକ୍ତ ଚୋରଦା କାଳୀ ମେଳଣ ପଡ଼ିଆ ଠାରୁ ଜୟ ଶ୍ରୀରାମ ନାରା ଦେଇ ସହର ପରିକ୍ରମା କରିବା ସହିତ ଗୋପବନ୍ଧୁ ଛକ ସ୍ଥିତ ହନୁମାନ ମନ୍ଦିର ନିକଟରେ ସୋଭାଯାତ୍ରାକୁ ସମାପନ କରିଥିଲେ। ଏହି ସମ୍ମିଳନୀରେ ପୁରୀର ଗୌରାଙ୍ଗ ମଠର ବାବାଜୀ ଶ୍ରୀ ଶ୍ରୀ ସନତ ସୁଜାତା ନନ୍ଦ ମହାରାଜା ଏବଂ ତାଙ୍କ ସହଯୋଗୀ ଉପସ୍ଥିତ ରହି ଭକ୍ତ ମାନଙ୍କୁ ପ୍ରବଚନ ଦେବା ସହ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ସଂଗଠନ ପକ୍ଷରୁ ଅଭାହକ ଶ୍ରୀ ସଞ୍ଜୀବ ନାୟକ, ମହାମାୟୀ ପ୍ରତାପ ସ୍ୱାଇଁ, ଅଯୋଧ୍ୟା ଜେନା, ପ୍ରସନ୍ନ ସାମଲ, ଚନ୍ଦ୍ରଶେଖର ପଣ୍ଡା, ନରେଶ ମସ୍କରା, ବିବେକାନନ୍ଦ ମହାନ୍ତି, ଜିତେନ୍ଦ୍ର ବେହୁରା, ବିଜୟ ପଣ୍ଡା, ପବନ ଅସ୍ୱାଲ ପ୍ରମୁଖ ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପାରିଷଦ, ବିଶ୍ୱ ହିନ୍ଦୁ ପାରିଷଦ, ବଜରଙ୍ଗ ଦଳ, ଆର ଏସ ଏସ, ସୁନ୍ଦରକାଣ୍ଡ ଭକ୍ତ ମଣ୍ଡଳୀ ପ୍ରମୁଖ ସାମିଲ ହୋଇଥିଲେ। ହଜାର ହଜାର ବଜରଙ୍ଗ ଭକ୍ତ ମାନଙ୍କ ଜୟ ଶ୍ରୀ ରାମ ନାରାରେ ସହର କମ୍ପମାନ ହୋଇ ଉଠିଥିଲା।

## ଆମ୍ବେଦକର ଜୟନ୍ତୀ ପାଳିତ



**ନର୍ଲା,୧୪।୪ (ସଂଚାର ବ୍ୟୁରୋ):** ନର୍ଲା ଡମ୍ବ ସମାଜ ପକ୍ଷରୁ ବେହେରାପାଟି କୃଷି କାର୍ଯ୍ୟାଳୟ ସମ୍ମୁଖରେ ସମ୍ବିଧାନ ପ୍ରଣେତା ଡଃ. ବି.ଆର୍. ଆମ୍ବେଦକରଙ୍କ ୧୩୪ତମ ଜନ୍ମ ଜୟନ୍ତୀ ପାଳିତ ହୋଇଯାଇଛି। ଡମ୍ବ ସମାଜର ଜିଲ୍ଲା ଉପସଭାପତି ଅଭିରାମ ନନ୍ଦଙ୍କ ନେତୃତ୍ୱରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ନର୍ଲା ବିଧାୟିକା ମନୋରମା ମହାନ୍ତି ଯୋଗଦାନ କରି ସମ୍ବିଧାନ ପ୍ରଣେତା ବାବା ଆମ୍ବେଦକରଙ୍କ ସ୍ମୃତିଚାରଣ କରି ସେ ଜଣେ ରାଷ୍ଟ୍ରବାଦୀ ଜନନାୟକ ବୋଲି କହିଥିଲେ। ସଭାର ସଭାପତି ଜିଲ୍ଲା ଉପସଭାପତି ଶ୍ରୀ ନନ୍ଦ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସମ୍ମାନୀତ ଅତିଥି ଭାବରେ ନର୍ଲା ବ୍ଲକ ଅଧ୍ୟକ୍ଷ ଦୁର୍ଗାପ୍ରସାଦ ମହାନ୍ତି, ଜିଲ୍ଲା ସଭାପତି ବଳରାମ ହରପାଲ, ବିଧାୟିକାଙ୍କ ସ୍ୱତନ୍ତ୍ର ପ୍ରତିନିଧି ଗୋବିନ୍ଦ ତାଣ୍ଡି ଓ ମୁଖ୍ୟ ବକ୍ତା ଭାବରେ ସମାଜର ଉପଦେଷ୍ଟା ଆନନ୍ଦ ମହାନନ୍ଦ ପ୍ରମୁଖ ମଞ୍ଚାସୀନ ହୋଇ ଆମ୍ବେଦକରଙ୍କ ସ୍ମୃତି ଚାରଣ କରି ଆମ୍ବେଦକରଙ୍କ ରାଷ୍ଟ୍ର ଓ ସମାଜ ପ୍ରତି ଅବଦାନ ଅତୁଳନୀୟ ବୋଲି ସେମାନଙ୍କ ବକ୍ତବ୍ୟରେ କହିଥିଲେ।

## ଆମ୍ବେଦକରଙ୍କ ଜୟନ୍ତୀ ରାଲିରେ ଅଘଟଣ: କଳାକାରଙ୍କ ମୃତ୍ୟୁ

**କୁଚିଣ୍ଡା,୧୪।୪(ସଂଚାର ବ୍ୟୁରୋ):** ଡକ୍ଟର ଭୀମରାଓ ଆମ୍ବେଦକରଙ୍କ ଆଜି ହେଉଛି ଜୟନ୍ତୀ । ଏହି ଅବସରରେ ସମ୍ବଲପୁର ଜିଲ୍ଲା କୁଚିଣ୍ଡା ଉପଖଣ୍ଡ ସଦରମହକୁମାଠାରେ କୁଚିଣ୍ଡା ଉପଖଣ୍ଡ ଜାତି ଜନଜାତି ବିକାଶ ପରିଷଦ ପକ୍ଷରୁ ଆମ୍ବେଦକରଙ୍କ ଜୟନ୍ତୀ ଉତ୍ସବ ପାଳିତ ହୋଇଯାଇଛି । ଏହି ଅବସରରେ ଏକ ରାଲି ସାଂସ୍କୃତିକ ଦଳ ସହ କୁଚିଣ୍ଡା ସହର ପରିକ୍ରମା କରିବାବେଳେ ଜଣ ରାଲିରେ ଯୋଗ ଦେଇଥିବା ଜଣେ କଳାକାରଙ୍କର ମୃତ୍ୟୁ ହୋଇଛି । ବାମରା ବ୍ଲକ ଉଚକାପାଟ ଗ୍ରାମପଞ୍ଚାୟତର ଦ୍ୱାରିକା କୃଷ୍ଣ ଗୁରୁ ଦଳ ବୁଡ଼ବୁଡା ଗ୍ରାମର ଜଣେ କଳାକାର ଆସିଥିଲେ। କଳାକାର ଜଣକ କଲେଜ ଅଡିଟୋରିୟମ ଭିତରେ ଗରମରେ ଅସୁସ୍ଥ ହୋଇଥିଲେ। ତାଙ୍କୁ ସଙ୍ଗେ ସଙ୍ଗେ କୁଚିଣ୍ଡା ଉପଖଣ୍ଡ ଡାକ୍ତରଖାନାକୁ ଅଣାଯାଇଥିଲା । ଡାକ୍ତର ସ୍ୱାସ୍ଥ୍ୟ ପରୀକ୍ଷା କରି ତାଙ୍କୁ ମୃତ ଘୋଷଣା କରିଛନ୍ତି। ବୃଦ୍ଧ କଳାକାରଙ୍କ ଅଂଶୁଘାତଜନିତ ମୃତ୍ୟୁ ହୋଇଥିବା ଆଶଙ୍କା କରାଯାଉଛି ।

## ଗ୍ରାମଦେବୀ ମା' ଭଗବତୀଙ୍କ ବାର୍ଷିକ ଉତ୍ସବ



**ଖାନନଗର,୧୪।୪(ସଂଚାର ବ୍ୟୁରୋ):** ଚୈତ୍ର ପୂର୍ଣ୍ଣିମାରେ ଖାନନଗର ଗୁରୁସାହିରେ ଅବସ୍ଥିତ ଖାନନଗରର ଗ୍ରାମଦେବୀ ମା ଭଗବତୀ ଙ୍କ ବାର୍ଷିକ ଉତ୍ସବ ବହୁ ଆଡ଼ମ୍ବରେ ସମ୍ପୂର୍ଣ୍ଣ ହୋଇଛି। ଉକ୍ତ ବାର୍ଷିକ ଉତ୍ସବରେ ଖାନନଗର ଗ୍ରାମ ବହୁ ଭକ୍ତ ମାନେ ମା କଳସ ଶୋଭାଯାତ୍ରାରେ ନିଜକୁ ସାମିଲ କରାଇଥିଲେ ଏବଂ କାଠଯୋଡ଼ି ନଦୀ ଘଟ ଆସି ଗ୍ରାମର ନଗର ପରିକ୍ରମା କରିବାପରେ ପୀଠରେ ଆସି ପହଞ୍ଚିଥିଲା ଓ ପରେ ପରେ ରୀତିନୀତି ଅନୁସାରେ ମା'ଙ୍କର ଚଣ୍ଡୀଯଜ୍ଞ ଆରମ୍ଭ ହୋଇଥିଲା ଓ ପରେ ପରେ ସନ୍ଧ୍ୟା ୬ ଘଟିକା ସମୟରେ ମାଙ୍କ ର ପୂର୍ଣ୍ଣଆହୂତି ସମ୍ପୂର୍ଣ୍ଣ ହୋଇଥିଲା। ଏବଂ ସନ୍ଧ୍ୟା ସାଂସ୍କୃତିକ କାର୍ଯ୍ୟକ୍ରମ ର ମଧ୍ୟ ଆୟୋଜନ କରାଯାଇଥିଲା । ଏବଂ ଏହି ବାର୍ଷିକ ଉତ୍ସବ ରେ ମୁଖ୍ୟ ଅତିଥି ଭାବେ ଖାନନଗର ଗ୍ରାମରେ ଅବସ୍ଥିତ ଶ୍ରୀ ଶ୍ରୀ ବଂଶରୀ ଗୋପୀନାଥ ଜୀଉ ମଠ ଅଧିକାରୀ ରାଧାମୋହନ ସାହୁ ଓ ମହନ୍ତ ଶଙ୍କର ରାଉତ, ଖାନନଗର ଯୁବକ ସଂଘ ର ସମ୍ପାଦକ ମିଳନ କୁମାର ସାହୁ ଏବଂ କଟକ ଚୌଦ୍ୱାରର ଯୁବନେତା ଜିନେଶ ଦାସ , କଟକ ସହରର ବେଶ୍ ପରିଚିତ ଗ୍ରୁପ ମହାମାୟା ଗ୍ରୁପ ଏବଂ ଖାନନଗର ର କର୍ପୋରେଟର ଗୋପାଳ ବେହେରା, ଖାନନଗର ଯୁବନେତା ଦେବାଶିଷ ସାହୁ, ଉମାକାନ୍ତ ସାହୁ,ଦୀପକ ସାହୁ ସମତେ ବହୁ ମାନ୍ୟଗଣ୍ୟ ବ୍ୟକ୍ତିବିଶେଷ ମାନେ ଯୋଗଦାନ ଦେଇଥିଲେ। ମା ଭଗବତୀ ପୂଜା କମିଟି ର ସଭାପତି ଅନିରୁଧ ଗୁରୁ ସଂପାଦକ ପ୍ରଦୀପ କୁମାର ଗୁରୁ ଙ୍କ ତତ୍ତ୍ୱବୋଧନ ରେ ସମସ୍ତ କାର୍ଯ୍ୟ ପରିଚାଳିତ ହୋଇଥିଲା। ସମ୍ବର୍ଦ୍ଧନା କାର୍ଯ୍ୟ ପରିଚାଳନା କରିଥିଲେ ସାହିର ଗର୍ବ ଓ ଗୌରବ ଯୁବ ଆଇନଜୀବୀ ଅବିନାଶ ଗୁରୁ ଓ ଉତ୍ସାଇ ଯୁବକ ରାଜେନ୍ଦ୍ର ଗୁରୁ। ବାର୍ଷିକ ଉତ୍ସବକୁ ସଫଳ କରାଇବାରେ ପ୍ରମୁଖ ସ୍ଥାନ ଗ୍ରହଣ କରିଛନ୍ତି ମା ଭଗବତୀ ଜନ କଲ୍ୟାଣ ଯୁବକ ସଂଘ ର ସମସ୍ତ କର୍ମକର୍ତ୍ତା - ମଧୁସୁଦନ ଗୁରୁ, ଉମେଶ ଗୁରୁ, ସନାତନ ଗୁରୁ, ପ୍ରଭାକର ଗୁରୁ,କୁନା ଗୁରୁ, ପବନ ଗୁରୁ,ରଞ୍ଜନ ଗୁରୁ, ଉଲ୍ଲାସ ଗୁରୁ,ଦୀପକ ଗୁରୁ, ଗଦାଧର ଗୁରୁ,ଦେବାଶିଷ ଗୁରୁ,ସାଗର ଗୁରୁ, ସତ୍ୟବ୍ରତ ଗୁରୁ,ରିଙ୍କୁ ଗୁରୁ, ଆଦିତ୍ୟ ଗୁରୁ, ବିକ୍ରମ ଗୁରୁ,ନିରାକାର ଗୁରୁ, ବିକାଶ ଗୁରୁ, ଲୋକେନ ଗୁରୁ, ସୁନିଲ ଗୁରୁ,ଜିତୁ ଗୁରୁ, ରାହୁଲ ସେଠୀ,ଦିବ୍ୟଲୋଚନ ସେଠୀ, ତୋଫାନ ପ୍ରଧାନ, ଦେବାଶିଷ ଗେଡି, ସୌମ୍ୟଜିତ୍ ଗୁରୁ, ଦୀପକ ବେହେରା, ଦିନେଶ ଗୁରୁ,ଡୁଗୁନା ଗୁରୁ, ଆଲୋକ ଗୁରୁ, ରମେଶ ଗୁରୁ, ରତ୍ନାକର ଗେଡି,ପବିତ୍ର ଗୁରୁ ଙ୍କ ଭଳି ଉତ୍ସାଇ ଯୁବକ ମାନଙ୍କ ପାଇଁ।

## ବିଶ୍ୱହିନ୍ଦୁ ବଜରଙ୍ଗ ଦଳ ପକ୍ଷରୁ ପଣା ବଣ୍ଟନ



**ଦଶରଥପୁର,୧୪।୪(ସଂଚାର ବ୍ୟୁରୋ):** ଦଶରଥପୁର ବ୍ଲକର ପ୍ରସିଦ୍ଧ, ପୁରାତନ ଓ ପ୍ରତେକ୍ଷ ଦେବୀ ମା ମଙ୍ଗଳାଙ୍କ ପର୍ବ ଡାହାଣହତା ପଞ୍ଚାୟତସ୍ଥ କୁଆଁସ ମଙ୍ଗଳା ପୀଠରେ ଆଜି ୧୫ ତମ ବାର୍ଷିକ ଉତ୍ସବ ପାଳିତ ହେଉଛି। ଏହି ପରିପ୍ରେକ୍ଷୀରେ ପ୍ରତିବର୍ଷ ଭଳି ଏ ବର୍ଷ ମଧ୍ୟ ବିଶ୍ୱହିନ୍ଦୁ ପରିଷଦ ବଜରଙ୍ଗ ଦଳ ଦଶରଥପୁର ପ୍ରଖଣ୍ଡ ତରଫରୁ ଜଳଛତ୍ର ଶିବିର ମାଙ୍କ ପୀଠରେ ଖୋଲା ଯାଇଛି। ଆଜିର ଏହି ଜଳଛତ୍ର ଶିବିର ଯାଜପୁର ଜିଲ୍ଲା ବଜରଙ୍ଗଦଳ ମହାବିଦ୍ୟାଳୟ ପ୍ରମୁଖ ପ୍ରଭୁଦେବ ପଣ୍ଡାଙ୍କ ନେତୃତ୍ୱରେ ପ୍ରଖଣ୍ଡ ସଂଯୋଜକ ଲୋକନାଥ ଦାସ, ବିଶ୍ୱ ହିନ୍ଦୁ ପରିଷଦ କୋଷାଧକ୍ଷ ଆରବି କ୍ରିଷ୍ଣା ମହାପାତ୍ର, ଆଖଡ଼ା ପ୍ରମୁଖ ବିଘ୍ନେଶ୍ୱର ବେହେରା, ଅହିୟାସ ଉପନଗର ସଂଯୋଜକ ଦିପ୍ତୀରଂଜନ ଯେନା, କଷ୍ଣା ପଞ୍ଚାୟତ ସଂଯୋଜକ ଆଶିଷ କୁମାର ସାହୁ, ସାପ୍ତାହିକ ମିଳନ ପ୍ରମୁଖ ଅମରଜିତ ତ୍ରିପାଠୀ, ସହ ସଂଯୋଜକ ପ୍ରଣବ ଦେବତା, ଶୁଶୁଆ ପଂଚାୟତ ବିଶ୍ୱହିନ୍ଦୁ ପରିଷଦ ସଭାପତି କୈଳାଶ ବାରିକ, ବୀଭୁପଦ ଅରବିନ୍ଦ ମହାପାତ୍ର, ଜିତେନ୍ଦ୍ର ସାହୁ, ନୀଳମଣି ବାରିକଙ୍କ ସମେତ ବହୁ କର୍ମକର୍ତ୍ତାଙ୍କ ସହଯୋଗରେ ଜଳଛତ୍ର ବଣ୍ଟନ କରାଯାଇ ଥିଲା।

## ପୂର୍ବତନ ସୈନିକ ସଂଗଠନର ବାର୍ଷିକ ଉତ୍ସବ ପ୍ରସ୍ତୁତି ବୈଠକ

**ବାଲିଆପାଳ,୧୪।୪(ସଂଚାର ବ୍ୟୁରୋ):** ଭାରତୀୟ ପୂର୍ବତନ ସୈନିକ ସଂଗଠନ ବାଲିଆପାଳ ଶାଖା ର ବାର୍ଷିକ ଉତ୍ସବ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି ସଂଗଠନ ର ସଭାପତି କମଲଲୋଚନ ପିଳା ଙ୍କ ଅଧ୍ୟକ୍ଷତାରେ କଟୁଆପଡ଼ା ସ୍ଥିତ ଗୁରୁକୁଳ ଭବନରେ ଅନୁଷ୍ଠିତ ଏହି ପ୍ରସ୍ତୁତି ବୈଠକ ରେ ସଂଗଠନ ର ସାଧାରଣ ସମ୍ପାଦକ ରାଧାନାଥ ରାଉତଙ୍କ ସହ ଜୟରାମ ପାତ୍ର, ମନୋଜ କୁମାର ସୀ, ରାମଚନ୍ଦ୍ର ଜେନା, ପଦ୍ମଲୋଚନ ଚକ୍ରବର୍ତ୍ତୀ, ପ୍ରମୋଦ ସିଂ, ସୁବଳ କୁମାର ଗିରି, ମୁକୁନ୍ଦ ସିଂ, ସୁଶାନ୍ତ ରାଉତ, ବ୍ରଜମୋହନ ବାରିକ, ସୁଶାନ୍ତ ରାଉତ, ସଞ୍ଜୟ ବାରିକ ତଥା ମହିଳା ବିଭାଗ ର ସୁମତି ପିଳା, ସୁଜାତା ସୀ, ସୁଷମା ଦାସ, ବିଷ୍ଣୁପ୍ରିୟା ସିଂ, କବିତା ବେହେରା, ଚର୍ଚ୍ଚିକା ସିଂ ପ୍ରମୁଖ ଉପସ୍ଥିତ ରହି ଆଲୋଚନା କରିଥିଲେ ଆସନ୍ତା ଏପ୍ରିଲ ମାସ ୨୦ତାରିଖ ରବିବାର ଦିନ କଟୁଆପଡ଼ା ବିଦ୍ୟାଳୟ ପରିସରରେ ସଂଗଠନ ର ବାର୍ଷିକ ଉତ୍ସବ ଆୟୋଜନ କରାଯିବ ବୋଲି ସିଦ୍ଧାନ୍ତ ନିଆଯାଇଛି ।



# ନାରୀ



# ଲେନ୍ସ ପଛରେ ପ୍ରଥମ ଭାରତୀୟ ନାରୀ





ଭାରତର ‘ଫାଷ୍ଟ ଲେଡି ଅଫ୍ ଦି ଲେନ୍ସ’ ଭାବେ ବିବେଚିତ ହୋମାଇ ଭିୟାର୍‌ୱାଲା ନାରୀ ସମାଜ ପାଇଁ ଏକ ଦୃଷ୍ଟାନ୍ତ। ଗୋଟିଏ ସମୟ ଥିଲା ଯେତେବେଳେ ନାରୀମାନେ ଘରୁ ବାହାରକୁ ବାହାରି ପାରୁନଥିଲେ। ଯେତେବେଳେ ରକ୍ଷଣଶୀଳ ସମାଜରେ ନାରୀର ସ୍ୱାଧୀନତା ବୋଲି କିଛି ନ ଥିଲା, ସେହି ସମୟରେ ଯେଉଁ ନାରୀମାନେ ନାରୀମାନଙ୍କର ଅସ୍ତିତ୍ୱ ସଂଘର୍ଷର ପଥ ପ୍ରଦର୍ଶକ ହୋଇପାରିଥିଲେ ସେମାନଙ୍କ ମଧ୍ୟରେ ଅନ୍ୟତମ ଥିଲେ ହୋମାଇ ଭିୟାର୍‌ୱାଲା (୧୯୧୩-୨୦୧୨)। ସେ ଥିଲେ ଭାରତର ପ୍ରଥମ ମହିଳା ଫଟୋ ଜର୍ଣ୍ଣାଲିଷ୍ଟ। ୨୦୧୭ ମସିହାରୁ ତାଙ୍କ ପ୍ରତି ସମ୍ମାନ ପ୍ରଦର୍ଶନ ପୂର୍ବକ ତିଆରି କରାଯାଇଥିଲା ଗୁଗଲ୍ ଡୁଡଲ୍ ଆର୍ଟ, ଯାହାର ନାମକରଣ କରାଯାଇଥିଲା- First Lady of the Lens।



ହୋମାଇଙ୍କ ଲେନ୍ସରେ ବନ୍ଦୀ ହୋଇଥିଲା ବ୍ରିଟିସ ସାମ୍ରାଜ୍ୟର ଶେଷ କିଛି ବର୍ଷ ଓ ସ୍ୱାଧୀନତା ପରବର୍ତ୍ତୀ ସମୟର ଛବି। ହୋମାଇ ନାମ ଅପେକ୍ଷା ସେ ‘ଡାଲ୍‌ଡା ୧୩’ ନାମରେ ଅଧିକ ପରିଚିତ। ଏହି ଛଦ୍ମନାମ ପଛରେ ମଧ ଏକ କାହାଣୀ ରହିଛି। ହୋମାଇ ୧୯୧୩ ମସିହାରେ ଜନ୍ମଗ୍ରହଣ କରିଥିଲେ, ମାତ୍ର ୧୩ ବର୍ଷ ବୟସରେ ତାଙ୍କର ପ୍ରେମିକଙ୍କ ସହିତ ତାଙ୍କର ପ୍ରଥମ ସାକ୍ଷାତ ହୋଇଥିଲା। ସେ ୧୩ ବର୍ଷ ବୟସରେ ତାଙ୍କର ପ୍ରଥମ ଫଟୋ ଉଠାଇଥିଲେ ଏବଂ ଶେଷରେ ସେ ଯେଉଁ ପ୍ରଥମ ଗାଡ଼ି କିଣିଥିଲେ ସେହି ଗାଡ଼ିର ନମ୍ବର ଥିଲା ଡିଏଲ୍‌ଭି-୧୩। ଯେହେତୁ ଏହି ୧୩ ନମ୍ବରଟି ବିଭିନ୍ନ ପ୍ରକାରେ ତାଙ୍କ ଜୀବନ ସହିତ ଜଡ଼ିତ ହୋଇ ରହିଥିଲା, ତେଣୁ ସେ ନିଜର ଛଦ୍ମନାମ ‘ଡାଲ୍‌ଡା-୧୩’ ରଖିଥିଲେ।

୧୯୧୩ ମସିହା ଡିସେମ୍ବର ୯ ତାରିଖରେ ଗୁଜରାଟ ନାଭସାରିର ଏକ ସାଧାରଣ ପାର୍ସୀ ପରିବାରରେ ଜନ୍ମଗ୍ରହଣ କରିଥିଲେ ହୋମାଇ। ତାଙ୍କ ବାପା ଦୋସସାଭାଇ ହାଥୀରାମ ଥିଲେ ଉର୍ଦ୍ଦୁ-ପାର୍ସୀ ମଞ୍ଚର ଜଣେ ଅଭିନେତା। ସେ ଗୋଟିଏ ଭ୍ରାମ୍ୟମାଣ ଥିଏଟର୍ କମ୍ପାନିରେ ଚାକିରି କରୁଥିବାରୁ ପ୍ରାୟତଃ ସେମାନଙ୍କର ଠିକଣା ବଦଳୁଥିଲା। ବାପାଙ୍କର ପେସାଗତ କାରଣରୁ ହୋମାଇଙ୍କର ଶୈଶବ ଭାରତର ନାନା ପ୍ରାନ୍ତରରେ କଟିଥିଲା। ପରାଧୀନ ଭାରତରେ କୁସଂସ୍କାର ଓ ଘରେ ଅଭାବ ଅନଟନ ଲାଗି ରହିଥିଲେ ମଧ ହୋମାଇଙ୍କୁ ଶିକ୍ଷିତା କରାଇବାରେ ଆଦୌ ଅବହେଳା କରିନଥିଲେ ତାଙ୍କ ବାପା। ହୋମାଇ ଗ୍ରାଣ୍ଟ୍ ରୋଡ୍ ହାଇସ୍କୁଲରୁ ପ୍ରଥମ ଓ ଏକମାତ୍ର ଛାତ୍ରୀ ଭାବେ ମ୍ୟାଟ୍ରିକ୍ୟୁଲେସନ୍ ପରୀକ୍ଷାରେ ପାସ୍ କରିଥିଲେ। ମୁମ୍ବାଇ ବିଶ୍ୱବିଦ୍ୟାଳୟରୁ ସ୍ନାତକ, ସାର୍ ଜେ. ଜେ. ସ୍କୁଲ୍ ଅଫ୍ ଆର୍ଟରୁ ଆଲୋକଚିତ୍ର ଅର୍ଥାତ୍ ଫଟୋଗ୍ରାଫିରେ ଡିଗ୍ରି ହାସଲ କରିଥିଲେ। ଫଟୋଗ୍ରାଫିରେ ତାଙ୍କୁ ଆହୁରି ଦକ୍ଷ କରିବାକୁ ସାହାଯ୍ୟ କରନ୍ତି ସେତେବେଳେ ଟାଇମସ୍ ଅଫ୍ ଇଣ୍ଡିଆରେ କାର୍ଯ୍ୟରତ ତାଙ୍କ ପ୍ରେମିକ ତଥା ସ୍ୱାମୀ ମାନେକଶୋ ଭିୟାରାୱାଲା। ଅନ୍ୟପକ୍ଷରେ ଯଦିଓ ସେହି ସମୟରେ ପାର୍ସୀ ମହିଳାମାନେ ଶାଢ଼ି ବ୍ୟତୀତ ଅନ୍ୟାନ୍ୟ ପୋଷାକ ବି ପିନ୍ଧୁଥିଲେ କିନ୍ତୁ ହୋମାଇ ଆଜୀବନ ଶାଢ଼ି ହିଁ ପରିଧାନ କରିଥିଲେ। ପ୍ରଥମେ ହୋମାଇ ଯେଉଁସବୁ ଫଟୋ ଉଠାଉଥିଲେ ସେଗୁଡ଼ିକୁ ନିଜ ନାଁରେ ଛାପିବା ପାଇଁ ସଂକୋଚବୋଧ କରୁଥିଲେ। ସମାଜରେ ଜଣେ ଅପରିଚିତା ନାରୀ ହୋଇଥିବାରୁ ତାଙ୍କର ସବୁ ଫଟୋ ତାଙ୍କର ଭାବୀ ସ୍ୱାମୀ ମାନେକଶୋଙ୍କ ନାମରେ ପ୍ରକାଶ କରାଉଥିଲେ। ନାଗରିକ ଜୀବନ ଓ ଆଧୁନିକ ତରୁଣୀମାନଙ୍କୁ ନେଇ ଉଠାଇଥିବା ତାଙ୍କର ଫଟୋଗୁଡ଼ିକ ତତ୍କାଳୀନ ‘ଇଲଷ୍ଟ୍ରେଟେଡ୍ ୱିକ୍‌ଲି’ ଓ ‘ବମ୍ବେ କ୍ରନିକଲ୍’ ପ୍ରଭୃତିରେ ପ୍ରକାଶିତ ହେଉଥିଲା। ୧୯୪୨ ମସିହାରେ ସେ ବ୍ରିଟିସ ଇନ୍‌ଫର୍‌ମେସନ୍ ସର୍ଭିସ୍‌ରେ ଯୋଗ ଦେଇ ଦିଲ୍ଲୀ ଚାଲିଆସନ୍ତି ଏବଂ ସେ ସମୟର କିଛି ଗୁରୁତ୍ୱପୂର୍ଣ୍ଣ ଛବି ସ୍ଥାନ ପାଏ ତାଙ୍କ ଲେନ୍ସରେ। ଭାରତର ସ୍ୱାଧୀନତା ଆନ୍ଦୋଳନ, କଂଗ୍ରେସ ସଦସ୍ୟମାନଙ୍କର ସଂଘର୍ଷ ଇତ୍ୟାଦିର ଛବି ତୋଳି ଧରିବା ସହିତ ସ୍ୱାଧୀନତା ପରବର୍ତ୍ତୀ ଦେଶରେ ନୂତନ ଭାବରେ ଗଢ଼ି ଉଠିଥିବା ଷ୍ଟିଲ୍ ପ୍ଲାଣ୍ଟ୍, ନଦୀବନ୍ଧ, ଲାଲ୍‌କିଲ୍ଲାରେ ପ୍ରଥମ ଜାତୀୟ ପତାକା ଉତ୍ତୋଳନ, ରାଷ୍ଟ୍ରପତି ଭବନରେ ମାଉଣ୍ଟବ୍ୟାଟେନ୍‌ଙ୍କର ଗନ୍ ସ୍ୟାଲୁଟ୍, ମହାତ୍ମା ଗାନ୍ଧୀଙ୍କର ମୃତ୍ୟୁ ସମୟ ପ୍ରଭୃତିରୁ ଆରମ୍ଭ କରି ବିଂଶ ଶତକରେ ଭାରତକୁ ଆସୁଥିବା ବିଖ୍ୟାତ ବ୍ୟକ୍ତିମାନଙ୍କର ଫଟୋ ତାଙ୍କ କ୍ୟାମେରାରେ କଏଦ କରିଥିଲେ।

ତାଙ୍କ କ୍ୟାମେରାରେ ମାର୍ଟିନ୍ ଲୁଥର୍ କିଙ୍ଗ୍‌ଙ୍କ ଠାରୁ ଆରମ୍ଭ କରି ମାର୍ଶଲ୍ ଟିଟୋ, ଜୁନିୟର୍ ହୋ ଚି ମିନ୍, ରୋଜା ଶାହ ପହଲ୍‌ଭି, କ୍ରୁଷ୍ଚେଭ୍‌ଙ୍କ ଭଳି ନେତାମାନଙ୍କ ଫଟୋ ଏବଂ ୧୯୫୬ ମସିହାରେ ଭାରତକୁ ଆସିଥିବା ତରୁଣ ଦଲାଇ ଲାମାଙ୍କ ଫଟୋ ଉଠିଥିଲା। ସେତେବେଳେ ପ୍ରକାଶିତ ‘ଅନଲୁକର୍’ ଓ ‘କରେଣ୍ଟ’ ପତ୍ରିକା ହୋମାଇଙ୍କୁ ବିଶ୍ୱବିଖ୍ୟାତ ନାରୀମାନଙ୍କର ଫଟୋ ଉଠାଇବା ପାଇଁ ଅନୁରୋଧ କରିବାରୁ ସେ ରାଣୀ ଏଲିଜାବେଥ୍ ଓ ଆମେରିକାର ଫାଷ୍ଟ ଲେଡି ଜ୍ୟାକି କେନେଡିଙ୍କର ଫଟୋ ଉଠାଇଥିଲେ।

ତାଙ୍କ ଦ୍ୱାରା ଉଠା ଯାଇଥିବା ମହାତ୍ମା ଗାନ୍ଧୀଙ୍କ ଶେଷ ଯାତ୍ରା ଓ ଶେଷକୃତ୍ୟର ଅସଂଖ୍ୟ ଫଟୋ ତାଙ୍କୁ ଜଣେ ସଫଳ ଫଟୋ ସାମ୍ବାଦିକ ଭାବରେ ସ୍ୱତନ୍ତ୍ର ପରିଚୟ ଦେଇଥିଲା। ଦିଲ୍ଲୀର ‘ଦ ଆଲ୍‌କ୍ୟାଜି ଫାଉଣ୍ଡେସନ୍ ଫର୍ ଦ ଆର୍ଟସ୍’ କର୍ତ୍ତୃପକ୍ଷ ହୋମାଇଙ୍କ ଉତ୍ତୋଳିତ ଅନେକ ଫଟୋ ସେମାନଙ୍କର ଚିରକାଳୀନ ସଂଗ୍ରହ ଭାବରେ ସଂରକ୍ଷଣ କରି ତାଙ୍କୁ ସମ୍ମାନ ପ୍ରଦର୍ଶନ କରିଛନ୍ତି। ଜଣେ ଫଟୋ ସାମ୍ବାଦିକ ଭାବରେ ହୋମାଇ ଅଜସ୍ର ପୁରସ୍କାର ପାଇଛନ୍ତି। ୧୯୯୮ ମସିହାରେ ଆଉଟ୍‌ଷ୍ଟାଣ୍ଡିଂ ଓମେନ୍ ମିଡିଆ ପର୍ସନ୍ ହିସାବରେ ସେ ଚମେଲି ଦେବୀ ଜୈନ ପୁରସ୍କାର ଲାଭ କରିଥିଲେ। ୨୦୧୧ ମସିହାରେ ରାଷ୍ଟ୍ରର ସମ୍ମାନଜନକ ଦ୍ୱିତୀୟ ବେସାମରିକ ପୁରସ୍କାର ‘ପଦ୍ମବିଭୂଷଣ’ ସମ୍ମାନରେ ଭୂଷିତ ହୋଇଥିଲେ। ଏହାବ୍ୟତୀତ ଭାରତ ସରକାରଙ୍କ ତଥ୍ୟ ଓ ସୂଚନା ବିଭାଗ ଦ୍ୱାରା ଜୀବନବ୍ୟାପୀ ସାଧନା ପାଇଁ ଜାତୀୟ ଫଟୋ ପୁରସ୍କାର ପାଇଥିଲେ। ୧୯୯୬ ମସିହାରେ ହୋମାଇଙ୍କ ଜୀବନ ଉପରେ ‘ଡାଲ୍‌ଡା ଥାର୍ଟିନ୍’ ନାମରେ ଏକ ତଥ୍ୟଚିତ୍ର ନିର୍ମାଣ କରିଥିଲେ ବ୍ରିଟିସ ଆର୍ଟ କାଉନସିଲ୍। ୨୦୦୬ ମସିହାରେ ‘ଇଣ୍ଡିଆ ଇନ୍ ଫୋକସ୍: କ୍ୟାମେରା କ୍ରନିକଲ୍‌ସ ଅଫ୍ ହୋମାଇ ଭିୟାରାୱାଲା’ ନାମରେ ଏକ ଗ୍ରନ୍ଥ ପ୍ରକାଶ କରି ହୋମାଇଙ୍କ ପ୍ରତି ଶ୍ରଦ୍ଧା ଜ୍ଞାପନ କରାଯାଇଥିଲା।

୧୯୭୦ ମସିହାରେ ସ୍ୱାମୀଙ୍କ ମୃତ୍ୟୁ ପରେ କର୍ମ ଜୀବନରୁ ସ୍ୱେଚ୍ଛାକୃତ ଅବସର ନେଇ ଏକମାତ୍ର ପୁତ୍ର ଫାରୁକ୍ ପାଖରେ ରହିବା ପାଇଁ ପିଲାନିକୁ ଚାଲି ଆସନ୍ତି ହୋମାଇ। କିନ୍ତୁ ୧୯୮୯ ମସିହାରେ କ୍ୟାନ୍ସରରେ ଏକମାତ୍ର ସନ୍ତାନର ମୃତ୍ୟୁ ପରେ ସେ ଗୁଜରାଟ ଫେରିଆସି ନିଃସଙ୍ଗ ଜୀବନ କାଟନ୍ତି। ୨୦୧୨ ଜାନୁଆରିରେ ଖଟ ଉପରୁ ପଡ଼ିଯିବା ଫଳରେ ଆହତ ହୋଇ ପ୍ରତିବେଶୀଙ୍କ ସହାୟତାରେ ଡାକ୍ତରଖାନାରେ ଭର୍ତ୍ତି ହୁଅନ୍ତି ଏବଂ କିଛିଦିନ ପରେ ୯୮ ବର୍ଷ ବୟସରେ ଜାନୁଆରି ୧୫ ତାରିଖ ଦିନ ଫାଷ୍ଟ ଇଣ୍ଡିଆନ୍ ଲେଡି ଅଫ୍ ଦ ଲେନ୍ସ ହୋମାଇ ଭିୟାରାୱାଲାଙ୍କ ପରଲୋକ ହୁଏ।

# କଣ୍ଢେଇ କଥା



**କଣ୍ଢେଇ ଦେଖିଲେ ସଭିଏଁ ଖୁସି ହେଇଯାଆନ୍ତି। ବିଶେଷ କରି ଝିଅମାନେ କଣ୍ଢେଇ ଖେଳିବାକୁ ଭାରି ଭଲ ପାଆନ୍ତି। କେହି କେହି ଶ୍ରଦ୍ଧାରେ କୁନି ଝିଅକୁ କଣ୍ଢେଇ ବୋଲି ଡାକନ୍ତି। ଆଗରୁ ମାଟି, ପଥର, କାଠ, କାଗଜ ଆଦିରେ କଣ୍ଢେଇ ତିଆରି ହେଉଥିବା ବେଳେ ଏବେ ଭଳିକିଭଳି ଆଧୁନିକ କଣ୍ଢେଇ ମିଳୁଛି। କଣ୍ଢେଇ ବଜାରରେ ଏବେ ବେଶି ଦଖଲ କରିଛି ବାର୍ବି କଣ୍ଢେଇ। ଯାହାକି ଏବେର ପିଲାଙ୍କ ଲାଗି ମୁଖ୍ୟ ଆକର୍ଷଣ ସାଜିଛି। ତେବେ ବିଶ୍ୱ କଣ୍ଢେଇ ଦିବସ ଅବ୍ୟବହିତ ପୂର୍ବରୁ କିଛି କଣ୍ଢେଇ କଥା...**

- ପ୍ରଥମେ ଖ୍ରୀଷ୍ଟପୂର୍ବ ଏକବିଂଶ ଶତାବ୍ଦୀରେ ଇଜିପ୍ଟର କବରଖାନାଗୁଡ଼ିକରେ କାଠ ପ୍ୟାଡଲ୍ ଡଲ୍ ଦେଖିବାକୁ ମିଳିଥିଲା।
- ଭାରତରେ ହରପ୍ପା ଓ ମହେଞ୍ଜୋଦାରୋ ସଭ୍ୟତାରୁ କଣ୍ଢେଇ ମିଳିଥିବାର ପ୍ରମାଣ ମିଳେ।
- ୧୫ଶ ଶତାବ୍ଦୀରୁ ଜର୍ମାନୀରେ ଆଧୁନିକ କଣ୍ଢେଇ ଉତ୍ପାଦନ ଆରମ୍ଭ ହୋଇଥିଲା।
- ଜାପାନର ସିକୋକୁ ଟାପୁ ଉପରେ ସ୍ଥିତ ନାଗୋରୋ ଗାଁକୁ କଣ୍ଢେଇ ଗାଁ ବୋଲି କୁହାଯାଏ।
- ଭାରତର ରାଜ୍ୟ ଭିତ୍ତିରେ କଣ୍ଢେଇର ନାଁ ଭିନ୍ନ ଭିନ୍ନ ଓ ସ୍ୱତନ୍ତ୍ର।
- ରାଜସ୍ଥାନର କଣ୍ଢେଇ ନାଚ ବିଶ୍ୱ ପ୍ରସିଦ୍ଧ
- ଆଗରୁ କେବଳ ମାଟି, ପଥର, କାଠରେ କଣ୍ଢେଇ ତିଆରି ହେଉଥିଲା।
- ବିଭିନ୍ନ ପ୍ରକାରର ମାଟି କଣ୍ଢେଇ, ମିଛିମିଛିକା ରୋଷେଇ ଖେଳଣାରେ ଖେଳିବାକୁ ଆଗରୁ ଝିଅମାନେ ବେଶ୍ ଭଲ ପାଉଥିଲେ।
- ଏବେ ଟେଡି ବିୟର୍, ବାର୍ବି, କଥାକୁହା କଣ୍ଢେଇ, ରୋବର୍ଟ କଣ୍ଢେଇ ପରି ଆଧୁନିକ କଣ୍ଢେଇର ଚାହିଦା ବଢ଼ିଛି।



# ଫ୍ୟାସନ୍‌ରେ ‘କର୍ଡସେଟ୍’



ସ୍ମାର୍ଟ ଓ ସୁନ୍ଦର ଦିଶିବା ପାଇଁ ମହିଳାମାନଙ୍କ ପୋଷାକକୁ ନେଇ ସବୁବେଳେ ପରୀକ୍ଷାନିରୀକ୍ଷା ଚାଲିଆସିଛି। ଫ୍ୟାସନ୍‌ରେ ଏବେ ବେଶ୍ ପୁରୁଣା ‘କର୍ଡସେଟ୍’ର ଚାହିଦା ବଢ଼ିବାରେ ଲାଗିଛି। ଏହାର କେତୋଟି କାରଣ ରହିଛି। ପ୍ରଥମତଃ ଏହା ପିନ୍ଧିବାକୁ ଆରାମଦାୟକ, ଦେଖିବାକୁ ମଧ ଷ୍ଟାଇଲିସ୍। ତା’ପରେ ଏହା ପିନ୍ଧୁଥିବା ମହିଳାଙ୍କୁ ଉପର କୁର୍ତ୍ତୀ ବା ସାର୍ଟ ତଳେ ଜିନ୍ସ, ପ୍ଲାଜୋ ବା ସ୍କର୍ଟ କ’ଣ ପିନ୍ଧିବେ ଚିନ୍ତା କରିବାକୁ ପଡ଼ିନଥାଏ। କାରଣ ଗୋଟିଏ ରଙ୍ଗ, ଡିଜାଇନ୍ ବା ମ୍ୟାଚିଂ କପଡ଼ାରେ ଏକାଧିକ ବା ଉପର ଓ ତଳ ଦୁଇଟି ପୋଷାକର ସେଟ୍‌କୁ ‘କର୍ଡସେଟ୍’ କୁହାଯାଏ। ପୁଣି ଏହାକୁ ଅଧିକ ଆକର୍ଷଣୀୟ କରିବାକୁ ବେଳେବେଳେ ମ୍ୟାଚିଂ ଜ୍ୟାକେଟ୍ ମଧ ଥାଏ। ବିଭିନ୍ନ ରାଜ୍ୟର ହ୍ୟାଣ୍ଡଲୁମ୍ କପଡ଼ାରେ ତିଆରି କର୍ଡସେଟ୍‌ଗୁଡ଼ିକ ଆଧୁନିକା ଅଫିସ ଯାଉଥିବା ମହିଳାମାନେ ବେଶ୍ ପସନ୍ଦ କରିଥାନ୍ତି। ଏବେ ବଜାରରେ ଲିନେନ୍, କ୍ରେପ୍, ସୂତା, ସିଲ୍କ ଓ ବିଭିନ୍ନ ପ୍ରକାର ସିନ୍ଥେଟିକ୍ କପଡ଼ାରୁ ତିଆରି ପୋଷାକ ମିଳୁଛି। ଉଭୟ ନିଅନ୍ ଓ ପେଷ୍ଟାଲ୍ ସେଡ୍‌ର ଡ୍ରେସ୍ ଟ୍ରେଣ୍ଡ୍‌ରେ ଅଛି। ତେବେ କର୍ଡସେଟ୍‌ର ବିଶେଷତ୍ୱ ହେଉଛି ଏହା ମହିଳାମାନଙ୍କ ଶାରୀରିକ ଆକାର, ଉଚ୍ଚତା ଓ ରୁଚିକୁ ନେଇ ତିଆରି ହୋଇଥାଏ। ଯେମିତି ଜଣେ ଅଧିକ ଉଚ୍ଚତାର ମହିଳାଙ୍କ ପାଇଁ ଉପର ଓ ତଳ ପୋଷାକ ଲମ୍ବା ସମାନ ହେଲେ ମଧ ଚଳିବ। କିନ୍ତୁ ଜଣେ ସ୍ୱାସ୍ଥ୍ୟବତୀ ମହିଳାଙ୍କୁ ଉପର ପୋଷାକ ଟିକେ ଲମ୍ବା ହେଲେ ମାନିବ। ସେମିତି କାଜୁଆଲ୍ ଲୁକ୍‌ରେ ସ୍ନିକର୍, ସମୁଦ୍ର କୂଳରେ ସାଣ୍ଡାଲ୍, ପାର୍ଟି ବା ଅଫିସ୍‌ରେ ହିଲ୍/ଷ୍ଟିଲେଟୋ ସହିତ କର୍ଡସେଟ୍ ମ୍ୟାଚ୍ କରିଥାଏ।

# ଅଭିନେତ୍ରୀ ମଲାଲା!



ସର୍ବକନିଷ୍ଠ ନୋବେଲ୍ ଶାନ୍ତି ପୁରସ୍କାର ବିଜୟିନୀ ମଲାଲା ୟୁସୁଫଜଇ ଏକ ବ୍ରିଟିସ୍ ଟେଲିଭିଜନ୍ ଧାରାବାହିକ ଜରିଆରେ ଅଭିନୟ ଦୁନିଆରେ ପଦାର୍ପଣ କରିଥିଲେ। ‘ବି ଆର୍ ଲେଡି ପାର୍ଟସ୍’ ନାମକ ଟିଭି ଧାରାବାହିକରେ ସେ ଅତିଥି ଅଭିନେତ୍ରୀ ଭାବେ ଦେଖାଦେଇଥିଲେ। ଏହି କାର୍ଯ୍ୟକ୍ରମର ସେଟ୍‌ରେ ମଲାଲା କାଓବଏ (ଆମେରିକୀୟ ଗାଈ ଜଗୁଆଳ) ରୂପରେ ସଜ୍ଜିତ ହୋଇ ଘୋଡ଼ା ଉପରେ ବସିଥିବାର ଏକ ଫଟୋ ପ୍ରକାଶ ପାଇବା ପରେ ଇଣ୍ଟର୍‌ନେଟ୍‌ରେ ଏହାକୁ ନେଇ ଚର୍ଚ୍ଚା ଜାରି ରହିଛି। ଏହି ହାସ୍ୟରସାତ୍ମକ ଧାରାବାହିକ କାହାଣୀର କେନ୍ଦ୍ରରେ ଅଛି ଇଂଲଣ୍ଡର ଏକ ପଙ୍କ୍ ରକ୍ ବ୍ୟାଣ୍ଡ୍, ଯାହାର ସମସ୍ତ ସଦସ୍ୟ ହେଉଛନ୍ତି ମୁଲସମାନ ମହିଳା। ଏହି ବ୍ୟାଣ୍ଡ୍ ‘ମଲାଲା ମେଡ୍ ମିଁ ଡୁ ଇଟ୍’ ନାମକ ଏକ ଗୀତ ପ୍ରସ୍ତୁତ କରିଛନ୍ତି ଯେଉଁଥିରେ ମଲାଲାଙ୍କ ଅଭିନୟ ଦେଖିବାକୁ ମିଳିଛି। ଏହି ୨୬ ବର୍ଷୀୟା ନାରୀ ଶିକ୍ଷା ଅଧିକାର କର୍ମୀ କହିଛନ୍ତି ଯେ ସେ ଏହି ଧାରାବାହିକର ଜଣେ ପ୍ରଶଂସିକା ଥିଲେ। ଏହା ସେ ଦେଖିଥିବା ପ୍ରଥମ ଧାରାବାହିକ ଯେଉଁଥିରେ ମୁସଲମାନମାନେ ପାର୍ଶ୍ୱ ଚରିତ୍ରରେ ନାହାନ୍ତି ବରଂ ପାଞ୍ଚ ଜଣ ମୁସଲମାନ ଝିଅ ମୁଖ୍ୟ ଚରିତ୍ରରେ ଅଛନ୍ତି। ଏହାର ନିର୍ଦ୍ଦେଶିକା ନିଦା ମଂଜୁର୍ ଚିଠି ଲେଖି ମଲାଲାଙ୍କୁ ଏଥିରେ ଅଭିନୟ କରିବା ପାଇଁ ଅନୁରୋଧ କରିଥିଲେ। ଏହା ତାଙ୍କୁ ଆକର୍ଷିତ କଲା ଏବଂ ସେ ନିଜର ଲୁକ୍କାୟିତ ପ୍ରତିଭା ପ୍ରଦର୍ଶନ କରିବାର ନିଷ୍ପତ୍ତି ନେଲେ। ଏଥିରେ ତାଙ୍କ ଚରିତ୍ରକୁ କୌଣସି ସଂଳାପ କହିବାର ନ ଥିବାରୁ ସେଥିରେ କାମ କରିବା ତାଙ୍କ ପାଇଁ ସହଜ ହୋଇଥିଲା ବୋଲି ମଲାଲା ପ୍ରକାଶ କରିଛନ୍ତି।

**ପରିବେଶ ପ୍ରଦୂଷଣ, ଜଳବାୟୁ ପରିବର୍ତ୍ତନ, ମାନସିକ ଦୁଶ୍ଚିନ୍ତା, ଅତ୍ୟଧିକ ରୌଦ୍ରତାପ, ଶୀଘ୍ର ବାର୍ଦ୍ଧକ୍ୟ, ଋତୁସ୍ରାବ ଜନିତ ସମସ୍ୟା ଓ ହର୍ମୋନ ଅସନ୍ତୁଳନ ଆଦି କାରଣରୁ ତ୍ୱଚା ଓ ଆଖି ତଳେ ଦାଗ ସୃଷ୍ଟି ହେବା ଏକ ବଡ଼ ସମସ୍ୟା ରୂପେ ଉଭା ହେଇଛି। ଏହି ସମସ୍ୟାର ଉପଚାର ପାଇଁ କିଛି ଘରୋଇ ଟିପ୍ସ...**

# ତ୍ୱଚାରେ ଦାଗ ସମସ୍ୟା











- ଦିନକୁ ଅତି କମ୍‌ରେ ୩ରୁ ୪ ଲିଟର ବିଶୁଦ୍ଧ ଜଳ ପାନ କରନ୍ତୁ।
- ଅତ୍ୟଧିକ ରୌଦ୍ରତାପ ସମୟରେ ବାହାରକୁ ବାହାରନ୍ତୁ ନାହିଁ।
- ହର୍ମୋନରେ ଅସନ୍ତୁଳନ ଓ ଋତୁସ୍ରାବ ଜନିତ ସମସ୍ୟା ଦେଖାଦେଲେ ତୁରନ୍ତ ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ।
- ଅତ୍ୟଧିକ ଲାପଟପ୍, ମୋବାଇଲ୍, ଟେଲିଭିଜନ ଆଦିର ବ୍ୟବହାରରୁ ନିଜକୁ ଦୂରେଇ ରଖନ୍ତୁ। ଏସବୁ ଆଖି ତଳେ କଳା ଦାଗ ସୃଷ୍ଟି କରିବାର ମୁଖ୍ୟ କାରଣ।
- ନିଜକୁ ଯଥା ସମ୍ଭବ ପରିଷ୍କାର, ପରିଚ୍ଛନ୍ନ ରଖନ୍ତୁ ଏବଂ ଇନ୍‌ଫେକ୍ସନ୍, ଇନ୍‌ଫ୍ଲାମେସନ୍‌ରୁ ନିଜକୁ ଦୂରେଇ ରଖନ୍ତୁ।
- ହର୍ବାଲ୍ ବା ବ୍ରାଣ୍ଡ୍‌ଯୁକ୍ତ ପ୍ରସାଧନ ସାମଗ୍ରୀର ବ୍ୟବହାର କରନ୍ତୁ।
- ପ୍ରସାଧନ ସାମଗ୍ରୀ କିଣିଲା ବେଳେ ଏକ୍ସପାଏରି ତାରିଖ ଦେଖି କିଣନ୍ତୁ।
- ଯଦି ଆପଣଙ୍କ ତ୍ୱଚାରେ କିଛି କଳା ଦାଗ ଆରମ୍ଭ ହେବାର ଦେଖୁଛନ୍ତି, ତୁରନ୍ତ ଚର୍ମରୋଗ ବିଶେଷଜ୍ଞଙ୍କ ସଙ୍ଗେ ପରାମର୍ଶ କରନ୍ତୁ। ନଚେତ୍ ଚର୍ମ କ୍ୟାନ୍‌ସର ସୃଷ୍ଟି ହେବାର ସମ୍ଭାବନାକୁ ଏଡ଼ାଇ ଦିଆଯାଇ ନପାରେ।

**ଡକ୍ଟର ପ୍ରୀତିପଦ୍ମା ପଣ୍ଡା, ସହଯୋଗୀ ପ୍ରଫେସର ଓ ସୌନ୍ଦର୍ଯ୍ୟ ବିଶେଷଜ୍ଞ, ଭୁବନେଶ୍ୱର**

## ଅଗ୍ନିକାଣ୍ଡରେ ମହିଳା ଗୁରୁତର

● ଲକ୍ଷାଧିକ ଟଙ୍କାର ସମ୍ପତ୍ତି ନଷ୍ଟ

**ବୌଦ୍ଧ,୧୪।୪(ସଂଚାର ବ୍ୟୁରୋ):** ହୁତୁ ହୁତୁ ହୋଇ ଜଳିଗଲା ଦୋକାନ ଓ ବାସଗୃହ। ଏଥିରେ ଜଣେ ମହିଳା ଗୁରୁତର ଆହତ ହୋଇଥିବାବେଳେ, ଦୋକାନରେ ଥିବା ଲକ୍ଷାଧିକ ଟଙ୍କାର ସାମଗ୍ରୀ ପୋଡ଼ି ନଷ୍ଟ ହୋଇଯାଇଛି। ଏଭଳି ଏକ ଭୟଙ୍କର ଅଘଟଣ ଘଟିଛି ବୌଦ୍ଧ ଚାରିଛକଠାରେ। ସୂଚନା ଅନୁଯାୟୀ, ବୌଦ୍ଧ ଚାରିଛକ ବଜାରର କୌଶଲ୍ୟା ସ୍ୱାଇଁ ନିଜ ଘରେ ପାଣି ମୋଟର ଲଗାଇବା ସମୟରେ ଏଥିରେ ସର୍ଟସର୍କିଟ ହୋଇଥିଲା। ଦୁର୍ଭାଗ୍ୟକୁ ପାଖରେ ଥିବା ଏକ ପେଟ୍ରୋଲ ଡବାରେ ନିଆଁ ଲାଗିବା କାରଣରୁ ନିଆଁ ପୂରା ଘରେ ଓ ଘର ପାଖ ଲାଗି ରହିଥିବା ଦୋକାନକୁ ବ୍ୟାପି ଯାଇଥିଲା। ଯେଉଁଥିରେ ଦୋକାନ ଘରେ ଥିବା ଲକ୍ଷାଧିକ ଟଙ୍କାର ସାମଗ୍ରୀ ପୋଡ଼ିଯିବା ସହ କୌଶଲ୍ୟା ଗୁରୁତର ହୋଇଥିଲେ। ତେବେ କୌଶଲ୍ୟାଙ୍କ ଚିତ୍କାର ଶୁଣି ଗ୍ରାମବାସୀ ଓ ତାଙ୍କ ପୁଅ ତାଙ୍କୁ ଉଦ୍ଧାର କରିଥିଲେ। ମାତ୍ର ସେତେବେଳକୁ ଅଗ୍ନିକାଣ୍ଡରେ ସେ ଗୁରୁତର ହୋଇପଡ଼ିଥିଲେ। କୌଶଲ୍ୟାଙ୍କୁ ପୁରୁଣା କଟକ ଗୋଷ୍ଠୀ ଚିକିତ୍ସାକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ତାଙ୍କର ଗୋଡ଼-ହାତରେ ନିଆଁରେ ପୋଡ଼ିଯାଇଥିବା ଜଣାପଡ଼ିଛି। ଅନ୍ୟପଟେ ଅଗ୍ନିଶମ ବାହିନୀ ଖବର ପାଇ ସ୍ଥଳରେ ପହଞ୍ଚି ନିଆଁ ଲିଭାଇବା ଆରମ୍ଭ କରିଥିଲେ।

### ଅବଧି ସରିଲା ପରେ ବି ଚାଲିଛି କାମ

## ଅଧାରେ ପଡ଼ିଛି ପାନୀୟ ଜଳ ପ୍ରକଳ୍ପ



**କଳାହାଣ୍ଡି,୧୪।୪(ସଂଚାର ବ୍ୟୁରୋ):** ଅବଧି ସରି ବର୍ଷେ ବିତିଲାଣି କିନ୍ତୁ କାମ ସମ୍ପୂର୍ଣ୍ଣ ହୋଇପାରୁନି। କଳାହାଣ୍ଡି ଜିଲ୍ଲାରେ ମନ୍ଥର ଗତିରେ ଚାଲିଛି ମେଗା ପାନୀୟ ଜଳ ପ୍ରକଳ୍ପ କାମ। ଠିକା ସଂସ୍ଥା ଓ ଗ୍ରାମ୍ୟ ଜଳ ଓ ପରିମଳ ବିଭାଗର ମନମୁଖୀ କାମ ଯୋଗୁଁ ଆଗେଇ ପାରୁନାହିଁ କାମ। ଖରା ଆରମ୍ଭରୁ ମୁନ୍ଦାଏ ପାଣି ପାଇଁ ସଂଘର୍ଷ କରୁଛନ୍ତି ଲୋକେ। ନଳକୂଅର ଗୋଳିଆ ପାଣି ପିଉଛନ୍ତି ଲୋକେ। ଏପରିକି ଖରାରେ ନାଳ ଓ ଚୁଆର ଦୂଷିତ ପାଣି ପିଇ ରୋଗାକ୍ରାନ୍ତ ହୋଇପଡୁଛନ୍ତି। ଏଭଳି ଅଭିଯୋଗ ଆସିଛି କଳାହାଣ୍ଡି ଜିଲ୍ଲାର ଜୟପାଟଣା, ଥୁଆମୂଳରାମପୁର ଓ କଳମପୁର ବ୍ଲକର ବିଭିନ୍ନ ଗାଁରୁ। ଗ୍ରାମ୍ୟ ଜଳ ଓ ପରିମଳ ବିଭାଗ ଓ ଠିକା ସଂସ୍ଥାର ମନମୁଖୀ କାମ ପାଇଁ ଏଭଳି ବିଳମ୍ବ ହେଉଥିବା ଅଭିଯୋଗ ହୋଇଛି। ରାସ୍ତାକଡରେ ପାଣି ପାଇପ ପଡିରହିଛି ହେଲେ ଏବେ ବି ଅନେକ ଗାଁକୁ ସଂଯୋଗ ହୋଇପାରିନାହିଁ। ଅନ୍ୟପଟେ ଗାଁ ଓ ବିଭିନ୍ନ ସାହିରେ ପାଇପ ପୋତିବା ପାଇଁ କଂକ୍ରିଟ ରାସ୍ତାକୁ ଜେସିବି ସହାୟତାରେ ଗାତକରି ମରାମତି କରାନଯାଉଥିବାରୁ ଅନେକ ଅସୁବିଧା ଭୋଗୁଛନ୍ତି ଲୋକେ। ସେପଟେ ଅଭିଯୋଗ ମିଳିବା ପରେ ଘଟଣାର ତଦନ୍ତ କରାଯାଇ ଯାହା କିଛି ପଦକ୍ଷେପ ନିଆଯିବ ବୋଲି କୁହାଯାଉଛି। ଏପରିକି ଏହି ସମସ୍ୟାର ଖୁବଶୀଘ୍ର ସମାଧାନ କରାଯିବ ନେଇ ପ୍ରତିଶ୍ରୁତି ମଧ୍ୟ ମିଳିଛି। ପାଣି ଯୋଗୁ ସମସ୍ୟା ଭୋଗୁଥିବା ଲୋକଙ୍କ ପ୍ରତି ଗୁରୁତ୍ୱ ଦିଆଯିବା ସହ ପ୍ରକଳ୍ପ କାମ ଖୁବଶୀଘ୍ର ଶେଷ କରାଯାଇପାରିଲେ ସ୍ଥାନୀୟ ଲୋକେ ଉପକୃତ ହୋଇପାରିବେ।

## ଓଡ଼ିଆ ନବବର୍ଷରେ ସରବତ୍ ବଣ୍ଟିଲେ ଶିକ୍ଷକ ଶିକ୍ଷୟିତ୍ରୀ



**ସୁନ୍ଦରଗଡ଼,୧୪।୪(ସଂଚାର ବ୍ୟୁରୋ):** ଓଡ଼ିଆ ନବବର୍ଷ ପାଳନ ଅବସରରେ ସବଡେଗା ବ୍ଲକ ଅନ୍ତର୍ଗତ କରମଡିହି କ୍ଲଷ୍ଟରର ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ମାନେ ମିଳିତ ଭାବେ ପଣାସଂକ୍ରାନ୍ତିର ଶୀତଳ ପାନୀୟ ଜଳ ବଣ୍ଟନ କରିଥିଲେ। ସେମାନେ ଗ୍ରୀଷ୍ମର ପ୍ରଚଣ୍ଡ ଖରାରେ ପ୍ରାୟ ୯୦୦ ବାଟୋଇ ମାନଙ୍କୁ ସୁସ୍ୱାଦୁ ପାନୀୟ ସରବତ ବଣ୍ଟନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ଅଞ୍ଚଳବାସୀ ପ୍ରଶଂସା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ କରମଡିହି କ୍ଲଷ୍ଟରର ସାଧନ କର୍ମୀ ସୁସ୍ମିତ ପଟେଲ, ଶିକ୍ଷୟିତ୍ରୀ ଅରୁଣା ପଟେଲ, ସ୍ନେହଲତା ନାଏକ, ସବିତା ପଣ୍ଡା, ଗୀତାରାଣୀ ମହାପାତ୍ର, ସନ୍ଧ୍ୟା ପଟେଲ, ବ୍ରଜ ମୋହନ ଉରାଂ, ତୋଷନାଥ ଖଣ୍ଡା, ଧନେଶ୍ୱର କେରକେଟା, ଲକ୍ଷେଶ୍ୱର ନାଏକ, କେଦାର ବେହେରା ପ୍ରମୁଖ ସରବତ ବଣ୍ଟନରେ ସହଯୋଗ କରିଥିଲେ।

## ବିରଜା ଜ୍ୟୋତି ରଜତ ଜୟନ୍ତୀ ପାଳନ ନିମନ୍ତେ ବୈଠକ



**ଯାଜପୁର,୧୪।୪(ସଂଚାର ବ୍ୟୁରୋ):** ଯାଜପୁର ସ୍ଥିତ ସପନପୁର ଗ୍ରାମର ବୃନ୍ଦାବନ ମିଶ୍ରଙ୍କ ବାସଭବନରେ ତଥା ଅନ୍ୱେଷଣ ନାଟ୍ୟ ଅନୁଷ୍ଠାନର ସଭାଗୃହରେ ଶ୍ରୀ ମିଶ୍ରଙ୍କ ତତ୍ତ୍ୱାବଧାନରେ ଯାଜପୁରର ବହୁ ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ଉପସ୍ଥିତିରେ ବିରଜା ସଂସ୍କୃତି ଆଧାରିତ ଗବେଷଣା ଧର୍ମ ପତ୍ରିକା 'ବିରଜା ଜ୍ୟୋତି'ର ରଜତ ଜୟନ୍ତୀ ଉତ୍ସବ ପାଳନ ନିମନ୍ତେ ନୃସିଂହ ଚନ୍ଦ୍ର ଜେନାଙ୍କ ସଭାପତିତ୍ୱରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ପଣ୍ଡିତ ଗଣେଶ ଚନ୍ଦ୍ର ପାଣିଗ୍ରାହୀଙ୍କ ଦ୍ୱାରା ମା'ବିରଜାଙ୍କ ବନ୍ଦନାରୁ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ବୃନ୍ଦାବନ ମିଶ୍ରଙ୍କ ସ୍ୱାଗତ ଭାଷଣ ପରେ ପ୍ରତିଷ୍ଠାତା ସଦସ୍ୟ ପ୍ରମୋଦ କୁମାର ଦ୍ୱିବେଦୀ ବିରଜା ଜ୍ୟୋତିର ଇତିବୃତ୍ତି ବର୍ଣ୍ଣନା କରିଥିଲେ। ସମ୍ପାଦନା ମଣ୍ଡଳୀଙ୍କ ଗହଣରେ ରଜତ ଜୟନ୍ତୀର ଲୋଗ ଉନ୍ମୋଚନ ପରେ ପତ୍ରିକାର ସମ୍ପାଦକ ପଣ୍ଡିତ ଡଃ ଜ୍ଞାନରଞ୍ଜନ ପତି ତାଙ୍କର ସମ୍ପାଦକୀୟ ତଥା ଓ ବ୍ୟଥା ବର୍ଣ୍ଣନା କରିଥିଲେ। ଗଦାଧର କୁଣ୍ଡୁ ଏହାର ସମ୍ପାଦନ ଓ ପ୍ରକାଶ ବିଷୟରେ ସୂଚନା ଦେଇଥିଲେ। ଏହାପରେ ଉପସ୍ଥିତ ସଦସ୍ୟମାନେ ଏହି ଉତ୍ସବକୁ ଆଡମ୍ବରପୂର୍ଣ୍ଣ ତଥା ବର୍ଣ୍ଣାଢ଼୍ୟ ପରିବେଶରେ ପାଳନ କରିବା ପାଇଁ ନିଜ ନିଜର ପ୍ରସ୍ତାବ ରଖିଥିଲେ। ବହୁ ସଦସ୍ୟଙ୍କ ସମାବେଶରେ ଦୈନିକ ସମାଜର ସାମ୍ବାଦିକ ତଥା ଏହାର ସଦସ୍ୟ ଆନନ୍ଦ ଚନ୍ଦ୍ର ସାହୁ, ପଣ୍ଡିତ ଗେଣଶ ଚନ୍ଦ୍ର ପାଣିଗ୍ରାହୀ, ନିଶିଥ୍ କୁମାର ଦାସ, ପଣ୍ଡିତ ଅଜୟ କୁମାର ନନ୍ଦ, ଅଧିକାରୀ ନବକିଶୋର ଦାସ, ପଣ୍ଡିତ କୃଷ୍ଣ ଚନ୍ଦ୍ର ମିଶ୍ର, ଶିକ୍ଷାବିତ କ୍ଷୀରୋଦ ଚନ୍ଦ୍ର ପାଠୀ ପ୍ରମୁଖ ବହୁ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ। ଶେଷରେ ସୁବାସ ଚନ୍ଦ୍ର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରମୋଦ କୁମାର ନାୟକ ସଭା ସଂଯୋଜନା କରିଥିଲେ। ରଜତ ଜୟନ୍ତୀ ଆଧାରିତ ବିଭିନ୍ନ କମିଟି ଗଠନ ଦାୟିତ୍ୱ ସମ୍ପାଦକଙ୍କୁ ପ୍ରଦାନ କରାଗଲା ଓ ସଭ୍ୟମାନଙ୍କ ସହିତ ଯୋଗାଯୋଗ କରି ଖୁବ୍ ଶୀଘ୍ର ପରବର୍ତ୍ତୀ ବୈଠକ ଡାକିବାକୁ ସ୍ଥିର କରାଗଲା।

## ଓଡ଼ିଆ ପକ୍ଷ ପାଳନ ଓ କର୍ମକର୍ତ୍ତା ମନୋନୟନ




**ବାଲେଶ୍ୱର,୧୪।୪(ସଂଚାର ବ୍ୟୁରୋ):** ଓଡ଼ିଆ ଅସ୍ମିତା କେବଳ ରାଜନୈତିକ ସ୍ଲୋଗାନରେ ସୀମିତି ନ ରହି ପ୍ରତ୍ୟେକ ଓଡ଼ିଆ ପରିବାରରୁ ନିଜ ମାତୃଭୂମି ଓ ମାତୃଭାଷା ପ୍ରୀତି ଜାଗ୍ରତ କରିପାରିଲେ ଓଡ଼ିଆ ଭାଷା ଭଳି ଏକ ଶାସ୍ତ୍ରୀୟ ଭାଷା ଅଚିରେ ବିଶ୍ୱସ୍ତରରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିବ ବୋଲି ଓଡ଼ିଆ ପକ୍ଷ ପାଳନ ଅବସରରେ ଓଡ଼ିଆ ଭାଷା ବିକାଶ ଆନ୍ଦୋଳନ ଆନୁକୂଲ୍ୟରେ ଆୟୋଜିତ 'ଓଡ଼ିଆ ଭାଷା ସାହିତ୍ୟ ଓ ଆମ ଅସ୍ମିତା' ଶୀର୍ଷକ ଆଲୋଚନାଚକ୍ରରେ ବିଶିଷ୍ଟ ବକ୍ତମାନେ ମତପ୍ରକାଶ କରିଛନ୍ତି। ଅନୁଷ୍ଠାନର ସଭାପତି ଡ. ହରିଶ୍ଚନ୍ଦ୍ର ବେହେରାଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ଆଲୋଚନାଚକ୍ରରେ ମୁଖ୍ୟଅତିଥି ଭାବେ ବରିଷ୍ଠ ଗବେଷକ ଡ. ମଥୁରାନାଥ ହୋତା ଓ ମୁଖ୍ୟବକ୍ତା ଭାବେ ଯଶସ୍ୱୀ କବି ସମରେନ୍ଦ୍ରନାଥ ମହାପାତ୍ର ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡାକ୍ତର ଚୌଧୁରୀ ସତ୍ୟବ୍ରତ ନନ୍ଦ, ଡ. ଶିରୀଶ ଚନ୍ଦ୍ର ଜେନା, ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀ ଓ ଅରୁଣା ରାୟ ପ୍ରମୁଖ ନିଜ ନିଜର ବକ୍ତବ୍ୟ ରଖିଥିଲେ। ପ୍ରାରମ୍ଭରେ ସମ୍ପାଦକ ନିବାରଣ ଜେନା ଆଲୋଚନାଚକ୍ର ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଏହି ଅବସରରେ ଅନୁଷ୍ଠାନର ଆଗାମୀ ତିନିବର୍ଷ ପାଇଁ ଅନୁଷ୍ଠାନର କର୍ମକର୍ତ୍ତା ମନୋନୟନ ପ୍ରକ୍ରିୟା ଆରମ୍ଭ ହୋଇ ଡାକ୍ତର ଚୌଧୁରୀ ସତ୍ୟବ୍ରତ ନନ୍ଦ ସଭାପତି, ନିରଞ୍ଜନ ରାଉତ ଓ ନିବାରଣ ଜେନା ଉପସଭାପତି, ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀ ସାଧାରଣ ସମ୍ପାଦକ, ତପନ ରାୟ ସଂଗଠନ ସମ୍ପାଦକ, ଜୁମରନାଥ ପାତ୍ର ଓ ଶାନ୍ତିଲତା ପଣ୍ଡା ଯୁଗ୍ମ ସମ୍ପାଦକ ଏବଂ ଦୀପକ ବୋଷ କୋଷାଧ୍ୟକ୍ଷ ଭାବେ ସର୍ବସମ୍ମତି କ୍ରମେ ମନୋନୀତ ହୋଇଥିଲେ। ଶେଷରେ ଦୀପକ ବୋଷ ଧନ୍ୟବାଦ ଅର୍ପଣ କରିଥିଲେ।

## ମେରୁପର୍ବ ଓ ହନୁମାନ ଜୟନ୍ତୀ ପାଳିତ



**ହିଞ୍ଜିଳିକାଟୁ,୧୪।୪(ସଂଚାର ବ୍ୟୁରୋ):** ହିଂଜିଳିକାଟୁ ସହରରେ ୨୧ ଦିନିଆ ଦଣ୍ଡଯାତ୍ରା ଉଦଯାପିତ ହୋଇଛି। ହିଂଜିଳି ବଡ଼ ପୁଞ୍ଜା ଓ ସାନ ପୁଞ୍ଜା ଦଣ୍ଡକାଳୀଙ୍କ ସହ ପୁରା ସହର ପରିକ୍ରମା କରିବା ପରେ ମନ୍ଦିର ଠାରେ ଧୂଳିଦଣ୍ଡ, ପାଣିଦଣ୍ଡ ସହ ମେରୁ ଅନୁଷ୍ଠିତ ହୋଇଥିଲା। ଶହ ଶହ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ସହରର ତ୍ରିରଙ୍ଗା ସେବା ସଂଘ ତରଫରୁ କାଳୀ ମନ୍ଦିର ଛକ ନିକଟରେ ଭକ୍ତ ମାନଙ୍କୁ ପଣା ବଣ୍ଟନ କରିଥିଲେ ଓ ସେହିଭଳି ରେଗିଡ଼ି ଚାରିଛକ ସ୍ଥିତ ସଙ୍କଟ ମୋଚନ ହନୁମାନଙ୍କ ମନ୍ଦିରରେ ଚାଳିଶା ପାଠ ସହ ପୂଜାର୍ଚ୍ଚନା କରାଯାଇଥିଲା। ମନ୍ଦିର କମିଟି ପକ୍ଷରୁ ପଣାବଣ୍ଟନ କରାଯାଇଥିଲା।ସନ୍ଧ୍ୟା ଆଳତିରେ ବହୁ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା। ଶାନ୍ତି ଶୃଙ୍ଖଳାର ସହକାରେ ସମସ୍ତ ରୀତିନୀତି ସମାପନ ହୋଇଥିବା ଜଣାପଡ଼ିଛି।

## ଡ଼. ବି.ଆର୍. ଆମ୍ବେଦକରଙ୍କ ଜୟନ୍ତୀ ପାଳିତ




**ସୁନ୍ଦରଗଡ଼,୧୪।୪(ସଂଚାର ବ୍ୟୁରୋ):** ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ସୋମବାର ଜିଲ୍ଲା ପ୍ରଶାସନ ପକ୍ଷରୁ ଡ଼ାଃ. ବି. ଆର୍. ଆମ୍ବେଦକର ଜନ୍ମ ଜୟନ୍ତୀ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମାନ୍ୟବର ଉପ ବାଚସ୍ପତି ଓଡ଼ିଶା ବିଧାନସଭା ଭବାନୀ ଶଙ୍କର ଭୋଇ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ସୁଶ୍ରୀ କୁନ୍ତୀ ପ୍ରଧାନ, ଅତିରିକ୍ତ ଜିଲ୍ଲାପାଳ ରବି ନାରାୟଣ ସାହୁ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ସୁରଞ୍ଜନ ସାହୁ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଡ଼ାଃ ଆମ୍ବେଦକରଙ୍କ ଫଟୋଚିତ୍ରରେ ଉପସ୍ଥିତ ଅତିଥିମାନେ ପୁଷ୍ପମାଲ୍ୟ ଅର୍ପଣ କରି ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

ଏହି ଅବସରରେ ମାନ୍ୟବର ଉପ ବାଚସ୍ପତି ଶ୍ରୀ ଭୋଇ ସମ୍ବିଧାନର ପ୍ରଣେତା ଡ଼ାଃ. ଆମ୍ବେଦକରଙ୍କୁ ଭକ୍ତିପୂତ ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରିଥିଲେ ଏବଂ ତାଙ୍କ ମହାନ୍ ଜୀବନ ଦର୍ଶନ ଉପରେ ଆଲୋକପାତ କରିଥିଲେ ଏବଂ ଭାରତୀୟ ସମ୍ବିଧାନ ପ୍ରତି ଡ଼ାଃ. ଆମ୍ବେଦକରଙ୍କ ଭୂମିକା ଉପରେ ନିଜର ବକ୍ତବ୍ୟ ରଖିଥିଲେ।

ଅତିଥିମାନେ ଡ଼ାଃ ଆମ୍ବେଦକରଙ୍କ ଉପରେ ଜୀବନୀ ଉପରେ ନିଜ ବକ୍ତବ୍ୟରେ ପ୍ରକାଶ କରିଥିଲେ ଏବଂ ଅସ୍ପୃଶ୍ୟତା ବିରୋଧରେ ଡ଼ାଃ ଆମ୍ବେଦକରଙ୍କ ଆନ୍ଦୋଳନ ଉପରେ ମଧ୍ୟ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲା ଶିକ୍ଷା ଅଧିକାରୀ ଅମୂଲ୍ୟ ପଧାନ, ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ନନ୍ଦିନୀ ମୁଣ୍ଡାରୀ, ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ରହି ସମ୍ବିଧାନର ଜନକ ଡ଼ାଃ ଆମ୍ବେଦକରଙ୍କ ସ୍ମୃତି ଚାରଣ କରିଥିଲେ।

## ଆଦର୍ଶ ପ୍ରଧାନଶିକ୍ଷକଙ୍କ ପରଲୋକ

**ସୁବର୍ଣ୍ଣପୁର,୧୪।୪(ସଂଚାର ବ୍ୟୁରୋ):** ସୋନପୁର ସହରର ସୁପରିଚିତ ଅବସରକାଳୀନ ପ୍ରଧାନ ଶିକ୍ଷକ ଦିଗାମ୍ବର ସାହୁ (୭୦)ଙ୍କ ପରଲୋକ ଘଟିଛି। ଦୀର୍ଘବର୍ଷ ଧରି ସୋନପୁର ମହାମହାରାଜ ହାଇସ୍କୁଲରେ ଶିକ୍ଷକତା କରି ଜଣେ ମିଷ୍ଟଭାଷୀ, ମେଳାପୀ, ଭଦ୍ର ବ୍ୟକ୍ତିତ୍ୱ ଭାବରେ ଜଣାଶୁଣା ଥିଲେ।ପରେ ଅନ୍ୟକ ଶିକ୍ଷାନୁଷ୍ଠାନରେ ଶିକ୍ଷକତା କରି ଜଣେ ଛାତ୍ର ବାତ୍ସଲ୍ୟ ଶିକ୍ଷକ ରୂପେ ନିଜର ପରିଚୟ ସୃଷ୍ଟି କରି ପାରିଥିଲେ।୩୧। ୩। ୨୦୧୩ ମସିହାରେ ସୋନପୁର ବାଳିକା ହାଇସ୍କୁଲରୁ ପ୍ରଧାନ ଶିକ୍ଷକ ଭାବରେ ଅବସରର ଗ୍ରହଣ କରିଥିଲେ। ଗତ କିଛି ଦିନ ହେଲା କିଡନୀ ଜନିତ ରୋଗରେ ପୀଡିତ ହୋଇ ଚିକିତ୍ସିତ ହେଉଥିଲା। ଗୋକର୍ଣ୍ଣେଶ୍ୱର ପଡ଼ାସ୍ଥିତ ନିଜର ବାସଗୃହରେ ତାଙ୍କର ମରଶରୀରକୁ ବହୁ ମାନ୍ୟଗଣ୍ୟ ଲୋକ ଦର୍ଶନ କରିଥିଲେ। ରାମେଶ୍ୱର ଘାଟରେ ତାଙ୍କର ବଡପୁଅ ସତ୍ୟ ନାରାୟଣ ସାହୁ ମୁଖାଗ୍ନି ଦେଇ ଶେଷକୃତ ସମ୍ପନ୍ନ କରିଥିଲେ। ସାନ ପୁଅ ଶ୍ରୀ ନିବାସ ସାହୁ ଓ ଦୁଇ ବୋହୁ ସହ ନୀତି ନାତୁଣୀ ତାଙ୍କର ଶେଷ ସମୟ ଉପସ୍ଥିତ ଥିଲେ।

## ହନୁମାନ ବାଟିକାରେ ହନୁମାନ ଜୟନ୍ତୀ ପାଳିତ

**ବୈଶିଙ୍ଗା,୧୪।୪(ସଂଚାର ବ୍ୟୁରୋ):** ସାରା ବିଶ୍ୱରେ ବୀର ବଜରଙ୍ଗବାଲୀ ହନୁମାନ ଜୀ ଙ୍କ ଜନ୍ମଜୟନ୍ତୀ ଆଜି ମହାବିଷୁବ ସଂକ୍ରାନ୍ତିରେ ପାଳିତ ହେଉଥିବା ପରିପ୍ରେକ୍ଷିରେ ବୈଶିଙ୍ଗା ହନୁମାନ ବାଟିକା ସ୍ଥିତ ହନୁମାନ ମନ୍ଦିରରେ ବୀର ବଜରଙ୍ଗବାଲୀ ଙ୍କ ଉତ୍ସବ ପାଳିତ ହୋଇ ଯାଇଛି। ପ୍ରାତଃ ସମୟରୁ ମଙ୍ଗଳ ଆଳତି ସହିତ ନୀତିକ୍ରାନ୍ତି ସହିବା ପରେ ଶହ ଶହ ଶ୍ରଦ୍ଧାଳୁ ପୂଜା ଥାଳ ଧରି ପୂଜାର୍ଚ୍ଚନା କରି ଥିବାର ଦେଖିବାକୁ ମିଳିଥିଲା।ମନ୍ଦିର ପୂଜକ ଭାବେ ସତ୍ୟବ୍ରତ ମହାପାତ୍ର ସୂଚାରୁ ରୂପେ ପୂଜାର୍ଚ୍ଚନା ସମ୍ପନ୍ନ କରାଇଥିଲେ। ମୂଖ୍ୟତଃ ବିଶ୍ୱମ୍ବର ରାଉତ, ଅଜିତ ସେନାପତି, ଜୟନ୍ତ ପରିଡା, ଗଦାଧର ମଣ୍ଡଳ, ସତ୍ୟପ୍ରକାଶ ପ୍ରଧାନ, ଶରତ ଚନ୍ଦ୍ର କର, ରବିନ କୁମାର ପଣ୍ଡା, ବାପି, ରଞ୍ଜନ, ଟୁଟୁ, ବାରୁ, ସଞ୍ଜୟ ପତି, ରଞ୍ଜିତ ମହାପାତ୍ର, ଓମପ୍ରକାଶ କର, ସରୋଜ ପତି, ଜନ୍ମେଜୟ ଭଞ୍ଜ ପ୍ରମୁଖ ସଦସ୍ୟ ମାନେ ଉତ୍ସବ କୁ ସରସ ସୁନ୍ଦର କରିବାପାଇଁ ସହଯୋଗ କରିଥିଲେ। ସନ୍ଧ୍ୟାରେ ପ୍ରାୟ ଦୁଇ ହଜାର ଲୋକଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା



## ଓଡ଼ିଆ ପକ୍ଷ ଅବସରରେ ପାଳନ ହେଲା ଓଡ଼ିଆ ନବବର୍ଷ



**ସୁନ୍ଦରଗଡ଼,୧୪।୪(ସଂଚାର ବ୍ୟୁରୋ):** ଜିଲ୍ଲା ପ୍ରଶାସନ ପକ୍ଷରୁ ଓଡ଼ିଆ ପକ୍ଷ ପାଳନ ଅବସରରେ ସୋମବାର ଓଡ଼ିଆ ନବବର୍ଷ ବହୁ ଆଡମ୍ବରରେ ପାଳିତ ହୋଇଯାଇଛି। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମାନ୍ୟବର ଉପ ବାଚସ୍ପତି ଓଡ଼ିଶା ବିଧାନ ସଭା ଭବାନୀ ଶଙ୍କର ଭୋଇ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ସୁଶ୍ରୀ କୁନ୍ତୀ ପ୍ରଧାନ ଅତିଥି ଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ରବି ନାରାୟଣ ସାହୁ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ସୁରଞ୍ଜନ ସାହୁ, ଉପ ଜିଲ୍ଲାପାଳ ଦାଶରଥି ସରାବୁ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡ଼ା ଗୁରୁ ପ୍ରସାଦ ମହାନ୍ତି, ଜିଲ୍ଲା ଶିକ୍ଷା ଅଧିକାରୀ ଅମୂଲ୍ୟ ପଧାନ ସଦୟ ଉପସ୍ଥିତ ଥିଲେ।

ଏହି ଅବସରରେ ମୁଖ୍ୟ ଅତିଥି ମାନ୍ୟବର ଉପ ବାଚସ୍ପତି ଶ୍ରୀ ଭୋଇ ଓଡ଼ିଆ ନବ ବର୍ଷ ପାଳନ ଉପଲକ୍ଷେ ସମସ୍ତଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଏହି ଓଡିଆ ପକ୍ଷ ପାଳନ ମାଧ୍ୟମରେ ୧୪ ଦିନ ବ୍ୟାପୀ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯାଇ ଆମ ଭାଷା, ସଂସ୍କୃତି, ପରମ୍ପରାକୁ ଉଜ୍ଜୀବିତ ରଖିବା ସହିତ ଏହାକୁ ସୁଦୂର ପ୍ରସାରିତ କରିବାରେ ସରକାରଙ୍କ ଏକ ଅଭିନବ ଏବଂ ବଳିଷ୍ଠ ପଦକ୍ଷେପ। ଏହି କାର୍ଯ୍ୟକ୍ରମ ଆମ ସଂସ୍କୃତି, ପରମ୍ପରାକୁ ବଞ୍ଚାଇ ରଖିବାରେ ସମସ୍ତଙ୍କୁ ପ୍ରେରଣା ଯୋଗାଇଛି ବୋଲି ନିଜ ଅଭିଭାଷଣରେ ପ୍ରକାଶ କରିଥିଲେ।

ଓଡ଼ିଆ ନବବର୍ଷ ଆମର ପରିଚୟ, ଆମ ସଂସ୍କୃତି, ପରମ୍ପରା କୁ ବଞ୍ଚାଇ ରଖିବା ନିମନ୍ତେ ଏହାକୁ ମହା ଆଡ଼ମ୍ବରରେ ପାଳନ କରିବା ଆବଶ୍ୟକ। ଆମ ଗୌରବମୟ ଐତିହ୍ୟକୁ ବଞ୍ଚାଇ ରଖିବା ଆମ ସମସ୍ତଙ୍କ ଦାୟିତ୍ୱ ବୋଲି ଅତିଥି ମାନେ ନିଜ ଅଭିଭାଷଣରେ ପ୍ରକାଶ କରିଥିଲେ। ଏହି ଅବସରରେ ଅତିଥି ମାନେ ବରପୁତ୍ର ମାନଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ।

## ସାମ୍ବାଦିକଙ୍କୁ ଆକ୍ରମଣ, ଥାନାରେ ଅଭିଯୋଗ

**ନୀଳଗିରି,୧୪।୪(ସଂଚାର ବ୍ୟୁରୋ):** ଖବର ସଂଗ୍ରହ ବେଳେ ସାମ୍ବାଦିକଙ୍କୁ ସଂଘବଦ୍ଧ ଆକ୍ରମଣ। ଏନେଇ ବରହମପୁର ଥାନାରେ ଅଭିଯୋଗ ହୋଇଥିବା ସୂଚନା ମିଳିଛି। ସୂଚନା ଅନୁଯାୟୀ ନୀଳଗିରି ଅର୍ଗସ ପ୍ରତିନିଧି ପ୍ରିୟବ୍ରତ ବେହେରା ନୀଳଗିରି ପଞ୍ଚାୟତ ସମିତି ଅଧୀନ ତେନ୍ତୁଳିଆ ପଞ୍ଚାୟତ ତେନ୍ତୁଳିଆ ଠାରେ ଏମଜିଏନଆରଜିଏସ ଯୋଜନାରେ ଏକ ଅମୃତ ସରୋବର ପୋଖରୀ ଖୋଳାଯାଉଥିଲା। ମାତ୍ର ପୋଖରୀ ଖୋଳାରେ ସ୍ଥାନୀୟ ଶ୍ରମିକଙ୍କ ବଦଳରେ ମେସିନ ସାହାଯ୍ୟରେ ଖୋଳାଯାଉଥିବା ଏବଂ ବିଭିନ୍ନ ଅନିୟମିତତା ହୋଇଥିବା ଖବରପାଇ ଉପରୋକ୍ତ ସାମ୍ବାଦିକ ଖବରସଂଗ୍ରହ ପାଇଁ ଯାଇଥିଲେ। ଘଟଣାସ୍ଥଳରେ ଭିଡିଓ ଉତ୍ତୋଳନ କରୁଥିବା ସମୟରେ ଉକ୍ତଗ୍ରାମର ମନ୍ମଥ ପାତ୍ରଙ୍କ ପୁଅ ବିଶ୍ୱଜିତ୍ ପାତ୍ର, ଉମାକାନ୍ତ ପାତ୍ରଙ୍କ ପୁଅ ବାବୁ ପାତ୍ର ଏବଂ ଅନ୍ୟ ୨/୩ ଜଣ ସ୍ଥାନୀୟ ଯୁବକ ସଂଘବଦ୍ଧ ଭାବେ ଆକ୍ରମଣ କରିଥିଲେ। ନାନାଦି ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହିତ ଅର୍ଗସ୍ ପ୍ରତିନିଧି ପ୍ରିୟବ୍ରତ ବେହେରାଙ୍କ ମୋବାଇଲ ଛଡ଼ାଇନେଇ କଚାଡି ଭାଙ୍ଗିଦେଇଥିବା ସାମ୍ବାଦିକ ଶ୍ରୀ ବେହେରା ବେହେରା ବରହମପୁର ଥାନାରେ ଅଭିଯୋଗ କରିଛନ୍ତି।ପରେ ଅପରପକ୍ଷରେ ପାଲଟା ଅଭିଯୋଗ ହୋଇଥିବା ସୂଚନା ମିଳିଛି। ତେବେ ଏହି ଘଟଣାରେ ଠିକାଦାରଙ୍କ ପ୍ରରୋଚନାରେ ଏଭଳି ମରଣାନ୍ତକ ଆକ୍ରମଣ ହୋଇଥିବା ଜଣାଯାଇଛି।

## ମନ୍ଦିରରେ ମହୁମାଛି ଆକ୍ରମଣ ୨୦ ଶ୍ରଦ୍ଧାଳୁ ଆହତ, ୩ ଗୁରୁତର

**ମୋହନା,୧୪।୪(ସଂଚାର ବ୍ୟୁରୋ):** ଆଜି ପବିତ୍ର ପଣା ସଂକ୍ରାନ୍ତି ତଥା ଓଡ଼ିଆ ନବବର୍ଷ ଓ ହନୁମାନ ଜୟନ୍ତୀ। ଏହି ପବିତ୍ର ଦିନରେ ଉତ୍ସବ ମୁଖର ହୋଇ ଉଠିଛି ଶୈବପୀଠ। ଶ୍ରଦ୍ଧାଳୁ ଅନେକ ଆଶା ଓ ବିଶ୍ୱାସ ନେଇ ମନ୍ଦିରକୁ ଆସି ଠାକୁରଙ୍କ ଦର୍ଶନ କରୁଛନ୍ତି। ହେଲେ ସୋମବାର କିଛି ଭକ୍ତ ମୋହନା ଥାନା ଅନ୍ତର୍ଗତ ଚନ୍ଦ୍ରଗିରି ଶିବ ମନ୍ଦିରକୁ ଯାଇ ଦର୍ଶନ କରୁଥିବା ବେଳେ ହଟାତ୍ ବାଘୁଆ ମହୁମାଛି ଅତର୍କିତ ଭାବେ ଆକ୍ରମଣ କରିଥିଲା। ମହୁମାଛି ଆକ୍ରମଣରେ ୩ ଜଣ ଶ୍ରଦ୍ଧାଳୁ ଗୁରୁତର ଥିବା ବେଳେ ୨୦ରୁ ଊର୍ଦ୍ଧ୍ୱ ଆହତ ହୋଇଥିବା ଜଣାପଡିଛି। ସ୍ଥାନୀୟ ଲୋକେ ଗୁରୁତରଙ୍କୁ ଉଦ୍ଧାର କରି ଚନ୍ଦ୍ରଗିରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଛନ୍ତି। ଆହତଙ୍କ ମଧ୍ୟରେ ଛୋଟ ଛୁଆ ଥିବା ଜଣାପଡିଛି। ପୂର୍ଣ୍ଣ ଚନ୍ଦ୍ର ପଟ୍ଟନାୟକ (୪୦), କାମେଶ୍ୱର ଦାସ (୪୭) ଓ ଅମ୍ରିତା ଦାସ (୧୫) ଗୁରୁତର ଥିବା ଭାରପ୍ରାପ୍ତ ଅଧିକାରୀ ଡାକ୍ତର ଜୟ ପ୍ରକାଶ ପଣ୍ଡା କହିଛନ୍ତି।



## ଟୁଇଟର ମ୍ୟାନ୍ ପୂର୍ଣ୍ଣଚନ୍ଦ୍ରଙ୍କୁ ସମ୍ବର୍ଦ୍ଧନା




**ବାଲିଆପାଳ,୧୪।୪(ସଂଚାର ବ୍ୟୁରୋ):** ବାଲିଆପାଳ 'ଏକ୍ସ' ଜରିଆରେ ଲୋକଙ୍କ ସମସ୍ୟାର ସମାଧାନ କରୁଥିବାରୁ ପୁରୀ ସଂସ୍କୃତି ଭବନ ଠାରେ ଶନିବାର ପୂର୍ବାହ୍ନ ୧୧ଟା ରେ ଆୟୋଜିତ 'ଆଟା' ( ଟୁଇ ଟୁଇଟର ଆସୋସିଏସନ୍ ଆକ୍ଟିଭିଷ୍ଟ) ତରଫରୁ ବାଲେଶ୍ୱର ବାଲିଆପାଳ ବ୍ଲକ ରୁ ପୂର୍ଣ୍ଣଚନ୍ଦ୍ର ଜେନା (୨୬) ଙ୍କୁ ଉତ୍ତମ ଟୁଇଟର ମ୍ୟାନ୍ ଭାବେ ସମ୍ବର୍ଦ୍ଧନା କରାଯାଇଛି। ୨ ବର୍ଷ ଭିତରେ ୫୦୦/୭୦୦ ଶହରୁ ଅଧିକ ସମସ୍ୟାର ସମାଧାନ କରିଥିବା ଜଣାପଡ଼ିଛି। ଟିମ୍ 'ଆଟା' କର୍ମକର୍ତ୍ତା ସାରା ରାଜ୍ୟରେ କାମ କରୁଥିବା ବେଳେ ବାଲେଶ୍ୱର ଜିଲ୍ଲା ର ବାଲିଆପାଳ ପାଇଁ ପୂର୍ଣ୍ଣଚନ୍ଦ୍ର ଜେନାଙ୍କୁ ବ୍ଲକ ସଭାପତି ଭାବେ କାର୍ଯ୍ୟରତ ଅଛନ୍ତି।। ବାଲିଆପାଳ ବ୍ଲକ ଅସ୍ତି ପଞ୍ଚାୟତ ସୂର୍ଯ୍ୟାପୁର ଗ୍ରାମର ଗୁଣାକର ଜେନା ଓ ବାସନ୍ତି ଜେନା ପୁଅ ପୂର୍ଣ୍ଣଚନ୍ଦ୍ର ସେ ଯୁବ ବିକାଶ ଫାଉଣ୍ଡେସନ ରେ କାର୍ଯ୍ୟରତ ଓ ଭି.ଏଚ୍. ଆର.ସି ଜିଲ୍ଲା ସଭାପତି ଏବଂ ବିଭିନ୍ନ ସଂଗଠନରେ କାର୍ଯ୍ୟ କରନ୍ତି ପୂର୍ଣ୍ଣଚନ୍ଦ୍ର। ସମାଜ ସେବା କରିବା ସହିତ ଲୋକଙ୍କ ସମସ୍ୟା ବାବଦରେ ପ୍ରତିଦିନ କିଛି ନା କିଛି ଟୁଇଟରରେ ପୋଷ୍ଟ କରିଥାନ୍ତି ଓ ଆଜିଯାଏଁ ସେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ୩/୪ ହଜାରରୁ ଅଧିକ ଟୁଇଟ୍ କରିଥିବା ବେଳେ ସେଥିରୁ ୫୦୦/୭୦୦ ସମସ୍ୟା ସମାଧାନ କରିପାରିଛନ୍ତି। ସେ ଏବେ ଟୁଇଟର ମ୍ୟାନ୍ ଭାବେ ବେଶ୍ ପରିଚିତଙ୍କୁ କାର୍ଯ୍ୟକ୍ରମରେ ମୁଖ୍ୟ ବକ୍ତା ଭାବେ 'ସକାଳ'ର କାର୍ଯ୍ୟନିର୍ବାହୀ ସମ୍ପାଦକ ସମରେନ୍ଦୁ ଦାସ, ଜିଲ୍ଲା ସାମାଜିକ ମଙ୍ଗଳ ଅଧିକାରୀ ତନୁପ୍ରଭା ବେଉରା ଉପସ୍ଥିତ ଥିବାବେଳେ ପୁରୀ ପୌର ନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା ଶ୍ରୀ ଜେନା ଙ୍କୁ ମାନପତ୍ର ଓ ଉପଢୌକନ ଦେଇ ସମ୍ମାନିତ କରିଥିଲେ।

## ପ୍ରସାଦ ସେବନ ବେଳେ ମାରପିଟ: ବାପ-ପୁଅ ଗୁରୁତର

**ଧରାକୋଟ,୧୪।୪(ବିଷ୍ଣୁ କେଶରୀ ଆଚାର୍ଯ୍ୟ):** ଧରାକୋଟ ବ୍ଲକ ମାଣିକପୁର ପଞ୍ଚାୟତ ତଥା ବଡଗଡ ଥାନା ଅନ୍ତର୍ଗତ ଢ଼ଉପଦା ଗ୍ରାମରେ ଦଣ୍ଡନାଚ ପ୍ରସାଦ ସେବନ ସମୟରେ ସାମାନ୍ୟ ବଚସାକୁ ନେଇ ଗଣ୍ଡଗୋଳ ହୋଇଛି। ଏଥିରେ ୨ ଜଣ ଗୁରୁତର ଆହତ ହୋଇଛନ୍ତି। ସେମାନେ ହେଲେ ପ୍ରତାପ ପାଣିଗ୍ରାହୀ ଓ ତାଙ୍କ ପୁଅ ଆଶିଷ ପାଣିଗ୍ରାହୀ। ପ୍ରକାଶ ଯେ, ଢଉପଦା ଗ୍ରାମରେ ତିତିଖଣ୍ଡି ଗ୍ରାମର ଦଣ୍ଡନାଚ ହୋଇଥିଲା। ରାତିରେ ପ୍ରସାଦ ସେବନ ସମୟରେ ପ୍ରତାପ ଓ ତାଙ୍କ ପୁଅ ଆଶିଷଙ୍କ ସହ ନିକଟସ୍ଥ ମହୁଲି ଗାଁର ଦଳିତ ସାହିର କେତେଜଣ ଯୁବକଙ୍କ ସହ ସାମାନ୍ୟ କଥାକୁ ନେଇ ବଚସା ହୋଇଥିଲା । ଏହାପରେ ମହୁଲି ଦଳିତ ସାହିର କେତେଜଣ ପ୍ରତାପଙ୍କ ଘର ସାମନାକୁ ଆସି ଗାଳିଗୁଲଜ କରିଥିଲେ। ପ୍ରତାପ ଓ ତାଙ୍କ ପୁଅ ଏହାର ପ୍ରତିବାଦ କରିବାରୁ ସେମାନେ ବିଭିନ୍ନ ମାରଣାସ୍ତ୍ର ଓ ଠେଙ୍ଗାରେ ଉଭୟଙ୍କୁ ଆକ୍ରମଣ କରିଥିଲେ। ପରେ ଆହତ ବାପପୁଅଙ୍କୁ ଢଉପଦା ଗାଁ ଲୋକେ ଆମ୍ବୁଲାନ୍ସରେ ଶେରଗଡ଼ ମେଡିକାଲକୁ ନେଇଥିଲେ । ସେଠାରୁ ଅଧିକ ଚିକିତ୍ସା ପାଇଁ ଡାକ୍ତର ସେମାନଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତର କରଛନ୍ତି। ଘଟଣା ସମ୍ପର୍କରେ ପ୍ରତାପଙ୍କ ସ୍ତ୍ରୀ ସବିତା ପାଣିଗ୍ରାହୀ ବଡଗଡ ଥାନାରେ ଏତଲା ଦେଇଛନ୍ତି। ପୋଲିସ ନଂ.୧୯୨/୨୫ରେ ମାମଲା ରୁଜୁ କରି ତଦନ୍ତ ଚଳାଇଥିବା ଥାନା ଅଧିକାରୀ ସନ୍ତୋଷ କୁମାର ବେହେରା କହିଛନ୍ତି।

## ବିଶ୍ୱ ଓଡ଼ିଆ ପରିବାର ପକ୍ଷରୁ ନବ ଉଦ୍ୟମୀଙ୍କୁ ସମ୍ମାନ ସମାରୋହ




**ଭୁବନେଶ୍ୱର,୧୪।୪(ସଂଚାର ବ୍ୟୁରୋ):** ବିଶ୍ୱ ଓଡ଼ିଆ ପରିବାର ତରଫରୁ ଭିନ୍ନ ଢଙ୍ଗରେ ଉତ୍କଳୀୟ ନବ ବର୍ଷ ପାଳନ କରାଯାଇଛି। ଏହି ଅବସରରେ ଆମ ରାଜ୍ୟର ନବ ଉଦ୍ୟମୀଙ୍କୁ ସମ୍ମାନିତ କରିବାପାଇଁ ଏକ ସମାରୋହ ସୃଷ୍ଟି ଏକାଡେମୀ ଅଫ ବିଜିନେସ୍ ମ୍ୟାନେଜମେଣ୍ଟ, ଭୁବନେଶ୍ୱରରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଅନୁଷ୍ଠାନର ସଭାପତି ସଜ୍ଜନ ଶର୍ମା ଅଧ୍ୟକ୍ଷତା କରିବେ ଓ ଉତ୍କଳ ଚାମ୍ବର ଅଫ କମର୍ସର ଅଧ୍ୟକ୍ଷ ପ୍ରବୋଧ କୁମାର ମହାନ୍ତି ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ରୂପେ ସରୋଜ କୁମାର ସାହୁ, ପ୍ରତିଷ୍ଠାତା, ସୃଷ୍ଟି ଏକାଡେମୀ ଅଫ ବିଜିନେସ ମ୍ୟାନେଜମେଣ୍ଟ ସମ୍ମାନିତ ଅତିଥି ରୂପେ ଉପସ୍ଥିତ ଥିଲେ। ମୁଖ୍ୟ ଅତିଥି ଶ୍ରୀ ପ୍ରବୋଧ କୁମାର ମହାନ୍ତି ବିକଶିତ ଓଡ଼ିଶାର ସଫଳ ରୂପାୟନ ଦିଗରେ ସରକାରଙ୍କ ଅଙ୍ଗୀକାର ବଦ୍ଧତା ଉପରେ ବିଷଦ ବିବରଣୀ ପ୍ରଦାନ କରିଥିଲେ। ସେ କହିଥିଲେ ଯେ, ଓଡ଼ିଶା ବିକାଶ କ୍ଷେତ୍ରରେ ସାମୁହିକ ଉଦ୍ୟମ ଶୃଜନଶୀଳତା ଓ ନିଷ୍ଠାପର ଉଦ୍ୟମ ଏକାନ୍ତ ପ୍ରୟୋଜନ। ବିଭିନ୍ନ ସମ୍ପଦରେ ଧନୀ ଓଡ଼ିଶାକୁ ସମଗ୍ର ଦେଶରେ ଅଗ୍ରଣୀ ରାଜ୍ୟରେ ପରିଣତ କରିବାରେ ନବ ଉଦ୍ୟମୀଙ୍କୁ ଅହ୍ୱାନ ଦେଇଥିଲେ। ସମ୍ମାନିତ ଅତିଥି ରୂପେ ସରୋଜ କୁମାର ସାହୁ ତାଙ୍କ ଅଭିଭାଷଣରେ କହିଥିଲେ ଯେ, କେବଳ ନିଜର ନିହିତ ସ୍ୱାର୍ଥ ପାଇଁ ଅନୁଷ୍ଠାନଟିଏ ଗଢ଼ିଦେଇ ଆତ୍ମସନ୍ତୋଷ ଲାଭ କରିବା ଅନୁଚିତ। ରାଜ୍ୟର ସ୍ୱାର୍ଥ ତଥା ବିକାଶ ଦିଗରେ ଅନୁଷ୍ଠାନର ଭୂମିକା ଗୁରୁତ୍ୱପୂର୍ଣ୍ଣ ହେବା ଏକାନ୍ତ ପ୍ରୟୋଜନ। ବିଶେଷ କରି ନବଉଦ୍ୟମୀମାନେ ବିକାଶ ଦିଗରେ ନବ ସର୍ଜନା କରି ଇତିହାସ ସୃଷ୍ଟି କରିବା ଦିଗରେ ବ୍ରତୀ ହେବାପାଇଁ ସେ କହିଥିଲେ।

ବିଶ୍ୱ ଓଡ଼ିଆ ପରିବାରର ଅଧ୍ୟକ୍ଷ ଶ୍ରୀ ସଜ୍ଜନ ଶର୍ମା ତାଙ୍କର ଉଦ୍‌ଘାଟନୀ ଅଭିଭାଷଣରେ କହିଥିଲେ ଯେ, ପ୍ରଥମ ଥର ଓଡ଼ିଆ ପକ୍ଷ ପାଳନ କରିବାକୁ ରାଜ୍ୟ ସରକାର ନିଷ୍ପତି ନେଇଥିବାରୁ ମୁଖ୍ୟମନ୍ତ୍ରୀ ଓ ରାଜ୍ୟ ସରକାରଙ୍କୁ ବିଶ୍ୱ ଓଡ଼ିଆ ପରିବାର ତରଫରୁ ସେ ଅଶେଷ ଧନ୍ୟବାଦ ଓ କୃତଜ୍ଞତା ଜଣାଇଥିଲେ। ବିଶ୍ୱ ଓଡ଼ିଆ ପରିବାର ଏହି ଆନ୍ଦୋଳନର ଏକ ଅଂଶ ବିଶେଷ ସେ କହିଥିଲେ ଓଡ଼ିଶାର ପ୍ରତ୍ୟେକ ଓଡ଼ିଆଙ୍କର ସ୍ୱରକୁ ସମଗ୍ର ବିଶ୍ୱରେ ପରିଚିତ ଓ ସମ୍ମାନିତ କରିବା ପାଇଁ ଉଦ୍ୟମ ଜାରିରଖିବା ପାଇଁ ସେ